ଭାରତୀୟ ଜାତି ତତ୍ତ୍ୱ
ଓ
କୁଡୁମି ଜାତି

ଧନେଶ୍ୱର ମହାନ୍ତ

ଭାରତୀୟ ଜାତିତତ୍ତ୍ୱ ଓ କୁଡୁମି ଜାତି

(ଏକ ପ୍ରାଚୀନ ଜନଜାତିର ନିଚ୍ଛକ ଅନୁଶୀଳନ)

ଧନେଶ୍ୱର ମହାନ୍ତ

ପ୍ରତିଭା ପ୍ରକାଶ, ଆନନ୍ଦପୁର, କେନ୍ଦୁଝର
୭୫୮୦୧୫

ଭାରତୀୟ ଜାତିତତ୍ତ୍ୱ ଓ କୁଡୁମି ଜାତି

(ଏକ ପ୍ରାଚୀନ ଜନଜାତିର ନିଛକ ଅନୁଶୀଳନ)

ଲେଖକ :
ଧନେଶ୍ୱର ମହାନ୍ତ,
ନିୟୁକଲୋନୀ, କେନ୍ଦୁଝର

ପ୍ରକାଶକ :
ପ୍ରତିଭା ପ୍ରକାଶ
ଆନନ୍ଦପୁର, କେନ୍ଦୁଝର
୭୫୮୦୧୫

© ପ୍ରତିଭା ମହାନ୍ତ
ନିୟୁକଲୋନୀ, କେନ୍ଦୁଝର
୭୫୮୦୦୧

ପ୍ରଥମ ପ୍ରକାଶ :
ବାନ୍ଦନା ପରବ-୨୦୦୩

ମୁଦ୍ରଣ :
ଅନନ୍ୟ ପ୍ରିଣ୍ଟର୍ସ,
ଆନନ୍ଦପୁର-୭୫୮୦୧୫

ମୂଲ୍ୟ - ଟ ୪୦/-
(ଚାଳିଶ ଟଙ୍କା ମାତ୍ର)

Bharatiya Jatitatwa O Kudumijati

(Eka PrachinaJanajatira Nichhak Anusilan)

Author :
Dhaneswar Mohanta
New Colony,Keonjhar

Publisher :
Prativa Prakash
Anandapur,Keonjhar
758015

© Prativa Mohanta
New Colony, Keonjhar
758001

First Edition :
Bandana Parab-2003

Printer :
Ananya Printers,
Anandapur-758015

Price : Rs. 40/-
(Rupees forty only)

ଉତ୍ସର୍ଗ

ନୃତତ୍ତ୍ୱବିତ୍, ଆଦିମ ଅଧିବାସୀଙ୍କ ବିଶିଷ୍ଟ ଗବେଷକ,
ବରେଣ୍ୟ ଡି. ଲିଟ୍. ଶ୍ରୀଯୁକ୍ତ ପଶୁପତି ପ୍ରସାଦ ମାହାତଙ୍କ
କରକମଳରେ ସମର୍ପିତ ।

ଭୂମିକା

ବୁଦ୍ଧି ହେଲା ଦିନୁ ଶୁଣି ଆସିଛି ଆମ କୁଡୁମି ଜାତି ଆଦିବାସୀ ଥିଲା । ତାପରେ ଏ ଜାତି କ୍ଷତ୍ରିୟ ଆନ୍ଦୋଳନରେ ଯୋଗଦେଇ କୁର୍ମିକ୍ଷତ୍ରିୟ ବୋଲାଇବାରୁ ଆଦିବାସୀ ତାଲିକାରୁ ବାଦ୍ ପଡିଲେ ବୋଲି ସର୍ବସାଧାରଣଙ୍କ ମତ । ଏହା ସ୍ୱାଭାବିକ କଥା, ଯଦି ଏ ଜାତି ଆର୍ଯ୍ୟ ସନାତନ ଧର୍ମର ୪ ବର୍ଣ୍ଣ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୁଦ୍ରରୁ କ୍ଷତ୍ରିୟ ବର୍ଣ୍ଣର ଅଟନ୍ତି, ତେବେ କଦାପି ଆଦିବାସୀ ନୁହଁନ୍ତି ଓ ଯଦି ଆଦିବାସୀ ତେବେ କଦାପି କ୍ଷତ୍ରିୟ ନୁହଁନ୍ତି । ଏ ଜାତି କ୍ଷତ୍ରିୟ ନା ଆଦିବାସୀ, ସବୁଠାରେ ଏକ ବିରାଟ ପ୍ରଶ୍ନବାଚୀ । ଏ ପ୍ରଶ୍ନ, ଏ ଦ୍ୱନ୍ଦର ସମାଧାନ ଅନେକ ଦିନରୁ ମୁଁ ଖୋଜି ଚାଲିଛି । ଯାହା ପାଇଛି, ତାହା ହିଁ ଏ ପୁସ୍ତକରେ ସ୍ଥାନ ଦେଇଛି । ପୂର୍ବରୁ ମୋର ପ୍ରବନ୍ଧ 'କୁଡୁମି ଜାତିର କ୍ଷତ୍ରିୟ ଓ ଆଦିବାସୀ ତତ୍ତ୍ୱ' 'କୁଡୁମିଙ୍କ ଲୋକକଥା, ଟୁସୁ ଓ ଆଦିମତା' 'ସମ୍ବାଦ' 'ଅନୁପମ ଭାରତ' ଦୈନିକ ଓଡିଆ ଖବର କାଗଜରେ ପ୍ରକାଶିତ ହୋଇଥିଲା । ସେଥିରେ ବିଷୟବସ୍ତୁ ଖୁବ୍ ସଂକ୍ଷିପ୍ତ ଥିଲା । ବିସ୍ତୃତ ଭାବରେ ପୁସ୍ତକ ଆକାରରେ ପ୍ରକାଶ କରିବାକୁ ଅନେକ ଶୁଭେଚ୍ଛୁଙ୍କ ଅନୁରୋଧ ବହି ଲେଖିବାକୁ ପ୍ରେରଣା ଯୋଗାଇଲା । ଲେଖକ, ସାହିତ୍ୟିକ ମୁଁ ନୁହେଁ । ଏହା ହୋଇପାରେ ମୋର ଲେଖକ ଜଗତରେ ଶିଶୁଶ୍ରେଣୀରେ ନାମ ଲେଖା । ନୀତିବାଣୀ କୁହେ-

ଯୁକ୍ତିଯୁକ୍ତଂ ବଚୋ ଗ୍ରାହ୍ୟଂ ବାଳାଦପି ଶୁକାଦପି
ଯୁକ୍ତିହୀନଂ ବଚସ୍ତାଜ୍ୟଂ ବୃଦ୍ଧାଦପି ଶୁକାଦପି ।

ଅର୍ଥାତ୍ ଶୁଆ ଚଢେଇ ବା ସାଧାରଣ ବାଳକର କଥା ଯଦି ଯୁକ୍ତିଯୁକ୍ତ ତେବେ ତାହା ଗ୍ରହଣୀୟ, ମାତ୍ର ଶୁକମୁନୀ ପରି ପଣ୍ଡିତ ବା ବୃଦ୍ଧ ଲୋକଙ୍କର କଥା ଯଦି ଯୁକ୍ତିହୀନ ତେବେ ତାହାକୁ ତ୍ୟାଗ କରିବା ଉଚିତ୍ । ଜ୍ଞାନୀ ଗୁଣୀ ପାଠକଙ୍କ ଠାରୁ ମୋର ଏତକ ଆଶା ।

୧୯୯୯ ମସିହାର କଥା । ଏମ୍.ଏମ୍.ଟି.ସି.ର ଏକ ସର୍ବଭାରତୀୟ ସମ୍ମିଳନୀରେ ଯୋଗଦେବାକୁ ମୁଁ ଯାଇଥାଏ ରାଜସ୍ଥାନର ଉଦୟପୁର ସହରକୁ । ଉଦୟପୁର ହେଉଛି ଚିତୋର ଶିଶୋଦିୟା ରାଜପୁତ୍‌ଙ୍କର ଏକ ଅଜେୟ ଦୁର୍ଗ । ସେଠାକାର ଲୋକକଳା ସଂଗ୍ରହାଳୟରେ ଆଦିମ ଅଧିବାସୀଙ୍କ ଦେବତା ଖେତୁଳି, ବାଉତି, ବେତାଳଙ୍କ ନାମ ଦେଖି ମୋର ହାଲକ ଶୁଖିଗଲା । କାରଣ ଓଡିଶାରେ କୁଡୁମି ସମେତ ସାଉଁତି, ବାଥୁଡି, ଗଣ୍ଡ, ଭୂୟାଁ, କନ୍ଧ, ଶବର ଆଦି ଆଦିବାସୀମାନେ ମଧ୍ୟ ସେ ଦେବତାଙ୍କୁ ଜାହିରା ମତରେ ଶ୍ରଦ୍ଧାରେ ପୂଜା କରି ଆସୁଛନ୍ତି । ଜାହିରା ବା ସାରନା ମତର ପୂଜା ରାଜସ୍ଥାନରୁ ମଧ୍ୟପ୍ରଦେଶ, ଛତିଶଗଡ଼, ଓଡିଶା, ଝାଡଖଣ୍ଡ, ବେଙ୍ଗଲ ପର୍ଯ୍ୟନ୍ତ ଆଦିମ ଅଧିବାସୀଙ୍କ ଠାରେ ଦେଖାଯାଏ କାହିଁକି ? ଭାଷା, ଖାଦ୍ୟପେୟ ବଦଳିଗଲେ ମଧ୍ୟ ନିଜର କୁଳ ଦେବାଦେବୀ, ଟୋଟେମ, ବା ବଂଶ ବା ଖିଲିଗୁଡିକୁ ବଂଶାନୁକ୍ରମେ ମନେ ରଖିଛନ୍ତି କାହିଁକି ? କଣ ଏମାନେ ସୈନ୍ଧବ ନଦୀ ଅଞ୍ଚଳରେ ଏକାଠି ଥାଇ କୃଷି ଓ ନଗର ସଭ୍ୟତା ବିକାଶ କରିଥିଲେ ? ଆର୍ଯ୍ୟଙ୍କ ପଶ୍ଚିମରୁ ପୂର୍ବକୁ ସାମ୍ରାଜ୍ୟ ବିସ୍ତାର ବେଳକୁ କ'ଣ ଏମାନେ ଦୂରେଇ ଯାଇ ମାଳଭୂମି ମାନଙ୍କରେ ନିଜର ସଂସ୍କୃତିକୁ ଏପର୍ଯ୍ୟନ୍ତ ବଞ୍ଚାଇ ରଖି ପାରିଛନ୍ତି ?

ଏ ବିଷୟ ଏକ ବିରାଟ ଗବେଷଣାର ଅଂଶବିଶେଷ । ଏ ପୁସ୍ତକ ଯଦି ସାମାନ୍ୟ ଆଲୋକପାତ କରିପାରିଲା, ତେବେ ମୋର ଶ୍ରମ ସାର୍ଥକ ହେଲା ବୋଲି ଜାଣିବି ।

ଏ ପୁସ୍ତକଟି ଆତ୍ମପ୍ରକାଶ ହେବାରେ ଅନେକ ବ୍ୟକ୍ତିବିଶେଷଙ୍କର ପ୍ରତ୍ୟକ୍ଷ ବା ପରୋକ୍ଷ ଭୂମିକା ରହିଛି । ତାଙ୍କର ସଦିଚ୍ଛା, ସାହାଯ୍ୟ, ସହଯୋଗ ଦିଗ୍‌ଦର୍ଶନ ବିନା ଏହାସମ୍ଭବ ହୋଇ ପାରିନଥାନ୍ତା । ସେମାନଙ୍କ ନିକଟରେ ମୁଁ ଚୀର କୃତଜ୍ଞ, ତାଙ୍କୁ ଅଶେଷ ଧନ୍ୟବାଦ । ସେମାନଙ୍କ ମଧ୍ୟରେ ଆଗରେ ମନେପଡେ ମହାନ୍ତ ଶ୍ରୀ ବଳରାମ ବଂଶ୍ରୀୟାର,ରାୟଗୋଡି ଜି: କେନ୍ଦୁଝର । ଏହାଙ୍କର ତ୍ୟାଗପୂତ ନିସ୍ୱାର୍ଥପର ଜାତିସେବା, ନାରଦମୁନୀ ପରି ଓଡିଶା, ଝାଡଖଣ୍ଡ, ବେଙ୍ଗଲରେ ହେଉଥିବା ଏ ଜାତିର ସଭାସମିତି ଆଲୋଚନାରେ ଅଂଶ ଗ୍ରହଣ କରି ସମସ୍ତ ତଥ୍ୟ ଯୋଗାଇ ଦେଇ ବହିଟିଏ ଲେଖିବା ପାଇଁ ପ୍ରେରଣା ଦେଇ ଆସୁଥିବା ଶ୍ରୀ ବଂଶ୍ରୀୟାରଙ୍କୁ ସବୁ ଧନ୍ୟବାଦ ଅଜାଡି ଦେଲେ ମଧ କମ୍ ହେବ । ତାଙ୍କ ବ୍ୟତୀତ ଆଉ ଅନ୍ୟମାନେ ହେଲେ ମହାନ୍ତ ଶ୍ରୀ ଅଭିମନ୍ୟୁ କେଶରୀଆର-ମହେଶ୍ୱର ପୁର, ଶ୍ରୀ ସର୍ବେଶ୍ୱର ମହାନ୍ତ ସଭାପତି ବଡପାହାଡ ସାଂସ୍କୃତିକ ସଂଘ -କେନ୍ଦୁଝର, ଶ୍ରୀ ନରୋତ୍ତମ ମହାନ୍ତ-ବାଲିପଶି, ଶ୍ରୀ କ୍ଷେତ୍ରମୋହନ ମହାନ୍ତ ସଭାପତି ଓଡିଶା କୁଡୁମି ସମାଜ-ବଡ଼ବିଲ, ଶ୍ରୀ ଅଭିମନ୍ୟୁ ମହାନ୍ତ-ଡିମିରିଆ ସଂପାଦକ ଆଦିବାସୀ କୁଡୁମି ଛାତ୍ର ସଂଗଠନ, ଶ୍ରୀ ଭୀମ୍ ଚରଣ ମହାନ୍ତ-ଯଶିପୁର ସଭାପତି ଆଦିବାସୀ କୁଡୁମି ସମାଜ, ସାହାରାପଡାର ଶ୍ରୀ ନାରାୟଣ ମହାନ୍ତ ସମ୍ପାଦକ ଆଦିବାସୀ କୁଡୁମି ସମାଜ ଓ ଡାକ୍ତର ଶ୍ରୀ ପ୍ରତାପଚନ୍ଦ୍ର ମହାନ୍ତ, ଡା. ଶ୍ରୀ ଚଣ୍ଡିପ୍ରସାଦ ମହାନ୍ତ-ମାଛଗଡ, କୁଳମାଲି କବି ଶ୍ରୀ ଶ୍ରୀକାନ୍ତ କାଳୁଆର- ସରସ୍ୱତୀପଡା, ଶ୍ୱଶୁର ଶ୍ରୀ ବାସୁଦେବ ମହାନ୍ତ-କମାରମରା, ଯୋଡାର ଶ୍ରୀ ଅଖିଳଚନ୍ଦ୍ର ମହାନ୍ତ (ଖଣିଯନ୍ତ୍ରୀ), ଶ୍ରୀ ବସନ୍ତ ମହାନ୍ତ ଓ ଶ୍ରୀମତୀ ମୀନା ମହାନ୍ତ, ମୌଦିର ଶ୍ରୀ ଦାରୁଣ ଚନ୍ଦ୍ର ମହାନ୍ତ (ଖଣିଯନ୍ତ୍ରୀ) ଓ ଶ୍ରୀ ତାରାପଦ ମହାନ୍ତ, ଶ୍ରୀ ଲକ୍ଷ୍ମୀଧର ମହାନ୍ତ-ସିଂଙ୍ଗାରପୁର, ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାନ୍ତ-ପଳାସବଧା, ଶ୍ରୀ ଗହ୍ଳା ମହାନ୍ତ-ଭୁବନେଶ୍ୱର, ବାପା ଶ୍ରୀ କରୁଣାକର ମହାନ୍ତ ଓ ମାଆ ଶ୍ରୀମତୀ କନକ ମହାନ୍ତ -ସାନ୍ତରାପୁର, ଶ୍ରୀ ଭାଗୀରଥି ମହାନ୍ତ-ରାଉରକେଲା, ସ୍ତ୍ରୀ ଶ୍ରୀମତୀ ପ୍ରତିଭା ମହାନ୍ତ-କେନ୍ଦୁଝର, ଶ୍ରୀ ବିଭୂତିଭୂଷଣ ମାହତୋ-ମେଦିନିପୁର, ପୁରୁଲିଆର ଶ୍ରୀ ନଗେନ୍ ପୁନରିଆର ଓ ଶ୍ରୀ କେଶବଚନ୍ଦ୍ର ଟିଳୁଆର, ଶ୍ରୀ ଶଶୀଭୂଷଣ ମାହତୋ-ରାଞ୍ଚି ଓ ସର୍ବୋପରି ନୃତତ୍ତ୍ୱବିତ୍ ଡକ୍ଟର ପଶୁପତି ପ୍ରସାଦ ମାହତୋ-କଲିକତାଙ୍କୁ ଅଶେଷ ଧନ୍ୟବାଦ । ଝିଅ ଶାଶ୍ୱତୀ ଓ ପୁଅ ଶ୍ରୁତିସାଗର ମଧ ପୁସ୍ତକ ସଂକଳନରେ ସହଯୋଗ କରିଥିବାରୁ ଧନ୍ୟବାଦାର୍ହ । ମୁଦ୍ରଣରେ ସହଯୋଗ କରିଥିବା ଶ୍ରୀ ଚିନ୍ମୟ ମିଶ୍ର ଓ ପୁଷ୍ପଲତା ମିଶ୍ରଙ୍କୁ ମୋର ଅଶେଷ ଧନ୍ୟବାଦ । ସହପାଠୀ ବନ୍ଧୁ ତଥା ବରିଷ୍ଠ ସାମ୍ବାଦିକ ଶ୍ରୀ ଦେବୁ ପଟ୍ଟନାୟକ-ଆନନ୍ଦପୁରଙ୍କ ଠାରେ ମୁଁ ଅଶେଷ କୃତଜ୍ଞ, ତାଙ୍କର ପ୍ରେରଣା ବିନା ହୁଏତ ଏ ବହି ଲେଖାଯାଇ ପାରିନଥାନ୍ତା ।

ଭାସ୍କୋଡାଗାମା, କେଓଂଝର
କରମ ଏକାଦଶୀ, ୨୦୦୩

ଧନେଶ୍ୱର ମହାନ୍ତ

ସୂଚୀପତ୍ର

ବିଷୟ	ପୃଷ୍ଠା
ଆର୍ଯ୍ୟ ଅନାର୍ଯ୍ୟ	୧-୧୯
ନୃତାତ୍ତ୍ୱିକ ପରିମାପ, ଆର୍ଯ୍ୟ ବ୍ରାହ୍ମଣ କ୍ଷତ୍ରିୟ ବୈଶ୍ୟଙ୍କ ଗୋତ୍ର, ଅନାର୍ଯ୍ୟ ଭୂୟାଁ, ଭୂମିଜ, କୁଡୁମି, ଗଣ୍ଡ, ବେଦିଆ, ବାଥୁଡି, ସାଉଁତି,ଖଣ୍ଡୁଆଳ, ସାନ୍ତାଳ, ଓରାମଙ୍କ ଟୋଟେମ/ବଂଶ/ଖିଲି	
ଆର୍ଯ୍ୟଙ୍କ ଗୋମାଂସ ଭକ୍ଷଣ	୨୦-୨୮
ଜାତିପ୍ରଥା	୨୯-୪୯
ବର୍ଣ୍ଣସଙ୍କର ଜାତି, ଦଳିତ ଶୂଦ୍ର ନିର୍ଯ୍ୟାତନା, ଭାରତ ପରାଧିନ ହେବାରେ ଜାତିଭେଦର ଭୂମିକା, ଜନସଂଖ୍ୟା ନୀତି ଓ ଧର୍ମ	
କୁଡୁମି ଜାତି	୫୦-୬୯
ସ୍ଥାନାନ୍ତର, ଇନ୍ଦ୍ରସଭା, ଚୂୟାଳ ବିଦ୍ରୋହ, ବିବାହ ସଂସ୍କାର, ଉତ୍ତରାଧିକାର ନିୟମ ଓ ଆଦିବାସୀ ପ୍ରମାଣପତ୍ର	
ନିରଞ୍ଜନ ମହାରାଜଙ୍କ ଜଳଚଳ ଆନ୍ଦୋଳନ	୭୦-୯୫
କ୍ଷତ୍ରିୟ ଆନ୍ଦୋଳନ, କୁଡୁମିଙ୍କ କ୍ଷତ୍ରିୟ ଯୁକ୍ତି, ଶିବାଜୀ, କୁଳମାଲୀ ଭାଷା	
ଆଦିବାସୀ ପାଇଁ ପ୍ରତିବେଦନ,ଆନ୍ଦୋଳନ,	୯୬-୯୯
ସମର୍ଥନ, ବିରୋଧ, ସରକାରଙ୍କୁ ପଦେ	
କୁଡୁମିଙ୍କ ଲୋକଗୀତ	୧୦୦-୧୧୩
ବାନ୍ଦନା ଗୀତ, କରମ ଗୀତ୍, ବେହା ଗୀତ୍ କୁଲ୍‌ମାଲୀ ନିମନ୍ତ୍ରଣ ପତ୍ର, ସହାୟକ ଗ୍ରନ୍ଥ ସୂଚୀ	

ସଙ୍କେତ

ରକ ୯/୪୧/୧ - ରକବେଦ ସଂହିତା ୯ମ ମଣ୍ଡଳ/୪୧ତମ ସୁକ୍ତ/୧ମ ଶ୍ଳୋକ(ମନ୍ତ୍ର)
ଭାସପ୍ରାପ-୬୯- ଭାରତୀୟ ସଂସ୍କୃତି ପ୍ରାଗୈତିହାସିକ ପର୍ବ - ପୃଷ୍ଠା ୬୯
ଭାସବୈପ ୧/୪୭-୪୮ - ଭାରତୀ ସଂସ୍କୃତି ବୈଦିକ ପର୍ବ ଭାଗ-୧ମ/ପୃଷ୍ଠା ୪୭-୪୮
ମନୁ ୪/୧୯୨ - ମନୁସ୍ମୃତି ୪ର୍ଥ ଅଧ୍ୟାୟ / ୧୯୨ ତମ ଶ୍ଳୋକ
TCB 1/161 - Tribes and Castes of Bengal Vol.1 / page-161.
The

ଆର୍ଯ୍ୟ ଅନାର୍ଯ୍ୟ

ଭାରତବର୍ଷରେ ବୈଦିକ ସନାତନ ଧର୍ମର ଦର୍ଶନ ଆଧ୍ୟାତ୍ମିକ ତତ୍ତ୍ୱ ଏହାକୁ ବିଶ୍ୱଗୁରୁର ମାନ୍ୟତା ଦିଏ । ମାତ୍ର ଏହାର ବର୍ଣ୍ଣାଶ୍ରମ ଧର୍ମରୁ ସୃଷ୍ଟ ଜାତିଭେଦ ଓ ଅସ୍ପୃଶ୍ୟତା ଚନ୍ଦ୍ରରେ କଳଙ୍କ ସଦୃଶ, ବିଶ୍ୱଦରବାରରେ ଏହାର ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରିଛି । ଆର୍ଯ୍ୟ ଅନାର୍ଯ୍ୟ ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ପାର୍ଥକ୍ୟତା ଜାତିଭେଦ ଓ ଅସ୍ପୃଶ୍ୟତାର ଜନ୍ମଦାତା । କେଉଁମାନେ ଆର୍ଯ୍ୟ, ଅନାର୍ଯ୍ୟ କେଉଁମାନେ, ଜାଣିବାକୁ ହେଲେ ଭାରତର ଇତିହାସକୁ ସିନ୍ଧୁ ସଭ୍ୟତାରୁ ଅବଲୋକନ କରିବାକୁ ପଡିବ ।

ସିନ୍ଧୁ ସଭ୍ୟତା :- ମହେଞ୍ଜୋଦାରୋ, ହରପ୍ପା, କାଳିବଙ୍ଗା, ଲୋଥାଲର ମାଟିତଳୁ ବାହାରିଲା ପ୍ରାଚୀନ ନଗର ସଭ୍ୟତା । ଏହା ଭାରତର ଇତିହାସକୁ ୫୦୦୦ ବର୍ଷ ତଳକୁ ନେଇଗଲା । ରେଡିଓ କାର୍ବନ ପରୀକ୍ଷାରୁ ଜଣାପଡେ ଏ ସିନ୍ଧୁ ସଭ୍ୟତା ଖ୍ରୀଷ୍ଟପୂର୍ବ ୨୫୦୦ରୁ ଖ୍ରୀ.ପୂ. ୧୭୬୦ ଯାଏ ଚରମ ବିକାଶଲାଭ କରିଥିଲା । ଯୋଜନାବଦ୍ଧ ସହର, ଶସ୍ୟାଗାର, ଭୂତଳ ଡ୍ରେନ୍‌ରୁ ଜଣାପଡେ ଯେ ଏଠାକାର ବାସିନ୍ଦାମାନେ ଆହୁରି ୬/୭ ହଜାର ବର୍ଷ ଆଗରୁ କୃଷି ସଭ୍ୟତାରେ ପାଦ ଦେଇଥିବେ । ଯାହାକି ଜାପାନର ଖ୍ରୀ.ପୂ. ୮୦୦୦ର ଜାମୋନ କୃଷି ସଭ୍ୟତା, ଥାଇଲ୍ୟାଣ୍ଡର ଖ୍ରୀ.ପୂ. ୧୦୦୦୦ର କୃଷି ସଭ୍ୟତାର ସମସାମୟିକ ବା ପ୍ରାଚୀନତମ ହୋଇପାରେ । ତୁର୍କିର ନ୍ୟୁକ୍ ଆନାଟୋଲିଆ କୃଷି ସଭ୍ୟତାର କାଳ ଖ୍ରୀ.ପୂ. ୬୩୮୫ । ଏଥିରୁ ଜଣାପଡେ ୟୁରୋପ ପଶ୍ଚିମ ଏସିଆଠାରୁ ଦକ୍ଷିଣ,ପୂର୍ବ ଏସିଆରେ କୃଷି ସଭ୍ୟତାର ବିକାଶ ଅନେକ ପୂର୍ବରୁ ହୋଇଛି । ଏହି ଅଞ୍ଚଳ ଧାନଚାଷ ପାଇଁ ଅନୁକୂଳ ଏବଂ ପୃଥିବୀର ଅର୍ଦ୍ଧାଧିକ ଲୋକ ଏହିଠାରେହିଁ ବାସ କରନ୍ତି । ଆଦିମାନବ ପ୍ରାୟ ୧୨୦୦୦ ବର୍ଷ ପୂର୍ବେ ପ୍ରସ୍ତର ଯୁଗରୁ କୃଷି ସଭ୍ୟତାକୁ ପାଦ ଦେଇଥିଲା । ଏଥିପାଇଁ ସେ ପାହାଡ ପର୍ବତର ଗୁମ୍ଫା ଛାଡି ନଦୀ ଅବବାହିକାର ଉର୍ବର ସମତଳଭୂମିରେ ବସତି ସ୍ଥାପନ କରିଥିଲା । ସୈନ୍ଧବ ଅଞ୍ଚଳରେ ସେମାନେ ଉନ୍ନତ ନଗର ସଭ୍ୟତା ଯାଏ ପହଞ୍ଚି ପାରିଥିଲେ ।

ସାଧାରଣତଃ ଏହି ସିନ୍ଧୁ ସଭ୍ୟତାର ଲୋକମାନଙ୍କୁ ଅନାର୍ଯ୍ୟ ଦ୍ରାବିଡ କୁହାଯାଏ । ସେତେବେଳକୁ କାସ୍ପିୟାନ ସାଗର ନିକଟରେ କକେସୀୟ ଆର୍ଯ୍ୟମାନେ ଥିଲେ ଯାଯାବର ଦୁର୍ଦ୍ଧର୍ଷ । ଏମାନେ ଏହିଠାରୁ ଚତୁର୍ଦ୍ଦିଗରେ ୟୁରୋପ ଭାରତ ଆଡକୁ ବିଚ୍ଛୁରିତ ହୋଇଥିଲେ । ସଂସ୍କୃତ ଥିଲା ତାଙ୍କର ମାତୃଭାଷା । ସଂସ୍କୃତ ଓ ୟୁରୋପୀୟ ଭାଷାର ଅନେକ ଶବ୍ଦରେ ସାଦୃଶ୍ୟ ଦେଖାଯାଏ । ଯଥା :- ସଙ୍ଗ୍-ସଙ୍ଗୀତ, ପିଟର-ପିତର୍, ଆଗ୍ନେୟସ୍-ଆଗ୍ନେୟ, ବ୍ରଦର-ଭ୍ରାତର୍ ଇତ୍ୟାଦି । ବୈଦିକ ସ୍ୱସ୍ତିକ ଚିହ୍ନର ବ୍ୟବହାର ଜର୍ମାନୀରେ ମଧ୍ୟ ଦେଖାଯାଏ । ସେହି ଆର୍ଯ୍ୟଙ୍କ ଆକ୍ରମଣରେ ସିନ୍ଧୁ ସଭ୍ୟତାର ଅବକ୍ଷୟ ହେଲା ବୋଲି ପ୍ରାୟ ସମସ୍ତ ଐତିହାସିକଙ୍କର ମତ । ମାତ୍ର କେତେକ ଗବେଷକ/ଐତିହାସିକଙ୍କ ମତରେ ଆର୍ଯ୍ୟମାନେ ବିଦେଶୀ ନୁହଁନ୍ତି, କି ସିନ୍ଧୁ ସଭ୍ୟତା ଅନାର୍ଯ୍ୟ ଦ୍ରାବିଡଙ୍କ ନୁହେଁ ମାତ୍ର ଆର୍ଯ୍ୟଙ୍କର ଓ ଏମାନେ ଭାରତରୁ ୟୁରୋପ ଆଡକୁ ଯାଇଛନ୍ତି ବୋଲି ଦାବୀ କରନ୍ତି ।

ଋକ୍‌ବେଦ :- ତେବେ ଏହି ସପ୍ତସିନ୍ଧୁ ଅଞ୍ଚଳରେ ଯେ ମାନବ ସଭ୍ୟତାର ସର୍ବପ୍ରାଚୀନ ସାହିତ୍ୟ ଋକ୍‌ବେଦ ରଚିତ ହୋଇଥିଲା, ଏଥିରେ ସମସ୍ତେ ଏକମତ । ଏଥିରେ ସପ୍ତସିନ୍ଧୁ ଅଞ୍ଚଳର ନଦୀଗୁଡିକର ବହୁଳ ବ୍ୟବହାର ମାତ୍ର ଗଙ୍ଗା ଯମୁନା ନଦୀର ଉଲ୍ଲେଖ ନାହିଁ । ସେହି ଅଞ୍ଚଳକୁ ବ୍ରହ୍ମାବର୍ତ୍ତ କୁହାଯାଉଥିଲା । ଆର୍ଯ୍ୟଙ୍କର ଗାଙ୍ଗେୟ ଉପତ୍ୟାକାରେ ଗଢି ଉଠିଥିବା ଦ୍ୱିତୀୟ ଉପନିବେଶକୁ ଆର୍ଯ୍ୟାବର୍ତ୍ତ କୁହାଗଲା । ପରବର୍ତ୍ତି ସଂସ୍କୃତ ସାହିତ୍ୟ, ଅଥର୍ବ ବେଦ, ରାମାୟଣ, ମହାଭାରତ ଆଦି ତୁଳନାରେ ଋକବେଦରେ ଅନେକ କ୍ଲୀଷ୍ଟ ଅବୋଧ ବୈଦେଶିକ ଶଦ୍ଧ ରହିଛି । ଏପରିକି ନିରୁକ୍ତାକାର ଯାସ୍କ ମଧ୍ୟ ଋକ୍‌ବେଦର ୪୦୦ ଶଦ୍ଧର ଅର୍ଥ ଜାଣିନଥିଲେ । କାଳକ୍ରମେ ସଂସ୍କୃତ ଭାଷା ଏ ଦେଶର ଅନେକ ଦେଶଜ ଶଦ୍ଧ ଗ୍ରହଣ କରିନେବାରୁ ପରବର୍ତ୍ତି ସଂସ୍କୃତ ସାହିତ୍ୟ ଭାରତୀୟ ମାନଙ୍କ ପାଇଁ ଅପେକ୍ଷାକୃତ ଭାବରେ ସହଜ ଓ ବୋଧଗମ୍ୟ ହୋଇଛି ।

ଋକ୍ ବେଦରେ ଅନାର୍ଯ୍ୟଙ୍କ ବର୍ଣ୍ଣନା :- ଅନାର୍ଯ୍ୟମାନେ ଏ ଦେଶର ମୂଳ ବାସିନ୍ଦା । ଆର୍ଯ୍ୟମାନେ ଯଦି ବିଦେଶୀ ନଥିଲେ, ତେବେ ଆର୍ଯ୍ୟ ଅନାର୍ଯ୍ୟ ମଧ୍ୟରେ ଶାରୀରିକ ଗଠନ ରଙ୍ଗ ଆକାର ପ୍ରକାରରେ ଏତେ ତାରତମ୍ୟ ଋକବେଦରେ ମିଳିନଥାନ୍ତା । ଋକବେଦର ନିମ୍ନୋକ୍ତ ମନ୍ତ୍ର ଗୁଡିକ ପ୍ରଣିଧାନ ଯୋଗ୍ୟ ।

ବୃତ୍ରହେନ୍ଦ୍ର କୃଷ୍ଣଯୋନୀଃ ପୁରନ୍ଦରୋ ଦାସୀରୈରୟଦ୍ୱି । ଋକ୍ ୨।୨୦।୭

ବୃତ୍ରାସୁରକୁ ହତ୍ୟା କରିଥିବା (ଶତ୍ରୁଙ୍କ ପୁରଦୁର୍ଗକୁ ଧ୍ୱଂସ କରିଥିବାରୁ) ପୁରନ୍ଦର (ଇନ୍ଦ୍ରଦେବ) କଳାକଳା ଦାସଦାସୀ ମାନଙ୍କୁ ସଂହାର କଲେ ।

ହନନ୍ତଃ କୃଷ୍ଣାମୟ ତ୍ୱଚମ୍ । ଋକ ୯।୪୧।୧

କଳା ଚମଡାବାଲା (ଅସୁର)ଙ୍କୁ ଇନ୍ଦ୍ରଦେବ ହତ୍ୟା କଲେ ।

ଅନାସୋ ଦସ୍ୟୁ ରମଣୋବଧେନ   ଋକ୍ ୨୮।୧୦ .... (୧)

(ହେ ଇନ୍ଦ୍ରଦେବ !) ତୁମେ ଛୋଟ ନାକବାଲା ଦସ୍ୟୁଙ୍କୁ ମାରିଲ ।

ଅସ୍ୱାପୟଦ୍ଦଭୀତୟେ ସହସ୍ରା ତ୍ରିଂଶତଂ ହଥୈଃ । ଦାସାନାମିନ୍ଦ୍ରୋ ମାମୟା । ଋକ ୪।୩୦।୨୧

ଦଭୀତିଙ୍କ କଲ୍ୟାଣ ପାଇଁ ଇନ୍ଦ୍ରଦେବ ୩୦୦୦୦ ଦାସବୀରଙ୍କୁ ବଧ କଲେ ।

ତ୍ୱଂ ଶତାନ୍ୟବ ଶମ୍ବରସ୍ୟ ପୁରୋ ଜଘନ୍ଥା ପ୍ରତୀନି ଦସ୍ୟୋଃ । ଋକ୍ ୬।୩୧।୪

(ହେ ଇନ୍ଦ୍ରଦେବ !) ଆପଣ ଶମ୍ବରାସୁର ଦସ୍ୟୁର ୧୦୦ ଦୂର୍ଗ ଧ୍ୱଂସ କଲ ।

ଶତମଶ୍ମନ୍ମୟୀନାଂ ପୁରୋମିନ୍ଦ୍ରୋ ବ୍ୟାସ୍ୟତ୍ । ଦିବୋଦାସାୟ ଦାଶୁଷେ । ଋକ୍ ୪।୩୦।୨୦

ରିପୁମାନଙ୍କର ଶହଶହ ପାଷାଣ ନିର୍ମିତ ନଗରୀ ସବୁକୁ ଇନ୍ଦ୍ରଦେବ ହବିଃ ପ୍ରଦାତା ଦିବୋଦାସଙ୍କୁ ପ୍ରଦାନ କଲେ । କେ.ଏମ୍. ମୁନସୀ ତାଙ୍କର 'ଭଗବାନ ପରଶୁରାମ' ପୁସ୍ତକରେ ଲେଖିଛନ୍ତି ଏହି

(୧) ସୁନ୍ଦରଲାଲ ସାଗର- ହିନ୍ଦୁଓଁ ଦ୍ୱାରା ଗୋମାଁସଭକ୍ଷଣ ପୃ୧୦ ।

ଦିବୋଦାସଙ୍କ ପୁତ୍ର ସୁଦାସଙ୍କ ଠାରେ ବଶିଷ୍ଠ ଋଷି ଦୁଇଟି ସର୍ତ୍ତ ରଖିଥିଲେ - (କ) ଆର୍ଯ୍ୟ ଓ ଦାସ(ଅନାର୍ଯ୍ୟ) ଅଲଗା ରହିବେ । (ଖ) ଦାସ ଯଦି ଆର୍ଯ୍ୟ ନାରୀଙ୍କୁ ଅପବିତ୍ର କରେ ତେବେ ମୃତ୍ୟୁଦଣ୍ଡ ପାଇବ । ଦିବୋଦାସ ଓ ସୁଦାସ ଥିଲେ ଅନାର୍ଯ୍ୟ ରାଜା । ଏମାନେ ଆର୍ଯ୍ୟଙ୍କ ଆନୁଗତ୍ୟ ସ୍ୱୀକାର କରି ଯାଜ୍ଞିକ କର୍ମକାଣ୍ଡ କଲେ । ବଶିଷ୍ଠ ,ଭରଦ୍ୱାଜ, ବିଶ୍ୱାମିତ୍ର ଆଦି ଋଷିମାନେ ତାଙ୍କର ଯଜ୍ଞର ପୁରୋହିତ ହୋଇଥିଲେ । ଅର୍ଯ୍ୟଙ୍କର ଦାସତ୍ୱ ବରଣ କରିଥିବାରୁ ତାଙ୍କୁ ଦାସ ଉପାଧି ମିଳିଥିଲା । ତେଣୁ ଇନ୍ଦ୍ରଦେବ ବିରୋଧି ଅନାର୍ଯ୍ୟଙ୍କ ବିଜିତ ନଗର ଦୂର୍ଗ ରାଜ୍ୟ ଗୁଡିକୁ ଦିବୋଦାସ ସୁଦାସଙ୍କୁ ଦେଇଥିଲେ । ଏଥିରୁ ଜଣାପଡେ ଅନାର୍ଯ୍ୟ ଦ୍ରାବିଡଙ୍କ ସବୁ ନଗରକୁ ଧ୍ୱଂସ କରାନଯାଇ ସେଥିରେ ଆର୍ଯ୍ୟବସତି ମଧ୍ୟ ବସାଯାଇଥିଲା । ଏଣୁ ହରପ୍ପା, କାଲିବଙ୍ଗା, ଲୋଠାଲରେ ଶେଷ ସ୍ତରର ସଭ୍ୟତାରେ ଯଜ୍ଞକୁଣ୍ଡର ସନ୍ଧାନ ମିଳିଛି । ଭାଗବତ ପୁରାଣ ଅନୁସାରେ ଅନାର୍ଯ୍ୟମାନେ କାକକୃଷ୍ଣ, ହ୍ରସ୍ୱାଙ୍ଗ,ହ୍ରସ୍ୱବାହୁ, ନିମ୍ନ ନାସାଗ୍ର, ରକ୍ତାକ୍ଷ । ବିଷ୍ଣୁ ପୁରାଣ ଅନୁସାରେ ସେମାନେ ହେଲେ ବାମନ, ଚେପ୍ଟାନାକ, ତ୍ରିପଣ୍ଡକଳା ।

ଏଥିରୁ ଜଣାପଡେ ଅନାର୍ଯ୍ୟମାନେ ଆର୍ଯ୍ୟଙ୍କ ତୁଳନାରେ ଯଥେଷ୍ଟ କଳା, ବାଙ୍ଗରା, ଅନୁନ୍ନତ ଓ ସ୍ଥିତ ନାକବାଲା ଥିଲେ । ଆର୍ଯ୍ୟମାନେ ତାଙ୍କଠାରୁ ଯଥେଷ୍ଟ ଗୋରା, ଦୀର୍ଘଦେହୀ, ଅଜାନୁଲମ୍ବିତ ବାହୁ, ଉନ୍ନତ ନାସିକା ବିଶିଷ୍ଟ ଥିଲେ, ଯାହାକି ଉତ୍ତରସ୍ଥ ଥଣ୍ଡା ଅଞ୍ଚଳର ଲୋକଙ୍କ ଠାରେ ଦେଖାଯାଏ । ଭାରତର ଉଷ୍ଣକଟିବନ୍ଧ ଜଳବାୟୁରେ ଆର୍ଯ୍ୟମାନେ ରହିବାରୁ କ୍ରମେ କ୍ରମେ ତାଙ୍କର ଗୋରା ରଙ୍ଗ ମଳିନ ପଡି ଆସିଛି ।

ଭାରତରେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଏ ତିନିବର୍ଣ୍ଣ ଦ୍ୱିଜାତି ସବର୍ଣ୍ଣ ସ୍ୱାଭାବିକ ଭାବରେ ଆର୍ଯ୍ୟ । ଏମାନଙ୍କ ମଧ୍ୟରୁ କେତେକ ବୌଦ୍ଧ ଜୈନ ଧର୍ମର ପ୍ରଭାବରେ ବୈଦିକ ସଂସ୍କାର ଗୁଡିକ ପରିତ୍ୟାଗ କରିବାରୁ ଓ କେତେକଙ୍କୁ ରାଜନୈତିକ କାରଣରୁ, ବ୍ରାତ୍ୟ ଘୋଷଣା କରାଯାଇ ଶୁଦ୍ର ଭାବରେ ପତିତ କରାଯାଇଥିଲା । ସେହି ବ୍ରାତ୍ୟ ଆର୍ଯ୍ୟ ମଧ୍ୟରେ ଅଛନ୍ତି ଜାଠ, ଭେଡ, ଆଭୀର, ଲୁହାଣ, ମରହଟ୍ଟା, କରଣ କାୟସ୍ଥ ଇତ୍ୟାଦି ଜାତି ।

ନୃତାତ୍ତ୍ୱିକ ପରିମାପ :-

ଆର୍ଯ୍ୟ ଅନାର୍ଯ୍ୟଙ୍କ ଉଚ୍ଚତା, ନାସିକାର ଦୈର୍ଘ୍ୟ ପ୍ରସ୍ଥର ପାର୍ଥକ୍ୟ ଋକବେଦିୟ ଋଷିମାନଙ୍କର ଦୃଷ୍ଟିରେ ପଡିଥିଲା । ବିଂଶ ଶତାବ୍ଦିରେ ନୃତତ୍ତ୍ୱବିତ୍‌ମାନେ ଆର୍ଯ୍ୟ ଅନାର୍ଯ୍ୟଙ୍କର ନାସିକାର ଦୈର୍ଘ୍ୟ (L)ଦୁଇଆଖି ମଧ୍ୟରୁ ନାସାଗ୍ର ଦୂରତା, ପ୍ରସ୍ଥ (B), ଦୁଇନାକପୂଡ଼ାର ବାହ୍ୟ ଦୂରତା, ନାସିକାମାନ(Nasal Index B/L X 100) ବା ନାସିକାର ପ୍ରସ୍ଥ ଦୈର୍ଘ୍ୟର ଶତକଡା କେତେଭାଗ ଅନୁଧ୍ୟାନ କରିଥିଲେ । ବିଭିନ୍ନ ଅଞ୍ଚଳରୁ ୧୦୦ ଲେଖାଏଁ ଲୋକଙ୍କର ପରିମାପ ମିଲିମିଟରରେ ନିଆଯାଇଥିବା ହାରାହାରି ମାନ ଏଠାରେ ଉଦ୍ଧୃତ କରାଯାଇଛି ।

ଆର୍ଯ୍ୟ ବଂଶୋଦ୍ଭବଙ୍କ ପରିମାପ--(୧)

	ବ୍ରାହ୍ମଣ		ବୈଶ୍ୟ ବଣିଆ	କ୍ଷତ୍ରିୟ		ବ୍ରାତ୍ୟ କ୍ଷତ୍ରିୟ	
	ବଙ୍ଗାଳୀ ବ୍ରାହ୍ମଣ	ଓଡିଆ ବ୍ରାହ୍ମଣ	ଜୈନ	ବାଘେଲ ରାଜପୁତ	ଅନ୍ୟାନ୍ୟ ରାଜପୁତ	କରଣ କାୟସ୍ଥ	ମରହଟ୍ଟା
Stature ଉଚ୍ଚତା	1680.30	1643.92	1642.69	1691.86	1684.42	1670.71	1638.14
ନାସିକା ଦୈର୍ଘ୍ୟ	54.20	51.18	53.36	52.74	52.38	54.61	51.36
ନାସିକା ପ୍ରସ୍ଥ	36.58	36.66	37.40	36.90	36.56	37.09	37.14
ନାସିକା ମାନ Nasal Index	67.71	71.81	70.26	70.42	70.03	68.11	72.42

ଆଦିମ ଅଧିବାସୀ (ଅନାର୍ଯ୍ୟ)ଙ୍କ ପରିମାପ----(୨)

	ଭୂମିଜ	କୁଡୁମି	ସାଂତାଳ	ମୁଣ୍ଡା	ଓରାମ୍
Stature ଉଚ୍ଚତା	1592	1600	1614	1589	1621
Nasal length ନାସିକା ଦୈର୍ଘ୍ୟ	46.7	47.2	45.7	44.7	46.2
Nasal Breadth ନାସିକା ପ୍ରସ୍ଥ	40.4	39.6	40.6	40.3	39.8
Nasal Index ନାସିକା ମାନ	86.5	83.8	88.6	89.9	86.1

(1) The Racial Afinities of the people of India- B S Guha Anthropologist ZSI, Edited by JH Hutton ICS(Census Comissioner of India) in Census of India 1931 Vol I Part III A

(2) The People of India By Sir H H Risley ICS cum Anthropologist 1915.

କୁଡୁମି ଜାତିକୁ କ୍ଷତ୍ରିୟ କହି ଭୁଆଁ ବୁଲାଉଥିବା ଲୋକେ ଦେଖିବେକି କୁଡୁମି ଓ କ୍ଷତ୍ରିୟଙ୍କ ମଧ୍ୟରେ ହରାହାରି ଉଚ୍ଚତାର ପାର୍ଥକ୍ୟ ୮୦ମି.ମି.ରୁ ଅଧିକ ଓ ନାସିକାମାନ ର ପାର୍ଥକ୍ୟ ଶତକଡା ୧୩ ଭାଗରୁ ଅଧିକ । କ'ଣ ଏମାନେ ଆର୍ଯ୍ୟ ବଂଶୋଦ୍ଭବ କ୍ଷତ୍ରିୟ ନା ଗୋଟାପଣେ ଆଦିମ ଅଧିବାସୀ ??? ଏ ପରିମାପ ର ପାର୍ଥକ୍ୟ ଆର୍ଯ୍ୟ ଅନାର୍ଯ୍ୟଙ୍କ ରକ୍ତର ମିଶ୍ରଣରୁ ସୃଷ୍ଟି ହୋଇଥିବା ବର୍ଣ୍ଣ ସଙ୍କର ଶୂଦ୍ର ଜାତି ମାନଙ୍କଠାରେ ଫେଲ ମାରିବ । ଘନ ଜଙ୍ଗଲରେ ଆର୍ଯ୍ୟ ସମାଜରୁ ଦୂରରେ ଥାଇ ନିଜ ଜାତିର ରକ୍ତର ବିଶୁଦ୍ଧତା ରକ୍ଷା କରି ପାରିଥିବା ଆଦିମ ଅଧିବାସୀଙ୍କ ଠାରେ ହିଁ ଏ ପାର୍ଥକ୍ୟ ପରିଦୃଷ୍ଟ ହେବ ।

ଅନାର୍ଯ୍ୟ, ନାଗ ଓ ଶୁଦ୍ର :-

ଆର୍ଯ୍ୟଙ୍କ ଆକ୍ରମଣରେ ସମୁଦାୟ ୨,୬୬,୦୦୦ ଅନାର୍ଯ୍ୟ ନିହତ ହୋଇଥିବାର ଋକବେଦରେ ଉଲ୍ଲେଖ ହୋଇଛି । ତଥାପି ଇନ୍ଦ୍ରଙ୍କ ବଜ୍ର ସବୁ ଅନାର୍ଯ୍ୟ ଅସୁରଙ୍କୁ ନିପାତ କରି ପାରିନି । ନିଜର ଧନ ଜୀବନ ମାତୃଭୂମିର ସୁରକ୍ଷା ପାଇଁ ଶହୀଦ ହୋଇଯାଇଥିବା ସେମାନଙ୍କର ଦଳପତି ମାନେ ହେଲେ ବୃତ୍ତାସୁର, ସମ୍ବରାସୁର, ଶୁଷ୍ଣ, ପିପରୁ, କୁୟବ, ମାୟାବୀ, ପରବିଧ, କରଂଜ, ପର୍ଣ୍ଣୟ ଇତ୍ୟାଦି , ଯେଉଁମାନଙ୍କୁ ଋକ୍‌ବେଦ ଏବେବି ମନେ ରଖିଛି ଅବଶ୍ୟ ଖଳନାୟକ ଭାବରେ । କାରଣ ବିରୋଧିମାନଙ୍କୁ କେହିକେବେ ନାୟକର ମର୍ଯ୍ୟାଦା ଦେଇନି , ଠିକ୍ ଯେପରି ଇଂରେଜଙ୍କ ଦୃଷ୍ଟିରେ ନେତାଜୀ ସୁଭାଷ ,ଉଦ୍ଧାମସିଂ, ଭଗତ ସିଂ ଆଦି ଶହୀଦ । ପରାସ୍ତ ହେବା ପରେ ସେମାନଙ୍କ ମଧ୍ୟରୁ କେତେକ ସୈନ୍ଧବ ଉପତ୍ୟକା ଛାଡି ବଣଜଙ୍ଗଲ ମାଳଭୂମି ଗାଙ୍ଗେୟ ଉପତ୍ୟକାକୁ ଚାଲି ଆସିଲେ । ଏହି ଅନାର୍ଯ୍ୟମାନଙ୍କୁ ବିଭିନ୍ନ ସମୟରେ ଦାସ, ଦସ୍ୟୁ, ଅସୁର, ରାକ୍ଷସ, ଦ୍ରାବିଡ, ନାଗ ଓ ପରିଶେଷରେ ଶୂଦ୍ରଭାବରେ ଅଭିହିତ କରାଯାଇଛି ।

ଦାସ :- ପରାସ୍ତ ହେବା ପରେ ଯେଉଁମାନେ ସେ ସ୍ଥାନ ଛାଡି ଆସି ପାରିଲେ ନାହିଁ ସେମାନେ ବାଧ ହୋଇ ଆର୍ଯ୍ୟଙ୍କର ଅନୁଗତ ସେବକ ହୋଇ ଦାସ ହୋଇଗଲେ ।

ଦସ୍ୟୁ :- କେତେକ ପ୍ରତିଶୋଧ ପରାୟଣ ହୋଇ ଆର୍ଯ୍ୟଙ୍କ ଉପରେ ଗରିଲାଯୁଦ୍ଧ , ହତ୍ୟା ଲୁଣ୍ଠନ ଇତ୍ୟାଦି ଜାରି ରଖିଲେ, ସେମାନଙ୍କୁ ଦସ୍ୟୁ କୁହାଗଲା ।

ଅସୁର :- ସୁର ଅର୍ଥ ଦେବତା, ସୁରା ପିବନ୍ତି ଇତି ସୁର । ସୋମରସ ଆଦି ସୁରାପାନ କରୁଥିବାରୁ ସୁର ଦେବତା । ଏହାର ବିପରୀତ ଅସୁର ।

ରାକ୍ଷସ :- ରକ୍ଷୋ ଅହଂ । ଯେଉଁମାନେ ଅନାର୍ଯ୍ୟଙ୍କୁ ରକ୍ଷା କରୁଥିଲେ ।

ଦ୍ରାବିଡ :- ଦ୍ରା (ଦାରୁ) + ବି (ବିର୍=ଜଙ୍ଗଲ) + ଡ଼ (ହୋଡ଼୍ =ମଣିଷ) = ବଣଜଙ୍ଗଲର ମଣିଷ ।

ନାଗ :- ଶତପଥ ବ୍ରାହ୍ମଣ ଅନୁସାରେ ଦୃଶଦ୍ବତୀ ନଦୀକୂଳରୁ ଅଗ୍ନିକୁ ପୂର୍ବ ଦେଶକୁ ଅଣାଯାଇଥିଲା (ଭାସପ୍ରାପ - ୫୯) ଅର୍ଥାତ୍ ଅଗ୍ନି ବା ଯାଜ୍ଞିକ କର୍ମକାଣ୍ଡକୁ

ଆର୍ଯ୍ୟମାନେ ପଶ୍ଚିମରୁ ପୂର୍ବକୁ ଆଣିଥିଲେ । ଆର୍ଯ୍ୟଙ୍କର ବ୍ରହ୍ମାବର୍ତ୍ତ ପରେ ପରେ ପୂର୍ବସ୍ଥ ଗାଙ୍ଗେୟ ଉପତ୍ୟାକାରେ ଦ୍ୱିତୀୟ ଉପନିବେଶ ଆର୍ଯ୍ୟାବର୍ତ୍ତ ଗଢି ଉଠିଥିଲା । ସୈନ୍ଧବ ଉପତ୍ୟକାରୁ ବିତାଡିତ ହୋଇଥିବା ଅନାର୍ଯ୍ୟମାନେ ପୁଣି କ୍ରମେ କ୍ରମେ ଦକ୍ଷିଣସ୍ଥ ମାଳଭୂମିକୁ ବିତାଡିତ ହେଲେ । ଯେଉଁମାନେ ଯାଇପାରିଲେ ନାହିଁ, ସେମାନେ ଶୁଦ୍ର ବା ଦାସ ସଂଖ୍ୟା ବଢାଇଲେ । ଏହି ଅଞ୍ଚଳକୁ କୁହାଗଲା ମଧଦେଶ ବା ମର୍ତ୍ତ୍ୟ । ଉତ୍ତରସ୍ଥ ହିମାଳୟ ଅଞ୍ଚଳକୁ କୁହାଗଲା ସ୍ୱର୍ଗ । ସ୍ୱର୍ଗରେ ମାନସରୋବର ହ୍ରଦ କୈଳାସ କନ୍ଦର ଅବସ୍ଥିତ । ସେହି ଅଞ୍ଚଳରେ ଗନ୍ଧର୍ବ କିନ୍ନର ଆଦିମ ଅଧିବାସୀ ଏବେବି ଅଛନ୍ତି । ଏଣୁ ଧର୍ମରାଜ ଯୁଧିଷ୍ଠିରଙ୍କ ସ୍ୱଦେହରେ ସ୍ୱର୍ଗଯାତ୍ରା ବେଳେ ହିମାଳୟକୁ ଡେଇଁ ଯିବାକୁ ପଡିଥିଲା ।

ଦକ୍ଷିଣସ୍ଥ ମାଳଭୂମି ଅଞ୍ଚଳକୁ କୁହାଗଲା ନାଗଲୋକ ବା ପାତାଳ । ଏଠାକାର ବାସିନ୍ଦା ନାଗବଂଶୀୟ ଅନାର୍ଯ୍ୟଙ୍କୁ ପାତାଳବାସୀ ସର୍ପ ରୂପରେ ପୁରାଣ ମାନଙ୍କରେ ବର୍ଣ୍ଣନା କରାଗଲା । ନାଗକନ୍ୟା ମାନଙ୍କର ଉର୍ଦ୍ଧାଙ୍ଗ ମଣିଷ ପରି ଓ ନିମ୍ନାଙ୍ଗ ସର୍ପପରି କଳ୍ପନା କରାଗଲା । ଆର୍ଯ୍ୟ ସହିତ ଅନାର୍ଯ୍ୟ ନାଗମାନଙ୍କର ସାମୟିକ ରକ୍ତର ମିଶ୍ରଣ ହୋଇ ଆସୁଅଛି । ଭୀମ ଓ ନାଗକନ୍ୟା ବୈଲାଳୀର ପୁତ୍ର ବୈଲାଳସେନି, ଭୀମ ହିଡମ୍ବୀ ରାକ୍ଷସୀର ପୁତ୍ର ଘଟୋତ୍କଚ, ଅର୍ଜୁନ ନାଗକନ୍ୟା ଉଲୁପିର ପୁତ୍ର ନାଗାର୍ଜୁନ, ବବ୍ରୁବାହାନ ଆଦିଙ୍କର ବୀରତ୍ୱ, ତ୍ୟାଗ ମହାଭାରତ ଏବେବି ମନେ ରଖିଛି ।

ଦାକ୍ଷିଣାତ୍ୟ ମାଳଭୂମି(ନାଗଲୋକ)ର ଆଦିମ ଅଧିବାସୀମାନଙ୍କର ବଂଶ ବା ଖିଲି ବା ଟୋଟେମ୍ ଗୁଡିକରେ ନାଗବଂଶ ପ୍ରାୟ ସମସ୍ତ ଜାତିଠାରେ ଦେଖାଯାଏ । ଏମାନଙ୍କର ଦଳପତି ନାଗରାଜା ମାନଙ୍କୁ ନାଗସ୍ୟ ଗୋତ୍ରୀ ରୂପେ କ୍ଷତ୍ରୀୟ ବର୍ଣ୍ଣରେ ସମାହିତ କରାଇ ନିଆଯାଇଛି, (କ୍ଷତ୍ରିୟଙ୍କ ଗୋତ୍ର ଦ୍ରଷ୍ଟବ୍ୟ) । ଏହି ନାଗମାନେ ହିଁ ସିନ୍ଧୁ ଅଞ୍ଚଳରେ ନଗର ସଭ୍ୟତା ବିକାଶ କରିଥିଲେ । ନାଗରୁ ନଗର, ନାଗରୀକ ଶବ୍ଦର ଉତ୍ପତ୍ତି ହୋଇଛି ।

କୁଡୁମିଙ୍କ ମଧ ନାଗବଂଶ ରହିଛି । ଏମାନଙ୍କର ମାତୃଭାଷା କୁଲ୍‌ମାଲୀରେ ଏମାନଙ୍କୁ କଟାକ୍ଷ କରି ଏକ ପ୍ରବାଦ ବାକ୍ୟ ରହିଛି -

ଢଅଁଲ୍ (ଧଣ୍ଡ) କୁଲ୍‌ମି ଲେଟେପେଟେ
ଢଅଁଲ୍ ସାମାଇଲ (ପଶିଲା) ପେଟେପେଟେ ।

ଅର୍ଥାତ୍ ନାଗମାନଙ୍କ ମଧରେ କୁଡୁମି ଧଣ୍ଡ ସାପପରି ବିଷହୀନ ନିରୀହ, ଏଣୁ ଅଧିକାଂଶ କ୍ଷେତ୍ରରେ ଏମାନେ ଲାଞ୍ଛିତ ପ୍ରତାଡିତ ହେବାର ଦେଖାଯାଏ ।

ଶୂଦ୍ର :- ବ୍ୟାଖ୍ୟାକାର ବାଦରାୟଣଙ୍କ ମତରେ ଶୂ-ଶୋକରେ, ଦ୍ର-ଦୌଡି ପଳାଉଥିବା, ଅର୍ଥାତ୍ ଆର୍ଯ୍ୟଙ୍କ ଆକ୍ରମଣରେ ପରାସ୍ତ ହୋଇ ଯେଉଁମାନେ ଶୋକରେ ଦୌଡି ପଳାଇଗଲେ ସେମାନେ ଶୂଦ୍ର । ତୈତେରୀୟ ବ୍ରାହ୍ମଣ (୩/୨/୩-୯, ୧/୨୬/୭) ଅନୁସାରେ ଅସୁରଙ୍କ ଠାରୁ ଶୂଦ୍ରର ଓ ସୁରଙ୍କଠାରୁ ବ୍ରାହ୍ମଣ କ୍ଷତ୍ରିୟ ଆଦି ଆର୍ଯ୍ୟଙ୍କ ଉତ୍ପତ୍ତି ।

ଆର୍ଯ୍ୟଙ୍କ ଗୋତ୍ର

(୧) ବ୍ରାହ୍ମଣଙ୍କ ଗୋତ୍ର

ସ୍ଥାନଭେଦରେ ବ୍ରାହ୍ମଣ ଜାତିର ବିଭିନ୍ନ ନାମ :- ବ୍ରାହ୍ମଣ, ବାମନ୍, ବିପ୍ର, ଦ୍ୱିଜ, ଠାକୁର, ଶର୍ମା, ଦେବଶର୍ମା, ଭୂଦେବ, ଭୂସୁର, ଅଗ୍ରଜ, ମହାରାଜଜୀ, ବାବାଜୀ, ଗୋସାଇଁଜୀ। ଉପଜାତି- ବୈଦିକ, ଶ୍ରୋତ୍ରିୟ ।

ଗୋତ୍ର-

ଅଗ୍ନିବେଶ	କାତ୍ୟାୟନ	ଜାବାଳି	ଭରଦ୍ୱାଜ	ହରିତ
ଅଙ୍ଗିରସ	କାଶ୍ୟପ	ଜୈମିନୀ	ଭାର୍ଗବ	
ଅଣବୃକ୍ଷାକ	କୁଶଲ	ତୈତେରୀୟ	ମୌଦଗଲ୍ୟ	
ଅତ୍ରି/ଆତ୍ରେୟ	କୃଷ୍ଣାତ୍ରେୟ	ଦତ୍ତାତ୍ରେୟ	ମୌନସ	
ଅଗସ୍ତ୍ୟ	କଲଭିଶ	ପରାଶର	ଯାଜ୍ଞବଲ୍କ	
ଆବ୍ୟା	କୌଣ୍ଡିଲ୍ୟ	ପୌଲସ୍ତ୍ୟ	ଯାମଦଗ୍ନ୍ୟ	
ଆଲମ୍ୟ	କୌଶିକ	ବଶିଷ୍ଠ	ରଥିତାରା	
ଉପମନ୍ୟ	ସ୍ୱଣ୍ଡ କୌଶିକ	ବତ୍ସା	ରୋହିତ	
ଉଦାଳକ	ରଜତ କୌଶିକ	ବ୍ୟାଘ୍ରପାଦ	ସକ୍ରୁତ୍ତ	
ଋକ୍ଷବ	ଘୃତ କୌଶିକ	ବିଶ୍ୱାମିତ୍ର	ସଂକୃତି	
ଔତଥ୍ୟ	କୌଣ୍ଡିଲ୍ୟ କୌଶିକ	ବିଷ୍ଣୁ	ସାବର୍ଣ୍ଣ	
କଣ୍ୱ	କୋସ୍ୱସା	ବୃଦ୍ଧ	ସାଣ୍ଡିଲ୍ୟ	
କପିଳ	ଗାର୍ଗ୍ୟ	ବୃହସ୍ପତି	ସୁନକ	
କପିଞ୍ଜନ	ଗୌତମ	ବୈଜାମପାଦ୍ୟ	ସୌକ୍ଳିନ	
କାଂଚନ	ଜାତୁକର୍ଣ୍ଣ	ବୈଶମ୍ପାୟନ	ସୌପାୟନ	

(୨)କ୍ଷତ୍ରିୟ, ରାଜପୁତ, ଛତ୍ରି, ଛେତ୍ରିଙ୍କ ଗୋତ୍ର

କୌଶିକ	ପରାଶର	ବତ୍ସ୍ୟା	ଭରଦ୍ୱାଜ	ନାଗସ୍ୟ
କାଶ୍ୟପ	ପ୍ରସିଦ୍ଧ	ବାଘ୍ରପାଦ	ସାଣ୍ଡିଲ୍ୟ	

(୩)ବୈଶ୍ୟଙ୍କ ଗୋତ୍ର

କାତ୍ୟାୟନ	କାଶ୍ୟପ	ଆଲମ୍ୟ (ଆଲିମନ୍)	ମଧୁକୂଳୀୟ	ସାଣ୍ଡିଲ୍ୟ

ଅନାର୍ଯ୍ୟ / ଆଦିମ ଅଧିବାସୀଙ୍କ ବଂଶ ବା ଖିଲି ବା ଟୋଟେମ୍

ଭୂୟାଁ - ଏ ଜାତି ଜଳଚଳ ଆଦିବାସୀ

ଉପଜାତି- ମାଲ/ଦେଶି ଭୂୟାଁ, ପାହାଡି, ଦଣ୍ଡସେଣା, ଖାଟି, ରାଜକୁଳୀ ।

ଓଡିଶା, ପଶ୍ଚିମବଙ୍ଗ, ଝାଡଖଣ୍ଡର ଭୂୟାଁଙ୍କର ବଂଶ (Totem)

ଅସୁର	ଚାମ୍ପିଆର	କାନ୍ଦନୀ	ଲୋଟା	ରାଇ
ବାଗାଲି	ଚିଲ୍ଲା(ଗୁଣ୍ଡୁଚିମୂଷା)	କାନ୍ଛୁଇ	ନାଗ	ରଣାଙ୍ଗି (ରଣାସାପ)
ବଲିଆର	ଗୋଲାରୀ	କେନ୍ଦୁଆରୀ	ନାରଗି	ସାନି
ବାଣିନି	ଜଗନ୍ଧା	କେରୁରୀ	ନାଗରୀ	ସତାଦି
ବାଙ୍କା	ଜଗରାଲି	କିହାର	ଚନାଆହ୍	ସିନହି
ବାଙ୍କିଆର	କଚ୍ (କଛିମ)	କୁସୁମ	ପାଚୋଆଲ୍	
ବାନୁଇ	କାଲିଆର	କୁଟାର	ପାନ୍ଶି	

ଭୂମିଜଙ୍କ ବଂଶ :-

ହାନସାଦ୍-ହଂସ	କାଶ୍ୟବ (କଛିମ)	ଶେଉଳ-ମାଛ	ଲେଙ୍ଗ-ଛତୁ
ହେମ୍ବ୍ରମ-ପାନପତ୍ର	ନାଗ	ସାଣ୍ଡିଲ୍ୟ(ପକ୍ଷୀ)	ଟୁମାରଙ୍ଗ-ବୋଇତାଳୁ

କୁଡୁମିଙ୍କ ବଂଶ ବା ଟୋଟେମ୍ :-

ବଂଶର ନାମ	ମୂଳ କୁଲ୍‌ମାଲୀ ଶବ୍ଦ	ଓଡିଆ ଶବ୍ଦ	ବିଧି/ନିଷେଧ
୧-ଆଞ୍ଜୁରଆର୍			
୨-ଅଖରିଆର୍			
୩-ଅସୁରଆର	ଅସୁର ଏକ ଜାତିର ନାଆଁ		
୪-ଆଁଖରିଆର୍	ଆଁଖ -ଆଖୁ		ଆଖୁଚାଷ ଓ ଖାଇବା ନିଷେଧ
୫-ଆଁଧ ଚବରା	ଆଁଧ		ଅନ୍ଧଦଉଡି ଚମଡା ଅନ୍ଧର ବ୍ୟବହାର କରନ୍ତି ନାହିଁ
୬-ଆଁଧିଚିପା/ଆଁଧିପାର			
୭-ଉଁଧିଆର	ଉଁଧି -ବାମ୍ପପିଠା		ବାମ୍ପ ପିଠା କରନ୍ତି ନାହିଁ
୮-ଉଖୁରିଆର	ଉଖୁଣୀ		ଧାନ ବେଙ୍ଗଲାରେ ଉଖୁଣୀର ବ୍ୟବହାର ନିଷେଧ ।
୯-କଇରଅଆର	କଇରା-କଦଳୀ		କଦଳୀଗଛ କାଟନ୍ତି ନାହିଁ ଖାଆନ୍ତି ନାହିଁ ।
୧୦- କରକୁଆର	କରକୁ-କଙ୍କଡା ବିଛା		ମାରନ୍ତି ନାହିଁ ।
କ) ସାଁଚି କରକୁଆର			ଲାଲ କଙ୍କଡା ବିଛା ମାରନ୍ତି ନାହିଁ ।
ଖ) କାରୀ କରକୁଆର			କଳା କଙ୍କଡା ବିଛା ମାରନ୍ତି ନାହିଁ ।
୧୧- କଲରହଆର/କଣ୍ଡରଆର			କଲହର କଣ୍ଟା ଗଛ କାଟନ୍ତି ନାହିଁ ।
୧୨- କଲରୁଆର	କଲରୁ-ଦହି		ପୂଜାରେ ଦୁଧ ପରିବର୍ତ୍ତେ ଦହି ବ୍ୟବହାର କରନ୍ତି ।
୧୩-କହଁଲଆର	କହଁଲା-ବୋଇତାଳୁ କଷି		ଖାଆନ୍ତି ନାହିଁ ।

୧୪-କଳିଆର　　କଳି କଉଡି　　ବ୍ୟବହାର କରନ୍ତି ନାହିଁ ।

୧୫-କଦମିଆର　　କଦମ୍-କଦମ୍ବ ଗଛ　　କାଟନ୍ତି ନାହିଁ , ଫଳ ଖାଆନ୍ତି ନାହିଁ ।

୧୬-କାଇଳଆର/କାଳୁଆର　　କାଳୁଆ-ପଣ୍ଡା, ମୂହିଷ ମହିଷକୁ ପୂର୍ବ ପୁରୁଷ ମାନନ୍ତି ଶ୍ରଦ୍ଧାକରନ୍ତି ।

କ) କାଳାକାଟା କାଳୁଆର　　ଧରମ ପୂଜାରେ ପଣ୍ଡା ବଳୀ(ଏକ ବ୍ୟତିକ୍ରମ)

ଖ)ସିକାକାଟା କାଳୁଆର

ଗ)ଟାକା/ପୈସାକାଟା କାଳୁଆର

ଘ) ଆଁଧଚାବାର କାଳୁଆର

ଙ)ଝାଣ୍ଟିକାଟା କାଳୁଆର

ଚ)ବାଡିଲ୍ୟ କାଳୁଆର

୧୭-କାଇଟୁର　　କଟାସ ମାରନ୍ତି ନାହିଁ ।

୧୮-କାଁଚିଆର　　ବାନ୍ଦନା ପରବରେ କାଁଚି ଦେଉରୀ ବ୍ୟବହାର କରନ୍ତି ନାହିଁ ।

୧୯ କାଛିମାର/ କାଛୁଆର　　କଛିମ ମାରନ୍ତି ନାହିଁ, ଖାଆନ୍ତି ନାହିଁ, ପାଇଲେ ତେଲସିନ୍ଦୁରଦେଇ ପାଣିରେ ଛାଡନ୍ତି ।

୨୦-କାଦିମାର　　କାଦ ଖୁଞ୍ଚି ଚଢେଇ ମାରନ୍ତି ନାହିଁ ।

୨୧- କାଛାଡୁବା

୨୨-କାନ ବିନ୍ଧା/ କାନବେଧ　　ପୁରୁଷଙ୍କର ମଧ୍ୟ କାନ କଣା କରିବା ଅପରିହାର୍ଯ୍ୟ ।

୨୩-କାଂସରୋଆର　　କାଂସ-କଂସାର ବ୍ୟବହାର କରନ୍ତି ନାହିଁ ।

୨୪- କୁଦିଆର

୨୫-କୁନ୍ଦୁରିଆର　　ବଣ କୁନ୍ଦୁରି　　ଖାଆନ୍ତି ନାହିଁ ।

୨୬-କୁଁଳିଆର　　କୁଁଳି　　ବ୍ୟବହାର କରନ୍ତି ନାହିଁ ।

୨୭-କେଙ୍କଲୁଆର　　କଙ୍କଡା　　ମାରନ୍ତି ନାହିଁ , ଖାଆନ୍ତି ନାହିଁ ।

କ) ସାଁଚି କେଙ୍କଲୁଆର　　ଲାଲକଙ୍କଡା　　ମାରନ୍ତି ନାହିଁ , ଖାଆନ୍ତି ନାହିଁ ।

ଖ) ଦୁଧ୍ କେଙ୍କଲୁଆର　　ଧଳା କଙ୍କଡା　　ମାରନ୍ତି ନାହିଁ , ଖାଆନ୍ତି ନାହିଁ ।

ଗ)ଭେଲୁ କେଙ୍କଲୁଆର　　କଳା କଙ୍କଡା　　ମାରନ୍ତି ନାହିଁ , ଖାଆନ୍ତି ନାହିଁ ।

୨୮-କେଟରିଆର　　କେଟର-କଠୁଆ　　ବ୍ୟବହାର କରନ୍ତି ନାହିଁ ।

୨୯-କେଟିଆର　　ଟସର

କ)ଗୁଟି କେଟିଆର　　ଟସର କୋଷା　　ସିଝାନ୍ତି ନାହିଁ ।

ଖ)କାଟିଆ କେଟିଆର　　ଟସର ଲୁଗା　　ବ୍ୟବହାର କରନ୍ତି ନାହିଁ ।

ଗ)ସାଁଚି କେଟିଆର

ଘ)କାନଛିଡା କେଟିଆର

ଙ)ଝାଣ୍ଟିକାଟା କେଟିଆର

ଚ) ପେଚା କେଟିଆର

୩୦- କେଳରଆର	କେଳରତୃଣବିଶେଷ	ବ୍ୟବହାର କରନ୍ତି ନାହିଁ।
୩୧-କେଶରୀଆର	କେଶରଘାସ ଓ ତାରମୂଳଆଳୁ	ବ୍ୟବହାର କରନ୍ତି ନାହିଁ ,ଖାଆନ୍ତି ନାହିଁ।
କ)କେଂଚା କେଶରୀଆର		
ଖ)ଗୁଆ କେଶରୀଆର		
ଗ)ପେଂଚା କେଶରୀଆର		
ଘ)ସୁଝଆ କେଶରୀଆର		
୩୨-ଖାରିଆର		
୩୩- ଖୁରୁଆର	ଖିରା -କାକୁଡି	ଖାଆନ୍ତି ନାହିଁ।
୩୪-ଖେଁଖୁଆର	ଖେଁଖଶିଆଳ	କୋକିଶିଆଳ ମାରନ୍ତିନାହିଁ।
୩୫-ଖେଳରଆର/ଖେଳୁଆର	ଖେଳର-ଛଣ ଘାସର ବ୍ୟବହାର ନିଷେଧ।	
୩୬-ଖେଲ୍ହୁଆର	ଖେଲ୍ହା-ଠେକୁଆ	ମାରନ୍ତି ନାହିଁ , ଖାଆନ୍ତି ନାହିଁ।
୩୭-ଖେସୁଆର	ଧାନ ?	
୩୮-ଗଳରିଆର	ଗଳରିମାଛ	ଧରନ୍ତି ନାହିଁ, ଖାଆନ୍ତି ନାହିଁ।
୩୯-ଗସୁର		
୪୦-ଗାଂଧାରିଆର	ଗାଂଧାରି ଶାଗ	ଖାଆନ୍ତି ନାହିଁ।
୪୧-ଗୁଳରିଆର	ଗୁଳରି -ଗୁଣ୍ଡୁରୀ ପକ୍ଷୀ	ମାରନ୍ତି ନାହିଁ , ଖାଆନ୍ତି ନାହିଁ।
୪୨-ଗୁଲିଆର	ଗୁଲି-ବାଟୁଲୀ	ବ୍ୟବହାର କରନ୍ତି ନାହିଁ।
୪୩-ଗେଁଠିଆର	ଗେଁଠି	ଖାଆନ୍ତି ନାହିଁ।
୪୪-ଗେରୁଆ	ଗେରୁଆ ପଥର	ବ୍ୟବହାର କରନ୍ତି ନାହିଁ।
୪୫-ଗୋଡୁର		
୪୬-ଘଂଗୁଆର	ଘଂଗା	ଖାଆନ୍ତି ନାହିଁ।
୪୭-ଘୋଡିଆର/ ଘଳାରିଆର		ଘୋଡା ଚଢନ୍ତି ନାହିଁ।
୪୮-ଚାଉଁରିଆର	ଚାଉଁରା-ଚଉରା	ବ୍ୟବହାର କରନ୍ତି ନାହିଁ।
୪୯-ଚିଳୁଆର	ଚିଳୁ-ଚିଡରା	ଗୁଣ୍ଡୁ ଚିମୂଷା ମାରନ୍ତି ନିହଁ।
୫୦-ଚିମ୍‌ଟି ବେଗୁଆର	ଚିମ୍‌ଟି-ପିମ୍ପୁଡି	ମାରନ୍ତି ନାହିଁ।
୫୧-ଚିଲୁଆର		ଚିଲ ମାରନ୍ତି ନାହିଁ।
୫୨-ଚିଲ ବିନ୍ଧା		ଚିଲ ମାରନ୍ତି ନାହିଁ।
୫୩-ଚିଲରୋଆର		ଚିଲ ମାରନ୍ତି ନାହିଁ।
୫୪-ଚିଲବିନୁଆର		ଚିଲ ମାରନ୍ତି ନାହିଁ।
୫୫-ଚିଲମୋହରା		ଚିଲ ମାରନ୍ତି ନାହିଁ।
୫୬-ଚୁଟୁରିଆର	ଚୁଟୁରୀ-ଚୁଟିଆ ମୂଷା	ମାରନ୍ତି ନାହିଁ।
୫୭-ଚୋରହାରୁଆ		

୫୮ - ଜୁଇଁଆର ଜୁଇଁଆ/ଲହାଚିମ୍‌ଟି-ଉଖୁଣୀ ମାରନ୍ତି ନାହିଁ ।

୫୯ -ଜୁମଆର ଜୁମରୀ-ଗେଣ୍ଡଗେଣ୍ଡାରୀ ପୋକ ମାରନ୍ତିନାହିଁ ।

୬୦-ଜୁରୁଆର/ଜୋରୋଆର କାନଗେଜେରୀ ପୋକ ମାରନ୍ତି ନାହିଁ ।

କ)କୋଇଲିଜୁରୁଆର

୬୧-ଜେଂଗଟିଆର ଜେଂଗଟି-ଜୁଲୁଜୁଲିଆପୋକ ମାରନ୍ତି ନାହିଁ ।

୬୨-ଝିମିରିଆର ମାଛଧରା ଝିମ୍‌ରୀ ବ୍ୟବହାର ନିଷେଧ ।

୬୩-ଟୁଡୁ ଟୁଡୁ-ଟ୍ରୋଟ କଛିମ ମାରନ୍ତି ନାହିଁ, ଖାଆନ୍ତି ନାହିଁ ।

୬୪-ଟିଲୁଆର (କ)ଟିଲ୍ ଟିଲୁଆର-ପଙ୍ଗପାଳ ମାରନ୍ତି ନାହିଁ ।

(ଖ)ଫଲିଙ୍ଗ ଟିଲୁଆର-ଝିଣ୍ଟିକା ମାରନ୍ତି ନାହିଁ ।

୬୫-ଡଙ୍ଗୁଆର ଡଙ୍ଗି-ଗୋରୁଦାନା ଡଙ୍ଗା ବ୍ୟବହାର କରନ୍ତି ନାହିଁ ।

୬୬-ଡୁଙ୍ଗ ରିଆର ଡୁଙ୍ଗରୀ-ପାହାଡ

(କ) ମାକା ଡୁଙ୍ଗରିଆର ଉଇହୁଙ୍କା ଭାଙ୍ଗନ୍ତି ନାହିଁ ।

(ଖ)ମୌଲ୍ ଡୁଙ୍ଗରିଆର ମୌଲ୍-ମୁକୁଟ ବିବାହ ଆଦିରେ ବ୍ୟବହାର ନିଷେଧ ।

୬୭-ଡୁମରିଆର ଡୁମରି- ଡିମିରିଫଳ ଖାଆନ୍ତି ନାହିଁ , ଗଛ କାଟନ୍ତି ନାହିଁ ।

(କ) ଟଂକି ପିଟା ଡୁମରିଆର

(ଖ) ଘୋଦ ଡୁମରିଆର ଘୋଦ-ପେଛା ଡିମିରି ଖାଆନ୍ତି ନାହିଁ ।

୬୮ -ତିତିରିଆର (କ)ଫାଇଁସ୍ ତିତିରିଆର- ଫାସ ଧରା ତିତିରି ଚଢେଇ ଖାଆନ୍ତି ନାହିଁ ।

(ଖ)ଜାଲ ତିତିରିଆର-ଜାଲଧରା ତିତିରି ଚଢେଇ ଖାଆନ୍ତି ନାହିଁ ।

୬୯ -ତୁଣ୍ଡୁଆର ବୃକ୍ଷ ବିଶେଷ କାଟନ୍ତି ନାହିଁ ।

୭୦-ଦାଗରିଆର ନିଜ ପିଲାଙ୍କୁ ଦାଗ ଦିଅନ୍ତି ନାହିଁ ।

୭୧-ଦୁରୁଆର (କ)ରାଜ ଦୁରୁଆର-ରାଜବେଙ୍ଗ ମାରିବା, ଖାଇବା ମନା ।

(ଖ)ଟୁରୀ ଦୁରୁଆର-ଟୁରୀ ବେଙ୍ଗ "

୭୨-ଧାନ/ ଧାନୁଆର ବେଙ୍ଗାଧାନ ଚାଷ କରନ୍ତି ନାହିଁ କି ସେ ଚାଉଳ ଖାଆନ୍ତି ନାହିଁ ।

୭୩-ନାଗ/ ନାଗୁଆର ଗୋଖର ସାପ ମାରନ୍ତି ନାହିଁ , ପୂଜା କରନ୍ତି ।

୭୪-ନଉଆ କୁଳି/ନୂଆକୁଳି ଏକ ନୂଆ କୂଳ ବା ବଂଶ ?

୭୫-(କ)ନାଂଗଟୁଆର ନାଂଗଟୁ-ଲଙ୍ଗଳା ପ୍ରଥମ ଅନ୍ନ (ମୁଁହଜୁଠା) ଛୁଆଙ୍କୁ ଲଙ୍ଗଳାରେ ଖାଇବାକୁ ଦିଆଯାଏ ।

(ଖ)ଝାଟିଡେଗା ନାଂଗଟୁଆର "

୭୬-ନେଲୁଆର ନେଉଳ ମାରନ୍ତି ନାହିଁ ।

୭୭-ପାଁକଳୁଆର/ପାଁକଇଲଆର ପାକଇଲ୍ ଫଳ ଖାଆନ୍ତି ନାହିଁ , ଗଛ କାଟନ୍ତି ନାହିଁ ।

୭୮ -ପାଁଲୁରିଆର ପାଲୁର ବାଡି ବ୍ୟବହାର କରନ୍ତି ନାହିଁ ।

୭୯- (କ)ପଣକିଆର ପଣକି କପୋତ ମାରନ୍ତି ନାହି, ଖାଆନ୍ତି ନାହିଁ ।

(ଖ)ଫାଇସ ପଣକିଆର ଫାସଧରା କପୋତ ଖାଆନ୍ତି ନାହିଁ ।

୮୦-ପାନୁଆର ସ୍ତ୍ରୀ ମାନେ ଫୁଲ ବା ଫିତା ମୁଣ୍ଡରେ ପିନ୍ଧନ୍ତି ନାହିଁ ।

୮୧-ପୁନରିଆର ପୁନରି ବଣ ପୋଇ ଖାଆନ୍ତି ନାହିଁ ।

(କ)ପିତା ପୁନରିଆର ପୋଇ ପତ୍ର ଖାଆନ୍ତି ନାହିଁ ।

(ଖ) ପଇନା ପୁନରିଆର ପୋଇ ଖଡା ଖାଆନ୍ତି ନାହିଁ ।

(ଗ)ଅନଛିପା ପୁନରିଆର

(ଘ)ଆଂଧିଚିପା ପୁନରିଆର

(ଙ)ଚିଲ ବିନ୍ଧା ପୁନରିଆର

(ଚ)ଛୋଲାକାଟା ପୁନରିଆର

୮୨-ବକାସୁର

୮୩-ବକୁଆର (କ) କେଶ୍ ବକୁଆର- କେଶ ବଗ ମାରନ୍ତି ନାହିଁ ।

(ଖ)ଚୁଂଘି ବକୁଆର- ଚୁଂଘି ବଗ ମାରନ୍ତି ନାହିଁ ।

୮୪-ବାଗାଲିଆର

୮୫-ବାଘୁଆର/ବାଘସରିଆ/ବାଗ୍ଆରା- ବାଘମାରନ୍ତି ନାହିଁ ।

୮୬-ବନ୍ ସୁଆର ଶିଆଳ ମାରନ୍ତି ନାହିଁ ।

୮୭-ବନ୍ ଶିଆର ବରାହ ମାରନ୍ତି ନାହିଁ ।

୮୮-ବଂଶରିଆର ବଂଶୀ/ ବାଉଁଶ ବଂଶୀ ବଜାନ୍ତି ନାହିଁ ।

(କ)ବାଂଶବଂଶରିଆର ବାଉଁଶ କାଟନ୍ତି ନାହିଁ ।

(ଖ)କରିଲ ବଂଶରିଆର ବାଉଁଶ କରଡି ଖାଆନ୍ତି ନାହିଁ ।

(ଗ)ରୋପା ବଂଶରିଆର ବାଉଁଶ ଲଗାନ୍ତି ନାହିଁ ।

(ଘ)ଝାପା ବଂଶରିଆର

(ଙ)ଝାଳ ବଂଶରିଆର

(ଚ)ଡାଇଲ ବଂଶରିଆର

(ଛ) ସଁଲହା ବଂଶରିଆର

(ଜ) ବାଂଶି ବଂଶରିଆର ବାଂଶି- ବଇଁଶି ବଜାନ୍ତି ନାହିଁବଂଶୀସ୍ୱନରେ ଖାଇବା ବନ୍ଦ କରନ୍ତି ।

୮୯-ବାନ୍ଦୁଆର ବାନ୍ଦା- ଗେଣ୍ଡୁ ଫୁଲ ବ୍ୟବହାର କରନ୍ତି ନାହିଁ ।

୯୦- ବାଛେରଦୟାର

୯୧-ବାନୁଆର ଶିକାରୀ

୧)କୋୟା ବାନୁଆର - ବନ୍ୟକୁକୁର ଶିକାର କରନ୍ତି ନାହିଁ ।

୨)ଗୋୟଲ ବାନୁଆର- ଗୋଧି ଶିକାର କରନ୍ତି ନାହିଁ ।

୩) ଘୋଲା ବାନୁଆର ଘୋଲା-ଘୋଡା ଚଢନ୍ତି ନାହିଁ ।

୪) ଜାଲ ବାନୁଆର -ଜାଲଦ୍ୱାରା ପଶୁ ଶିକାର ବା ଜାଲର ବ୍ୟବହାର ନିଷେଧ ।

୫) ବରାହ ବାନୁଆର -	ବରାହ ଶିକାର କରନ୍ତି ନାହିଁ।
୬) ବାଘ ବାନୁଆର -	ବାଘ ଶିକାର କରନ୍ତି ନାହିଁ।
୭) ବାଁବି ବାନୁଆର
୮) ବିରହଲ ବାନୁଆର	ବଣମଣିଷ/ହନୁ ଶିକାର କରନ୍ତି ନାହିଁ।
୯) ଭାଲୁକ୍ ବାନୁଆର ଭାଲୁକ୍-ଭାଲୁ ଶିକାର କରନ୍ତି ନାହିଁ।
୧୦) ମାଁକଲ ବାନୁଆର	ମାଙ୍କଡ ଶିକାର କରନ୍ତି ନାହିଁ।
୧୧) ସାଇଁଠ ବାନୁଆର
୧୨) ସାରଇ ଅନୁଲା ବାନୁଆର ଶାରୀପକ୍ଷୀ ଶିକାର କରନ୍ତି ନାହିଁ।
୧୩) ଶାଲ ବାନୁଆର -ମତ୍ସ୍ୟବିଶେଷ ଶିକାର କରନ୍ତି ନାହିଁ, ଖାଆନ୍ତି ନାହିଁ।
୧୪) ହାଥି ବାନୁଆର -	ହାତୀ ଶିକାର କରନ୍ତି ନାହିଁ।
୧୫) ସରଗିଉଲା ବାନୁଆର

୯୨-ବାସା/ବାସାଗିଆର -	ସିକରା ପକ୍ଷୀ ମାରନ୍ତି ନାହିଁ।
୯୩-ବୁନ୍ଦିଆର	ବୁନ୍ଦି-ବଡନିଆଁ	ବଡକାଠର ନିଆଁ ବ୍ୟବହାର କରନ୍ତି ନାହିଁ।
୯୪-ବିଲାର/ବିଲାରୀଆର ବିଲାର-	ବିରାଡି ମାରନ୍ତି ନାହିଁ।
୯୫-ବେଦିଆର	ବେଦିଆ-ଏକ ଜାତିରୁ ନିଷ୍ପନ୍ନ
୯୬-ବେମୁଆର	(କ)ଥଲା ବେମୁଆର-କାଇ/କୁର୍କୁଟିର ବସା ଭାଙ୍ଗନ୍ତି ନାହିଁ।
(ଖ)ଚିମ୍‌ଟି ବେମୁଆର-କାଇ/କୁର୍କୁଟିକୁ ମାରନ୍ତି ନାହିଁ।
୯୭-ବେଲୁଆର	ବେଲ୍ ଫଳ ଖାଆନ୍ତି ନାହିଁ, ଗଛ କାଟନ୍ତି ନାହିଁ।
୯୮-ବେହଲୁଆର	ବାହାଡା ଫଳ ଖାଆନ୍ତି ନାହିଁ, ଗଛ କାଟନ୍ତି ନାହିଁ।
୯୯-ଭୋକୋମାର/ଭୋକୱାର
୧୦୦-ମଗର/ମଗୁଆର	କୁମ୍ଭିର ମାରନ୍ତି ନାହିଁ।
୧୦୧-ମନ୍ତ୍ରୋୟାର
୧୦୨-ମାନୁଆର/ମାନଗ୍ରିଆର	ସାଁଅର ହରିଣ ମାରନ୍ତି ନାହିଁ, ଖାଆନ୍ତି ନାହିଁ।
୧୦୩- (କ) ମୁଡ଼ରୁଆର	କାନ୍ଥ ମାଙ୍କଡସା/ବୁଢ଼ୀଆଣି ମାରନ୍ତି ନାହିଁ।
(ଖ)ଛାଁଛ ମୁଡରୁଆର ଛାଁଛ-	ଚାଳର ମାଙ୍କଡସା/ବୁଢ଼ୀଆଣି ମାରନ୍ତି ନାହିଁ।
୧୦୪- ମୁଷୁଆର/ଇନ୍ଦରୁଆର	ମୂଷା ମାରନ୍ତି ନାହିଁ, ଖାଆନ୍ତି ନାହିଁ।
(କ) ସାଁଳ ମୁଷୁଆର	ସାଁଳକା ମୂଷା ମାରନ୍ତି ନାହିଁ, ଖାଆନ୍ତି ନାହିଁ।
(ଖ)ଚାଙ୍ଗ୍ ମୁଷୁଆର	ଚାଉଁରା ମୂଷା ମାରନ୍ତି ନାହିଁ, ଖାଆନ୍ତି ନାହିଁ।
(ଗ) ଭୁଇଁ ମୁଷୁଆର	ଗାତୁଆ ମୂଷା ମାରନ୍ତି ନାହିଁ, ଖାଆନ୍ତି ନାହିଁ।
୧୦୫-ରାଜମୌଲ	ମୌଲ-ମୁକୁଟ ବ୍ୟବହାର କରନ୍ତି ନାହିଁ।
୧୦୬-ରାହେଲୋଆର	ରାହଲ-ହରଡ ଖାଇବା ଓ ଚାଷ ବାରଣ ନିଷେଧ।
୧୦୭-ରିମରିମିଆର

୧୦୮-ସାଘୋଂଆର ସାଘାଂବେହା-ଦ୍ୱିତୀୟ ବିବାହ କରନ୍ତି ନାହିଁ ।

୧୦୯-ସିକୁଆର ସିକାଦାଗ ପୁରୁଷଙ୍କ ହାତରେ ଖଦା ଦାଗ ନିଅନ୍ତି ନାହିଁ ।

(କ) ପାକ୍କା ସିକୁଆର

(ଖ) ସଇଲତା ସିକୁଆର

୧୧୦-ସିଂହୋଆର ସିଂହ ମାରନ୍ତି ନାହିଁ ।

୧୧୧-ଶାଙ୍ଖୁଆର

(କ) ଶଙ୍ଖ ଶାଙ୍ଖୁଆର ଶଙ୍ଖ ଫୁକନ୍ତି ନାହିଁ,ବ୍ୟବହାର କରନ୍ତି ନାହିଁ,ଶଙ୍ଖ ଶବ୍ଦରେ ଖାଇବା ବନ୍ଦ ।

(ଖ) ଶାଙ୍ଖା ଶାଙ୍ଖୁଆର ଶଙ୍ଖ ତିଆରି/ଶାଙ୍ଖା ବ୍ୟବହାର କରନ୍ତି ନାହିଁ ।

(ଗ) ଝୁଠା ଶାଙ୍ଖୁଆର

୧୧୨-ଶିଆର ଶୃଗାଳ ମାରନ୍ତି ନାହିଁ ।

୧୧୩-ଶିଖିଆର ଶିଖି-ମୟୂର ମାରନ୍ତି ନାହିଁ ଖାଆନ୍ତି ନାହିଁ ।

୧୧୪-ଶିଙ୍ଗୋଆର ଶିଙ୍ଗର ବ୍ୟବହାର ନାହିଁ, ଶିଙ୍ଗା ଫୁକନ୍ତି ନାହିଁ ।

୧୧୫-ସନା/ସନାରିଆର ସୁନା ଅଳଙ୍କାର ବ୍ୟବହାର ନିଷେଧ ।

୧୧୬-ହଂସଆର/ହଂସଦଗଲା ହଂସ ମାରନ୍ତି ନାହିଁ/ଖାଆନ୍ତି ନାହିଁ ।

୧୧୭-ହାଁସଦା ଜଙ୍ଗଲୀ ହଂସ ମାରନ୍ତି ନାହିଁ/ଖାଆନ୍ତି ନାହିଁ ।

୧୧୮-ହାଁସଦାଗିଆର ବାଇଲ ହଂସ ମାରନ୍ତି ନାହିଁ/ଖାଆନ୍ତି ନାହିଁ ।

୧୧୯-ହାଁସ୍ତୋଆର କଛିମ ମାରନ୍ତି ନାହିଁ/ଖାଆନ୍ତି ନାହିଁ ।

୧୨୦-ହିନ୍ଦୋୟାର (କ) ସାଂଚି ହିନ୍ଦୋୟାର-ପଥରଚଟା ମାଛ ଖାଆନ୍ତି ନାହିଁ ।

(ଖ) କୁଚିଆ ହିନ୍ଦୋୟାର- କୁଚିଆ ଖାଆନ୍ତି ନାହିଁ ।

୧୨୧-ହେମ୍ରମ/ହେମରାମିଆ - ପାନପତ୍ର ଖାଆନ୍ତି ନାହିଁ ।

୧୨୨-ହେମରାଜ - ଏକ ଗୁଳ୍ମ ବ୍ୟବହାର କରନ୍ତି ନାହିଁ ।

୧୨୩-ହୋମଓ୍ୱାର

୧୨୪-ଲାକ୍‌ଲୁଆର ଲାକ୍‌ଲା- ହେଟାବାଘ ମାରନ୍ତି ନାହିଁ ।

୧୨୫-ଲାଠୋଆର ଲାଠାଚଙ୍ଗା-ଅଠା କାଣ୍ଡିଆ ବ୍ୟବହାର କରନ୍ତି ନାହିଁ ।

୧୨୬-ଲୁଟିଆର(କ) ମମ ଲୁଟିଆର-ଲୁଟିମହୁର ମହମ ବ୍ୟବହାର କରନ୍ତି ନାହିଁ ।

(ଖ) ଗୁଳ୍ ଲୁଟିଆର- ଲୁଟି ମହୁ(ଗୁଡ) ବ୍ୟବହାର କରନ୍ତି ନାହିଁ ଖାଆନ୍ତି ନାହିଁ ।

୧୨୭-ଲେଧରିଆର ଲେଧରୀ- କନ୍ଥା କନ୍ଥା ପିନ୍ଧି ପୂଜା କରନ୍ତି ।

୧୨୮-ଲୋଟାଆର

ଏ ଟୋଟେମ ଗୁଡିକ H.H. Risley ଙ୍କ The Tribes and Castes of Bengal Vol-II, ଲକ୍ଷ୍ମିକାନ୍ତ ମୁତ୍ରୁଆରଙ୍କର ଜନଜାତିର ପରିଚିତ (ହିନ୍ଦି), ହୀରାଲାଲ ଶାଙ୍ଖୁଆରଙ୍କର ଟୋଟେମିକ କୁଲ୍‌ମି(ହିନ୍ଦି), ରାଧାଗୋବିନ୍ଦ ମାହତଙ୍କ 'ଝାରଖଣ୍ଡେର କୁର୍ମି, ଇତିହାସ ଓ ସଂସ୍କୃତିର ଆଲୋକେ' (ବଙ୍ଗଳା) ବହିରୁ ତଥା ନିଜସ୍ୱ ସଂଗୃହିତ ୬ଟି ବଂଶ କଳରୁଆର, କାଂସରୋଆର,

ପାନୁଆର, ସରଗିଉଲା ବାନୁଆର, ହେମରାଜ ଓ ଲେଧରିଆର ସଂକଳିତ ହୋଇଛି। ମାତୃଭାଷା କୁଳ୍‌ମାଲୀ ବ୍ୟତୀତ ଅନ୍ୟ ଭାଷାରେ ଅର୍ଥ କଲେ, କଦର୍ଥ ହେବା ସାର ହୁଏ । ଏଗୁଡିକରେ ଆର୍ ପ୍ରତ୍ୟୟ ମଣିଷ ଅର୍ଥରେ ବ୍ୟବହାର କରାଯାଇଛି ।

ଗଣ୍ଡ ଜାତି :- ଉପଜାତି- ଗଣ୍ଡ,ରାଜଗଣ୍ଡ, ଢୋକାର୍(ମାଙ୍ଗଣ) ଗଣ୍ଡ, ଦୋରୋଆ ଗଣ୍ଡ, ଧ୍ୱରଓ୍ୱେ ଗଣ୍ଡ (ମଧ୍ୟପ୍ରଦେଶ) । ଏମାନଙ୍କର ମାତୃଭାଷାର ନାମଥିଲା ଗଁଳି, ଯାହାକି ଦ୍ରାବିଡ ପରିବାର ଭୁକ୍ତ ଥିଲା, ବର୍ତ୍ତମାନ ବିଲୁପ୍ତ ପ୍ରାୟ । ଏମାନଙ୍କ ଭାଷା ଅନୁସାରେ ଜାତିର ନାମ ଥିଲା ଗଁଳ- ଇଂରାଜୀରେ GOND ଲେଖାଗଲା , କାରଣ 'ଳ' ଉଚ୍ଚାରଣ ପାଇଁ ଇଂରାଜୀ ବର୍ଣ୍ଣମାଳା ଅକ୍ଷମ । ତେଣୁ ଓଡିଶାରେ ବର୍ତ୍ତମାନ ଏ ଜାତିର ନାମ ଗଣ୍ଡ । ଏମାନେ ଅଚଳ ଆଦିବାସୀ ।

ଗଣ୍ଡ ଜାତିର ବିଭିନ୍ନ ବଂଶ :-

				ଓଡିଶାରେ
ବାଘ		ହୋଂତି -ମତ୍ସ ବିଶେଷ	ମହାନନ୍ଦିଆ	୧ଦିଆ } ପ୍ରାୟ ନାହାନ୍ତି,
ବାଘେଲ		ଜଗ୍‌ଚା-ପଣ୍ଡା	ମାରାଇ	୨ ଦିଆ } ମୁସଲମାନ ହୋଇ
ଭେସରା	ପକ୍ଷୀ	ଜଗଦ୍-	ମୋତି	ଯାଇଥିବାର ସମ୍ଭାବନା ।
ଭେଁସା	ମଇଁଷି	ଜୟପୁରିଆ-	ନଇତମ(କଚ୍ଛିମ)	୩ ଦିଆ- ବାଘ -ବଶିଷ୍ଠ
ବୋଲ୍	ନଦୀମାଛ	କଛୁଆ-	ପାଚିଆ	୪ ଦିଆ- କଚ୍ଛିମ —
ଗାଏକ୍	ମତ୍ସବିଶେଷ	କାନାମଛଲୀ	ଫଗୁଆହି	୫ ଦିଆ- ଭେସରା —
ଗଙ୍ଗା	ସମୁଦ୍ର	କର୍ମା-ଗଛ	ପୋଇତି	୬ ଦିଆ-ହାତୀ-ଭରଦ୍ୱାଜ
ଘୋଲା	ଘୋଡା	କୋପୁଟ୍-	ପୋରି	୭ ଦିଆ- ନାଗ —
ଗୋହ		କୁସ୍ରୋ-	ସାଉଁଣି	
ହଂସ		ଲୋହା-ଲୁହା	ଶ୍ରିବ କରିଆ	

ଆର୍ଯ୍ୟୟିତକରଣ (କ୍ଷତ୍ରିୟ ଆନ୍ଦୋଳନ)ବେଳେ ଆର୍ଯ୍ୟ ଋଷିଗୋତ୍ର ଯୋଡାଯାଇ, ଉପବୀତ ପିନ୍ଧାଇ 'ସିଂହ' ଉପାଧି ଦିଆଯାଇଥିଲା ।

ଏମାନଙ୍କର ଏକ ମୁଖ୍ୟ ଉତ୍ସବ ଗୌରୀ ଉଷାରେ ସମସ୍ତେ ନିଜ ବଂଶ ପ୍ରତୀକର ମାଟିରେ ମୂର୍ତ୍ତିକରି ପୂଜା କରିଥାନ୍ତି ।

ବେଦିଆ ଜାତି :- ଏମାନେ ପଶ୍ଚିମବଙ୍ଗ, ଝାଡଖଣ୍ଡ, ଉତ୍ତରଓଡିଶାରେ ଦେଖାଯାନ୍ତି । ଏମାନଙ୍କର କୌଣସି ଉପଜାତି ନାହିଁ ।

ବେଦିଆଙ୍କ ବଂଶ:-

ବଲ୍- ବରଗଛ	ଖୋପଚା-ପେଚା	ପାରେଓ୍ୱା-ପାରା	ଟୁରୁ- ପକ୍ଷୀ
ବିହା/ବିଞ୍ଚା-ମାଛ	ମହାନଦୀ-ନଦୀ	ପେଚା-	
ଚିଡ୍ରା/ଚେଲ୍‌ରା-ଗୁଣ୍ଡୁଚିମୂଷା	ମହୁଆ-ଗଛ	ସୁଇଆ-ପକ୍ଷୀ	
ଢେଚୁଆ-କଳାପକ୍ଷୀ	ମହୁକାଲ-ପକ୍ଷୀ	ସୁଲାକିଂ-ପକ୍ଷୀ	
ଦିଆନ୍-ମତ୍ସବିଶେଷ	ମୈନା-ପକ୍ଷୀ	ସୁଣ୍ଡି-ମହୁଲଫୁଲ	
କଛୁଆ/କଛ-କଛିମ	ନାଗ-	ଟିଟିପି-ରାତ୍ରପକ୍ଷୀ	

ବେଦିଆମାନଙ୍କର ଭାଷା ସଂସ୍କୃତି, ପର୍ବପର୍ବାଣୀ, ସବୁ କୁଡୁମିମାନଙ୍କ ପରି । ଏମାନଙ୍କର ଉପାଧି ମଧ ମହାନ୍ତ/ମାହାତ, କୁଡୁମିଙ୍କ ପରି । ଏମାନେ କୁଡୁମିଙ୍କୁ ନିଜର ମାଉସୀପୁଅ ଭାଇ ବୋଲି ମଣନ୍ତି । ଯଦିଓ ଏମାନେ ଆଦିବାସୀ ଓଡିଶା ସରକାର ଏମାନଙ୍କୁ ତଫସିଲଭୁକ୍ତ ଜାତି (S.C.)ର ମର୍ଯ୍ୟାଦା ଦେଇଛନ୍ତି । କୁଡୁମିମାନେ (S.T.)ରୁ ଉଚ୍ଛେଦ ହେଲାପରେ, ଏମାନେ ବଡ଼ଜାତି ହେବାର ଲୋଭରେ S.C.ପ୍ରମାଣପତ୍ର ପାଇଁ ଦରଖାସ୍ତ ବି କରନ୍ତି ନାହିଁ । ଅଥଚ ଓଡିଶାରେ ରାଢୀ, ଉତ୍ତରପ୍ରଦେଶର କାୟସ୍ଥ S.C.ହେବାକୁ ହାଇକୋର୍ଟ/ସୁପ୍ରିମ୍‌କୋର୍ଟର ଦ୍ୱାରସ୍ଥ ହୁଅନ୍ତି । କୁଡୁମିଙ୍କ ସହିତ ଏମାନଙ୍କର କୌଣସି ବୈବାହିକ ସଂପର୍କ ନାହିଁ । ଉଭୟ ଯଦିଓ ଟୋଟେମିକ୍, ମାତ୍ର ଟୋଟେମ ଗୁଡିକରେ ଅନେକ ତାରତମ୍ୟ ଦେଖାଯାଏ ।

ବାଥୁଡି ଜାତି :- ଓଡିଶାରେ ମୟୂରଭଞ୍ଜ, କେନ୍ଦୁଝର ଆଦି ଜିଲ୍ଲାରେ ଦେଖାଯାନ୍ତି । ଏମାନେ S.T.,ଜଳଚଳ ଆଦିବାସୀ ।

ବଂଶ ବା ଟୋଟେମ୍

ଗିରି-ପର୍ବତ	ମଲ୍‌ହେଇ
ବିଶାଳ/ପାଥିଆଳ-କୋୟା (ବନ୍ୟକୁକୁର)	ରେଣସିଆ-ରଣାସାପ
ମାଟିଆଣ	ସୁଲିଅଁ- ଏକ ପକ୍ଷୀ

ଏ ଟୋଟେମ ଗୁଡିକ ଦେହୁରୀ କରୁଣାକର ନାଏକ, ଘଳକୁଣ୍ଡ ଠାକୁରମୁଣ୍ଡା ବ୍ଲକଙ୍କ ଠାରୁ ନିଜସ୍ୱ ସାକ୍ଷାତକାରରୁ ସଂଗୃହିତ । ଏଣୁ ଏମାନଙ୍କର ଆହୁରି ମଧ ଟୋଟେମ ଥାଇପାରେ ।

ସାଉଁତି ଜାତି :- ଏ ଜାତି ମୟୂରଭଞ୍ଜ, କେନ୍ଦୁଝର ଆଦି ଜିଲ୍ଲାରେ ବାସ କରନ୍ତି । ଏମାନେ ମଧ ଜଳଚଳ ତଫସିଲଭୁକ୍ତ ଆଦିବାସୀ ।

ସାଉଁତିଙ୍କ ବଂଶ/ଟୋଟେମ

କଳାପଳିଆ	ଟମଣିଆ-ଗଛ	ନେତରିଆ
କଛିମା	ତାଳସରଳା-ତାଳ	ପଇଦା
କୁଆବସିଆ-କୁଆ	ତୋରାଣିଆ-ପକ୍ଷୀ	ବରଡିଆ-ବିରୁଡି
କୁଲ୍ଲାପଳିଆ-କୁଲା	ଦାସ	ବିଶାଳ { ଗିଲରିଆ-ଗିଲିରୀଫୁଲ
ଖମରେଇ	ଦଣ୍ଡପାଟ	ଘୁଲୁରିଆ-ଘୁଡୁରୁ ଫଳ }
ଗିରି-ପର୍ବତ	ନାଗ	ଲୁଙ୍ଗାଲିଆ-ଗଛ ଇତ୍ୟାଦି

ଶ୍ରୀ ଧନୁର୍ଜ୍ଜୟ ଦେହୁରୀ, କମାରମରା, ସାହାରପଡ଼ା ବ୍ଲକ୍, କେନ୍ଦୁଝରଙ୍କ ଠାରୁ ନିଜସ୍ୱ ସାକ୍ଷାତକାରରୁ ସଂଗୃହିତ ।

ଖଣ୍ଡୁଆଳ ଜାତି :- ଏ ଜାତି କେନ୍ଦୁଝର,ମୟୂରଭଞ୍ଜ ଆଦି ଜିଲ୍ଲାରେ ଅଳ୍ପସଂଖ୍ୟାରେ ଦେଖାଯାନ୍ତି ।

ଖଣ୍ଡୁଆଳଙ୍କ ବଂଶ ବା ଖିଲି :-

ପରମାଣିକ ଏକ ପଦବୀ	ଗିରି-ପାହାଡ	ଡାଙ୍ଗୁଆ- ଏକ ପଦବୀ
ପଲେଇ ଏକ ପଦବୀ	ପଧାନ- ଏକ ପଦବୀ	

ଏଗୁଡିକ ଘଟଗାଁ ଥାନାର ଖୁଣ୍ଟାପଡା ମୌଜାରୁ ସଂଗୃହିତ । ୟାଙ୍କର ଅଧିକ ଟୋଟେମ୍ ଥାଇପାରେ । ଏ ଜାତିର ବୃତ୍ତି ହେଲା ଚୂଡା କୁଟିବା, ଏଣୁ ସବର୍ଣ୍ଣ ଏମାନଙ୍କୁ ଜଳଚଳ ଶୁଦ୍ରର ମାନ୍ୟତା ଦେଇଛନ୍ତି । କୈବର୍ତ୍ତ,ଧୀବର ଚୂଡାକୁଟା ପେଷା ଥାଇ ବର୍ତ୍ତମାନ ତଫସିଲଭୁକ୍ତ ଜାତି S.C. । ଦୁଃଖର କଥା ବର୍ତ୍ତମାନ ଏମାନେ ଓଡିଶାରେ ନା ST/ SC/OBC କେଉଁଥିରେ ହେଲେ ନାହାନ୍ତି । ମାନ୍ୟବର ଓଡିଶା ସରକାରଙ୍କୁ ଅନୁରୋଧ ଏହିକି, ଏ ଜାତି ଉପରେ ଟିକିଏ କୃପାଦୃଷ୍ଟି ଦିଅନ୍ତୁ ।

ସାନ୍ତାଳ/ସାଉଁତାଳ,ଦେଶଓ୍ୱାଲୀ ସାନ୍ତାଳ, ଖରଓ୍ୱାର ବା ସାଫାହୋଳ

ଏ ଜାତି ସମଗ୍ର ପୂର୍ବଭାରତ ନେପାଳ, ତିବ୍ବତ, ଭୂଟାନ୍, ବ୍ରହ୍ମଦେଶ, ବାଂଲାଦେଶ, ଓଡିଶା, ବିହାର, ବଙ୍ଗ, ଝାଡଖଣ୍ଡ, ଆସାମ୍ ଆଦିରେ ଦେଖାଯାନ୍ତି । ବଂଶ ଗୁଡିକର ସାନ୍ତାଳୀ ଭାଷାର ନିଷ୍ପନ୍ନ ଅର୍ଥହିଁ ସଠିକ ।

ବଂଶ/ଟୋଟେମ୍	ବିଭାଗ
ବାସ୍କେ	ନିଜ୍, ସାଦା
ବେଦିଆ	-
ବେସରା(ପକ୍ଷୀ)	ବୁନ୍ଦ୍ରା, କାହ୍ନୁକାଉ, କଳା-ପଣ୍ଡା, ନିଜ, ସାଦା, ଶିବାଲା, ସୋନ, ସୁଙ୍ଗ
ଚୋନର	-
ହାଁସଦା,ହଁସଦକ (ବନ୍ୟହଂସ)	ବରଓ୍ୱାର, ଚିଲବିନ୍ଧା, ଜିହୁ-ପକ୍ଷୀ, କେରଓ୍ୱାର, ମାଁଝୀ-ପଦବୀ, ନିଆକି-ପଦବୀ, ନିଜ୍, ରୋହଲୁଟୁର-କଣାକାନ, ସାଦା

ବଂଶ/ଟୋଟେମ୍	ବିଭାଗ
ମାରାଣ୍ଡି (ଘାସ)	ବୁରୁବିରିଦ୍-ପାହାଡ଼, କେକ୍‌ଲା-କଙ୍କଡା, ଲହେର, ମାଁଝୀ, ନିଆକି, ନିଜ, ରୋହତ-ଗଛ, ସାଦା
ମୁର୍ମୁ (ନୀଳଗାଇ)	ବିତାଲ, ବୋର-ମାଛ, ଚୁପେଆର-କୋୟା, ଗଁଳ-ଦୁର୍ଗ, ହାଣ୍ଡି-ହାଣ୍ଡି, ମୁରୋ-, ନିଜ୍, ସାଦା, ସଙ୍ଗଦା, ସିକିୟା, ଟିଲ୍କା

ବଂଶ/ଟୋଟେମ୍	ବିଭାଗ	ବଂଶ/ଟୋଟେମ	ବିଭାଗ
ହେମ୍ରମ (ପାନପତ୍ର, କଳାଛେଳି?)	ଦାନ୍ତେଲା		
	ଗୁଆ	ପାଉଲିଆ	-
	ଜାହୁ ର		
	କୁମାର	ସରେନ୍	ବର୍ଚି-ବର୍ଚ୍ଛାଧାରୀ
	ଲହେର	ଏକତାରକାମଣ୍ଡଳୀ	ହାଟ-
	ନାଇକା-ପଦବୀ		ଯୋଗୀ
	ନିଜ-		ଲାଟ୍
	ରୋହଲୁଟୁର-କାନବିନ୍ଧା		ମାଲ୍
	ଉହ୍		ମୁଣ୍ଡ/ବାଦର-ଘଞ୍ଚ ଅରଣ୍ୟ
			ନିଜ୍
			ଶଙ୍ଖ-
			ସିନ୍ଦୁପ/ସିଦୁକ୍-କୁଟାବିଡା
			ତୁର୍କୁ
କିସ୍କୁ	ଅବର	ବାଂଶଦେଓ(ବାଉଁଶ)	-
	ଆହ	ଟୁଡୁ	ଅଗରିଆ-କାଠ କୋଇଲା
	କଛୁଆ		ଚିଗି/ଚିକି
	ଲାଟ୍-ମାଂସକୁ ପତ୍ରପୋଡା		ଦାନ୍ତେଲା
	ନିଜ୍		ଲାଟ
	ରୋହଲୁଟୁର-କାନକଣା		ମାଁଝୀ
	ସାଦା		ନାଇକି
	ସୋମଲ-ହରିଣ		ନିଜ
			ରୋହଲୁଟୁର
ଅଦେବ			ସାଦା
ଅଇନ୍ଦ-ଅନ୍ଧ			ସୁଙ୍ଗ

ଓରାଓଁ/ଓରାମ୍ :- ଉପଜାତି- ବେଲ୍‌ଗା ଓରାମ୍, ଧଙ୍କା ଓରାମ୍, ଖେଲିଆ ଓରାମ୍, ଖେନ୍ଦ୍ରୋ ଓରାମ୍, ମୁଣ୍ଡା ଓରାମ୍। ଏମାନେ ଓଡିଶା, ଝାଡଖଣ୍ଡ, ପଶ୍ଚିମବଙ୍ଗରେ ତଫସିଲଭୁକ୍ତ ଆଦିବାସୀ। ଏମାନଙ୍କର ମାତୃଭାଷା 'ଓରାମ୍' ଦ୍ରାବିଡ ପରିବାରର ଅନ୍ତର୍ଭୁକ୍ତ।

ଓରାମ୍‌ଙ୍କ ବଂଶ/ଟୋଟେମ୍/ଖିଲି

ଆମଲି-ତୋରାଣି	ଗୋଲାଇଆ	ଲିଲା-ମସ୍ୟ ବିଶେଷ
ବାଘ୍-ବାଘ	ଗଁଲ୍‌ରାରୀ-ଗଛ	ଲିଣ୍ଡା
ବାନ୍ଧ	ଇନ୍ଦୁଆର	ଲୋହା-ଲୁହା
ବାନ୍ଦୋ-ଭେରେଣ୍ଡା	କଛୁଆ-କଚ୍ଛିମ	ମାହାତୋ-ଏକ ଉପାଧି

ବକୁଲା-ବଗ
ବଲ୍-ବରଗଛ
ବାରଓ୍ୱା-ବନ୍ୟ କୁକୁର
ବାସା-ଗଛ
ବେଖ୍-ଲୁଣ
ବିଆନ୍ହ-ମତ୍ସ୍ୟବିଶେଷ
ଭକଲା-
ଚିଗାହ୍-ଶିଆଳ
ଚିଲ୍ଲା-ଗୁଣ୍ଡୁଚି
ଚାଁଉଁରିଆ ମୂଷା
ଧାନ-
ଢେଚୁଆ-ପକ୍ଷୀ
ଦିର୍‌ରା-
ଡମ ଖାଖା
ଏକ୍କା-କଛିମ
ଏର୍ଗୋ-ମୂଷା
ଗାଲି-ମାଙ୍କଡ
ଗର୍‌ଓ୍ୱେ- ବକ ବିଶେଷ
ଗେଡ଼େ-ହଂସ
ଗିଧ୍- ଗୁଧ/ଶାଗୁଣା
ଗିସ୍‌ହି-ପକ୍ଷୀ
ଗୋଡୋ-କୁମ୍ଭିର

କଇଥ-ଫଳ
କନ୍ଦା-
କଉଆ-କାଉ
କେନ୍ଦି-କେନ୍ଦୁଗଛ
କେନୁ-ମାଛ
କେଉନ୍ଦ-ଫଳ
କେରକେଟା-ପକ୍ଷୀ
ଖାଲଖୋ-
ଖେକ୍ସା-ଏକ ପରିବା
ଖେସ୍- ଜଳଜ ଉଭିଦ
ଖେଟ୍ଟା- ନାଗସାପ
ଖୋଏପା-ବଣ କୁକୁର
କିନ୍ଦା-ଖଜୁରୀ
କିସ୍‌ପୋଟା-
କୋସୁଆର- ମାଛ ବିଶେଷ
କୁଜୁର-ମଞ୍ଜି(ର ତେଲ ସୋହରାଇ/ ବାନ୍ଦନା ପର୍ବରେ ଗୋରୁଙ୍କ ଶିଙ୍ଗରେ ଦିଆଯାଏ)
କୁନ୍ଦୁରୀ
କୁସୁଓ୍ୱା-ମାଛ
ଲାକ୍ଲା-ହେଟାବାଘ

ମିଞ୍ଜ
ମୁଂଜନିଆର-ଏକ ବନ୍ୟଲତା
ମୁର୍ଗା-କୁକୁଡା ଗଞ୍ଜା
ନାଗବଂଶ-ଗୋଖର
ଆର୍ଗୋନ୍ରା-ଏକ ହଂସ
ପୁସ୍ରା-କୁସୁମ ଫଳ
ପୁର୍ତ୍ତି-ଏକ ଗଛ
ରୋଲି-ଏକ ଗଛ
ରୁଣ୍ଡା-ଶୃଗାଳ
ସାଲ-ମାଛ
ସାରନୋ-
ସୁଅର-ବରାହ
ତିଗ୍-ମାଙ୍କଡ
ତିର୍କି-ଛୋଟ ମୂଷା
ତିର୍କୁଆର-ଫଳ
ତିର୍ତିଆ-
ତିରୁ-ଏକ ମାଛ
ତୋପୋଆର-ପକ୍ଷୀ ବିଶେଷ

ଆର୍ଯ୍ୟଙ୍କ ଗୋତ୍ର ଓ ଅନାର୍ଯ୍ୟଙ୍କ ଟୋଟେମ୍ ଗୁଡିକ ଉପରେ ବୋଧହୁଏ ଅନୁଧ୍ୟାନ କରିଥିବା ପ୍ରଥମ ଓ ଶେଷ ନୃତତ୍ତ୍ୱବିତ୍ ହେଉଛନ୍ତି ସାର୍ ଏଚ୍.ଏଚ୍. ରିଜଲି । ତାଙ୍କର ପୃଥିବୀ ପ୍ରସିଦ୍ଧ ପୁସ୍ତକThe Tribes and Castes of Bengal II part 1891ରୁ ଏଗୁଡିକ ଏଠାରେ ଉଦ୍ଧୃତ କରାଯାଇଛି । ବୋଧହୁଏ ସେ ଓଡିଶାର ସ୍ୱଳ୍ପସଂଖ୍ୟକ ସାଉଁତି, ବାଥୁଡି, ଖଣ୍ଡୁଆଳ ଆଦି ଆଦିମ ଅଧିବାସୀଙ୍କର ସମ୍ମୁଖୀନ ହୋଇପାରି ନଥିଲେ ।

ଆର୍ଯ୍ୟଙ୍କ ଗୋମାଂସ ଭକ୍ଷଣ

ବର୍ତ୍ତମାନ ପ୍ରଗତିଶୀଳ ହିନ୍ଦୁଧର୍ମରେ ଆମିଷ ପିଆଜ ରସୁଣ ଆଦି ତାମସିକ ଖାଦ୍ୟ ରୂପେ ବର୍ଜନୀୟ ହୋଇ ସଂପୂର୍ଣ୍ଣ ସାତ୍ତ୍ୱିକ ନିରାମିଷ ଭୋଜନର ଖୁବ୍ ପ୍ରସାର ଚାଲିଛି । ମାତ୍ର ପ୍ରାୟ ୧୦୦୦ବର୍ଷ ଆଗରୁ ବୈଦିକ ସନାତନ ଧର୍ମରେ ବିଭିନ୍ନ ଯଜ୍ଞ ଓ ଶ୍ରାଦ୍ଧରେ ପଶୁହତ୍ୟା ହେଉଥିଲା ଓ ମାଂସ ଭକ୍ଷଣ ହେଉଥିଲା, ଏପରିକି ସେଥିରେ ଗୋମାଂସର ମଧ୍ୟ ପ୍ରଧାନ ଭୂମିକା ଥିଲା । ଏକଥାକୁ କେତେକ ଜ୍ଞାନୀଗୁଣି ପଣ୍ଡିତ ସ୍ୱୀକାର କରିଛନ୍ତି, ମାତ୍ର କେତେକ ଅସ୍ୱୀକାର କରିଛନ୍ତି । ତାଙ୍କ ମତରେ ସଂସ୍କୃତ ଧର୍ମଶାସ୍ତ୍ର ଗୁଡିକରେ କେତେକ ବିବଦମାନ ଶବ୍ଦର ଲୌକିକ ଅର୍ଥ ଓ ଗୁଢ଼ ଆଧ୍ୟାତ୍ମିକ ଅର୍ଥରେ ଅନେକ ପାର୍ଥକ୍ୟ ରହିଛି । ଯଥା-

ଶବ୍ଦ	ଲୌକିକ ଅର୍ଥ	ଗୁଢ଼/ଆଧ୍ୟାତ୍ମିକ ଅର୍ଥ
ଗୌ, ଗବା	ଗାଇ	ଦିବ୍ୟ ଆଲୋକ, ଅନ୍ନ
ଅଜ	ଛେଳି	ଗଜା ହୋଇପାରୁନଥିବା ଶସ୍ୟ
ଅଶ୍ୱ,ବାଜୀ	ଘୋଡା	ଦିବ୍ୟ ପ୍ରାଣଶକ୍ତି, ଅଶ୍ୱଗନ୍ଧା ଔଷଧି
ଉକ୍ଷା	ବୀର୍ଯ୍ୟ ସିଞ୍ଚନ ସମର୍ଥ ଅଳ୍ପବୟସ୍କ ଷଣ୍ଢ	ଔଷଧି
ଋଷଭ/ବୃଷଭ	ବୟସ୍କ ଷଣ୍ଢ	,,

(ଶଙ୍କରାଚାର୍ଯ୍ୟଙ୍କ ଭାଷ୍ୟ)

ଏ ଦୁଇଅର୍ଥରୁ କେଉଁଟି ଯଥାଯଥ ପାଠକ ନିଜେ ବିଚାର କରିବେ ।

ବୈଦିକ କାଳରେ ଗୋମାଂସ ଭକ୍ଷଣ :-

ଋକବେଦର ୧୦ମ ମଣ୍ଡଳ ୮୫ ସୁକ୍ତ ସୂର୍ଯ୍ୟାଙ୍କର ଅଶ୍ୱିନୀକୁମାର ଦ୍ୱୟଙ୍କ ସହିତ ବିବାହର ବର୍ଣ୍ଣନା ରହିଛି ।

ଅଘାସୁ ହନ୍ୟତେ ଗାବୋଃ-----ଋକ୍ ୧୦।୮୫।୧୩

ପଣ୍ଡିତ ଶ୍ରୀ ରାମଶର୍ମା ଆଚାର୍ଯ୍ୟ ଏହି ଶ୍ଳୋକର ଅନୁବାଦ କରିଛନ୍ତି ଯେ ଅଘାନକ୍ଷତ୍ରରେ ଗାଇଗୁଡିକୁ ଘଉଡାଇ ଦିଆଗଲା । ମାତ୍ର ହନ୍‌ଧାତୁ ମାନେ ହତ୍ୟା କରିବା । ଶ୍ରୀ ସୁରେନ୍ଦ୍ରନାଥ ଶତପଥୀ ତାଙ୍କର ଭାରତୀୟ ସଂସ୍କୃତି ବୈଦିକପର୍ବ ଭାଗ ୨ ପୃଷ୍ଠା ୨୬୬ରେ ଏହାର ଅର୍ଥ କରିଛନ୍ତି ଯେ ଗାଇଙ୍କୁ ମାରି ବରଯାତ୍ରୀଙ୍କୁ ଗୋମାଂସରେ ଆପ୍ୟାୟିତ କରାଯାଇଥିଲା ।

ଉକ୍ଷଣୋ ହି ମେ ପଞ୍ଚଦଶଂ ସାକଂ ପଚନ୍ତି ବିଂଶତିମ୍

ଉତାହମଦିମ୍ ପୀବ ଇନ୍ଦୁଭା କୁକ୍ଷୀ ପୃଣନ୍ତି ମେ ବିଶ୍ୱସ୍ମାଦିନ୍ଦ୍ର ଉତ୍ତର । ଋକ ୧୦।୮୬।୧୪

ଇନ୍ଦ୍ରାଣୀ ଦ୍ୱାରା ପ୍ରେରିତ ଯଜ୍ଞକର୍ତ୍ତା ମୋ ପାଇଁ ୧୫/୨୦ ଉକ୍ଷା (ଷଣ୍ଢ ବା ଔଷଧି) ପାକ କରନ୍ତି, ମୋର କୁକ୍ଷୀଗୁଡିକ ସୋମରସରେ ଭରିଦିଆଯାଏ, ତାହା ଖାଇ ମୁଁ (ଇନ୍ଦ୍ର) ମୋଟା ହୁଏ ।

ଯସ୍ମିନ୍ନଶ୍ୱାସ ଋଷଭାସ ଉକ୍ଷଣୋ ବଶା ମେଷା ଅବସୃଷ୍ଟାସ ଆହୁତାଃ । ଋକ ୧୦।୯୧।୧୪

ଯଜ୍ଞରେ ଅନ୍ନ,ଅଶ୍ୱ, ଋଷଭ,ଉକ୍ଷା,ବଶା(ବାଞ୍ଝ ଗାଇ),ମେଣ୍ଢା ଆହୁତି ଦେବାର ବର୍ଣ୍ଣନା ମିଳେ ।

ଯେ ବାଜିନଂ ପରିପଶ୍ୟନ୍ତି ପକ୍ୱ ଯ ଇମାହୁଃ ସୁରଭିର୍ନିର୍ହରେତି,

ଯେ ଚାର୍ବତୋ ମାଂସଭିକ୍ଷାମୁପାସତ ଉତୋ ତେଷାମଭିଗୂର୍ତିର୍ନ୍ଇନ୍ୱତୁ । ଋକ ୧।୧୬୨।୧୨

ଯେଉଁମାନେ ଏହି ବାଜୀ(ଅଶ୍ୱ)କୁ ସିଦ୍ଧ ହେଉଥିବାର ଦେଖନ୍ତି, ଓ ଯେଉଁମାନେ ତାର ସୁଗନ୍ଧକୁ ଆଘ୍ରାଣ କରନ୍ତି,ଯେଉଁମାନେ ସେ ମାଂସ ଭିକ୍ଷା (ହବିଷ,ପୁରୋଡଶ) ଆହାର ଅପେକ୍ଷାରେ ଥାଆନ୍ତି, ସେମାନଙ୍କର ପୁରୁଷାର୍ଥ ମଧ୍ୟ ଆମପାଇଁ ଫଳିତ ହେଉ ।

ଏଠାରେ ବାଜିର ଅର୍ଥ ଔଷଧି ବଦଳରେ ଘୋଡା ହେଲେ ଯାଇ ଯଜ୍ଞ ହବିଷରେ ମାଂସ ମିଳିବ । ଅର୍ଥାତ୍ ଆର୍ଯ୍ୟମାନେ ଅଶ୍ୱମେଧ ଯଜ୍ଞରେ ଅଶ୍ୱକୁ ମାରି ଆହୁତି ଦେଉଥିଲେ ଓ ଅଶ୍ୱମାଂସ ମଧ୍ୟ ଖାଉଥିଲେ ।

ଗୋବଧପାଇଁ ବୁଚଲଖାନା ମଧ୍ୟ ଯଥେଷ୍ଟ ଥିଲା ଓ ସେଥିରେ ଗାଈମାନଙ୍କୁ କାଠଗଣ୍ଡି ପରି କାଟି ଗଡାଇ ଦିଆଯାଉଥିଲା ।

କହିଁସ୍ୱିତ୍ସାତ ଇନ୍ଦ୍ର ଚେତ୍ୟାସଦଘସ୍ୟ ଯଭିନଦୋ ରକ୍ଷ ଏଷତ୍

ମିତ୍ରକ୍ରୁବୋ ଯଚ୍ଛସନେନ ଗାବଃ ପୃଥିବ୍ୟା ଆପୃଗମୁୟା ଶୟନ୍ତେ । ଋକ ୧୦।୮୯।୧୪

ହେ ଇନ୍ଦ୍ରଦେବ ! ଯେଉଁ ପ୍ରଖ୍ୟାତ୍ ଅସ୍ତ୍ର ବା ବାଣ ଦ୍ୱାରା ପାପୀ ରାକ୍ଷସଙ୍କୁ ନଷ୍ଟ କରନ୍ତି ତାହା କେବେ ଉତ୍ପନ୍ନ ହେବ, ଯଦ୍ୱାରା ମିତ୍ରଦ୍ରୋହୀ ରାକ୍ଷସ ବଧସ୍ଥଳରେ ଗାଈ ସମାନ ମୃତ୍ୟୁବରଣ କରି ଧରାଶାୟୀ ହୁଅନ୍ତୁ । (ଏଠାରେ କେତେକ ଅନୁବାଦକ ଗାବଃର ଅର୍ଥ ଗାଈ ବଦଳରେ ପଶୁ ଲେଖି ସତ୍ୟକୁ ଲୁଚାନ୍ତି ।)

ବ୍ରାହ୍ମଣ କାଳରେ ଗୋମାଂସ ଭକ୍ଷଣ :-

ବ୍ରାହ୍ମଣ ଗ୍ରନ୍ଥ ଗୁଡିକ ବେଦର ହିଁ ଅଂଶ । ଏଥିରେ ବିଭିନ୍ନ ଯଜ୍ଞ ଓ ନିୟମର ବର୍ଣ୍ଣନା କରାଯାଇଛି ।

ଐତରୀୟ ବ୍ରାହ୍ମଣରେ ପଶୁହତ୍ୟାର ବିଧିବିଧାନ ଓ ଯୁପକାଠ କେବଳ ବେଲ,ପଳାଶ ଓ ଖଦିର କାଠରେ ହେବ ବୋଲି ବର୍ଣ୍ଣନା ଅଛି । ଏହିପରି ଯୁପକାଠରେ ବର୍ତ୍ତମାନ ସୁଦ୍ଧା କଲିକତାର କାଳିଘାଟ, ଆସାମର କାମାକ୍ଷାରେ ବୋଦାବଳୀ ଦିଆଯାଉଛି ।

ଜୀବହିଂସକ ଯଜ୍ଞ :-ସୋମ, ଉକଥ୍ୟ, ଅତିରାଜ, ବାଜପେୟ, ଅତ୍ୟଗ୍ନୀଷ୍ଟମ, ସ୍ୱତ୍ରଯଜ୍ଞ, ଷୋଡସିନ ବ୍ରହ୍ମଯଜ୍ଞ, ସୌତ୍ରାମଣି, ଅଶ୍ୱମେଧ, ଗୌସବ, କାମ୍ୟୋଷ୍ଟି ଇତ୍ୟାଦି । ତୈତରୀୟ ବ୍ରାହ୍ମଣରେ କାମ୍ୟୋଷ୍ଟି ଯଜ୍ଞର ବର୍ଣ୍ଣନା ମିଳେ । ଏଥିରେ କେବଳ ଗାଈ ଓ ବଳଦ ବଳୀ ଦିଆଯାଏ । ଏ ଯଜ୍ଞ ସବୁକୁ ଗୋମେଧ ବା ଗବାମୟନ କୁହାଯାଉଥିଲା । ଏଥିରେ ବିଷ୍ଣୁଙ୍କ ନିମନ୍ତେ ବାଙ୍ଗରା ବଳଦ, ଇନ୍ଦ୍ରଙ୍କ ନିମନ୍ତେ ବକ୍ରଶିଙ୍ଗ ମଥାରେ ଟିକାଥିବା ବଳଦ, ପୁଷଣଙ୍କ ନିମନ୍ତେ କଳାଗାଈ ଓ ରୁଦ୍ରଙ୍କ ପାଇଁ ଲାଲଗାଈ ମାରି ଯଜ୍ଞ କରାଯାଉଥିଲା । ବିଶେଷ ଅବସରରେ ପଞ୍ଚଶାରଦୀୟ ସେବାପାଇଁ ୫ବର୍ଷର ୧୭ଟି ଗାଈ ଓ ୧୭ଟି ବଳଦରେ ଯଜ୍ଞ କରାଯାଉଥିଲା ।

ସାମବେଦୀୟ ତାଣ୍ଡ୍ୟ ବ୍ରାହ୍ମଣ ୪ର୍ଥ ଓ ୫ମ ଅଧ୍ୟାୟରେ ବର୍ଷସାରା ଗବାମୟନର ବିସ୍ତୃତ ବିବରଣୀ ରହିଛି ।

ଐତରୀୟ ବ୍ରାହ୍ମଣ ୩୧ ଅଧ୍ୟାୟ ଓ ଗୋପଥ ବ୍ରାହ୍ମଣ (୩/୧୮)ରେ ଯଜ୍ଞପଶୁକୁ ୩୬ ଭାଗ କରାଯାଇ ୩୪ ଜଣ ପୁରୋହିତ ଓ ଯଜମାନ ଓ ତାର ସ୍ତ୍ରୀ ମଧ୍ୟରେ କିଏ କେଉଁ ଭାଗ ତାର ବର୍ଣ୍ଣନା ରହିଛି ।

ଅଥାତଃ ସବନୀୟସ୍ୟ ପଶୌ ବିଭାଗ ବାଖ୍ୟାସ୍ୟମଃ (ଗୋପଥ ବ୍ରାହ୍ମଣ ୩।୧୮)
ଉଦ୍ଧୃତ୍ୟାବଦାନୀ ହନୁ, ସଜିହ୍ୱେ ପ୍ରସ୍ତୋତୃକଂଠ ସକଂକୁଦଃ
ପ୍ରତିହର୍ତ୍ତଃ ଶ୍ୟେନବକ୍ଷ ଉଦ୍‌ଗାତୁଃ ଦକ୍ଷିଣପାର୍ଶ୍ୱ ସାସମହବୟୋଃ..... ଇତ୍ୟାଦି ।

ଜିଭ ସହ ଦୁଇକଳ ଜବଡା ପ୍ରସ୍ତୋତାଙ୍କର, କୁମୁଦସହ କଂଠଭାଗ ପ୍ରତିହର୍ତ୍ତାଙ୍କର, ଶ୍ୟେନାକାର ବକ୍ଷସ୍ଥଳ ଉଦ୍‌ଗାତାଙ୍କର, କାନ୍ଧସହ ଦକ୍ଷିଣପାର୍ଶ୍ୱ ଅଧ୍ୱର୍ଯ୍ୟୁଙ୍କର ଇତ୍ୟାଦି । ୩୬ ଭାଗରେ ଅଛି ମୁହଁ ,ଜିଭ, ବେକ, କୁମୁଦ,ଛାତି, ମେରୁହାଡ, କାନ୍ଧ, ପିଚା, କୁଲ୍‌ହା, ଜଂଘ, ପେଟ, କମର, ପୁଚ୍ଛ, ଅମାଶୟ, ହୃତପିଣ୍ଡ, ଗୁର୍ଦା, ମୁତ୍ରାଶୟ, ମୁଣ୍ଡ, ପାଦ, ଚର୍ମ ଇତ୍ୟାଦି ।
ଏବଂ ଯେଉଁମାନେ ଏଗୁଡିକର ଭାଗ ପାଇବେ, ସେମାନେ ହେଲେ-ପ୍ରସ୍ତୋତା,ପ୍ରତିହର୍ତ୍ତା, ଉଦ୍‌ଗାତା,ଅଧ୍ୱର୍ଯ୍ୟୁ, ପ୍ରତିପ୍ରସ୍ଥାତା,ବ୍ରହ୍ମା,ରତ୍ତିକ,ବ୍ରାହ୍ମଣଚ୍ଛଶୀ,ପୋତା,ହୋତା,ମୈତ୍ରାବରୁଣ, କଚ୍ଛାବାକ,ନେଷ୍ଟା,ଅଗ୍ନୀଧ୍ର,ଅତ୍ରେୟ,ଚମସାଧ୍ୱର୍ଯ୍ୟ,ସୁବ୍ରହ୍ମାଣ୍ୟ,ଗୃହସ୍ୱାମୀ ଓ ତାର ସ୍ତ୍ରୀ ଇତ୍ୟାଦି ।

ପଶୁ ବ୍ୟତୀତ କୌଣସି ଔଷଧି ଗୁଳ୍ମର ଏ ପ୍ରକାର ବିଭାଗ ସମ୍ଭବ କି ? ଔଷଧିଗୁଳ୍ମକୁ କାଟିବା ପାଇଁ ଯୁପକାଠରେ ବା କି ପ୍ରୟୋଜନ ?

ଘାତକ କେବଳ ବ୍ରାହ୍ମଣ :- ଶତପଥ ବ୍ରାହ୍ମଣ (୨/୮, ୨/୧୨, ୨/୧୩), ଜୈମିନି ସୂତ୍ର ୩।୧୭-୨୮-୨୯ ଓ ଆଶ୍ୱଶ୍ରୋତ ସୂତ୍ର (୧୨/୯, ୧୨,୧୩)ରେ ଉଲ୍ଲେଖ ରହିଛି ଯଜ୍ଞପଶୁର ଘାତକ କେବଳ ବ୍ରାହ୍ମଣ ରହିବେ ।

ଶତପଥ ବ୍ରାହ୍ମଣର ସ୍ରଷ୍ଟା ଯାଜ୍ଞବଲ୍କ ଋଷି । ଏହାର ୩/୪/୧/୨ ଶ୍ଳୋକ କହେ-
ରାଜ୍ଞେ ବା ବ୍ରାହ୍ମଣାୟ ବା ମହୋକ୍ଷଂ ବା ମହାଜଂ ପଚେତ୍ ।
ବଶିଷ୍ଟ ସ୍ମୃତି ମଧ୍ୟ ସେୟା କୁହେ-
ଅଥାପି ବ୍ରାହ୍ମଣାୟ ବା ରାଜନ୍ୟାୟ ବା ଅଭ୍ୟାଗତାୟ
ବା ମହୋକ୍ଷଂ ବା ମହାଜଂ ବା ପଚେତ୍ ।

ବ୍ରାହ୍ମଣ ବା ରାଜା ବା ମାନ୍ୟଗଣ୍ୟ ଅତିଥିଙ୍କ ପାଇଁ ବଡ ଷଣ୍ଢ ବା ବଡ ଛେଳିର ମାଂସ ରନ୍ଧନ କରିବା ଉଚିତ୍ । ମହାଜଂ ବଡ ଗଜା ନହେବା ଶସ୍ୟ ହେବ କି ? କେଉଁ ପ୍ରଜା ରାଜା,ବ୍ରାହ୍ମଣଙ୍କ ନିମନ୍ତେ ପଚାସଢା ଶସ୍ୟରେ ଖାଦ୍ୟ ପ୍ରସ୍ତୁତ କରିବାକୁ ସାହସ କରିବ ? ଅତିଥିଙ୍କ ନିମନ୍ତେ ଗାଈ ମାରିବା ଏକ ସାଧାରଣ ପରମ୍ପରା ହେବାରୁ ଅତିଥିଙ୍କୁ ଗୋଘ୍ନ କୁହାଗଲା ।
ଗୋଘ୍ନ- ଗୋ ହତ୍ୟାକାରୀ- ପାଣିନି ଅଷ୍ଟାଧ୍ୟାୟୀ (୩-୪-୭୩), ପାରସ୍କର ଗୃହସୂତ୍ର ୩/୨୬

ଉପନିଷଦ କାଳ

ଯ ଇଚ୍ଛତେ ପୁତ୍ରୋ ମେଁ ପଣ୍ଡିତୋ କି ଜିଗୀତଃ ସମିତି ଗମଃ ।
ସୁଶ୍ରୁଷିତା ବାଚ ଭାଷିତା ଜାୟତେ ସର୍ବାନ ବେଦା ।

ନନୁବ୍ରବୀତ ସର୍ବମାୟୁ ରିୟାଦିତି ମାଂସୋଦନମ୍
ପାଚୟିତ୍ୱା ସପିଷ୍ମନ୍ତ ଅଶ୍ନନୀୟତାମ୍ ଈଶ୍ୱରୀ
ଜନୟିତ୍ୱା ଉକ୍ଷେଣ ବାର୍ଷ ଭେଣ ବା । ବୃହଦାରଣ୍ୟ ଉପନିଷଦ ୬।୪।୧୮

ଯଦି କେହି ଚାହେଁଯେ ତାପୁତ୍ର ସର୍ବବେଦର ଆଜୀବନ ପଣ୍ଡିତ ହେଉ, ସଭାସମିତିରେ ଗ୍ରହଣୀୟ କଥା କହୁ ତେବେ ତା ମାଆ ତାକୁ ଘିଅରେ ଷଣ୍ଢ ବା ବଳଦ ମାଂସର ମାଂସୋଦନମ୍ ପକ୍ୱକରି ଖୁଆଇବ । ଶଙ୍କରାଚାର୍ଯ୍ୟ ଏହାର ଭାଷ୍ୟ କରିଛନ୍ତି- ମାଂସୋଦନମ୍- ମାଂସମିଶ୍ରିତ ଓଦନଂ ।

ରାମାୟଣ କାଳରେ ଗୋମାଂସ ଭକ୍ଷଣ :-

ହନୁମାନ ସୀତାଙ୍କୁ ଅଶୋକ ବନରେ ରାମଙ୍କ ସମ୍ବାଦ ଦେଉଛନ୍ତି-

ନମାଂସ ରାଘବୋ ମୁଙ୍କ୍ତେ ନ ଚୈବ ମଧୁ ସେବତେ । ବାଲ୍ମିକୀ ରାମାୟଣ ୫/୩୬/୪୧
ବିରହରେ ଶ୍ରୀରାମଚନ୍ଦ୍ର ମାଂସ ମଦ ଖାଇବା ଛାଡି ଦେଇଛନ୍ତି ।

ବାଲ୍ମିକୀଙ୍କ ଭରଦ୍ୱାଜ ଋଷିଙ୍କ ଆଶ୍ରମ ବର୍ଣ୍ଣନା- ବାଲ୍ମିକୀ ରାମାୟଣ ୨/୯୧/୫୨-

ସୁରା ସୁରାପାଃ ପିବତ ପାୟସଂ ଚ ବୁଭୁକ୍ଷିତାଃ
ମାସାନିଚ ସୁମେଧାନି ଭକ୍ଷ୍ୟନ୍ ତାଂ ଯୋ ଯଦିଚ୍ଛତି ।

ଯେଉଁମାନଙ୍କର ଯେମିତି ଇଚ୍ଛା ସେମାନେ ସୁରାପାନ କରନ୍ତୁ,ଭୋକିଲାମାନେ ପାଏସ୍ ମାଂସ ଖାଆନ୍ତୁ ।

କୁମାରିଲ ଭଟ୍ଟଙ୍କ ଶିଷ୍ୟ ଭବଭୂତିଙ୍କ ସଂସ୍କୃତ ନାଟକ 'ଉତ୍ତର ରାମଚରିତମ୍'ର ଏକ ଦୃଶ୍ୟ- ବଶିଷ୍ଠ ଋଷି ରାଜା ଦଶରଥ ଓ ରାଣିମାନଙ୍କୁ ସାଙ୍ଗରେ ନେଇ ଶୃଙ୍ଗଋଷିଙ୍କ ଆଶ୍ରମରୁ ବାଲ୍ମିକୀ ଋଷିଙ୍କ ଆଶ୍ରମରେ ଉପସ୍ଥିତ ହେଲେ । ବାଲ୍ମିକୀଙ୍କ ଦୁଇଶିଷ୍ୟଙ୍କ କଥୋପକଥନ-

ସୌଧାତକି - ଆରେ କ'ଣ ବଶିଷ୍ଠ ଆସିଛନ୍ତି ।
ଭଣ୍ଡାୟନ - ନୁହେଁ ତ ଆଉ କଣ ?
ସୌଧତକି- ଆରେ ସେ ଆସୁ ଆସୁ ବିଚାରୀ କଲ୍ୟାଣିକା(ଆଶ୍ରମ ବାଛୁରୀ)କୁ ଚଟ୍ କରି ଖାଇଯିବେ ।
ଭଣ୍ଡାୟନ- (ସମାସୋ ମଧୁପର୍କ ଇତ୍ୟାମ୍ନାୟଂ ବହୁମାନ୍ୟାଭାନାଃ
ଶ୍ରୋତ୍ରିୟାଭ୍ୟାଗତାୟ, ବତ୍ସରୀ, ମହୋକ୍ଷଂ, ମହାଜଂ ବା ନିର୍ବପନ୍ତି
ଗୃହମେଧିନଃ, ତଂହି ଧର୍ମ୍ମ ସ୍ୱତ୍ରକାରାଃ ସମାମନ୍ୟନ୍ତି ।)

(ଗୃହକୁ ଆସିଥିବା ବହୁମାନ୍ୟ ଶ୍ରୋତ୍ରିୟ (ବେଦଜ୍ଞ ବ୍ରାହ୍ମଣ), ଅଭ୍ୟାଗତଙ୍କୁ ବାଛୁରୀ ବା ବଡ ଷଣ୍ଢ, ବା ବଡ ଛେଳିର ମାଂସ ଯୁକ୍ତ ମଧୁପର୍କ ଦ୍ୱାରା ଆପ୍ୟାୟିତ କରାଯାଏ , ତାହାହିଁ ଧର୍ମ ବୋଲି ଧର୍ମସୂତ୍ରର ରଚୟିତା ମାନେ ମଧ୍ୟ ମାନନ୍ତି ।)

ମଧୁପର୍କ:- ପରାଶର,ଗୋବିଲ, ଖାଦିର , ମାନବ, ମାଧବଙ୍କ ଗୃହସୂତ୍ର ଗୁଡିକରେ ମଧୁପର୍କ ପ୍ରସ୍ତୁତିର ବର୍ଣ୍ଣନା ରହିଛି । ନ ମାଂସୋ ମଧୁପର୍କା ଇତି ଶ୍ରୁତି । ବିନା ମାଂସର ମଧୁପର୍କ ମଧୁପର୍କ ନୁହେଁ । ବାଛୁରୀ, ଗାଇ, ଷଣ୍ଢ, ଛେଳି, ହରିଣ, ମେଣ୍ଢା ଆଦି ମାଂସରେ ମଧୁପର୍କ ତିଆରି ହୁଏ ।

ଆପସ୍ତମ୍ଭ ଧର୍ମସୂତ୍ର ଅନୁସାରେ ମାଂସଯୁକ୍ତ ମଧୁପର୍କର ଅଧିକାରୀ ନିମ୍ନୋକ୍ତ ୬ ଜଣ ଅଟନ୍ତି । ସେମାନେ ହେଲେ ୧) ଋତ୍ୱିକ୍, ୨) ଆଚାର୍ଯ୍ୟ, ୩) ବର, ୪) ରାଜା, ୫) ସ୍ନାତକ (ଆଶ୍ରମରୁ ବିଦ୍ୟା ଶେଷ କରି ଯେ ଆସିଥାଏ) ୬) ପ୍ରିୟଜନ ଅତିଥି ।

ମହାଭାରତ କାଳରେ ଗୋମାଂସ ଭକ୍ଷଣ :-

ଛିନ୍ନଂ ସ୍ଥୁଣଂ ବୃଷଂ ଦୃଷ୍ଟ୍ୱା ବିଳାପଂ ଚ ଗବା ମୃଶମ୍ । ଶାନ୍ତି ପର୍ବ ୨୬୫/୧ ରାଜା ବିଚରକ୍ଷୁ ଯଜ୍ଞପାଇଁ କଟାଯାଇଥିବା ଷଣ୍ଢଙ୍କୁ ଦେଖି ଓ ଗାଈ ଗୁଡିକର ବିଳାପ ଶୁଣି ବିଚଳିତ ହୋଇ ଉଠିଛନ୍ତି ।

'ଆଲୋକ' ସଂଖ୍ୟା ଫେବୃୟାରୀ ୧୯୯୪ ପୃଷ୍ଠା ୮ ରୁ ୧୨, ବିଷୟ ବେଦର ସୃଷ୍ଟି ଓ ସ୍ରଷ୍ଟାରେ ଲେଖକ ପରିବ୍ରାଜକ ଲେଖିଛନ୍ତି ସପ୍ତ ଋଷିଙ୍କ ମଧ୍ୟରୁ ଅଙ୍ଗିରାଙ୍କ ପୁତ୍ର ଥିଲେ ବୃହସ୍ପତି, ତାଙ୍କ ପୁତ୍ର ଭରଦ୍ୱାଜ (ଜନ୍ମ ଖ୍ରୀ:ପୂ ୧୫୦୦ ଦିବୋଦାସଙ୍କ ପୁରୋହିତ ଥିଲେ) ତାଙ୍କ ପୁତ୍ର ବିଦର୍ଥୀ, ତାଙ୍କ ନାତି ସଂକୃତି ତାଙ୍କର ଦୁଇପୁଅ ଗୌରବତୀ ଓ ରନ୍ତିଦେବ (ଜନ୍ମ ଖ୍ରୀ:ପୂ ୧୪୨୦, ବ୍ରାହ୍ମଣ ହୋଇ ରାଜା ହୋଇଥିଲେ) ବୃହସ୍ପତି , ଭରଦ୍ୱାଜ , ଗୌରବତୀ ଋକ୍‌ବେଦର ମନ୍ତ୍ର ସ୍ରଷ୍ଟା ଋଷି ଥିଲେ । ଏହି ମହାନ ରାଜା ରନ୍ତିଦେବଙ୍କ ବର୍ଣ୍ଣନା ମହାଭାରତରେ ମିଳେ । ବନପର୍ବ ଅଧ୍ୟାୟ ୨୦୮ ଓ ୨୧୯

ରାଜ୍ଞେ ମହାନସେ ପୂର୍ବେ ରନ୍ତିଦେବସ୍ୟ ୱେ ଦ୍ୱିଜ ।୮।
ଦ୍ୱେ ସହସ୍ରେ ତୁ ବଧ୍ୟତେ ପଶୁନାମନ୍ୱହ ତଦା ।
ଅହନ୍ୟହନି ବଧ୍ୟତେ ଦ୍ୱେ ସହସ୍ରେ ଗବା ତଥା ।୯।
ସ ମାସ ଦଦତୋ ହ୍ୟନ୍ନେ ରନ୍ତିଦେବସ୍ୟ ନିତ୍ୟଶଃ
ଅତୁଳା କୀର୍ତ୍ତିରଭବ ମୁପସ୍ୟ ଦ୍ୱିଜ ସତ୍ତମ୍ ।୧୦।

ବ୍ରାହ୍ମଣ ରାଜା ରନ୍ତିଦେବଙ୍କ ପାକଶାଳାରେ ଦୁଇହଜାର ପଶୁ କଟାଯାଉଥିଲା । ପ୍ରତ୍ୟେକ ଦିନ ୨ ହଜାର ଗାଈ କଟାଯାଉଥିଲା । ମାଂସ ଓ ଅନ୍ନ ଦାନକରି କରି ରାଜା ରନ୍ତିଦେବଙ୍କ କିର୍ତ୍ତି ଅତୁଳନୀୟ ଭାବରେ ବଢିଯାଇଥିଲା ।

ଗୃହାନ୍ ଅଭ୍ୟାଗତାନ୍ ବିପ୍ରାନ୍ ତିଥିନଂ ପରିବେଶକାଃ
ସାଂସ୍କୃତେ ରନ୍ତିଦେବସ୍ୟ ଯା ଏତ୍ରିମ ତିଥିବସେତ୍ । ୭। — ଦ୍ରୋଣପର୍ବ
ଆଲଭ୍ୟନ୍ତ ତଦା ଗାବଃ ସହସ୍ରାଣୟେକଂ ବିଂଶତିଃ — ଅଧ୍ୟାୟ ୬୭
ତତ୍ରାସ୍ୟ ଶୁଦ୍ରା କ୍ରୋଶନ୍ତି ସମୃଷ୍ଟମଣି କୁଣ୍ଡଳା । ୮ ।
ସୁପଂ ଭୂୟିଷ୍ଟମଶ୍ନିଧଂ ନାଭ୍ୟ ମାଂସ ଯଥା ପୁରା ।

ରାଜା ରନ୍ତିଦେବଙ୍କ ଗୃହକୁ ଏକ ବିଶେଷ ତିଥିରେ ଅନେକ ବ୍ରାହ୍ମଣ ଅତିଥି ପହଞ୍ଚିଲେ । ତାଙ୍କ ପାଇଁ ୨୧ ହଜାର ଗାଈ କଟାହେଲା(ଆଲଭ୍ୟନ୍ତ) ତଥାପି ଅତିଥିଙ୍କ ଭୋଜନ ପରେ ମାଂସ ବଳିନଥିଲା । ତେଣୁ ଶୂଦ୍ର ପରିବେଷକ ମାନଙ୍କୁ ବିରକ୍ତି ସହିତ ଝୋଳ ସହ ଖାଇବାକୁ ପଡିଥିଲା ।

ସେ ପଶୁ ଚମଡା ସବୁ ପର୍ବତ ପରି ଗଦା ହୋଇଯାଉଥିଲା । ବର୍ଷାପାଣି ଓ ରକ୍ତଧାରରୁ

ଏକ ମହାନ୍ ନଦୀ ଚର୍ମନ୍ନିତ (ଆଧୁନିକ ଚମ୍ବଲ) ନଦୀ ବାହାରିଲା ।-ଦ୍ରୋଣପର୍ବ ୬୭/୫
କାଳିଦାସ ତାଙ୍କର 'ମେଘଦୂତଂ' ମହାକାବ୍ୟରେ ରାଜା ରନ୍ତିଦେବଙ୍କର ପ୍ରଶଂସା କରିଛନ୍ତି ।

ବ୍ରହ୍ମବୈବର୍ତ୍ତ ପୁରାଣ :- ଏଥିରେ ସେତେବେଳ ସୁଦ୍ଧା ବ୍ରାହ୍ମଣ ମୁନିମାନେ ୫ କୋଟି ଗାଇର ମାଂସ ଓ ମାଲପୁଆ ଖାଇଥିବାର ହିସାବ ଦିଆଯାଇଛି ।

ପଞ୍ଚକୋଟି ଗବାଂ ମାଂସ ସାପୂୟଂ ସ୍ୱାନ୍ନମେବଚ । ୧।୬୧।୯୮
ଏତେଷାଂ ଚ ନଦୀରାଶି ଭୁଂଜତେ ବ୍ରାହ୍ମଣାନ୍ ମୁନୋ । ୧।୬୧।୯୯

ଏଥିରେ ବର୍ଣ୍ଣିତ ଯେ ରୁକ୍ମଣୀଙ୍କ ବିବାହ ଭୋଜୀପାଇଁ ୧ଲକ୍ଷ ଗାଇ, ୨ଲକ୍ଷ ହରିଣ, ୪ଲକ୍ଷ ଠେକୁଆ,୪ଲକ୍ଷ କଇଁଚ, ୧୦ଲକ୍ଷ ଛେଳି ଓ ୪୦ ଲକ୍ଷ ମେଣ୍ଢାର ମାଂସ ଆୟୋଜିତ ହୋଇଥିଲା । ଏହାକୁ କେତେଜଣ ଲୋକ ଖାଇଥାନ୍ତେ ? ଏହିଭଳି ପୁରାଣ ମାନଙ୍କରେ ବିରତ୍ୱ ଇତ୍ୟାଦିକୁ ତିଳକୁ ତାଳ ରୂପେ ବର୍ଣ୍ଣନା କରାଯାଇଛି ।

ଗବାଲକ୍ଷଂ ଛୋଦନଂ ଚ ହରିଣାନାଂ ଦ୍ୱିଲକ୍ଷଂ
ଚତୁର୍ଲକ୍ଷଂ ଶଶାନାଂ ଚ କୁର୍ମାଣାଂ ଚ ତଥାକୁରୁ ।
ଦଶଲକ୍ଷଂ ଛାଗଲାନାଂ ଭେଟାନାଂ ତତ୍ ଚତୁର୍ଗୁଣଂ
ଏତେଷାଂ ପକ୍ୱ ମାସମ୍ ଭୋଜନାର୍ଥ ଚକାରୟ ୧/୧୦୫/୬୧ ରୁ ୬୩

ଶ୍ରାଦ୍ଧରେ ଗୋମାଂସ :-

ସଂବତ୍ସରନ୍ତୁ ଗବ୍ୟେନ ପୟସା ପାୟସେନ ଚ
ବାଧ୍ରୀଣସ୍ୟ ମାଂସେନ ତୃପ୍ତି ଦ୍ୱାଦଶ ବାର୍ଷିକୀ -ମନୁସ୍ମୃତି ୩/୨୭୧

ଗୋମାଂସ ଦ୍ୱାରା ବା ପାୟସ ଦ୍ୱାରା ବା ଲମ୍ବାକାନିଆ ବୁଢାଛେଳି (ବାଧ୍ରୀଣ) ମାଂସରେ ଶ୍ରାଦ୍ଧ କଲେ ପିତୃପୁରୁଷ ୧୨ ବର୍ଷ ତୃପ୍ତ ରହନ୍ତି । ଅବଶ୍ୟ ଧର୍ମଗ୍ରନ୍ଥ ଷ୍ଟୋର, କଟକ ଦ୍ୱାରା ପ୍ରକାଶିତ ମନୁସ୍ମୃତିର ସଂକଳକ ରାମଶଙ୍କର ରାଏ (୧୯୨୭) ଏହାର ଅନୁବାଦ କରିଛନ୍ତି ଗାଇ କ୍ଷୀରର ପାୟସ ଦ୍ୱାରା । ମାତ୍ର 'ଚ' ଏକ ସଂଯୋଜକ ଅବ୍ୟୟ ଏଠାରେ ଦୁଇଟି ସ୍ୱତନ୍ତ୍ର ଶବ୍ଦ ଗବ୍ୟେନ ଓ ପୟସା ପାୟସେନ କୁ ଯୋଗ କରିଛି ।

ମହାଭାରତର ଅନୁଶାସନ ପର୍ବ ଅଧ୍ୟାୟ ୮୮/୫ ଶ୍ଳୋକ ମଧ୍ୟ କୁହେ ଗୋମାଂସରେ ଶ୍ରାଦ୍ଧ କରିବା ଉଚିତ୍ - ଗବ୍ୟେନ ଦତ୍ତଂ ଶ୍ରାଦ୍ଧ ତୁ ସଂବତ୍ସର ମିହୋଚ୍ୟତେ ।

ବିଷ୍ଣୁପୁରାଣ(୩/୧୬/୧ରୁ୩)- ପିତୃଶ୍ରାଦ୍ଧ ପାଇଁ ମାଛ, ଠେକୁଆ, ନେଉଳ, ଶୁକର, ଛାଗ, କସ୍ତୁରି ମୃଗ, ଗାଇମାଂସ ଅର୍ପଣ କରାଯାଏ । ଗଣ୍ଡା, କାଳଶାକ, ମଧୁ (ସୁରା) ଅର୍ପଣ ଅତ୍ୟନ୍ତ ତୃପ୍ତିଦାୟକ । ସେଥିପାଇଁ ମହାଭାରତରେ ଅର୍ଜୁନଙ୍କୁ ପିତୃଶ୍ରାଦ୍ଧ ପାଇଁ ଶୁକର, ଗଣ୍ଡା ଶିକାର କରିବାକୁ ପଡିଥିଲା ।

ମାର୍କଣ୍ଡେୟ ପୁରାଣ (୩୨/୧୨-୧୩)- ଗୋବଧ ଓ ଗୋମାଂସ ଭକ୍ଷଣ ଧାର୍ମିକ କର୍ମ କୁହାଯାଇଛି ।

ବିଷ୍ଣୁଧର୍ମୋତ୍ତର ପୁରାଣ (୧/୪୦,୧୪୯,୧୫୦)- ଶ୍ରାଦ୍ଧ ପଙ୍‌କ୍ତିରେ ବଢାଯାଇଥିବା ମାଂସ ଯେ ଖାଏନା ସେ ନରକଗାମୀ ହୁଏ ।

କୂର୍ମ ପୁରାଣ (୨/୧୭/୪୦)- ଯେଉଁ ବ୍ରାହ୍ମଣ ଯଜ୍ଞ ଓ ଶ୍ରାଦ୍ଧରେ ମାଂସ ଖାଏନା ସେ ପତିତ ହୋଇଯାଏ ।

ଶତପଥ ବ୍ରାହ୍ମଣ (୧୧/୭/୧-୩)- ଏତଦ୍ ଉହ ପରମଂ ଅନ୍ନଦ୍ୟଂ ଯତ୍ ମାସମ୍ । ସବୁ ଭୋଜ୍ୟ ପଦାର୍ଥରେ ମାଂସ ହିଁ ଶ୍ରେଷ୍ଠ ।

ନ ମାଂସ ଭକ୍ଷଣେ ଦୋଷୋ, ନ ମଦ୍ୟେ ନ ଚ ମୈଥୁନେ
ପ୍ରବୃତ୍ତିରେଷା ଭୂତାନାଂ ନିବୃତ୍ତିସ୍ତୁ ମହାଫଳା ।- ମନୁ ୫/୫୬

ମାଂସଭକ୍ଷଣ, ମଦ୍ୟପାନ, ମୈଥୁନରେ ଦୋଷ ନାହିଁ, ଏସବୁ ପ୍ରାଣୀର ସ୍ୱାଭାବିକ ପ୍ରବୃତ୍ତି, ଏଗୁଡିକରୁ ନିବୃତ୍ତ ରହିଲେ ମହାଫଳ ମିଳେ ।

ଇଲ୍ୱଳ, ବାତାପି ଅଗସ୍ତ୍ୟ ଉପାଖ୍ୟାନ :- ଇଲ୍ୱଳ ବାତାପି ଦୁଇଭାଇ ଅସୁର ସନ୍ତାନ, ବ୍ରାହ୍ମଣଙ୍କୁ ପିତୃଶ୍ରାଦ୍ଧ ପାଇଁ ନିମନ୍ତ୍ରଣ କରନ୍ତି । ବାତାପି ମେଣ୍ଢା ହୋଇଯାଏ । ଇଲ୍ୱଳ ତାକୁ ମାରି ପାକ କରି ବ୍ରାହ୍ମଣଙ୍କୁ ଖାଇବାକୁ ଦିଏ । ତାପରେ ବାତାପି ବାତାପି ଡାକେ । ବାତାପି ବ୍ରାହ୍ମଣଙ୍କ ପେଟ ଚିରି ବାହାରି ଆସେ, ବ୍ରାହ୍ମଣମାନେ ମରିଯାଆନ୍ତି । ଅଗସ୍ତ୍ୟ ଋଷି ଏହା ଜାଣି ଦିନେ ଶ୍ରାଦ୍ଧ ଭୋଜୀରେ ଯୋଗଦେଇ ବାତାପିକୁ ବ୍ରହ୍ମତେଜରେ ହଜମ କରି ଦେଇଥିଲେ । ରାମାୟଣର ଏ ଉପାଖ୍ୟାନ ପାଲାଗାୟକମାନେ ମଧ୍ୟ ସୁନ୍ଦରଭାବେ ଉପସ୍ଥାପନ କରନ୍ତି । ବ୍ରାହ୍ମଣମାନେ ଯଦି ମାଂସ ଖାଉନଥିଲେ ତେବେ ଇଲ୍ୱଳର ନିମନ୍ତ୍ରଣ ରକ୍ଷାକରିବାର ଆବଶ୍ୟକ ନଥିଲା ।

ଆୟୁର୍ବେଦ ଶାସ୍ତ୍ର :- ଚରକ ସଂହିତା ସୂତ୍ରସ୍ଥାନ ୧୯/୪, ୨୭/୮୨ ସୁଶ୍ରୁତ ସଂହିତା ୧୭/୩୮, ୪୬/୯୭ ବାଗଭଟ୍ଟଙ୍କ ଅଷ୍ଟାଙ୍ଗ ହୃଦୟସୂତ୍ର ୬/୬୫ ଗୋମାଂସର ଔଷଧି ଗୁଣ ପ୍ରଶଂସା କରାଯାଇଛି । ସୁଶ୍ରୁତ ସଂହିତା ୪୬/୯୭-

"ଗବ ମସ୍ତ୍ୟୁତ ମାସାହି ସ୍ନିଗ୍ଧ ମଧୁର କାମ ସଜିତ୍
ବିପାକେ ମଧୁତ ଚାପି ବ୍ୟବାମସ୍ୟ ତେ ବଧନେମ୍ ।

ଗୋମାଂସ ସ୍ନିଗ୍ଧ,ମଧୁର ରସ,ବାତ, କାଶ ନାଶକ, ମଧୁର ବିପାକ ମୈଥୁନ ଶକ୍ତିବର୍ଦ୍ଧକ ଅଟେ ।

ବିଦେଶୀ ପର୍ଯଟକଙ୍କ ବିବରଣୀ :- ଗ୍ରୀକ ପର୍ଯଟକ ମେଘାସ୍ଥିନିସ୍‌ଙ୍କ 'ଇଣ୍ଡିକା', ୭ମ ଶତାବ୍ଦିର ହୁଏନ୍‌ସାଂଙ୍କ ବିବରଣୀ, ୧୧ଶ ଶତାବ୍ଦୀର ଆଲବେରୁଣୀଙ୍କ 'ହକିକଦ୍ ଇ ହିନ୍ଦ୍'ରେ ମଧ୍ୟ ଆର୍ଯ୍ୟଙ୍କର ଗୋମେଧ ଯଜ୍ଞ ଓ ଗୋମାଂସ ଭକ୍ଷଣର ବର୍ଣ୍ଣନା ଦେଖିବାକୁ ମିଳେ ।

ପ୍ରତ୍ନତାତ୍ତ୍ୱିକ ପ୍ରମାଣ :- ଲୋଠାଲ ଓ କାଳିବଙ୍ଗାରେ ପ୍ରତ୍ନତାତ୍ତ୍ୱିକ ଖନନରୁ ଯଜ୍ଞକୁଣ୍ଡ ବାହାରିଲା । ସେଥିରେ ଥିବା ଅସ୍ଥିଗୁଡିକର ପରୀକ୍ଷାରୁ ଜଣାପଡିଲା ଯେ ସେଥିରେ ଗୋରୁ, ଘୋଡା, ମୃଗ ଆଦିର ଅସ୍ଥି ଥିଲା । ଯାହାକି ଆର୍ଯ୍ୟଙ୍କର ଗୋମେଧ, ଅଶ୍ୱମେଧ ଯଜ୍ଞର ପୁଷ୍ଟ

କରେ । କାଳିବଙ୍ଗାରୁ ଏକ ମୃଣ୍ମୟପିଣ୍ଡ ବାହାରିଥିଲା - ଯେଉଁଥିରେ କି ଯଜ୍ଞପଶୁକୁ ଯଜ୍ଞକୁଣ୍ଡ ଆଡ଼କୁ ଅଡ଼ାଇ ନେବାର ଚିତ୍ର ରହିଛି । (୧) ସେତେବେଳର ଯଜ୍ଞକୁଣ୍ଡ ଆଜିର କୁଣ୍ଡଠାରୁ ବହୁତ ବଡ଼ ଥିଲା, ଏପରିକି ଗଜମେଧ ଯଜ୍ଞରେ ହାତୀର ଅଙ୍ଗପ୍ରତ୍ୟଙ୍ଗ ମଧ୍ୟ ଆହୁତି ଦିଆଯାଉଥିଲା । ଦକ୍ଷ ପ୍ରଜାପତିଙ୍କ ଏଭଳି ଯଜ୍ଞ କୁଣ୍ଡରେ ତାଙ୍କ କନ୍ୟା ସତୀ ଲମ୍ଫପ୍ରଦାନ କରି ଆତ୍ମବିସର୍ଜନ କରିଥିଲେ । ଅସୁର ରାକ୍ଷସ ଅନାର୍ଯ୍ୟମାନେ ଯଜ୍ଞରେ ବିଘ୍ନ ଘଟାଉଥିବାର ବର୍ଣ୍ଣନା ଶାସ୍ତ୍ରରେ ମିଳେ । ତାର କାରଣ ଥିଲା କୃଷିନିପୁଣ ଅନାର୍ଯ୍ୟମାନେ ଯାଜ୍ଞିକ ଗୋହିଂସାକୁ ବରଦାସ୍ତ କରିପାରୁ ନଥିଲେ ।

ଅସ୍ୱିକାର :- ଦୟାନନ୍ଦ ସରସ୍ୱତୀ ଆଦି କେତେକ ପଣ୍ଡିତ ଗୋମାଂସ ତ ଦୂରର କଥା ଅନ୍ୟ କୌଣସି ମାଂସ ଆର୍ଯ୍ୟ ମୁନୀଋଷିମାନେ ଖାଉନଥିଲେ ବୋଲି କହିଲେ । ତାଙ୍କ ମତରେ ବାମାଚାରୀ, ବିରୋଧୀ ଜୈନ, ବୌଦ୍ଧ ଏପରିକି ମୁସଲମାନ ପଣ୍ଡିତମାନେ ହିନ୍ଦୁଧର୍ମଗ୍ରନ୍ଥ ଗୁଡିକରେ ସେ ଶ୍ଳୋକକୁ ପୁରାଇ ଦେଇଛନ୍ତି । ସେମାନେ ପୁରାଇଲା ବେଳକୁ କୌଣସି ଧର୍ମାଧକ୍ଷ ବିରୋଧ କଲେନି କାହିଁକି ? କ'ଣ ସେମାନେ ମେଘାସ୍ଥିନିସ୍‌ଙ୍କ ଇଣ୍ଡିକା, ହୁଏନ୍‌ସାଂଙ୍କ ବିବରଣୀରେ ଲେଖିବା ପାଇଁ ଗ୍ରୀସ୍ ଓ ଚୀନ୍ ମଧ୍ୟ ଯାଇଥିଲେ । ସେମାନେ ନିଶ୍ଚୟ ସଂସ୍କୃତ ପଣ୍ଡିତ ଥିଲେ । କେହି ବିରୋଧ ନକରି ମୌନ ସମ୍ମତି ଦେଇଥିବାରୁ ବରଂ ସମସ୍ତେ ବାମାଚାରୀ ହୋଇଯାଇଥିଲେ ।

ସ୍ୱୀକାର :- ଏତେସବୁ ଧର୍ମଗ୍ରନ୍ଥରେ ପ୍ରମାଣ ପାଇ ସନାତନି ସମାଜ କହିଲେ ଗୋରୁ ମାରି ଗୋମେଧ ଯଜ୍ଞ ହେଉଥିଲା, ମାତ୍ର ମୁନୀଋଷିଙ୍କ ତପବଳରେ ପୁଣି ସେମାନଙ୍କୁ ଜୀବଦାନ ଦିଆଯାଉଥିଲା ଓ ସେମାନେ ସ୍ୱଦେହରେ ଗୋଲକ ଚାଲିଯାଉଥିଲେ । ଏଠାରେ ଶ୍ରୀ ନନ୍ଦକିଶୋର ସିଂହଙ୍କ 'ଆମ ସାଂସ୍କୃତିକ ବିକାଶରେ ପଇତା ବ୍ରତ' ପୁସ୍ତକ ଓଡିଶାର ସାଂସ୍କୃତିକ ପରମ୍ପରା ୨ୟ ସ୍ତବକ ସଂକଳକ ବ୍ରଜମୋହନ ମହାନ୍ତି ୧୯୯୧ ପୃ-୪୦୫ର ପ୍ରାଚୀନ ଉପାଖ୍ୟାନ ଉଦ୍ଧୃତ ହେବା ସ୍ପୃହଣୀୟ ଅଟେ ।

ପଇତା(ଉପବୀତ) କାହିଁକି ? - ବ୍ରହ୍ମାପୁତ୍ର ଯାଜ୍ଞବଳ୍କ ଗୋହତ୍ୟା କରି ଗୋମେଧ ଯଜ୍ଞ କଲେ, ସମସ୍ତଙ୍କୁ ଚରୁ ଦେଲେ । ଚରୁ ଖାଇ ସେ ସ୍ନାନ ତର୍ପଣକୁ ଗଲେ । ଏହି ଭିତରେ ତାଙ୍କର ଦ୍ୱିତୀୟା ପତ୍ନୀ ଲୁଚାଇ କିଛି ଅଧିକା ଚରୁ ଖାଇଦେଲେ । ଋଷି ଫେରି ଗୋରୁଙ୍କୁ ଜୀବନ ଦାନ ଦେବାରୁ କ୍ଷୀଣାଙ୍ଗ ରୂପେ ଜୀବନଲାଭ କଲେ । ଏକଥା ଜାଣି ବ୍ରହ୍ମାଦି ଦେବ ଆସିଲେ । ଦ୍ୱିତୀୟା ପତ୍ନୀ ମ୍ଳେଚ୍ଛ ଜନ୍ମଗ୍ରହଣ କରିବେ । ୧ମା ପତ୍ନୀଙ୍କ ସନ୍ତାନ ବେଦବିଦ୍ ବ୍ରାହ୍ମଣ ହେବେ । ସେହିଦିନ ଠାରୁ ବ୍ରାହ୍ମଣମାନେ ଗୋହତ୍ୟା ଜନିତ ପାପରୁ ମୁକ୍ତି ପାଇଁ ଗୋରଜ୍ଜୁ ସଦୃଶ ଯଜ୍ଞୋପବୀତ ଧାରଣ କରି ଆସୁଛନ୍ତି, ଗୋକର୍ଣ୍ଣ ଆକୃତିର ତମ୍ବାପାତ୍ର ଓ ଗୋ ଗ୍ରାସ କୁଶଘାସ ପୂଜାରେ ବ୍ୟବହାର କରୁଛନ୍ତି । ସେହିଦିନରୁ ଗୋବଧ ଓ ଗୋମେଧ ଯଜ୍ଞ ନିଷିଧ କରାଗଲା । ପଇତା ପିନ୍ଧା ଉପରେ ଏ ଏକ ମତ ଅଟେ । କୁଡୁମିମାନେ କ୍ଷତ୍ରୀୟ ଆନ୍ଦୋଳନ ବେଳେ ଏ ଯଜ୍ଞୋପବୀତ ପାଇବା କେଡେ ଭାଗ୍ୟର କଥା ମଣୁଥିଲେ ।

---

(୧) ସୁରେନ୍ଦ୍ର ନାଥ ଶତପଥି- ଭାରତୀୟ ସଂସ୍କୃତି ପ୍ରାଗୈତିହାସିକ ପର୍ବ ପୃ-୧୦୨-୧୦୩
ପାଦଟୀକା S.R. Rao- Lothal and the Indus Civilization -1973, p-124.

ବର୍ତ୍ତମାନ ନିରାମିଷ କାହିଁକି ? - ବୈଦିକ ଯଜ୍ଞ ଗୁଡିକରେ ଜୀବ ହିଂସାକୁ ବିରୋଧକରି ~~ବୈଦିକ~~ ସନାତନ ଧର୍ମର ବିଦ୍ରୋହୀ ସନ୍ତାନ ଜୈନ ଓ ବୌଦ୍ଧଧର୍ମର ଜନ୍ମ ହେଲା । ଅଶୋକ, କନିଷ୍କ, ହର୍ଷବର୍ଦ୍ଧନ ଆଦି ସମ୍ରାଟଙ୍କ ପୃଷ୍ଠପୋଷକରେ ସମଗ୍ର ଭାରତ ବୌଦ୍ଧଧର୍ମୀ ହେବାକୁ ବସିଲା । ଅଶୋକଙ୍କ ଶିଳାଲିପି ଅନୁଯାୟୀ ଯାଜ୍ଞିକ ହିଂସା କରୁଥିବା ଲୋକଙ୍କୁ ଦଣ୍ଡବିଧାନ ବ୍ୟବସ୍ଥା ଯୋଗୁ ଆସ୍ତେ ଆସ୍ତେ ବ୍ରାହ୍ମଣମାନେ ସମାଜରେ ଥିବା ପ୍ରତିଷ୍ଠା, ଧନ,ମାନ,ଯଶ,କ୍ଷମତା ହରାଇଲେ । ଏହାକୁ ଫେରିପାଇବା ପାଇଁ ସେମାନେ ବୌଦ୍ଧଧର୍ମରେ ପ୍ରବେଶ କରି ବୌଦ୍ଧପଣ୍ଡିତ ହୋଇଗଲେ । ଏ ଘଡିସନ୍ଧି ମୁହୂର୍ତ୍ତରେ ତ୍ରାଣକର୍ତ୍ତା ଶଙ୍କରାଚାର୍ଯ୍ୟଙ୍କ ଆବିର୍ଭାବ ହୁଏ । ହିନ୍ଦୁଧର୍ମର ଦର୍ଶନକୁ ନେଇ ହିଁ ବୌଦ୍ଧଧର୍ମର ସୃଷ୍ଟି ହୋଇଥିଲା । ସେ ପ୍ରଥମେ ବୌଦ୍ଧପଣ୍ଡିତ ମଣ୍ଡନ ମିଶ୍ରଙ୍କୁ ତର୍କରେ ପରାସ୍ତ କଲେ । କେବଳ ଭୀକ୍ଷାରେ ମିଳୁଥିବା ମାଂସ ବୌଦ୍ଧଭୀକ୍ଷୁମାନେ ଗ୍ରହଣ କରିବାର ବ୍ୟବସ୍ଥା ଥିଲା । ଏହି ଦୁର୍ବଳତାର ସେ ସୁଯୋଗ ନେଲେ । ବୈଦିକ ଧର୍ମ ସଂପୂର୍ଣ୍ଣ ନିରାମିଷ ଓ ଜୀବହିଂସାର ବିରୋଧି ବୋଲି ପ୍ରଚାର କଲେ । ପରାଶର ସ୍ମୃତିରେ ପୁରାହେଲା -

ଅଶ୍ୱାଲମ୍ଭଂ ଗବାଲମ୍ଭଂ ସନ୍ନ୍ୟାସଂ ପଲପୈତ୍ରିକଂ
ଦେବରାଚ୍ଚ ସୁତୋତ୍ପତ୍ତିଂ କଲୌ ପଞ୍ଚ ବିବର୍ଜୟେତ୍ ।

ଅର୍ଥାତ୍ -ଘୋଡାମାରି ଯଜ୍ଞ କରିବା, ଗାଈମାରି ଯଜ୍ଞ କରିବା, ସନ୍ନ୍ୟାସ ଦୀକ୍ଷା ନେବା, ମାଂସ ଭକ୍ଷଣ କରିବା, ନିୟୋଗ ମାଧ୍ୟମରେ ପୁତ୍ର ଉତ୍ପନ୍ନ କରିବା କଳିକାଳରେ ଏ ପାଞ୍ଚଜିନିଷ ବର୍ଜନୀୟ ଅଟେ ।

ପ୍ରାଚୀନ ସଂସ୍କୃତ ଧର୍ମଶାସ୍ତ୍ର ଯେଉଁଥିରେ ଯାଜ୍ଞିକ ହିଂସାଥିଲା ସେଗୁଡିକ ଲୁଚାଗଲା । ବେଦାଦି ସେ ଶାସ୍ତ୍ରସବୁ ଶୁଦ୍ରଙ୍କ ପାଇଁ ପଢିବା ଶୁଣିବା ନିଷେଧ ହେଲା । ତାଙ୍କ ପାଇଁ ବ୍ରାହ୍ମଣମାନେ ବିଭିନ୍ନ ଆଞ୍ଚଳିକ ଭାଷାରେ ରାମାୟଣ, ମହାଭାରତ ପୁରାଣ ଆଦି ଅନୁବାଦ କଲେ, ଯେଉଁଥିରେ କି ଗୋମେଧ ଯଜ୍ଞ ଓ ଗୋମାଂସ ଭକ୍ଷଣ କଥାଗୁଡିକ ବାଦ ଦିଆଗଲା । ଏଥିଯୋଗୁ ସଂସ୍କୃତ ଭାଷାର ଅବକ୍ଷୟ ଆରମ୍ଭ ହେଲା ଓ ତାହା ମାତ୍ର ଶତକଡା ୩.୫ ଭାଗ ବ୍ରାହ୍ମଣଙ୍କ ପାଖରେ ସଙ୍କୁଚିତ ହୋଇ ହୋଇ ଲୁପ୍ତ ହେବାକୁ ବସିଲାଣି । ସାଧାରଣ ଜନତାଙ୍କ ସ୍ମରଣ ଶକ୍ତି ଖୁବ୍ କମ୍ । ସେମାନଙ୍କୁ ବୈଦିକ ଧର୍ମ ବୌଦ୍ଧଧର୍ମ ଠାରୁ ଅଧିକ ଅହିଂସ ମନେ ହେଲା । ବୌଦ୍ଧ,ଜୈନ ଧର୍ମ ପ୍ରଭାବରେ ବ୍ରତାଦି ଆର୍ଯ୍ୟସଂସ୍କାର ଛାଡିଥିବା ବ୍ରାତ୍ୟମାନଙ୍କୁ ପୁଣି ବ୍ରାତ୍ୟୋଷ୍ଟମ ଯଜ୍ଞମାଧ୍ୟମରେ ଆର୍ଯ୍ୟାୟିତ କରାଗଲା । ବୁଦ୍ଧଙ୍କୁ ନବମ ଅବତାରର ସ୍ଥାନଦେଇ ବୌଦ୍ଧମାନଙ୍କୁ ହିନ୍ଦୁ କରାଗଲା । ଅବଶ୍ୟ ବୁଦ୍ଧଙ୍କ ପାଇଁ ହିନ୍ଦୁମାନେ କେଉଁଠାରେ ବୁଦ୍ଧ ମନ୍ଦିର କରିନାହାନ୍ତି ବରଂ ଅନେକ ବୁଦ୍ଧମନ୍ଦିର ବିହାର ଭାଙ୍ଗିଛନ୍ତି ବା ହିନ୍ଦୁ ମନ୍ଦିରରେ ରୂପାନ୍ତର କରିଛନ୍ତି । ବୁଦ୍ଧଗୟାର ବୌଦ୍ଧବ୍ରାହ୍ମଣ ପଣ୍ଡିତଙ୍କୁ ଶ୍ରେଷ୍ଠ ଗଡୟାଲ ବ୍ରାହ୍ମଣର ମର୍ଯ୍ୟାଦା ଦେଇ ତାଙ୍କପାଇଁ ସେଠାରେ ହିନ୍ଦୁଙ୍କର ପିଣ୍ଡଦାନର ବ୍ୟବସ୍ଥା କରାଗଲା ।

ଏହି ଭାବରେ ବର୍ତ୍ତମାନ ବୈଦିକ ସନାତନ ଧର୍ମ ଆତ୍ମରକ୍ଷା ପାଇଁ ପୂର୍ବପ୍ରତିଷ୍ଠା ଧନ,ମାନ,ଯଶ, କ୍ଷମତା ରକ୍ଷାପାଇଁ ଯାଜ୍ଞିକ ଜୀବହିଂସା, ଆମିଷ ଭକ୍ଷଣ ପ୍ରାୟ ହଜାର ବର୍ଷ ତଳୁ ଛାଡିବା ଆରମ୍ଭ କରିଛନ୍ତି । ଓଡିଶାରେ ଯଯାତିକେଶରୀଙ୍କ ଦଶାଶ୍ୱମେଧ ଯଜ୍ଞ ବୋଧେ ଥିଲା ଶେଷ ଯାଜ୍ଞିକ ହିଂସା ।

ଜାତିପ୍ରଥା

ବୈଦିକ ସନାତନ ଧର୍ମ ବା ଆର୍ଯ୍ୟଧର୍ମ ଓ ଏ ଦେଶର ମୂଳବାସିନ୍ଦାଙ୍କ ଧର୍ମର ମିଶ୍ରଣରୁ ହିନ୍ଦୁଧର୍ମର ସୃଷ୍ଟି ହୋଇଛି । ଅନାର୍ଯ୍ୟ ନିଶାଦୀୟ ଶାବରୀ ସଂସ୍କୃତିରୁ ସିନ୍ଦୁର, ହଳଦୀ, ମହାଦେବ, ଜଗନ୍ନାଥ ହିନ୍ଦୁମାନେ ଗ୍ରହଣ କରିଛନ୍ତି । ବର୍ତ୍ତମାନ ହିନ୍ଦୁଧର୍ମ କହିଲେ କେବଳ ବୈଦିକ ସନାତନ ଧର୍ମ ବୋଲି ବୁଝାଯାଏ; ମାତ୍ର ଯାହାକି ସତ୍ୟ ନୁହେଁ । ଯାହାହେଉ ବୈଦିକ ସନାତନ ଧର୍ମର ମୂଳାଧାର ବେଦ ଅଟେ । ବେଦ ଋକ୍, ଯଜୁ, ସାମ ଓ ଅଥର୍ବ ଭାବରେ ଚାରିଭାଗରେ ବିଭକ୍ତ । ପ୍ରତ୍ୟେକ ବିଭାଗର ପୁଣି ଅନେକ ସଂହିତା, ବ୍ରାହ୍ମଣ, ଆରଣ୍ୟକ, ଉପନିଷଦ ବା ବେଦାନ୍ତ ରହିଛି । ତାପରେ ଆସେ ସ୍ମୃତି, ଏଗୁଡିକ ବେଦରୁ ହିଁ ଅଣାଯାଇଛି ବୋଲି କୁହାଯାଏ । ସ୍ମୃତି ମଧ୍ୟରେ ମନୁସ୍ମୃତି ବା ମନୁସଂହିତା ସବୁଠାରୁ ପ୍ରାଚୀନ । ଏହାକୁ ମାନବ ସଭ୍ୟତାର ସର୍ବପ୍ରଥମ ବିଧାନ ଶାସ୍ତ୍ର ବା ଆଇନ୍ ବହି କହିଲେ ଅତ୍ୟୁକ୍ତି ହେବନାହିଁ । ଏଗୁଡିକର ଅଧିକାଂଶ ବିଧାନ ବର୍ତ୍ତମାନ ଯାଏ ସନାତନ ଧର୍ମୀମାନେ ଅନୁସରଣ କରନ୍ତି, ଠିକ୍ ଯେପରି ମୁସଲ୍‌ମାନ ମାନଙ୍କର ସାରୀୟାତ୍ । ତା ପରେ ଆସେ ମହାଭାରତ, ଗୀତା ଓ ରାମାୟଣ । ସବୁଠାରୁ ପଛରେ ସ୍ତ୍ରୀ, ଭୃତ୍ୟ, ଶୁଦ୍ରଙ୍କ ନିମନ୍ତେ ପୁରାଣ ସବୁ ଲେଖାଯାଇଛି ।

୪ ବର୍ଣ୍ଣ :- ଯର୍ଜୁବେଦର ୩୧ତମ ଅଧାୟ ପୁରୁଷସୂକ୍ତ ନାମରେ ପ୍ରସିଦ୍ଧ । ସନାତନ ଧର୍ମର ସୃଷ୍ଟିତତ୍ତ୍ୱ ଏହିଠାରୁ ଆରମ୍ଭ- ପରମାତ୍ମା ବିରାଟ ପୁରୁଷ ପ୍ରକଟ ହେଲେ । ସେ ଚଉଦ ବ୍ରହ୍ମାଣ୍ଡ ବୁଲିସାରିଲା ପରେ ମଧ୍ୟ ୧୦ଆଙ୍ଗୁଳ ବଳିଲେ । ତାଙ୍କଠାରୁ ଚାରିବେଦ ପ୍ରକଟ ହେଲା । ତାଙ୍କର ମୁହଁରୁ ବ୍ରାହ୍ମଣ, ବାହୁରୁ କ୍ଷତ୍ରୀୟ, ଜଂଘରୁ ବୈଶ୍ୟ ଓ ପାଦରୁ ଶୁଦ୍ର ଜନ୍ମ ହେଲେ ।

ବ୍ରାହ୍ମଣୋସ୍ୟ ମୁଖମାସିତ୍ ବାହୁ ରାଜନ୍ୟକୃତଃ
ଉରୂତଦସ୍ୟ ଯଦ୍ ବୈଶ୍ୟଃ ପଦଭ୍ୟାଂ ଶୁଦ୍ରଅଜାୟତ୍ । ଯଜୁର୍ବେଦ-୩୧/୧୧

ତାଙ୍କର ମନରୁ ଚନ୍ଦ୍ରମା, ଚକ୍ଷୁରୁ ସୂର୍ଯ୍ୟ, କର୍ଣ୍ଣରୁ ବାୟୁ ଓ ପ୍ରାଣ, ମୁଖରୁ ଅଗ୍ନୀ (ଶ୍ଳୋକ ୧୨) ନାଭୀରୁ ଅନ୍ତରୀକ୍ଷ, ଶୀରରୁ ଦ୍ୟୁଲୋକ, ପାଦରୁ ଭୂମି ଓ କାନରୁ ଦିଗମାନ(ଶ୍ଳୋକ ୧୩) ପ୍ରକଟ ହେଲେ । (ଅବଶ୍ୟ ପୁରାଣ ମତରେ ବାୟୁ, ଅଗ୍ନୀ, ସୂର୍ଯ୍ୟ, ଇନ୍ଦ୍ର ଆଦି ଦେବତାମାନେ କାଶ୍ୟପ ପତ୍ନୀ ଅଦିତିଙ୍କ ଠାରୁ ଜନ୍ମ)

ଗୀତାରେ ମଧ୍ୟ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି-

ଚତୁର୍ବର୍ଣ୍ଣଂ ମୟା ସୃଷ୍ଟଂ ଗୁଣକର୍ମ ବିଭାଗଶଃ ଆର୍ଯ୍ୟୋନାର୍ଯ୍ୟୋ ଭବେତ୍ ଗୁଣୈଃ ।

ଗୁଣକର୍ମ ବିଭାଗରୁ ଚାରିବର୍ଣ୍ଣର ସୃଷ୍ଟି ମୋ ଦ୍ୱାରା ହୋଇଛି, ଗୁଣରୁ ଆର୍ଯ୍ୟ ବା ଅନାର୍ଯ୍ୟ ହୁଅନ୍ତି । ଅର୍ଥାତ୍ ଆର୍ଯ୍ୟ ଦିନେ ଥିଲା ଏକ ଗୁଣବାଚକ ଶବ୍ଦ ।

ଆର୍ଯ୍ୟଙ୍କ ଲକ୍ଷଣ :- (ଭାସବୈପ ୧/୪୭-୪୮)

ମହର୍ଷି ମନୁଙ୍କ ମତରେ - କର୍ତ୍ତବ୍ୟଂ ଆଚରନ୍ କାର୍ଯ୍ୟଂ ଅକର୍ତ୍ତବ୍ୟଂ ଅନାଚାରନ୍,
ତିଷ୍ଠତି ପ୍ରକୃତାଚାରେ ସଃ ଏବଃ ଆର୍ଯ୍ୟ ଇତି ସ୍ମୃତ ।

ଯେ କର୍ତ୍ତବ୍ୟ କରନ୍ତି, ଅକର୍ତ୍ତବ୍ୟ କରନ୍ତି ନାହିଁ, ସଦାଚାରରେ ଥାଆନ୍ତି ସେ ଆର୍ଯ୍ୟ । ନିରୁକ୍ତାକାର ଯାସ୍କ ମତରେ ଆର୍ଯ୍ୟ ହେଉଛନ୍ତି - ଈଶ୍ୱର ପୁତ୍ର, ଭଦ୍ର ସଂସ୍କୃତ ବା ସଭ୍ୟ ।

ସାୟଣାଚାର୍ଯ୍ୟଙ୍କ (ଋକ ୧/୧୩୦/୪) ଭାଷ୍ୟ ଅନୁଯାୟୀ ଯାହାଙ୍କ ଠାରୁ ବୋଧ, ଜ୍ଞାନ ମିଳେ ସେ ଆର୍ଯ୍ୟ ।

ସାଧକ ଅରବିନ୍ଦଙ୍କ ମତରେ - The Arya is one who seeks for the light, the light of divine knowledge.ଯେ ବିଦ୍ୟ ଜ୍ଞାନଲୋକ ଅନୁସନ୍ଧାନ କରୁଥାଏ ସେ ଆର୍ଯ୍ୟ ।

ବେଦର ଅଧିକାରୀ :- ସାଧାରଣରେ ବିଶ୍ୱାସ ଯେ ବେଦ ଉପରେ ସ୍ତ୍ରୀ ଶୁଦ୍ରମାନଙ୍କର ଅଧିକାର ନାହିଁ । ଏପରିକି କ୍ଷତ୍ରୀୟ ଓ ବୈଶ୍ୟଙ୍କ ସଂସ୍କାରରୁ ବେଦାଧ୍ୟୟନ ସଂସ୍କାର ବାଦ୍ ଦିଆଯାଉଥିବାର ଦେଖାଯାଏ । ବର୍ତ୍ତମାନ ବେଦ ଉପରେ କେବଳ ବ୍ରାହ୍ମଣଙ୍କର ଏକଚାଟିଆ ଅଧିକାର ବା ପାଟେଣ୍ଟ ରହିଛି ଯାହାକି ସର୍ବଥା ମିଥ୍ୟା ଅଟେ । ବେଦବାଣୀ କୁହେ-

ଯଥେମାଂ ବାଚଂ କଲ୍ୟାଣୀମାବଦାନୀ ଜନେଭ୍ୟ
ବ୍ରହ୍ମ ରାଜନ୍ୟାଭ୍ୟାଂ ଶୁଦ୍ରାୟଚାର୍ଜାୟ ଚ ସ୍ୱାୟଚାରଣାୟ । -ଯର୍ଜୁ ୨୬/୨

ବ୍ରହ୍ମା କହିଛନ୍ତି ଯେପରି ମୁଁ ମନୁଷ୍ୟଙ୍କ କଲ୍ୟାଣ ପାଇଁ ୪ ବେଦ (ବାଚଂ) କହିଅଛି ସେପରି ତୁମେମାନେ ବ୍ରାହ୍ମଣଙ୍କୁ, ରାଜା(କ୍ଷତ୍ରୀୟ)ମାନଙ୍କୁ, ଶୁଦ୍ରଙ୍କୁ, ବୈଶ୍ୟ (ଅର୍ଯ୍ୟାୟ)ଙ୍କୁ ଭୃତ୍ୟ ଓ ସ୍ତ୍ରୀଙ୍କୁ (ସ୍ୱାୟ) ତଥା ଅରଣ୍ୟବାସୀ ନିକୃଷ୍ଟ ଶୁଦ୍ର ଆଦିମ ଅଧିବାସୀ (ଅରଣାୟ) ମାନଙ୍କୁ କୁହ । ବ୍ରାହ୍ମଣମାନେ ନିଜର ରାଜା ମାନୁଥିବା ଦେବତା ସୋମଙ୍କର ତାଙ୍କ ପ୍ରତି ନିର୍ଦ୍ଦେଶ ଥିଲା -

କୃଣ୍ୱନ୍ତୋ ବିଶ୍ୱମାର୍ଯ୍ୟଂ----ଋକ୍ ୯/୬୩/୫

ଅର୍ଥାତ୍ ସମଗ୍ର ବିଶ୍ୱକୁ ଆର୍ଯ୍ୟାୟିତ (ଭଦ୍ର, ଉନ୍ନତ) କରାଅ । କିନ୍ତୁ ଏହା ମୁସଲମାନମାନଙ୍କର 'ଦାରୁଲ ଇସଲାମ୍' ଆଗରେ ହୀନପ୍ରଭ ହୋଇଯାଉଛି । ଯଦି ଏହି ଦୁଇ ମନ୍ତ୍ରକୁ ସେତେବେଳୁ କାର୍ଯ୍ୟକାରୀ କରାଯାଇଥାନ୍ତା, ତେବେ ହୁଏତ ସମଗ୍ର ବିଶ୍ୱ ହିନ୍ଦୁ ଆର୍ଯ୍ୟ ହୋଇଯାଇଥାନ୍ତେ ଓ ସଂସ୍କୃତ ବିଶ୍ୱଭାଷା ହୋଇଯାଇଥାନ୍ତା ।

ଯାହାହେଉ ଅନାର୍ଯ୍ୟ ଶୂଦ୍ର ଓ ନାରୀମାନଙ୍କୁ ବେଦର ଅଧିକାର ନିଜେ ବେଦ ହିଁ ଦେଇସାରିଛି ।

ନାରୀର ବେଦ ଅଧିକାର :- ଅନେକ ବିଦୁଷୀ ନାରୀ ବେଦର ମନ୍ତ୍ରଦ୍ରଷ୍ଟା ଋଷିକା ହୋଇପାରିଥିଲେ । ଯଥା-

ଋଷିକା	ତାଙ୍କ ଦ୍ୱାରା ଦ୍ରଷ୍ଟା/ରଚିତ ମନ୍ତ୍ର
ଅତ୍ରିକନ୍ୟା ଅପାଲା ଅତ୍ରେୟୀ	- ଋକ ୮/୯୧ ସୁକ୍ତ
ଅତ୍ରିକନ୍ୟା ବିଶ୍ୱବାରା ଆତ୍ରେୟୀ	- ଋକ ୫/୨୮, ସୁକ୍ତ ଯଜୁ ୩୩/୧୧
ଅଗସ୍ତ୍ୟଙ୍କ ପତ୍ନୀ ଲୋପାମୁଦ୍ରା	- ଋକ ୧/୭୯/୧-୨, ଯଜୁ ୧୭/୧୧, ୩୬/୨୦
ଭରଦ୍ୱାଜଙ୍କ କନ୍ୟା କଶିପା	- ଯଜୁ ୩୪/୩୨
ବୃହସ୍ପତିଙ୍କ କନ୍ୟା ରୋମଶା	- ଋକ ୧/୧୬୬/୭ ଓ ସାମବେଦର ଅନେକ ମନ୍ତ୍ର
ଅଙ୍ଗିରସ୍ଙ୍କ କନ୍ୟା ଶଶ୍ୱତୀ ଆଙ୍ଗିରସୀ	- ଋକ ୮/୧/୩୪
ଦକ୍ଷ କନ୍ୟା ଅଦିତି	- ଋକ ୪/୧୮/୭ ଇତ୍ୟାଦି ।

ଗାର୍ଗୀ ଓ ମୈତ୍ରୀ ଉପନିଷଦର ଋଷିକା ଥିଲେ ।

ମାତ୍ର ଅନ୍ଧକାର ଯୁଗରେ 'ସ୍ତ୍ରୀ ଶୁଦ୍ରୋ ନାଧିୟତାମ' କହି ସ୍ତ୍ରୀ ଶୁଦ୍ରମାନଙ୍କୁ ବେଦ ଶିକ୍ଷାରୁ ଦୂରେଇ ରଖାଗଲା, ଯାହାକି ପୁରୁଷପ୍ରଧାନ ସମାଜର ନାରୀ ନିର୍ଯ୍ୟାତନାର ଏକ ଅଂଶବିଶେଷ ଅଟେ ।

ଶୁଦ୍ରର ଉଚ୍ଚବର୍ଣ୍ଣ ଲାଭ :-

ଗୁଣକର୍ମ ବିଭାଗରୁ ୪ ବର୍ଣ୍ଣର ସୃଷ୍ଟି । ଧର୍ମାଚାରଣ ଉନ୍ନତ ଭଦ୍ରକର୍ମ କରିବାରୁ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟଙ୍କୁ ଆର୍ଯ୍ୟ କୁହାଗଲା । ସେବାଦି ନିକୃଷ୍ଟ କର୍ମ କରିବାରୁ ଶୁଦ୍ରଙ୍କୁ ଅନାର୍ଯ୍ୟ କୁହାଗଲା । ଧର୍ମଚାରଣ, ଉନ୍ନତ ଭଦ୍ର କର୍ମ କରିବାରୁ ଶୁଦ୍ର ବୈଶ୍ୟ, କ୍ଷତ୍ରିୟ ବା ବ୍ରାହ୍ମଣ ସ୍ତରକୁ ଯାଇପାରୁଥିଲା । ଅଧର୍ମ ପତିତ ନିକୃଷ୍ଟ କର୍ମ କରିବାରୁ ବ୍ରାହ୍ମଣ ମଧ୍ୟ କ୍ଷତ୍ରିୟ ବୈଶ୍ୟ ବା ଶୁଦ୍ର ହେଉଥିଲା ।

ଶୁଦ୍ରୋ ବ୍ରାହ୍ମଣାତାମେତି ବ୍ରାହ୍ମଣଶ୍ଚୈତି ଶୁଦ୍ରତାମ
କ୍ଷତ୍ରିୟାଜ୍ଜାତମେବନ୍ତୁ ବିଦ୍ୟଦ୍‌ବୈଶ୍ୟାତ୍ତଥୈବଚ । ମନୁ ୧୦/୬୫

କ୍ଷତ୍ରିୟ ଓ ବୈଶ୍ୟମାନଙ୍କର ମଧ୍ୟ ସେଭଳି ଉଚ୍ଚତା ବା ନିଚତା ପ୍ରାପ୍ତ ହେଉଥିଲା । ଆପସ୍ତମ୍ଭ ଧର୍ମସୂତ୍ର ମଧ୍ୟ ସେହି କଥା କହେ-

ଧର୍ମଚର୍ଯ୍ୟୟା ଜଘନ୍ୟୋ ବର୍ଣ୍ଣଃ ପୂର୍ବ ପୂର୍ବ ବର୍ଣ୍ଣମାପଦ୍ୟତେ ଜାତି ପରି ବୃତ୍ତୌ ।
ଅଧର୍ମଚର୍ଯ୍ୟୟା ପୂର୍ବୋବର୍ଣ୍ଣୋ ଜଘନ୍ୟଂ ଜଘନ୍ୟଂ ବର୍ଣ୍ଣାମାପଦ୍ୟତେ ଜାତିପରି ବୃତ୍ତୌ ।

ଛାନ୍ଦୋଗ୍ୟ ଉପନିଷଦର ଜାବାଲ ଋଷି:- ଜବଲା ନାମ୍ନୀ ଏକ ପରିଚାରିକା ଶୂଦ୍ରା ନିଜର ପୁତ୍ରର ବେଦ ଶିକ୍ଷା ପାଇଁ ଗୌତମ ଋଷିଙ୍କଠାରେ ପହଞ୍ଚିଲେ । ଋଷି ପୁତ୍ରର ଗୋତ୍ର ପଚାରିବାରୁ ସେ କହିଲା-

"ବହ୍ୱହଂ ଚରନ୍ତି ପରିଚାରିଣୀ ଯୌବନେ ତ୍ୱାମ ଲଭେ
ନ ଜାନେ କିଂ ଗୋତ୍ରୋଽସି । (ଭାସବୈପ ୨/୪୫)

ଯୌବନରେ ପରିଚାରିକା ଭାବେ ଅନେକ ଗୃହକୁ ଯାଇଛି । କାହା ଔରସରୁ ଏ ପୁତ୍ର ଜାଣିନି । ଗୋତ୍ର ବା କଣ କେମିତି ଜାଣିବି । ଗୌତମ ଋଷି କହିଲେ ଯେ ଏତେ ବଡ ସତ୍ୟ କହିପାରିଲା , ସେ ବ୍ରାହ୍ମଣ ବ୍ୟତୀତ ଅନ୍ୟ କିଛି ନୁହଁ । ସେ ବାଳକକୁ ଶିଷ୍ୟ ରୂପେ ଗ୍ରହଣ କରି ବେଦ ଶିକ୍ଷା ଦେଲେ । ସେ ବାଳକ ହେଲେ ଛାନ୍ଦୋଗ୍ୟ ଉଉପନିଷଦର ଜାବାଳ ଋଷି / ସତ୍ୟକାମ ।
ସେହିପରି ଇତରା ଦାସୀ ପୁତ୍ର ଐତରୀୟ ସଂହିତା, ବ୍ରାହ୍ମଣ ଓ ଉପନିଷଦ ର ସ୍ରଷ୍ଟା । ଜାନ ଶ୍ରୁତି ଶୁଦ୍ର ରୈକ୍ୟ ମୁନିଙ୍କଠାରୁ ବେଦ ଶିକ୍ଷା କରୁଥିଲେ ।
ଚାଣ୍ଡାଳ କୁଳର ମାତଙ୍ଗ ଋଷି ବ୍ରାହ୍ମଣ ହୋଇଥିଲେ ।

ବ୍ରାହ୍ମଣତ୍ୱର ଅବକ୍ଷୟ :- ଆର୍ଯ୍ୟମାନେ ଅଧର୍ମାଚରଣ ପତିତ ଭଣ୍ଡ ହେଲେ ଶୁଦ୍ର ଭାବରେ ପତିତ ହେଉଥିଲେ । ତାଙ୍କୁ ସମାଜରେ ଆଉ ପୂର୍ବ ଆଦର ମିଳୁନଥିଲା । ମନୁସ୍ମୃତିର ବିଧାନ ଗୁଡିକ ଦ୍ରଷ୍ଟବ୍ୟ-

ମନୁ ୪/୯୭-ଭସ୍ମୀଭୂତ (ଭଣ୍ଡ, ପତିତ) ବ୍ରାହ୍ମଣଙ୍କୁ ଯେଉଁ ଅନଭିଜ୍ଞ ଲୋକ ଅଜ୍ଞାନରୁ ଦାନ କରନ୍ତି , ତାହା ନିଷ୍ଫଳ ହୁଏ ବା ସେଥିରୁ କାଣିଚାଏ ପୂଣ୍ୟ ମିଳେ ନାହିଁ ।

ମନୁ୪/୩୦-ପାଷାଣ୍ଡ, ଧର୍ମବିରୁଦ୍ଧ ଶଠ, ହେତୁବାଦି, ବେଡାଳବୃତ୍ତି, ବକ ବୃତ୍ତି ବ୍ରାହ୍ମଣଙ୍କୁ କଥାରେ ମଧ୍ୟ ଆଦର କରିବା କଥା ନୁହେଁ ।

ମନୁ୪/୧୯୨ ବେଦ ଜ୍ଞାନ ନଥିବା ଭଣ୍ଡ ବ୍ରାହ୍ମଣଙ୍କୁ ଗୃହସ୍ୱାମୀ ପାଣି ମୁନ୍ଦାଏ ବି ଦେବା କଥା ନୁହେଁ ।

ମହାଭାରତ-/ନ ଶୂଦ୍ରା ଭଗବଭକ୍ତା, ବିପ୍ରା ଭାଗବତାଃ ସ୍ମୃତାଃ । ସର୍ବ ବର୍ଣ୍ଣେଷୁ ତେ ଶୂଦ୍ରା ଯେହ୍ୟଭକ୍ତା ଜନାର୍ଦ୍ଦନେ । ଶୂଦ୍ର ଯଦି ଭଗବଦ୍ ଭକ୍ତ ହୋଇଥାଏ ତେବେ ସେ ଶୂଦ୍ର ନୁହେଁ ପରମ ଶ୍ରେଷ୍ଠ ବ୍ରାହ୍ମଣ । ବାସ୍ତବରେ ଭଗବଦ୍ ଭକ୍ତି ରହିତ ବ୍ୟକ୍ତି ହିଁ ଶୂଦ୍ର ।

ଏ ଆଲୋଚନାରୁ ଜଣାପଡେ ଚାରି ବର୍ଣ୍ଣ ମଧ୍ୟରେ ଏକ ଦୃଢ ପାହାଚ ଶ୍ରେଣୀ ରହିଥିଲା । ଭଲକାମ କରି ଶୂଦ୍ର ଉପରକୁ ଯାଇପାରୁଥିଲା ଓ ନୀଚ ପତିତ ହୋଇ ବ୍ରାହ୍ମଣ ତଳବର୍ଣ୍ଣକୁ ଆସୁଥିଲା । ଏଥିରେ ଉଚ୍ଚବର୍ଣ୍ଣ ସନ୍ତାନ ମାନଙ୍କର ସ୍ୱାର୍ଥ , ପ୍ରତିଷ୍ଠା ହାନୀ ହେଲା । ତାକୁ ସଂରକ୍ଷଣ କରିବାକୁ ସ୍ୱାର୍ଥପର ଅଦୂରଦୃଷ୍ଟି ଧର୍ମାଧକ୍ଷ ମାନେ ସେ ପାହାଚ ଶ୍ରେଣୀକୁ ଭାଙ୍ଗି ଦେଲେ । ବେଦ ବିରୋଧି ନିୟମ ସବୁ ସ୍ମୃତି ଓ ଧର୍ମସୂତ୍ର ମାନଙ୍କରେ ଯୋଡାଗଲା । ସ୍ତ୍ରୀ ଶୂଦ୍ରମାନଙ୍କୁ ବେଦ ଶିକ୍ଷାରୁ ଦୂରେଇ ଦିଆଗଲା । ଜ୍ଞାନ ପରିବର୍ତ୍ତେ ଅଜ୍ଞାନତା ସଂକୀର୍ଣ୍ଣତା ବୃଦ୍ଧି ପାଇଲା । ମୁନି ଋଷି ମାନଙ୍କର ଖରାବର୍ଷା ଶୀତ କାକରରେ ତପସ୍ୟା କରି ଲାଭକରିଥିବା ଦର୍ଶନ ଜ୍ଞାନମାର୍ଗକୁ ସଂକୀର୍ଣ୍ଣତା ଚଳୁ କରି ଦେଲା । ସଂସ୍କୃତ ଭାଷାର ଅବକ୍ଷୟ ଆରମ୍ଭ ହେଲା । ନୀଚ ବର୍ଣ୍ଣ ପୁରୁଷ ବା ଶୂଦ୍ର କୂଳରେ ବିବାହକୁ ନିଷେଧ କରାଗଲା । ଯେଉଁମାନେ ନିଷେଧ ଅବମାନନା କଲେ, ସେ ବିବାହର ସନ୍ତାନ ମାନଙ୍କୁ ବର୍ଣ୍ଣସଙ୍କର ଶୂଦ୍ର ଭାବରେ ପତିତ କରି ନୂଆ ନୂଆ ଜାତିରେ ନାମିତ କରାଗଲା । ବୃତ୍ତି ଭିତ୍ତିକ ବିଭିନ୍ନ ଜାତି ମଧ୍ୟ ସୃଷ୍ଟି ହେଲା । ଏହି ଭଳି ଅସଂଖ୍ୟ ଜାତିର ସୃଷ୍ଟି ୪ ବର୍ଣ୍ଣରୁ ଆରମ୍ଭ ହେଲା ।

ଜାତିଭେଦ /ବର୍ଣ୍ଣସଙ୍କର ଜାତି

ମନୁସ୍ମୃତିର ଦଶମ ଅଧ୍ୟାୟ ଚତୁର୍ଥ ଶ୍ଳୋକ କୁହେ- ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ତିନି ବର୍ଣ୍ଣ ଦ୍ୱିଜାତି (ବ୍ରତୋପନୟନ ସଂସ୍କାର ଯୋଗ୍ୟ), ୪ର୍ଥ ବର୍ଣ୍ଣ ଶୁଦ୍ର, ଆଉ ୫ମ ନାହିଁ । ନାସ୍ତିତୁ ପଞ୍ଚମଃ । ଅର୍ଥାତ୍ ଅନାର୍ଯ୍ୟ ,ବନଚାରୀ ବିଦେଶୀ ଯବନ ସମସ୍ତେ ଶୂଦ୍ର ପରିବାର ଭୁକ୍ତ । ମାତ୍ର ଭାରତ ବର୍ଷରେ ବର୍ତ୍ତମାନ ୬୭୪୩ ଜାତି । ୪ ବର୍ଣ୍ଣରୁ ଏତେ ଜାତି କିପରି ସୃଷ୍ଟି ହେଲା ? ସ୍ୱଜାତି ଭିନ୍ନ ଅନ୍ୟ ଜାତି / ବର୍ଣ୍ଣ ମଧ୍ୟରେ ବିବାହ ପତ୍ନୀ ଗ୍ରହଣରୁ ଜାତ ସନ୍ତାନ ମାନଙ୍କୁ ନିକୃଷ୍ଟ, ବର୍ଣ୍ଣସଙ୍କର କହି ନୂଆ ନୂଆ ଜାତିରେ ନାମିତ କରାଗଲା । ମନୁସ୍ମୃତି ୧୦ମ ଅଧ୍ୟାୟ ଅନୁଯାୟୀ:-

ବର୍ଣ୍ଣସଙ୍କର ଜାତି	ଜୀବିକା	ବାପରଜାତି	ମାଆର ଜାତି	
ଅମ୍ବୋଷ୍ଠ	ବୈଦ୍ୟ	ବ୍ରାହ୍ମଣ	ବୈଶ୍ୟ	ଅବୈଧ ସନ୍ତାନ
ନିଷାଦ	ମାଛପଶୁଶିକାର	ବ୍ରାହ୍ମଣ	ଶୂଦ୍ରା	
ଉଗ୍ରପାଧି	ପଶୁଶିକାର	କ୍ଷତ୍ରିୟ	ଶୂଦ୍ରା	
ସୁତ	ସାରଥି	କ୍ଷତ୍ରିୟ	ବ୍ରାହ୍ମଣୀ	
ମାଗଧ	ବାଣିଜ୍ୟ	ବୈଶ୍ୟ	କ୍ଷତ୍ରାଣୀ	
ବୈଦେହ	ଅନ୍ତଃପୁରକାମ	ବୈଶ୍ୟ	ବ୍ରାହ୍ମଣୀ	
ଅୟୋଗବ	ବଢେଇ	ଶୂଦ୍ର	ବୈଶ୍ୟ	

ବର୍ଣ୍ଣସଙ୍କର ଜାତି	ଜୀବିକା	ବାପରଜାତି	ମାଆର ଜାତି
କ୍ଷତା	ପଶୁଶିକାର	ଶୂଦ୍ର	କ୍ଷତ୍ରାଣୀ
ଚାଣ୍ଡାଳ	ଶ୍ମଶାନ ଜଗିବା	ଶୂଦ୍ର	ବ୍ରାହ୍ମଣୀ
ଆବୃତ		ବ୍ରାହ୍ମଣ	ଉଗ୍ର
ଆଭୀର		ବ୍ରାହ୍ମଣ	ଅମୋଷ୍ଠ
ଧିଗ୍ୱଣ		ବ୍ରାହ୍ମଣ	ଆୟୋଗବ
ପୃକ୍କସ		ନିଷାଦ	ଶୂଦ୍ରା
କୁକ୍କୁଟକ		ଶୂଦ୍ର	ନିଷାଦ
ଶୂପାକ		କ୍ଷତା	ଉଗ୍ର
ବେଣ	ଢୋଲବଜା	ବୈଦେହ	ଅମ୍ୱୋଷ୍ଠ
କୈବର୍ତ୍ତ	ମାଛଧରା,ନାଉରୀ	ନିଷାଦ	ଆୟୋଗବୀ
ଅହିଣ୍ଡକ/କାରାବାର	ଚର୍ମକାର	ନିଷାଦ	ବୈଦେହୀ
ପାଣ୍ଡୁ ସୋପାକ ବାଉଁଶ ପାତିଆ	ବାଉଁଶ/ ବେତକାମ	ଚାଣ୍ଡାଳ	ବୈଦେହୀ
ସୋପାକ	ପ୍ରାଣଦଣ୍ଡ,କଂସାଇ	ଚାଣ୍ଡାଳ	ପୃକ୍କସୀ
ମୃଦାରକାନ୍ଧିଆ	ଶ୍ମଶାନରେ ବାସ	ଚାଣ୍ଡାଳ	ନିଷାଦ
ସୈରିନ୍ଧ୍ର	କେଶସଜ୍ଜା	ଦସ୍ୟୁ(୪ବର୍ଣ୍ଣରେ ପତିତ)	ଆୟୋଗବୀ
ମୈତ୍ରେୟକ	ଭାଟ, ରାଜାଙ୍କ ପ୍ରଶଂସା ଗୀତ	ବୈଦେହ	ଆୟୋଗବୀ ଇତ୍ୟାଦି

ଭିନ୍ନ ମତବାଦ (ଜୈନ ବୌଦ୍ଧ) ଆଦି କାରଣରୁ ଦ୍ୱିଜାତି ସବର୍ଣ୍ଣମାନେ ବ୍ରତାଦି ଆର୍ଯ୍ୟ ସଂସ୍କାର ରହିତ ହେବାରୁ ତାଙ୍କୁ ବ୍ରତ୍ୟ ଘୋଷଣାକରି ଆହୁରି ନୂଆ ଜାତିରେ ନାମିତ କରି ଶୂଦ୍ର ଭାବରେ ପତିତ କରାଯାଉଥିଲା ।

ବ୍ରାତ୍ୟ ବ୍ରାହ୍ମଣରୁ ପାପାତ୍ମା ଭୂର୍ଜକଣ୍ଟକ ଜାତିର ସୃଷ୍ଟି । ଏମାନେ ଦେଶଭେଦରେ ଅବନ୍ତ୍ୟ, ବାଟଧାନ, ପୁଷ୍ପଧ, ଶୈଖ୍ୟ ଆଦି ଜାତିରେ ପରିଚିତ ହୁଅନ୍ତି ।

ବ୍ରାତ୍ୟ କ୍ଷତ୍ରିୟରୁ ଦେଶଭେଦରେ ଝଲ୍ଲ,ମଲ୍ଲ,ଲିଚ୍ଛବି, ନଟ,କରଣ, କାୟସ୍ଥ,ଖସ ଜାତିର ସୃଷ୍ଟି ।

ବ୍ରାତ୍ୟ ବୈଶ୍ୟରୁ ଦେଶଭେଦରେ ସୁଧନ୍ୱା,ଚାର୍ଯ୍ୟ,କାରୁଷ,ବିଜନ୍ମା,ମୈତ୍ର,ସାତ୍ୱତ ଜାତିର ସୃଷ୍ଟି।

ବ୍ରାତ୍ୟମାନଙ୍କୁ ବ୍ରାତୋଷ୍ଟମ ଯଜ୍ଞ ମାଧ୍ୟମରେ ପୁଣି ଆର୍ଯ୍ୟାୟିତ କରାଯାଏ । ଶଙ୍କରାଚାର୍ଯ୍ୟ ଏହାର ବହୁଳ ଉପଯୋଗ କରିଥିଲେ ।

ମନୁସ୍ମୃତିର ରଚନା ପରେ ମଧ୍ୟ ପରମ୍ୟୁଟେସନ୍ କମ୍ବିନେସନ୍ ଯୋଗୁଁ ଅଧିକା ବର୍ଣ୍ଣସଙ୍କର ଜାତିର ସୃଷ୍ଟି ପରବର୍ତ୍ତି ସ୍ମୃତି/ସଂହିତା ଗୁଡିକରେ ଦେଖାଯାଏ ।

	ବର୍ଣ୍ଣସଙ୍କର ଜାତି	ପିତା	ମାତା
ବଶିଷ୍ଠ ସ୍ମୃତି	ଭଇଣା	ଶୂଦ୍ର	କ୍ଷତ୍ରିୟ
ଯାଜ୍ଞବଲକସ୍ମୃତି	ମୂର୍ଦ୍ଧଭାଷିକ	ବ୍ରାହ୍ମଣ	କ୍ଷତ୍ରିୟ
	ମାହିଷ୍ୟ	କ୍ଷତ୍ରିୟ	ବୈଶ୍ୟ
ବୌଧାୟନ ସ୍ମୃତି	ଭଇଣା	ବୈଦେହ	ଅମ୍ବୋଷ୍ଠ
	ସ୍ୱପାକ	ଭଗ୍ର	କ୍ଷତ୍ରିୟ
ଔଷନାସ ସ୍ମୃତି	ପୁଲକ୍ସ	ଶୂଦ୍ର	କ୍ଷତ୍ରିୟ
	ଯେକଜ	ପୁଲକ୍ସ	ବୈଶ୍ୟ
	ଚର୍ମକାର	ଅୟୋଗବ	ବ୍ରାହ୍ମଣୀ
	ବେଣୁକା	ସୁତ	ବ୍ରାହ୍ମଣୀ
ସ୍ୱତ ସଂହିତା ଅବୈଧ ବର୍ଣ୍ଣସଙ୍କର			
	କୁଣ୍ଡ	ବ୍ରାହ୍ମଣ	ବିବାହିତା ବ୍ରାହ୍ମଣୀ
	ଗୋଲକ	ବ୍ରାହ୍ମଣ	ବିଧବା ବ୍ରାହ୍ମଣୀ
	ଚକ୍ରି	ଶୂଦ୍ର	ବୈଶ୍ୟ
	ପୁଳିନ୍ଦ,ଭୋଜ ମ୍ଳେଛ	ବୈଶ୍ୟ	କ୍ଷତ୍ରିୟ
	ଶୁଣ୍ଡିକା	ବ୍ରାହ୍ମଣ	ଶୂଦ୍ରା
	ନାପିତବାରିକ	ନିଷାଦ	ବ୍ରାହ୍ମଣୀ
	ରଜକ ଧୋବା	ବୈଦେହ	ବ୍ରାହ୍ମଣୀ
	ଲୋହକାର, ବର୍ଦ୍ଧକୀ	ମାହିଷ୍ୟ	ବ୍ରାହ୍ମଣୀ
	ଗୁହକ	ସ୍ୱପାକ	ବ୍ରାହ୍ମଣୀ

('Riddles in Hinduism Vol.4, Page 218)

ଉପଚାର:-

ବର୍ଣ୍ଣସଙ୍କର ଜାତିର ବୃଦ୍ଧି ସମାଜବିଜ୍ଞାନୀ ମାନଙ୍କର ମୁଣ୍ଡବଥାର କାରଣ ହେଲା । **ସେ ରୋଗର ଚିକିତ୍ସା ପାଇଁ ବର୍ଣ୍ଣସଙ୍କର ଶୂଦ୍ରମାନଙ୍କ ଉପରେ ଅକଥନୀୟ ନିର୍ଯ୍ୟାତନା ଓ ଅସ୍ପୃଶ୍ୟତା** ବୃଦ୍ଧି ପାଇଲା । ବର୍ଣ୍ଣସଙ୍କରର ଉତ୍ସ ଖୋଜି **ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଗଲା** ନାହିଁ । ବ୍ରାହ୍ମଣାଦି ସବର୍ଣ୍ଣଙ୍କର ବ୍ୟଭିଚାର ଦୋଷ, ଅନିୟନ୍ତ୍ରିତ ଯୌନ ଆଚରଣ, ସଗୋତ୍ର ବିବାହ, ସ୍ୱକର୍ମ ତ୍ୟାଗ ଦ୍ୱାରା ବର୍ଣ୍ଣସଙ୍କର ଜାତ ହୁଅନ୍ତି । (ମନୁ ୧୦/୬୪) । ତେବେ ଅସଲ କାରଣ ଯେ ଅନୁଲୋମ ବିବାହକୁ ଧାର୍ମିକ ମାନ୍ୟତା ଦେବା, ତାହା କାହାରି ଦୃଷ୍ଟିରେ ପଡିନି ।

ଅନୁଲୋମ ବିବାହ:-

କେବଳ ଦ୍ୱିଜାତି ସବର୍ଣ୍ଣଙ୍କ ମଧ୍ୟରେ , ବ୍ରାହ୍ମଣ ପୁରୁଷ କ୍ଷତ୍ରିୟ ବା ବୈଶ୍ୟ କନ୍ୟାକୁ ଓ କ୍ଷତ୍ରିୟ ପୁରୁଷ ବୈଶ୍ୟକନ୍ୟାକୁ ବିବାହ କଲେ ଅନୁଲୋମ ବିବାହ କୁହାଯାଏ । ମାତ୍ର ପ୍ରତିଲୋମରେ ନୀଚବର୍ଣ୍ଣ ପୁରୁଷ ଉଚ୍ଚବର୍ଣ୍ଣ କନ୍ୟାକୁ ବିବାହ କଲେ ସନ୍ତାନ ସବୁ ବର୍ଣ୍ଣସଙ୍କର ହୋଇ ଶୂଦ୍ରତ୍ୱ ଲାଭ କରନ୍ତି । ଅନୁଲୋମ ବିବାହକୁ ପ୍ରଥମେ ନିକୃଷ୍ଟ କୁହାଯାଉଥିଲେ ମଧ୍ୟ ପରେ ପରେ ଏଥିରୁ ଜାତ

ସନ୍ତାନମାନଙ୍କୁ ବ୍ରତୋପନୟନ ସଂସ୍କାର କରାଯାଇ ପିତାର ବର୍ଣ୍ଣରେ ସମାହିତ କରାଗଲା । କ୍ଷତ୍ରିୟ ବୈଶ୍ୟ କ୍ଷମତାଶାଳୀ ଓ ଧନୀ ଥିଲେ । ତାଙ୍କର କନ୍ୟା ସମେତ ସେମାନେ ଦେବତା ରୂପି ବ୍ରାହ୍ମଣଙ୍କୁ ପତି ଓ ଜାମାତା କରିବାକୁ ଲାଳାୟିତ ଥିଲେ । ଏ ବିବାହରେ ବ୍ରାହ୍ମଣର କ୍ଷମତା ଓ ଧନ ସହଜରେ ପ୍ରାପ୍ତ ହେଲା । ଅନୁଲୋମ ବିବାହର ପରିଣାମ ନିମ୍ନସ୍ଥ ଚିତ୍ରରୁ ବୁଝିବାକୁ ସହଜ ହେବ । ସମୁଦାୟ ବିବାହଯୋଗ୍ୟ ଯୁବକ ଓ କନ୍ୟାକୁ ତିନିଭାଗ କରାଯାଉ ।

ବିବାହ ଯୋଗ୍ୟ ଯୁବକ   **ବିବାହ ଯୋଗ୍ୟ କନ୍ୟା**



୩ଟି ସମାନ୍ତରାଳ ରେଖା ସ୍ୱଜାତି ବିବାହ ଓ ୩ଟି ତୀର୍ଯ୍ୟକ ରେଖା ଅନୁଲୋମ ବିବାହକୁ ଦର୍ଶାଏ । କେବଳ ଏହି ୬ ପ୍ରକାର ବିବାହର ସନ୍ତାନମାନେ ଦ୍ୱିଜଧର୍ମ, ବ୍ରତାଦି ସଂସ୍କାରଯୋଗ୍ୟ । ଶୂଦ୍ର ସହିତ ବା ପ୍ରତିଲୋମ ବିବାହରୁ ଜାତ ସନ୍ତାନ ସମସ୍ତେ ଅପଧ୍ୱଂସଜ, ବର୍ଣ୍ଣସଙ୍କର, ଶୂଦ୍ର ।

ସଜାତି ଜାଂତ୍ ଅନ୍ତରଜାଃ ଷଟସ୍ୱତା ଦ୍ୱିଜଧର୍ମିଣ୍‌
ଶୂଦ୍ରାଣାନ୍ତୁ ସାଧର୍ମାଣଃ ସର୍ବେଽପଧ୍ୱଂସଜା ସ୍ମୃତାଃ । ମନୁ ସଂହିତା ୧୦/୪୧ ।

ଚିତ୍ରକୁ ଦେଖନ୍ତୁ ଏ ଅନୁଲୋମ ବିବାହ ବ୍ୟବସ୍ଥାରେ ୩ ଭାଗରୁ ୨ ଭାଗ ବ୍ରାହ୍ମଣ ଝିଅଙ୍କର ବର ନାହିଁ ଓ ସେତିକି ବୈଶ୍ୟ ପିଲାଙ୍କ ପାଇଁ କନିଆଁ ନାହିଁ । ସେମାନେ ନିଜମଧ୍ୟରେ ବା ଶୂଦ୍ରକୂଳରେ ବିବାହ କଲେ, ପତିତ ହୋଇ କେବଳ ବର୍ଣ୍ଣସଙ୍କର ସୃଷ୍ଟି କରିବେ । ଯୌବନ ସମସ୍ତଙ୍କ ଦେହରେ ଆସେ । ଧାର୍ମିକ ନିଷେଧ କେତେଦିନ ସେମାନଙ୍କୁ ଅଟକାଇ ରଖିପାରିବ ? ଯଦିଓ ପତିତ ଶୂଦ୍ର ହୁଅନ୍ତୁ, ବିଦ୍ରୋହୀ ହୋଇ ଜାତିଭେଦ ବାରଣ ଭାଙ୍ଗି ବିବାହ କରିଛନ୍ତି । ଦେଖନ୍ତୁ ବର୍ଣ୍ଣସଙ୍କର ଜାତିର ମାତା ମଧ୍ୟରେ ବ୍ରାହ୍ମଣୀ କିଛି କମ୍ ନାହାନ୍ତି । ସେହିପରି ଚିର ଅବିବାହିତ ରଖୁଥିବା ଖ୍ରୀଷ୍ଟିୟାନ ନନ୍‌ମାନଙ୍କ ହଷ୍ଟେଲର ଏକ କୂଅ ଝାଳିଲା ବେଳକୁ ଅନେକ ଶିଶୁର ଖପୁରୀ ବାହାରି ଥିଲା (ଦୟାନନ୍ଦ ସରସ୍ୱତୀଙ୍କ ସତ୍ୟାର୍ଥ ପ୍ରକାଶ) । ବିବାହଯୋଗ୍ୟ କନ୍ୟା ମାନଙ୍କୁ ବିବାହ ସଂସ୍କାର ଦେଇନପାରିବା ଠାରୁ ବଡ ଦୁଃଖ ବାପା ମାଆଙ୍କ ଠାରେ ଆଉ କିଛି ନାହିଁ । ଏଣୁ କନ୍ୟା ସନ୍ତାନଙ୍କୁ ଜନ୍ମ ପରେ ପରେ ମାରିଦେବାର ଅନେକ ଉଦାହରଣ ଏ ଦେଶରେ ରହିଛି । ଏବେ ମଧ୍ୟ କେତେକ ଧାର୍ମିକ ଅନୁଷ୍ଠାନ ବର୍ଣ୍ଣାଶ୍ରମ ଧର୍ମ କି ଜୟ,ଅନୁଲୋମ ବିବାହ କି ଜୟ ବୋଲି ଧ୍ୱନି ଦେଇ ଚାଲିଛନ୍ତି । ଧନ,କ୍ଷମତା, ସୁନ୍ଦରୀ ସ୍ତ୍ରୀ ଲୋଭରେ ଅନୁଲୋମ ବିବାହକୁ ମାନ୍ୟତା ଦେବା ଓ

ଦାମ୍ଭିକତା, ଗର୍ବ, ଅହଂକାର ବଜାୟ ରଖିବାକୁ ପ୍ରତିଲୋମ ବିବାହକୁ ନିକୃଷ୍ଟ କରିବା ହିଁ ଅସ୍ପୃଶ୍ୟତା ଜନ୍ମଲାଭର ଏକ ପ୍ରମୁଖ କାରଣ ଅଟେ ।

ଏ ଯେଉଁ ସୂତ୍ରରେ ଜାତିପ୍ରଥା ସୃଷ୍ଟି ହୋଇଛି, ବାପା ମାଆର ଯଦି ଜାତି ଅଲଗା ତେବେ, ସେ ନା ବାପ ଜାତିର ନା ମାଆ ଜାତିର, ସେ ଏକ ତୃତୀୟ ଜାତି ହେବ । ଏହିପରି ଏ ଦେଶରେ ଅସୀମ ଜାତି ସୃଷ୍ଟି ହୋଇପାରେ, ଯାହାକି ପୃଥିବୀରେ କୌଣସି ଧର୍ମରେ ନାହିଁ । ଏ ସମସ୍ୟାର ସମାଧାନ ହେଉଛି ପ୍ରତିଲୋମ ବିବାହକୁ ସମମାନ୍ୟତା ଦେବା, ଯାହାକି ହଳ ମିତାନ୍ (ମିତ୍ର ମଣିଷ) ଆଦିମ ଅଧିବାସୀଙ୍କ ଠାରେ ପ୍ରଚଳିତ । (ଅନ୍ୟତ୍ର ଆଲୋଚିତ) । ଯେଉଁ ଧାର୍ମିକ ବ୍ୟବସ୍ଥା ଯୁବକ ଯୁବତୀଙ୍କୁ ବିବାହ ସଂସ୍କାର ଦେଇପାରେନା, ବ୍ୟଭିଚାରକୁ ଆମନ୍ତ୍ରଣ କରେ ତାହାକୁ ମହାନ୍ କହିବା ଏକ ଶଠତା, ଆତ୍ମପ୍ରବଞ୍ଚନା ଛଡା ଆଉ କିଛି ନୁହେଁ ।

ଦଳିତ ଶୁଦ୍ର ନିର୍ଯ୍ୟାତନା

୧୯୯୧ ମସିହା ଭାରତ ସରକାରଙ୍କ ତାଲିକା ଓ ମଣ୍ଡଳ କମିଶନ
ରିପୋର୍ଟରୁ ଉଦ୍ଧୃତ ଶତକଡା ହିସାବ (୧୦୦ରୁ କେତେଭାଗ)

ଜାତି	ବିଭାଗ	ଲୋକ ସଂଖ୍ୟା	ଶିକ୍ଷା	ରାଜନୀତି	ଚାକିରୀ	ବ୍ୟବସାୟ	ଜମି	ପୂଜା
ବ୍ରାହ୍ମଣ	ବ୍ରାହ୍ମଣ 3.5 ଭୂମିହାର 2.2	5.70	52	41	62	10	10	100
କ୍ଷତ୍ରିୟ	ରାଜପୁତ 3.9 ମରହଟ୍ଟା 2.21	6.11	16	15	12	27	70	-
ବୈଶ୍ୟ ଓ ଅନ୍ୟଉଚ୍ଚ ଜାତି	ବୈଶ୍ୟ ବଣିଆ 1.88 ଜାଠ 1.00 କରଣ/ କାୟସ୍ଥ 1.07 ଅନ୍ୟାନ୍ୟ 2.00	6.95	12	10.5	13	60	14	-
ମୋଟ ଉଚ୍ଚଜାତି		18.76	80	66.5	87	97	94	100
ଅବଶିଷ୍ଟ ବହୁଜନ ଦଳିତ ବା ଶୁଦ୍ର		81.24	20	33.5	13	3	6	-
ସର୍ବମୋଟ		100	100	100	100	100	100	100

ଅସ୍ପୃଶ୍ୟତା।

ଭାରତରେ ୧୯୯୮ ମସିହାରେ ୨୫୬୧୭ ଦଳିତ ନିର୍ଯ୍ୟାତନା କେସ୍ ରେକର୍ଡ ହୋଇଥିଲା । ଏଥିରେ ଅଛି ଗୃହଦାହ, ଗଣହତ୍ୟା, ଗଣ ଧର୍ଷଣ ଇତ୍ୟାଦି ଘଟଣା । ଏଭଳି ଏକ ଘଟଣାରୁ ଦସ୍ୟୁରାଣୀ ଫୁଲନର ଜନ୍ମ । ଏଗୁଡିକ ଘଟାନ୍ତି ପ୍ରାୟ ୨୦ଭାଗ ଉଚ୍ଚବର୍ଣ୍ଣ ଆର୍ଯ୍ୟ ସନ୍ତାନ । ଅଥଚ ଅବଶିଷ୍ଟ ଶୂଦ୍ରଙ୍କର ସଂଖ୍ୟା ପ୍ରାୟ ୮୦ ଭାଗ ।

ଭାଗକର ରାଜକର :- ଇଂରେଜମାନେ ଏ ଦେଶକୁ ହିନ୍ଦୁ ମୁସଲମାନ୍, ଶିଖ, ଈଶାଇ ଆଦିରେ ଭାଗକରି ପ୍ରାୟ ୩୦୦ବର୍ଷ ରାଜ କଲେ । ମାତ୍ର ୮୦ ଭାଗ ଶୂଦ୍ରମାନଙ୍କୁ ୬୦୦୦ରୁ ଅଧିକ ଜାତିରେ ଭାଗକରି ଆର୍ଯ୍ୟମାନେ ପ୍ରାୟ ୫୦୦୦ବର୍ଷ ରାଜ ଚଳାଇଛନ୍ତି । ଏ ସବୁ ଜାତିକୁ ୩ଟି ମୂଖ୍ୟ ଭାଗରେ ବିଭକ୍ତ କରାଯାଇଛି । ଯଥା-

୧) ଆଚରଣୀୟ ଶୂଦ୍ର - ଜଳଚଳ, ପାକଚଳ-ବ୍ରାହ୍ମଣାଦି ସବର୍ଣ୍ଣ ଜଳଖାଦ୍ୟ ଗ୍ରହଣ କରିପାରିବେ

୨)ଅନାଚାରଣୀୟ ଶୂଦ୍ର- ଅଚଳ, ଛାୟାସ୍ପର୍ଶ ଏହାଙ୍କଠୁ ଜଳ ଓ ପାକଖାଦ୍ୟ ଅଗ୍ରହଣୀୟ

ମାତ୍ର ଏ ଦୁଇବର୍ଗଙ୍କର ପୌରହିତ୍ୟ ବ୍ରାହ୍ମଣ କରନ୍ତି ।

୩) ଅନ୍ତଜ୍ୟ ଶୂଦ୍ର- ଅସ୍ପୃଶ୍ୟ, ଛାୟାସ୍ପର୍ଶେ ସ୍ନାନ- ପୌରହିତ୍ୟ କଳ୍ପନାର ବାହାରେ ।

ଅସ୍ପୃଶ୍ୟତା :- ଏ ଶୂଦ୍ରମାନଙ୍କୁ କୁକୁର ପିଇ ପାରୁଥିବା ସର୍ବସାଧାରଣ ଜଳାଶୟରୁ ଜଳନେବା ମନାଥିଲା । ଆର୍ଯ୍ୟମାନେ ଏମାନଙ୍କ ଦର୍ଶନରେ ସୂର୍ଯ୍ୟକୁ ଦେଖି ଓ ଏମାନଙ୍କ ଛାୟାସ୍ପର୍ଶ ବା ଏମାନଙ୍କ ସହ କଥା କହିଲେ ସ୍ନାନ କରି ଶୌଚ ହେଉଥିଲେ । ବ୍ୟାସସ୍ମୃତି ୧୦/୧୧/୧୨-

ସମ୍ଭାଷଣାତ୍ ସ୍ନାନ ଦର୍ଶନାଦ୍ କେବୀକ୍ଷଣମ୍ ।

ଏଣୁ ପୁନାର ପେଶବା ଏମାନଙ୍କୁ ରାଜରାସ୍ତାରେ ୨ ପ୍ରହରରେ ଛାଇ ଛୋଟ ଥିବାବେଳେ ଚାଲିବାକୁ ଅନୁମତି ଦେଇଥିଲେ । ସେମାନେ ବେକରେ ଛେପ ପକାଇବାକୁ ଛେପଘଟି ଓ ଅଣ୍ଟାରେ ଲମ୍ବା ଝାଡୁ ବାନ୍ଧି ଚାଲୁଥିଲେ ଯେପରିକି ରାସ୍ତାରେ ତାଙ୍କର ପାଦଚିହ୍ନ ନରୁହେ ।

ଗୃହଦାହ :- ଶକ୍ତେନାପି ହି ଶୂଦ୍ରେଣ ନ କାର୍ଯ୍ୟୋ ଧନ ସଞ୍ଚୟଃ

ଶୂଦ୍ରୋହି ଧନମାସାଦ୍ୟ ବ୍ରାହ୍ମଣାନେବ ବାଧତେ । ମନୁ ୧୦।୧୨୯

ସମର୍ଥବାନ୍ ଶୂଦ୍ର ମଧ୍ୟ ଧନ ସଞ୍ଚୟ କରିବ ନାହିଁ, ଶୂଦ୍ର ଧନୀ ହେଲେ ବ୍ରାହ୍ମଣଙ୍କ ପୀଡ଼ା ହେବାର ସମ୍ଭାବନା ଅଛି । ଏଣୁ ଏମାନେ ଟିକିଏ ଟିକିଏ ତିଷ୍ଠିଗଲେ ମଝିରେ ମଝିରେ ସେମାନଙ୍କ ଘର ଜାଳିଦେଇ ପୁଣି ନିସ୍ୱ କରିଦିଆଯାଏ । ଏଗୁଡିକ ପାପ ନୁହେଁ, ଧର୍ମ ।

ଉଚ୍ଛିଷ୍ଟ ଦାନ :- ମନୁ ୫/୧୪୦- ନ୍ୟାୟବର୍ତ୍ତି ଶୂଦ୍ରମାନେ ବ୍ରାହ୍ମଣଙ୍କ ଉଚ୍ଛିଷ୍ଟ ଭକ୍ଷଣ କରିବେ ।

ଉଚ୍ଛିଷ୍ଟଂ ଅନ୍ନଂ ଦାତବ୍ୟ ଜୀର୍ଣ୍ଣାନୀ ବସନାନି ଚ

ପୁଲାକାଶ୍ଚୈବ ଧାନ୍ୟାନାଂ ଜୀର୍ଣ୍ଣାଶ୍ଚୈବ ପରିଚ୍ଛଦାଃ । ମନୁ ୧୦/୧୨୫

ଶୂଦ୍ର ଭୃତ୍ୟମାନଙ୍କୁ ଖାଇବାକୁ ଦେବ ଉଚ୍ଛିଷ୍ଟ ଅନ୍ନ, ପିନ୍ଧିବାକୁ ଦେବ ଜୀର୍ଣ୍ଣ ବସନ, ଓ ଅସାର ଧାନ ଓ ପୁରୁଣା ପରିଚ୍ଛଦ ଦେବ ।

ଏଣୁ ଏବେବି ଶାସନ ମାନଙ୍କରେ ନାନୀ ହାଣ୍ଡିରେ ଅଇଁଠା ଗୁଡିକ ରଖାଯାଇ ପୂଜା କରାଯାଏ ଓ ଶୂଦ୍ର ଭୃତ୍ୟ ଅତିଥିଙ୍କୁ ରାତି ୧୨ଟାରେ ମଧ୍ୟ ନାନୀ ହାଣ୍ଡି ପଖାଳ ଖାଇବାକୁ ଦିଆଯାଏ । ଏହା ଫଳରେ ଧର୍ମ ରକ୍ଷା ହୁଏ ।

ବେଦ ନିଷେଧ :- ପୂର୍ବରୁ ଆଲୋଚିତ ଯେ ଯଜୁର୍ବେଦ ୨୬/୨ ଅନୁସାରେ ସ୍ତ୍ରୀ ,ଶୂଦ୍ରର ବେଦ ଉପରେ ଅଧିକାର ରହିଛି ଓ ଶୂଦ୍ର ବେଦ ପଢି ବ୍ରାହ୍ମଣ ହେଉଥିଲା ଓ ବ୍ରାହ୍ମଣ ପତିତ ଭଣ୍ଡ ହେଲେ ଶୂଦ୍ର ହେଉଥିଲା । ସ୍ୱାର୍ଥରକ୍ଷା, ସଂକୀର୍ଣ୍ଣତା, ବର୍ଣ୍ଣସଙ୍କର ସୃଷ୍ଟିର ପ୍ରତିରୋଧ ପାଇଁ ବେଦ ବିରୁଦ୍ଧ ନିୟମ ଧର୍ମଗ୍ରନ୍ଥରେ ଯୋଡାଗଲା । ମନୁ ୨/୧୧ ଅନୁସାରେ ସେମାନେ ନାସ୍ତିକ ବେଦନିନ୍ଦୁକଃ ।

ସେ ନିୟମ ସବୁ ହେଲା -

ନ ଶୂଦ୍ରାୟ ମତିଂ ଦଦ୍ୟାତ୍ -

ଶୂଦ୍ରକୁ ବୁଦ୍ଧି ଦିଅନା - ଶଙ୍କରାଚାର୍ଯ୍ୟଙ୍କ ଭାଷ୍ୟ

ଶ୍ରବଣ ଅଧ୍ୟୟନାର୍ଥ ପ୍ରତିଷେଧାତ୍ ସ୍ମୃତେଶ୍ଚ । ବେଦାନ୍ତ ସୂତ୍ର ୧/୩/~~୩୬~~-୩୮

ବେଦସ୍ମୃତି ଆଦି ଶାସ୍ତ୍ରର ପଠନ ଶ୍ରବଣ ଶୂଦ୍ରପାଇଁ ନିଷେଧକର ।

ନ ଶୂଦ୍ରାୟ ମତିଂ ଦଦ୍ୟାନ୍ନୋଚ୍ଛିଷ୍ଟଂ ନ ହବିଷ୍କୃତଂ

ନ ଚାସ୍ୟୋ ଉପଦିଶେଦ୍ଧର୍ମଂ ନ ଚାସ୍ୟ ବ୍ରତମାଦିଶେତ୍ । ମନୁ ୪/୮୦

ବୁଦ୍ଧି, ଉଚ୍ଛିଷ୍ଟ ଯଜ୍ଞ ହବିଷ, ଧର୍ମ ଉପଦେଶ ବ୍ରତଦୀକ୍ଷା ଦେବ ନାହିଁ । ମନୁ କହିଥିଲେ ଶୂଦ୍ରଙ୍କୁ ବେଦ ପଢି ବ୍ରାହ୍ମଣ ହେଉଥିଲା, ସେ ମନୁଙ୍କ କଣ ଏ ନିୟମ ? ଏହା ସଂକୀର୍ଣ୍ଣମନା ଧର୍ମାଧକ୍ଷଙ୍କ ଦ୍ୱାରା ପ୍ରକ୍ଷିପ୍ତ ଓ ସଂକଳିତ, ଏଭଳି ବେଦ ବିରୁଦ୍ଧ ନିୟମ ସବୁକୁ ଆର୍ଯ୍ୟମାନେ ମାନି ଆସୁଛନ୍ତି ଓ ଶୂଦ୍ରଙ୍କୁ ନିର୍ଯ୍ୟାତନା ଦେଇଆସୁଛନ୍ତି ।

ବେଦମନ୍ତ୍ର ଦ୍ରଷ୍ଟା ଋଷି ଗୌତମଙ୍କ ଧର୍ମଶାସ୍ତ୍ରରେ ଭୟଙ୍କର କଥା ଯୋଡାଗଲା ।

ଅଥହାସ୍ୟ ବେଦମ୍ ଉପଶୃଣ୍ୱତସ୍ତ ପୂଜତୁଭ୍ୟାଂ ଶ୍ରୋତ୍ର ପ୍ରତିପୂରଣଂ

ଉଦାହରଣେ ଜିହ୍ୱାଚ୍ଛେଦ ଧାରଣେ ଶରୀର ଭେଦ । ଗୌତମ ଧର୍ମସୂତ୍ର ୨/୩/୪

ଶୂଦ୍ର ଯଦି ବେଦ ଶୁଣେ ତା କାନରେ ତରଳ ସୀସା ଢାଳିଦେବ, ବେଦ କହିଲେ ଜିଭ କାଟିଦେବ, ଓ ବେଦଜ୍ଞାନ ଧାରଣ କଲେ ତାକୁ ମାରିଦେବ । ଦେଶ ସ୍ୱାଧୀନ ହେବାପରେ ମଧ୍ୟ ନିକଟସ୍ଥ ଏକ ବ୍ରାହ୍ମଣ ଶାସନରେ ଜଣେ ଶୂଦ୍ର ପାଣି ଭାରୁଆ ଶାସ୍ତ୍ର ଆଲୋଚନା ଶୁଣିଦେବାରୁ ଏ ବିଧି ରକ୍ଷା ପାଇଁ ତା କାନରେ ଉଷୁମ ତେଲ ଢଳାଯାଇଥିଲା ।

ଏଥିପାଇଁ ଧନୁର୍ବେଦରୁ ବଞ୍ଚିତ କରିବା ପାଇଁ ଗୁରୁ ଦ୍ରୋଣାଚାର୍ଯ୍ୟ ଶୂଦ୍ର ଏକଲବ୍ୟର ବୁଢା ଆଙ୍ଗୁଳିକୁ ଗୁରୁ ଦକ୍ଷିଣା ରୂପେ ମାଗି ନେଇଥିଲେ ।

ଶମ୍ବୁକ ଉପାଖ୍ୟାନ :- ବ୍ରାହ୍ମଣମାନେ ରାମଙ୍କ ଠାରେ ଅଭିଯୋଗ କଲେ, ରାଜ୍ୟରେ ଘୋର ପାପ. ଶୂଦ୍ରଟିଏ ତପସ୍ୟା କରୁଛି, ଏଣୁ ଏକ ବ୍ରାହ୍ମଣ ବାଳକର ଅକାଳ ମୃତ୍ୟୁ ହେଲା । ମର୍ଯ୍ୟାଦା

ପୁରୁଷ ରାମଚନ୍ଦ୍ର ତା ପାଖକୁ ଖଡ୍‌ଗ ହସ୍ତରେ ପହଞ୍ଚିଲେ, ସେ ଉତ୍ତର ଦେଲା -

(ବାଲ୍ମିକୀ ରାମାୟଣ ଉତ୍ତରାଖଣ୍ଡ ସର୍ଗ ୭୬)

ଶୂଦ୍ରଯୋନ୍ୟାଂ ପ୍ରଜାତୋଽସ୍ମି ତପ ଉଗ୍ରସାଣ୍ଠିତଃ
ଦେବତ୍ୱଂ ପ୍ରାର୍ଥୟେ ରାମଃ ସଶରୀରେ ମହାଶୟଃ
ନମିଥ୍ୟାହଂ ବଦେ ରାମଃ ଦେବଲୋକ ଜିଗୀଷୟା
ଶୂଦ୍ରଂ ମାଂ ବିଧି କାକୁତ୍ଥ ଶମ୍ବୁକଂ ନାମ ନାମତଃ ।

ହେ ରାମଚନ୍ଦ୍ର ମୁଁ ଶୂଦ୍ର କୂଳରେ ଜନ୍ମ । ସଶରୀରେ ଦେବଲୋକ/ସ୍ୱର୍ଗ ଯିବାକୁ ଉଗ୍ରତପ କରୁଛି । ମୁଁ ଶମ୍ବୁକ ଶୂଦ୍ର ମିଛ କହୁନି । ଯେହେତୁ ସେ ଶୂଦ୍ର ହୋଇ ବ୍ରାହ୍ମଣର କର୍ମ କରୁଥିଲା, ରାମଚନ୍ଦ୍ର ତାକୁ ଖଣ୍ଡାରେ ଦୁଇଗଡ କରିଦେଲେ । ରାମରାଜ୍ୟରେ ପାପ ଦୂର ହେଲା । ଅବଶ୍ୟ ପରବର୍ତ୍ତି ରାମାୟଣ ଗୁଡିକରେ ଶମ୍ବୁକ ଏକ ଦୁଷ୍ଟ ତାନ୍ତ୍ରିକ ଥିଲା ବୋଲି ବର୍ଣ୍ଣନା କରାଯାଇଛି ।

ଅଥଚ ବାଲ୍ମିକୀ ବ୍ରାହ୍ମଣ ଋଷି ହେବା ଆଗରୁ ଥିଲେ ଅନାର୍ଯ୍ୟ, ଦସ୍ୟୁ ରତ୍ନାକର । ଶୂଦ୍ର ହୋଇ ସେ ବେଦପଢି ବ୍ରାହ୍ମଣ ହେଲେ । ଅଥଚ ସେ ନିଜେ କିପରି ଆଉଜଣେ ଶୂଦ୍ରର ବ୍ରାହ୍ମଣ ହେବା ପସନ୍ଦ କଲେ ନାହିଁ । ଏଭଳି ଧର୍ମଗ୍ରନ୍ଥ ଗୁଡିକରେ ବହୁ ବିପରୀତ କଥା ରହିଛି । ଯେଉଁଥିରେ କେବଳ ବ୍ରାହ୍ମଣଙ୍କ ସ୍ୱାର୍ଥସାଧନ ହେଉଥାଏ, ତାହାକୁ କାର୍ଯ୍ୟକାରୀ କରାଯାଏ । ଏପରିକି ପରେ ପରେ କେବଳ ବ୍ରାହ୍ମଣଙ୍କ ସ୍ୱାର୍ଥରକ୍ଷା ଜିନିଷ ଗୁଡିକହିଁ ଧର୍ମ ରୂପେ ପ୍ରାଧାନ୍ୟ ଲାଭକଲା ।

ଶିକ୍ଷା ନିଷେଧ : - ବିଂଶ ଶତାବ୍ଦୀ ଯାଏ ଶୂଦ୍ରମାନଙ୍କର ଶିକ୍ଷା ପାଇବାର ଅଧିକାର ନଥିଲା । ବଙ୍ଗରେ ଇଂରେଜ ସରକାର ୧୯୩୦ରେ ସ୍କୁଲ ବସାଇଲେ । ଶୂଦ୍ର ପିଲା ସ୍କୁଲ ଯିବାରୁ ଉଚ୍ଚବର୍ଣ୍ଣ ପିଲା ସ୍କୁଲ ବର୍ଜନ କଲେ, କେତେକ ସ୍କୁଲ ବନ୍ଦ ହେବାକୁ ବସିଲା । ଶେଷରେ ଶୂଦ୍ର ପିଲାମାନଙ୍କୁ ଦୂରରେ ପଛଧାଡିରେ ବସାଗଲା । ଅଥଚ ଜାପାନ ସମ୍ରାଟ ୧୮୬୬ରେ ସମସ୍ତଙ୍କ ପାଇଁ ଶିକ୍ଷା ବାଧ୍ୟତାମୂଳକ କଲେ । ଭାରତରେ ଆଜି ୧୩୫ ବର୍ଷ ପରେ ମଧ୍ୟ ତାହା ଆକାଶ କୁସୁମ, ଶିକ୍ଷା ଆଜି ଘରୋଇକରଣ ହେବାକୁ ଯାଉଛି । ଧାର୍ମିକ ନିୟମ ଯୋଗୁଁ ଗୋପବନ୍ଧୁ ମଧ୍ୟ ତାଙ୍କର ସତ୍ୟବାଦୀ ବନବିଦ୍ୟାଳୟରେ ଶୂଦ୍ରଛାତ୍ରଙ୍କୁ ଶିକ୍ଷା ଦେବାକୁ ସାହସ କରିନଥିଲେ ।

ସଂରକ୍ଷଣ ବିରୋଧ ସ୍ୱର :- ଆର୍ଯ୍ୟମାନେ ତ ୫୦୦୦ବର୍ଷ ତଳୁ ଗୁରୁକୂଳରୁ ପାଠ ଆରମ୍ଭ କରିଛନ୍ତି । ଅନାର୍ଯ୍ୟ ଶୂଦ୍ରଙ୍କର ପାଠପଢା ୧୦୦ବର୍ଷ ବି ପୁରିନି । ଏଣୁ ଭାରତର ସମ୍ବିଧାନ ଏମାନଙ୍କୁ ଆଦିବାସୀ/ହରିଜନ, ପଛୁଆ ଜାତି ଭାବରେ ସଂରକ୍ଷଣ ଦେଇଛି । ୨୦ ଭାଗ ଆର୍ଯ୍ୟ ପ୍ରାୟ ଦେଶର ୬୬ ଭାଗ ରାଜନୀତି ୮୭ଭାଗ ଚାକିରୀ ୯୪ଭାଗ ଚାଷଜମି କବ୍‌ଜା କରିଛନ୍ତି । ମାତ୍ର ୮୦ ଭାଗ ଅନାର୍ଯ୍ୟ ସଂରକ୍ଷଣ ସତ୍ତ୍ୱେ ପ୍ରାୟ ୩୩ ଭାଗ ରାଜନୀତି ୧୩ ଭାଗ ଚାକିରୀ ଓ ୬ ଭାଗ ଜମି ପାଇଛନ୍ତି । ମାତ୍ର ଆର୍ଯ୍ୟଙ୍କ ସମ୍ବିଧାନ ଅନୁସାରେ ତାଙ୍କର ଦରକାର ୧୦୦ ଭାଗ ଚାକିରୀ ଓ ରାଜନୀତି । ମନୁ ସଂହିତା ୮/୨୦ କୁହେ -

ଜାତିମାତ୍ରୋପଜୀବୀ ବା କାମଂସ୍ୟାଦ୍ ବ୍ରାହ୍ମଣ ବ୍ରୁବଃ
ଧର୍ମ ପ୍ରବକ୍ତା ନୃପତେନ ତୁ ଶୂଦ୍ରଃ କଥଞ୍ଚ ନଃ ।

ରାଜା ତାଙ୍କର ମନ୍ତ୍ରୀ, ଅମାତ୍ୟ, ସଚୀବ (ଧର୍ମ ପ୍ରବକ୍ତା) କେବଳ ବ୍ରାହ୍ମଣ ରଖିବେ, ପଣ୍ଡିତ ବ୍ରାହ୍ମଣ ଅଭାବରେ ନାମକୁ ମାତ୍ର କାମଚଳା ବ୍ରାହ୍ମଣ ଚଳିବ ତା ଅଭାବରେ କ୍ଷତ୍ରିୟ ବୈଶ୍ୟଙ୍କୁ ନିଯୁକ୍ତି ଦେବେ ମାତ୍ର ସର୍ବଜ୍ଞାନୀ ଜୀତେନ୍ଦ୍ରିୟ ହେଲେ ମଧ୍ୟ ଶୂଦ୍ରକୁ କେବେହେଁ ନିଯୁକ୍ତ କରିବେ ନାହିଁ । ଏଥିପାଇଁ ଆର୍ଯ୍ୟ ସନ୍ତାନଗଣ କହନ୍ତି -Hale with the Indian constitution. ଭାରତର ସମ୍ବିଧାନକୁ ନର୍କ ପ୍ରାପ୍ତିହେଉ । ତେଣୁ ଏବେ ପଦୋନ୍ନତିରେ ସଂରକ୍ଷଣ ଉଠାଇ ଦିଆଗଲା । ସଂରକ୍ଷଣ ପାଇ ସାଂସଦ ବନିଥିବା ଆଦିବାସୀ ହରିଜନ ସାଂସଦମାନେ ପଦୁଟିଏ ବି ପ୍ରତିରୋଧ କରି ନାହାନ୍ତି, ତାଙ୍କର ଦରକାର ପରବର୍ତ୍ତି ନିର୍ବାଚନ ଟିକେଟ୍ । ଆଜିକାଲି ଚାକିରୀ ନାହିଁ, ଘରୋଇ କମ୍ପାନୀ ସଂରକ୍ଷଣ ନିୟମରୁ ବାହାରେ, ଏଣୁ ଆର୍ଯ୍ୟମାନଙ୍କର ଶତକଡା ୧୦୦ ଭାଗ ବେଶି ଦୂର ନୁହେଁ ।

ଏ ନିୟମକୁ ସମର୍ଥନ କରନ୍ତି -

> ପତିତୌପି ଦ୍ୱିଜୋ ଶ୍ରେଷ୍ଠ ନଚ ଶୂଦ୍ରୋ ଜୀତେନ୍ଦ୍ରିୟଃ - ପରାଶର ସ୍ମୃତି
> ପୂଜିୟ ବିପ୍ର ଶୀଳ ଗୁଣହୀନା,
> ଶୂଦ୍ର ନ ପୂଜିୟ ଜ୍ଞାନ ପ୍ରବିଣା । ତୁଳସୀଦାସଙ୍କ ରାମଚରିତ ମାନସ ।

ସଂରକ୍ଷଣ ଭିତରେ ସଂରକ୍ଷଣ : ଜୁଆଙ୍ଗ,ବଣ୍ଡା ଆଦି ଆଦିବାସୀଙ୍କର ଜନସଂଖ୍ୟା କମିଯାଉଛି । ଯେଉଁଦିନ ଏମାନଙ୍କର ପିଲା IAS ପାଇବେ, ସେଦିନ ସଂରକ୍ଷଣ ଉଠିବା ଉଚିତ୍ । ଏଣୁ ଏଭଳି ଜାତିଙ୍କୁ ସଂରକ୍ଷଣ ଭିତରେ ସଂରକ୍ଷଣ ଦେବା ଉଚିତ୍ । ଏମାନଙ୍କ ମାଟ୍ରିକ୍ ପାସ୍ କରିଥିବା ପିଲାଙ୍କୁ ତାଙ୍କ ଦୁର୍ଗମ ଅଞ୍ଚଳରେ ଶିକ୍ଷକ ନିଯୁକ୍ତ କରିବା ଉଚିତ୍, କାରଣ ସେ ଅଞ୍ଚଳରେ ଶିକ୍ଷା ବର୍ତ୍ତମାନ ଏକ ପ୍ରହସନ ହୋଇଯାଇଛି ।

ବ୍ରାହ୍ମଣ ଦେବତା :- ଶୂଦ୍ର ସମାଜକୁ ମୂର୍ଖ ବନାଇ ବ୍ରାହ୍ମଣ ନିଜକୁ 'ଭୂଦେବ' ପୃଥିବୀ ଉପରର ଦେବତା ରୂପେ ପ୍ରତିଷ୍ଠା କରାଇନେଲେ । ନୃସିଂହ ପୁରାଣ କହିଲା-

> ଦେବାଧିନଂ ଜଗତ୍‌ସର୍ବଂ ମନ୍ତ୍ରାଧିନଂ ଚ ଦେବତାଃ
> ତେ ମନ୍ତ୍ରା ବ୍ରାହ୍ମଣାଧୀନଂ ତସ୍ମାନ ବ୍ରାହ୍ମଣଃ ଦେବତାଃ ।

ସଚରାଚର ଜଗତ୍ ଦେବତାଙ୍କ ଅଧିନ, ଦେବତା ମନ୍ତ୍ରର ଅଧିନ, ମନ୍ତ୍ର ସବୁ ବ୍ରାହ୍ମଣଙ୍କ ଅଧିନ, ତେଣୁ ବ୍ରାହ୍ମଣ ଦେବତା ଅଟନ୍ତି ।

କଲିକତାର ପିଲାମାନେ ସକାଳୁ ପାଣିଢାଳେ ଧରି ରାସ୍ତାରେ ବ୍ରାହ୍ମଣଙ୍କୁ ଜଗୁଥିଲେ । ତାଙ୍କର ପାଦ ଧୋଇ ଘରକୁ ନେଉଥିଲେ । ସେ ପାଦୁକା ପାଇଲେ ଯାଇ ପରିବାରରେ ଖିଆପିଆ ଆରମ୍ଭ ହେଉଥିଲା ।

ଶଙ୍କରାଚାର୍ଯ୍ୟଙ୍କ ଜନ୍ମସ୍ଥାନ କେରଳର ନମ୍ଭୁଦି ବ୍ରାହ୍ମଣମାନେ ଭଣ୍ଡଦେବତା ସାଜି ଚଉଠି ରାତିରେ ନବବଧୂଙ୍କୁ ପ୍ରଥମେ ସମ୍ଭୋଗକରି ପବିତ୍ର କରୁଥିଲେ ।

ମନୁ ୮/୩୪୯ - ଯେଉଁ ଅପରାଧ ପାଇଁ ଅନ୍ୟମାନଙ୍କୁ ମୃତ୍ୟୁଦଣ୍ଡ, ସେହି ଅପରାଧ

ପାଇଁ ବ୍ରାହ୍ମଣକୁ କେବଳ ମସ୍ତକ ମୁଣ୍ଡନ କରି ଛାଡି ଦିଆଯାଉଥିଲା ।

ଗୋହତ୍ୟା ପାପ ମାତ୍ର ବ୍ରହ୍ମହତ୍ୟା ମହାପାପ କରାହେଲା । ଯେତେ ଧନୀ ହେଲେ ମଧ ଭଲଜମି ସବୁ ବ୍ରାହ୍ମଣ ନିଷ୍କର ଭୋଗକରୁଥିଲେ । ସେମାନେ ରାଜାଙ୍କୁ କୌଣସି କର ଦେଉ ନଥିଲେ । ଯଜ୍ଞ ପୂଣ୍ୟର ଏକ ଷଷ୍ଠାଂଶ ରାଜାଙ୍କୁ ଆପେ ଆପେ ମିଳିଯାଉଥିଲା । ଏହିପରି ଧର୍ମର ଦ୍ୱାହୀ ଦେଇ ସେମାନେ ନିଜର ଧନ ଜୀବନ କ୍ଷମତା ସୁରକ୍ଷିତ ରଖି ପାରିଥିଲେ ।

ଲୋକ ଦେଖାଣିଆ ଭାବରେ ସେମାନେ ଭାଗବତ ବାଣୀ କହନ୍ତି -

ସକଳ ଘଟେ ନାରାୟଣ, ବସନ୍ତି ଅନାଦି କାରଣ । ଖମ୍ବରୁ ମଧ ତାଙ୍କର ନୃସିଂହ ଅବତାର ଆବିର୍ଭାବ ହୁଅନ୍ତି, ମାତ୍ର ଶୂଦ୍ର ଘଟରେ ତାଙ୍କର ନାରାୟଣ ପରିବର୍ତ୍ତେ ସଇତାନକୁ ଦେଖନ୍ତି । ପୁଣି ୧୮ ଖଣ୍ଡ ପୁରାଣରେ ବ୍ୟାସଦେବ ଦୁଇଟି ସାରକଥା କହିଛନ୍ତି ଯେ ପରଉପକାର କରିବା ପୂଣ୍ୟ ଓ ପରକୁ କଷ୍ଟଦେଲେ ପାପ ହୁଏ ।

ଅଷ୍ଟାଦଶ ପୁରାଣସ୍ୟ ବ୍ୟାସସ୍ୟ ବଚନଂ ଦ୍ୱୟଂ
ପରୋପକାରେ ପୂଣ୍ୟାୟ ପାପାୟ ପରପୀଡନମ୍ ।

ମାତ୍ର ଯେତେବେଳେ ଶୂଦ୍ରକୁ ନିର୍ଯ୍ୟାତନା ଦିଅନ୍ତି, ସେତେବେଳେ କ'ଣ ପାପ ହୁଏନା ।

ଶୂଦ୍ରଙ୍କ ଠାରୁ ପ୍ରତ୍ୟାଶା :- ଶୂଦ୍ରଙ୍କୁ ଏତେ ନିର୍ଯ୍ୟାତନା ଦେଲାପରେ ମଧ ଉତ୍ତମ ବ୍ୟବହାର ଆଶା କରନ୍ତି ।

ମନୁ ୧୦/୬୨ - ଶୂଦ୍ର, ବର୍ଣ୍ଣସଙ୍କର ମାନେ କୌଣସି ପୁରସ୍କାରର ପ୍ରତ୍ୟାଶା ନରଖି ବ୍ରାହ୍ମଣ ସ୍ତ୍ରୀ ପିଲା, ଗୋରକ୍ଷା ପାଇଁ (ମାତ୍ର ଦେଶରକ୍ଷା ପାଇଁ ନୁହେଁ) ପ୍ରାଣବଳୀ ଦେବା ସୁଖ ପ୍ରାପ୍ତିର କାରଣ ଅଟେ । କାରଣ ଏମିତି ପୂଣ୍ୟ କଲେ ପରଜନ୍ମରେ ସେମାନେ ଉଚ୍ଚବର୍ଣ୍ଣରେ ଜନ୍ମହୋଇ ସୁଖ ଭୋଗ କରିବେ ।

ପ୍ରତିକ୍ରିୟା :- ଏଭଳି ଅସଂଖ୍ୟ ଦଳିତ ନିର୍ଯ୍ୟାତନାର ଶିକାର ଶୂଦ୍ରମାନଙ୍କୁ ସଂଗଠିତ କରି ଆମ୍ବେଦକର ସର୍ବସାଧାରଣ ଜଳାଶୟରୁ ଜଳପାନ, ମନ୍ଦିର ପ୍ରବେଶ ଆନ୍ଦୋଳନ ଆରମ୍ଭ କଲେ । ୧୯୨୭ ମସିହା ଡିସେମ୍ବର ୨୫ ତାରିଖରେ ଅବୈଦିକ ନିୟମ ପୁରାଯାଇଥିବା ମନୁସ୍ମୃତିକୁ ଦାହ କରିଥିଲେ । ସମ୍ବିଧାନରେ ସେ ଦଳିତ ଆଦିବାସୀ ହରିଜନଙ୍କୁ ସଂରକ୍ଷଣ ଦିଆଇଥିଲେ । ତଥାପି ଏ ଦେଶରେ ବର୍ତ୍ତମାନ ସୁଦ୍ଧା ଦାଦନ ଶ୍ରମିକ , ବନ୍ଧକ ଶ୍ରମିକ ପ୍ରଥା ବନ୍ଦ ହୋଇପାରିନି । ସାମୁହିକ ଦଳିତ ହତ୍ୟା ନିର୍ଯ୍ୟାତନାରେ ହିନ୍ଦୁଧର୍ମ ଛାଡି ବୌଦ୍ଧ, ମୁସଲମାନ୍, ଖ୍ରୀଷ୍ଟିୟାନ୍ ହୋଇ ଯାଉଛନ୍ତି । ବିରକ୍ତରେ ଏ ସ୍ଲୋଗାନ ଗୁଡିକ ଦିଅନ୍ତି -

ହିନ୍ଦୁଧର୍ମ ଛୋଡ ଦୋ, ଜାତିଭେଦ ତୋଡ୍ ଦୋ ।
ତିଲକ ତରାଜୁ ଔର ତଲୱାର, ଇନ୍‌କୋ ମାରୋ ଜୁତୋଁ ଚାର ।

ସମାଧାନ :- ଏ ଘୃଣ୍ୟ ଜାତିପ୍ରଥା ଅସ୍ପୃଶ୍ୟତାର କ'ଣ ଅନ୍ତ ନାହିଁ । ସମ୍ବିଧାନ ଏହାକୁ ତ ଦଣ୍ଡନୀୟ ଅପରାଧ ଘୋଷଣା କରିଛି । ମାତ୍ର ଏହାର ସେହିଦିନ ଅନ୍ତ ହେବ ଯେଉଁଦିନ ହିନ୍ଦୁମାନେ ଏହାକୁ

ମାନସିକ ସ୍ତରରୁ ଦୂରେଇ ଦେବେ । ପବନ ଦେବତା ତ ଶୂଦ୍ରଙ୍କୁ ଛୁଇଁ ବଞ୍ଚାଇ ରଖିଛନ୍ତି । ତାଙ୍କୁ ସୂର୍ଯ୍ୟ କିରଣ ଦେବାରେ, ଇନ୍ଦ୍ର ବର୍ଷା ଦେବାରେ ତ କୃପଣ ହୁଅନ୍ତି ନାହିଁ । ତେବେ କ'ଣ ଆର୍ଯ୍ୟମାନେ ତାଙ୍କ ଦେବତାଙ୍କ ଠୁ ବି ବଡ଼ । ଶିକ୍ଷା ଓ ବିଭବ ଆସିଲେ ପରିଷ୍କାର ପରିଚ୍ଛନ୍ନତା, ସୂଚୀ ଆସେ । ଅନାର୍ଯ୍ୟମାନେ ସଂରକ୍ଷଣରୁ ଆଇ.ଏ.ଏସ୍. ଇତ୍ୟାଦି ବଡ଼ ଅଫିସର ହେଲେ ଆର୍ଯ୍ୟମାନେ ତାଙ୍କୁ କନ୍ୟା ଦେଇ ଜାମାତା କରିବାର ଦେଖାଯାଏ । ରାଜପୁତ ରାଜାମାନେ ମୋଗଲ ବାଦଶାହାମାନଙ୍କୁ କନ୍ୟା ଦେବାର ଉଦାହରଣ ଏ ଦେଶରେ ଭରପୁର । ଏଠାରେ ଏକ ଯବନ ୧୦୦୦ ଚାଣ୍ଡାଳ ଠାରୁ ମଧ୍ୟ ଅପବିତ୍ର (ଶୁଦ୍ଧି ବିମୋଚନ ପୃଷ୍ଠା ୧୦)କୁ କେହି ମାନି ନାହାନ୍ତି । ଧନ,କ୍ଷମତା,ଯଶ, ମିଳୁଥିବା ସ୍ଥାନ ସବୁ ସ୍ପୃଶ୍ୟ ଅଟନ୍ତି । ତେଣୁ ଏ ଅସ୍ପୃଶ୍ୟତା ଅଭିନୟ କାହିଁକି ? ବର୍ଣ୍ଣସଙ୍କର ଜାତି ସବୁତ ଆର୍ଯ୍ୟରକ୍ତ ମିଶ୍ରଣରୁ ସୃଷ୍ଟି । ଏମାନଙ୍କୁ ଅସ୍ପୃଶ୍ୟ କହି ମୁଖ୍ୟଧାରାରୁ ଅଲଗା ରଖିଲେ, ସେମାନଙ୍କର, ସମାଜର, ଦେଶର ଉନ୍ନତି କେବେବି ହେବନାହିଁ ।

ବୈଦିକ ଧର୍ମଥିଲା-ଯଦ୍‌ଅନ୍ତରଂ ତଦ୍‌ବାହ୍ୟଂ, ଯଦ୍‌ବାହ୍ୟଂ ତଦ୍‌ଅନ୍ତରଂ । ଅଥର୍ବବେଦ ୨/୩୦/୬ ଅର୍ଥାତ୍ ଭିତର ମନ ଯାହା, ବାହାର ମୁହଁ ମଧ୍ୟ ତାହା, ମନ ମୁହଁ ଏକ ।

ସନାତନ ଧର୍ମ ବଦଳିଗଲା - ମନୁ ୪/୧୩୮

ସତ୍ୟମ୍ ବ୍ରୁୟାଦ୍ ପ୍ରିୟଂ ବ୍ରୁୟାଦ୍ ନବ୍ରୁୟାଦ୍ ସତ୍ୟମ୍ ଅପ୍ରିୟମ୍
ପ୍ରିୟଞ୍ଚ ନାନୃତଂ ବ୍ରୁୟାଦ୍ ଏଷ ଧର୍ମଃ ସନାତନଃ ।

ସତ୍ୟ କୁହ, ପ୍ରିୟ କୁହ, ମାତ୍ର ଅପ୍ରିୟ ସତ୍ୟ କୁହନା, ଏହା ହେଉଛି ସନାତନ ଧର୍ମ । ଅପ୍ରିୟ ସତ୍ୟ ଲୁଚାଇବାରୁ ଅନେକ ଅପରାଧି ଦଣ୍ଡରୁ ବଞ୍ଚିଯିବେ, ତାତ୍‌କାଳିକ କ୍ଷତିରୁ ତ ସାମୟିକ ରକ୍ଷା ମିଳିବ ମାତ୍ର ମାନସିକ ଆତ୍ମଗ୍ଳାନୀ ସବୁଦିନ ଲାଗିରହିବ । ଏଣୁ ମନ ଓ ମୁହଁ ଅଲଗା ହୋଇ ଗଲା । ବର୍ତ୍ତମାନ ସବୁଠି ମୁହଁରେ ହସ ଆଉ ପେଟରେ ବିଷ,ଛନ୍ଦ, କପଟ, ପ୍ରତାରଣା ସନାତନ ଧର୍ମର ଲକ୍ଷଣ ହୋଇଯାଇଛି । ସେଦିନ ଗାଲିଲିଓ ବାଇବେଲ ବିରୋଧି ଅପ୍ରିୟ ସତ୍ୟ ପ୍ରକାଶ କଲେ ଯେ ସୂର୍ଯ୍ୟ ସ୍ଥିର ପୃଥିବୀ ତା' ଚାରିପାଖରେ ଘୁରୁଛି । ଧର୍ମାନ୍ଧ ଚର୍ଚ୍ଚ ତାଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଲେ । ଏ ସତ୍ୟ ସେ ଲୁଚାଇଥିଲେ ମାନବ ସଭ୍ୟତାର ପ୍ରଗତୀ ବିଳମ୍ବିତ ହୋଇଥାନ୍ତା । ତାଙ୍କର ମୃତ୍ୟୁର ପ୍ରାୟ ୩୫୦ ବର୍ଷ ପରେ ଚର୍ଚ୍ଚ ତାଙ୍କର ମୃତ୍ୟୁ ଦଣ୍ଡାଦେଶ ପ୍ରତ୍ୟାହାର କଲେ, 'ସତ୍ୟମେବ ଜୟତେ' ସତ୍ୟହେଲା । ଅପ୍ରିୟ ସତ୍ୟ ଲୁଚାଇବାରୁ ଜ୍ଞାନୀ ଗୁଣି କହୁଥିବା ଭାରତରୁ କୌଣସି ଆବିଷ୍କାର ଉଦ୍ଭାବନ ହେଲାନାହିଁ, ଯାହା ହୋଇଛି ଇଂରେଜ ଶିକ୍ଷାପରେ ।

ବାସ୍ତବରେ ମଣିଷ ନିଜର ସୀମିତ ଜ୍ଞାନ ପରିସର ମଧ୍ୟରେ ପ୍ରାକୃତିକ ଭୌତିକ ଘଟଣାର ବ୍ୟାଖ୍ୟା କରିଥାଏ । ଜ୍ଞାନର ପରିସୀମା ବୃଦ୍ଧି ହେଲେ ବ୍ୟାଖ୍ୟା ମଧ୍ୟ ବଦଳେ । ତେଣୁ ଐତରୀୟ ଉପନିଷଦ କୁହେ - 'ଚରୈବତି ଚରୈବତି' ଆଗକୁ ମାଡିଚାଲ ଆହୁରି ଆଲୋକର ସନ୍ଧାନ ପାଇବ, ସ୍ଥାଣୁ ହୋଇଯାଅନା ।

ଆଧୁନିକ ମନୁସ୍ମୃତି :- ଏଣୁ ସନାତନ ଧର୍ମକୁ ବୈଦିକ ଧର୍ମ ପାଖକୁ ଫେରିବାକୁ ପଡିବ,

ଯେଉଁ ଠାରେ ଜାତିଭେଦ ଅସ୍ପୃଶ୍ୟତା ନଥିଲା । ଶୂଦ୍ର ଉନ୍ନତ ଧାର୍ମିକ କର୍ମକରି ବ୍ରାହ୍ମଣ ହେଉଥିଲା ଓ ବ୍ରାହ୍ମଣ ପତିତ ଭଣ୍ଡ ହେଲେ ଶୂଦ୍ର ହେଉଥିଲା । ଏଥିପାଇଁ ଅନ୍ଧକାର ଯୁଗରେ ପ୍ରକ୍ଷିପ୍ତ ହୋଇଥିବା ବେଦ ବିରୋଧି ନୀତିନିୟମ ସବୁକୁ ବାହାର କରି ନୂତନ ସଂଶୋଧିତ ଧର୍ମଚାରଣ ଗ୍ରନ୍ଥ ମନୁସ୍ମୃତି ଆଦି ସଙ୍କଳିତ ହେବା ଦରକାର । ଏଥିପାଇଁ ଧର୍ମସଂଗଠନ, ୪ ପୀଠର ଶଙ୍କରାଚାର୍ଯ୍ୟ, ବିଭିନ୍ନ ପ୍ରାନ୍ତର ମୁକ୍ତିମଣ୍ଡପ ପରି ଧର୍ମସଭା, ପଣ୍ଡିତ ମଣ୍ଡଳୀ ଆଗେଇ ଆସିବା ଉଚିତ୍ ।

ଦୋଷ କାହାର :- ଦଳିତ ନିର୍ଯାତନା ପାଇଁ ଆଜିର ଆର୍ଯ୍ୟସନ୍ତାନ ମାନଙ୍କୁ ସବୁ ଦୋଷ ଦେବାଟା କ'ଣ ଯୁକ୍ତିଯୁକ୍ତ । ସେମାନେ ପ୍ରାୟ ୧୦୦୦/୨୦୦୦ ବର୍ଷତଳୁ ଦିଆଯାଇଥିବା ଓ ନିଜର ସ୍ୱାର୍ଥ ରକ୍ଷା କରୁଥିବା ଧାର୍ମିକ ନିୟମ ଗୁଡିକୁ କେବଳ ମାନୁଛନ୍ତି । ସ୍ୱାର୍ଥହାନୀ ହେଉଥିବା ନିୟମକୁ ଛାଡି ଦିଆଯାଉଛି । ଦଳିତ ସମାଜ ମଧ୍ୟ କେବଳ ବ୍ରାହ୍ମଣବାଦ ବିରୁଦ୍ଧରେ ଚିତ୍କାର କଲେ ସମସ୍ୟାର ସମାଧାନ ହେବନାହିଁ । ଜାତିପ୍ରଥାର ପ୍ରାୟ ୬୭୪୩ ଜାତି ମଧ୍ୟରେ ଉଚ୍ଚନୀଚ ଭାବ ରହିଛି, କୌଣସି ଦୁଇଜାତି ସମାନ ନୁହେଁ । ଏମାନେ ପରସ୍ପର ମଧ୍ୟରେ ଉଚ୍ଚନୀଚ ଭେଦଭାବରେ ସଂଘର୍ଷରତ । କିଏ ବଡ଼ ବା ସାନର ପ୍ରମାଣପତ୍ର ରହିଛି କେବଳ ବ୍ରାହ୍ମଣ ଠାରେ । ତେଣୁ ଏମାନଙ୍କୁ ପ୍ରଥମେ ନିଜ ମଧ୍ୟରେ ଥିବା ଭେଦାଭେଦର ପ୍ରାଚୀର ଭାଙ୍ଗି ଏକଜୁଟ ହେଲେ ଯାଇ ବ୍ରାହ୍ମଣବାଦର ମୁକାବିଲା କରିପାରିବେ ।

ଭାରତ ପରାଧିନ ହେବାରେ ଜାତିଭେଦର ଭୂମିକା:-

ଭାରତ ଇଂରେଜ ଓ ମୁସଲମାନ ଶାସନ ଅଧିନରେ ପ୍ରାୟ ୧୦୦୦ ବର୍ଷ ପରାଧିନ ଥିଲା । ତା ପୂର୍ବରୁ ମଧ୍ୟ ଅନେକ ବୈଦେଶିକ ଶକ୍ତି ପାର୍ସି ୟୁନାନୀ (ଗ୍ରୀକ୍) ପଲ୍ଲବ, ଶକ୍ , ହୁନ, ତାତାର, ଇୟୁଚୀ, ଜାଠ, ଗୁର୍ଜର, ଆଭୀର, କୁଶାଣ ଏ ଦେଶ ଅଧିକାର କରି ସାମ୍ରାଜ୍ୟ ପ୍ରତିଷ୍ଠା କରି ଶତାଧିକ ବର୍ଷ ଶାସନ କରି ଏହିଠାରେ ହିନ୍ଦୁଙ୍କ ସହିତ ମିଶି ହିନ୍ଦୁ ହୋଇଗଲେ । ଶକ୍ ମାନଙ୍କ ସହିତ ଶାକଲ୍ୟଦ୍ୱିପୀ ବ୍ରାହ୍ମଣମାନେ ମଧ୍ୟ ଆସିଥିଲେ । ଏମାନଙ୍କର ରାଜା ମାନଙ୍କୁ କ୍ଷତ୍ରିୟ ରାଜପୁତ୍ ଭାବେ ଗ୍ରହଣ କରି ନିଆଗଲା । ତାପରେ ତୁର୍କ ଆଫଗାନ୍ ମୋଗଲମାନେ ଏ ଦେଶକୁ ପ୍ରାୟ ୭୦୦ ବର୍ଷ ଓ ଇଂରେଜ ପ୍ରାୟ ୩୦୦ବର୍ଷ ଶାସନ କଲେ । ଭୀମ, ଅର୍ଜୁନ, ହନୁମାନ ,ରାମକୃଷ୍ଣ, ବଳରାମ, ପରଶୁରାମ,ଭୀଷ୍ମ,କର୍ଣ୍ଣ ଆଦି ବୀର ପୁରୁଷଙ୍କର ବଂଶଧର ମାନଙ୍କର ପ୍ରତିରକ୍ଷା ଏତେ ଦୁର୍ବଳ ହେଲା କାହିଁକି ?

ସୀମିତ ସୈନ୍ୟ :-

ଯୁଦ୍ଧ କରିବାର ଅଧିକାର କେବଳ କ୍ଷତ୍ରିୟର ଥିଲା । ମରହଟ୍ଟା ଆଦିଙ୍କୁ ମିଶାଇ ବର୍ତ୍ତମାନ ଏମାନେ ପ୍ରାୟ ଶତକଡା ୬ଭାଗ । ସ୍ତ୍ରୀ ଶିଶୁ ବୃଦ୍ଧଙ୍କୁ ବାଦ ଦେଲେ ଯୁଦ୍ଧ ଯୋଗ୍ୟ ଯୁବକ ରହିବେ ମାତ୍ର ୧ରୁ ୨ ଭାଗ । ପୁଣି ମହମ୍ମଦ ବିନ କାଶୀମ୍ ର ୭୧୨ ଖ୍ରୀ:ଅ: ସିନ୍ଧୁ ଆକ୍ରମଣର ପୂର୍ବରୁ ସିନ୍ଧୁ ନରେଶ ଦାହିର ବ୍ରାହ୍ମଣଙ୍କ ପରାମର୍ଶରେ ଜାଠ, ଭେଡ ,ଆଭୀର, ଲୁହାଣଙ୍କୁ ଶୂଦ୍ର ଘୋଷଣା କରି ଅସ୍ତ୍ରଧାରଣ ଅଶ୍ୱାରୋହଣ ଉପରେ ପ୍ରତିବନ୍ଧକ ଲଗାଇଥିଲେ । ତେଣୁ ତ ସେ ଯୁଦ୍ଧରେ

ପରାସ୍ତ ହେଲେ । ଏହି ପରି ଚିତ୍‌ପାବନ ବ୍ରାହ୍ମଣମାନେ ମରହଟ୍ଟାଙ୍କୁ ଶୂଦ୍ର ଘୋଷଣା କରିଥିଲେ ।

ପୁଣି ବ୍ରାହ୍ମଣଙ୍କ ଦ୍ୱାରା ଲିଖିତ ଧର୍ମଶାସ୍ତ୍ରନୀତି ଯୋଗୁଁ ରାଜାମାନେ ରାଜଚକ୍ରବର୍ତ୍ତି ହେବାକୁ ସବୁବେଳେ ନିଜ ଭିତରେ ଯୁଦ୍ଧରେ ବ୍ୟାପୃତ ରହୁଥିଲେ , ଫଳରେ କ୍ଷତ୍ରିୟଙ୍କ ସଂଖ୍ୟା କମୁଥିଲା । କହିବାକୁ ଗଲେ ପରଶୁରାମଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା କ୍ଷତ୍ରିୟ ମାରଣ ଯଜ୍ଞର ପୂର୍ତ୍ତି ହୋଇ ଚାଲୁଥିଲା । ଅବଶ୍ୟ ଆଗରୁ ପରଶୁରାମ, ଦ୍ରୋଣ, କୃପାଚାର୍ଯ୍ୟ ଅଶ୍ୱତଥାମା ଆଦି ବ୍ରାହ୍ମଣ ଯୁଦ୍ଧ କରୁଥିଲେ , ମାତ୍ର ନିୟମ ବଦଳି ଗଲା । କେବଳ ଗୋ ବ୍ରାହ୍ମଣ ରକ୍ଷା ପାଇଁ ବା ବର୍ଣ୍ଣସଙ୍କର ଜାତିର ବୃଦ୍ଧି ଉତ୍ପାତ ଦମନ କରିବାକୁ ବ୍ରାହ୍ମଣ ଓ ବୈଶ୍ୟ ଶସ୍ତ୍ର ଧାରଣ କରିବାର ନିୟମ ହେଲା ।

ଗବାର୍ଥେ ବ୍ରାହ୍ମଣାର୍ଥେ ବା ବର୍ଣ୍ଣନା ବାପି ଶଙ୍କରେ
ଗ୍ରହଣୀୟାତା ବିପ୍ର ବିଭୌ (ବୈଶ୍ୟ) ଶସ୍ତ୍ରଂ ଧର୍ମଧପ୍ରେକ୍ଷୟୀ ।
(ବୌଦ୍ଧାୟନ ଧର୍ମସୂତ୍ର ୨-୨-୯୦)

ଶୂଦ୍ରଙ୍କ ହାତରେ ଶସ୍ତ୍ରଦେବା କଥା କେହି ଚିନ୍ତା କରିନାହାନ୍ତି । ତାଙ୍କ ପାଇଁ ଧର୍ମ କର୍ମ ସବୁକେବଳ ତିନି ବର୍ଣ୍ଣଙ୍କର ସେବା କରିବା । ଗୀତା ୧୮/୪୪

କୃଷି ଗୌରକ୍ଷ୍ୟ ବାଣିଜ୍ୟଂ ବୈଶ୍ୟକର୍ମ ସ୍ୱଭାବଜଂ,
ପରିଚର୍ଯ୍ୟାତ୍ମକଂ କର୍ମ ଶୂଦ୍ରସ୍ୟାପି ସ୍ୱଭାବଜଂ ।

ପୁଣି ୪ ବର୍ଣ୍ଣଙ୍କୁ ଶ୍ରୀକୃଷ୍ଣ ଉପଦେଶ ଦେଇଛନ୍ତି ଗୀତା୩/୩୫

ଶ୍ରେୟାନ୍ ସ୍ୱଧର୍ମବିଗୁଣାଃ ପରଧର୍ମାତ୍ ସ୍ୱନୁଷ୍ଠିତାତ୍
ସ୍ୱଧର୍ମେ ନିଧନଂ ଶ୍ରେୟଃ ପରୋଧର୍ମୋ ଭୟାବହଃ ।

ଅର୍ଥାତ୍ ନିଜ ବର୍ଣ୍ଣର ଧର୍ମ କର୍ମ ଯେତେ ନିକୃଷ୍ଟ ହେଲେ ମଧ୍ୟ, ପରବର୍ଣ୍ଣର ଧର୍ମ(କର୍ମ) କରିବ ନାହିଁ , ନିଜ ଧର୍ମକର୍ମରେ ମରିବାଭଲ କିନ୍ତୁ ପରଧର୍ମ ଭୟାବହ ଅଟେ । ଗୀତା ଶୂଦ୍ରଙ୍କୁ ନିଜ ପରିସୀମା ବାହାରକୁ ଯିବାକୁ ମନା କରିଛି । ଏଣୁ ଦେଶ ଉପରେ ବୈଦେଶିକ ଆକ୍ରମଣ, ସ୍ୱାଧୀନତା ବିପନ୍ନ ହେଲାବେଳେ ମଧ୍ୟ କୌଣସି ଧର୍ମଶାସ୍ତ୍ର ଶୂଦ୍ରଙ୍କ ହାତରେ ଅସ୍ତ୍ର ଦେବା କଥା କହିନି । ବୋଧହୁଏ ଯୁଦ୍ଧରେ ତାଙ୍କୁ ଅସ୍ତ୍ର ଦେଲେ ଶାନ୍ତି ବେଳେ ୮୦ ଭାଗ ଶୂଦ୍ରଙ୍କୁ ଶୋଷଣ ନିର୍ଯ୍ୟାତନା କରିବା ସମ୍ଭବ ହୋଇନଥାନ୍ତା । ଏଥିପାଇଁ ମୋଘାସ୍ଥିନିସ୍‌ଙ୍କ ' ଇଣ୍ଡିକା' , ଆଲବେରୁଣୀଙ୍କ 'ହକିକତ୍ ଇ ହିନ୍ଦ୍' ଆଦି ପୁସ୍ତକରେ ବର୍ଣ୍ଣନା ଅଛି ଯେ ଭାରତରେ ଯୁଦ୍ଧ କଲାବେଳେ ଯୁଦ୍ଧ ପଡିଆ ପାଖରେ କୃଷକମାନେ ନିଶ୍ଚିନ୍ତରେ ହଳ କରୁଥାନ୍ତି , ବୈଶ୍ୟ ବ୍ରାହ୍ମଣମାନେ ଯେ ଯାହାର ଧନ୍ଦା କରୁଥାନ୍ତି । ପ୍ରାୟ ୧୦୦ ଜଣ ଲୋକରେ ଜଣେ କ୍ଷତ୍ରିୟ ଯୁବକ ଯୁଦ୍ଧକରେ । ଜଣେ କଣ ୯୯ ଜଣଙ୍କୁ ସୁରକ୍ଷା ପ୍ରତିରକ୍ଷା ଦେଇପାରିବ ? ତେଣୁ ଭାରତ ଗୋଟିଏ ହେଲେ ବୈଦେଶିକ ଆକ୍ରମଣର ପ୍ରତିରୋଧ କରିପାରିନି, ପରାଧିନତା ତାର ଚୀର ସାଥି ।

ଦେଖନ୍ତୁ ଚୀନ ଜାପାନ କୋରିଆରେ ଏଭଳି ପରିସ୍ଥିତିରେ ଆବାଳ ବୃଦ୍ଧ ବନିତା (ଆଚାଣ୍ଡାଳ ବ୍ରାହ୍ମଣ?) ଯିଏ ଯାହା ପାଇଲା ଠେଙ୍ଗାବାଡି କଟୁରୀ ପନିକି ଧରି ବୈଦେଶିକ ଶକ୍ତିର ପ୍ରତିରୋଧ କରନ୍ତି । ଦୁର୍ଦ୍ଧର୍ଷ ଇଂରେଜ ଚୀନ ସମ୍ରାଟଙ୍କଠୁ ହଂକଂ ଦ୍ୱୀପକୁ ,ପର୍ତ୍ତୁଗୀଜ ମାକାଓକୁ ପଟାରେ ନେଲେ, ତାପରେ ଇଞ୍ଚେ ମଧ୍ୟ ବଢାଇ ପାରିଲେ ନାହିଁ । ଭାରତରେ ମଧ୍ୟ ପ୍ରଥମେ ସେମିତି ପଟା ନେଇ ବେପାର କରୁ କରୁ ସବୁ ଦେଶଟାକୁ ପଟା କରିନେଲେ ।

ଦେଶାତ୍ମବୋଧ ଭାବ ଓ ଶହୀଦ୍ :-

ହିନ୍ଦୁ ଶାସ୍ତ୍ରମାନଙ୍କରେ ଦେଶପ୍ରେମ ଓ ଶହୀଦ୍‌ଙ୍କ ଉପରେ ନୀରବ । ଦେଶ ବିଦେଶ ବର୍ଣ୍ଣ ଅନୁସାରେ ଅଲଗା ଥିଲା । ଧର୍ମ ସିନ୍ଧୁ (୩/୮ ଓ ୭/୭୧) ଅନୁସାରେ ବ୍ରାହ୍ମଣଙ୍କ ଘର ଠାରୁ ୨୦ ଯୋଜନ (୧୬୦ ମାଇଲ୍) ,କ୍ଷତ୍ରିୟଙ୍କ ୨୪ ଯୋଜନ (୧୯୨ ମାଇଲ), ବୈଶ୍ୟଙ୍କ ୩୦ ଯୋଜନ (୨୪୦ ମାଇଲ୍) ଓ ଶୂଦ୍ରଙ୍କର ୬୦ ଯୋଜନ (୪୮୦ମାଇଲ) ଭିତରେ ଦେଶ ଅଟେ ତାପରେ ବିଦେଶ ଅଟେ । ଭାଷା ବଦଳିଲେ, ନଦୀପର୍ବତ ପାରହେଲେ ମଧ ବିଦେଶ କୁହାଯାଉଥିଲା । ତେଣୁ ତ ଏବେବି ଗାଆଁର କେହି ପିଲା ଭୁବନେଶ୍ୱର ବା ରାଉରକେଲାରେ ଚାକିରୀ ବ୍ୟବସାୟ କରୁଥିଲେ , ସମସ୍ତେ କହନ୍ତି ସେ ବିଦେଶ ଯାଇଛି ।

ଯେତେ ଯୁଦ୍ଧ ହେଉଥିଲେ ମଧ ବ୍ରାହ୍ମଣର କିଛି କ୍ଷତି ହେଉନଥିଲା । ତାଙ୍କ ଲିଖିତ ଧର୍ମନୀତି/ ଯୁଦ୍ଧ ନୀତି ଅନୁଯାୟୀ ଶତ୍ରୁ ହେଉକି ମିତ୍ର ସୈନ୍ୟମାନେ ବ୍ରାହ୍ମଣଙ୍କ ଘର, ଧନ, ଜୀବନ ,ଶିଶୁ ,ପରିବାର, ସୁରକ୍ଷା ଆଗେ ଦେଖୁଥିଲେ । ତାଙ୍କର କର୍ଣ୍ଣ ମଲେ ୫ ତ ଅର୍ଜ୍ଜୁନ ମଲେ ବି ପାଞ୍ଚ । ତେଣୁ ସେମାନେ ଶତ୍ରୁ ରାଜାର ବିଜୟ ଯଜ୍ଞ ମଧ କରୁଥିଲେ । ଏଭଳି ରାବଣ ଶ୍ରେଷ୍ଠ ବ୍ରାହ୍ମଣ ହୋଇ ନିଜେ ରାମଙ୍କର ସେତୁବନ୍ଧ ପ୍ରତିଷ୍ଠା କରି ଲଙ୍କାର ବିନାଶ ଡାକି ଆଣିଥିଲା । ଜୟ ପରାଜୟ ତାଙ୍କର କୌଣସି କ୍ଷତି କରୁନଥିବାରୁ ତାଙ୍କର ଯୁଦ୍ଧ ନୀତିରେ ବିଜୟ ଲକ୍ଷନଥିଲା, ତେଣୁ ଶୂଦ୍ରଙ୍କୁ ଯୁଦ୍ଧରେ ଯୋଗଦେବାର ଅଧିକାର ବା କାହିଁକି ଦେଇଥାନ୍ତେ ।

ମୁସଲମାନଙ୍କ ସଂଖ୍ୟା ବୃଦ୍ଧି :-

ଭାରତର ପ୍ରାୟ ୯୫ ଭାଗ ମୁସଲମାନଙ୍କ ପୂର୍ବ ପୁରୁଷ ହିନ୍ଦୁ, ତେଣୁ ଏମାନଙ୍କୁ ବାହାରେ ହିନ୍ଦୁପଠାଣ କୁହାଯାଏ । ଯଦି ଦେଶ ଭାଗ ହୋଇନଥାନ୍ତା ତେବେ ଭାରତ ପୃଥିବୀର ସବୁଠାରୁ ମୁସଲମାନ ବହୁଳ ରାଷ୍ଟ୍ର ହୋଇଥାନ୍ତା । ମୁସଲମାନ ମାନଙ୍କ ସହିତ ଯୁଦ୍ଧରେ ବନ୍ଦି ହୋଇଯାଉଥିବା ହିନ୍ଦୁ ସୈନ୍ୟପୁଣି ସ୍ୱଧର୍ମରେ ଗ୍ରହଣ କରାନଯିବାରୁ ସେମାନେ, ମୁସଲମାନ ହୋଇଗଲେ ।

ଆଫଗାନୀସ୍ଥାନ ସେତେବେଳର ଗାନ୍ଧାରର କାବୁଲରେ ଆନନ୍ଦପାଳ ଥିଲେ ଶେଷ ହିନ୍ଦୁ ରାଜା । ୮୭୦ ଖ୍ରୀ:ରେ ହିନ୍ଦୁ ସାମନ୍ତମାନେ ତୁର୍କଙ୍କୁ ନିମନ୍ତ୍ରଣ କରି ତାଙ୍କୁ ପରାସ୍ତ କଲେ, ତା ପରେ ସେଠାକାର ସମସ୍ତ ହିନ୍ଦୁ ମୁସଲମାନ ହୋଇଯାଉଥିଲେ ।

ଖ୍ରୀ:ଅ ୧୦୧୮ରେ ମାମୁଦଙ୍କ ୧୦ମ ଆକ୍ରମଣରେ ବରନ ସହର (ବୁଲନ୍ଦସର) ର ରାଜା ହରଦଥ ପରାସ୍ତ ହୋଇ ବନ୍ଦି ହେଲେ । ସେ ବଶତା ସ୍ୱିକାର କରି ସନ୍ଧି କରି ରାଜଧାନୀକୁ ଫେରିବାରୁ ସେ ଆଉ ହିନ୍ଦୁ ହୋଇ ନାହାନ୍ତି କହି ରାଜା ଭାବରେ ବ୍ରାହ୍ମଣ ଓ ପ୍ରଜା ଅସ୍ୱୀକାର କରିବାରୁ ସେ ମୁସଲମାନ ହେଲେ ଓ ପ୍ରାୟ ୧୦ ହଜାର ବିରୋଧି ବ୍ରାହ୍ମଣ ଓ ପ୍ରଜାଙ୍କୁ ମୁସଲମାନ କରିଦେଲେ । ତାପରେ ମାମୁଦ ବୃନ୍ଦାବନରେ ପହଞ୍ଚିଲେ, ରାଜା ପଳାୟନ କଲେ । ପ୍ରଜାମାନଙ୍କୁ ସେ ମୁସଲମାନ କରିବାକୁ ବାଧ କଲେ । ଯେଉଁଠାରେ ସେ ହିନ୍ଦୁ ମାନଙ୍କର ଉପବୀତ (ଜନେଉଁ) କାଟି ଓ ସୁନ୍ନତ କରି ସେଗୁଡିକ ଜମା କଲେ , ସେ ଜାଗାର ନାମ ଜନେଉଁଟିଲା ବୋଲି ଏବେବି ରହିଛି ।

୧୧୯୧ରେ ପ୍ରଥମ ତିରୋରୀ ଯୁଦ୍ଧରେ ପୃଥ୍ୱିରାଜ ଚୌହାନ୍ ପରାସ୍ତ ହୋଇ ପଳାୟନ

କରୁଥିବା ମହମ୍ମଦ ଘୋରୀଙ୍କୁ ଅନୁଧାବନ କରି ଖତମ କରି ଥାନ୍ତେ ତେବେ ଭାରତର ଇତିହାସ ଅନ୍ୟରକମର ହୋଇଥାନ୍ତା । ହିନ୍ଦୁ ଧର୍ମଶାସ୍ତ୍ର ଏହାର ବିରୋଧି । ତା ପରବର୍ଷ କନୌଜର ଜୟଚନ୍ଦ୍ର, ଗୁଜୁରାଟର ସୋଲାଙ୍କି ଓ ରାଠୋର ରାଜପୁତଙ୍କ ସହାୟତାରେ ମାତ୍ର ୧୨୦୦ ସୈନ୍ୟରେ ସେ ପୃଥ୍ୱିରାଜଙ୍କୁ ପରାସ୍ତ କଲେ । ଫଳରେ ଭାରତର ସ୍ୱାଧୀନତା ରବି ଅସ୍ତମିତ ହେଲା ।

୧୯୬୧ରେ ତୃତୀୟ ପାନିପଥ ଯୁଦ୍ଧରେ ୪ ମରହଟ୍ଟା ଶକ୍ତି ସମ୍ମିଳିତ ଭାବରେ ଅହମଦ ଶାହ ଅବଦଲୀଙ୍କୁ ପ୍ରତିରୋଧ କରୁଥିଲେ । ଅବଦଲି ବିଜୟର ସମ୍ଭାବନା ନଦେଖି ଫେରିଯିବା କଥା ଚିନ୍ତା କରୁଥିଲାବେଳେ ସଂଧ୍ୟାରେ ମରହଟ୍ଟା ଶିବିରରେ ଅନେକ ନିଆଁ ଜଳୁଥିବାର ଦେଖିଲେ । ସେ ବୁଝିଲେ ଯେ ହିନ୍ଦୁ ସୈନ୍ୟମାନେ କେହି କାହାର ରୋଷେଇ ଖଆନ୍ତି ନାହିଁ , ଅଲଗା ଅଲଗା ରୋଷେଇ ଚାଲୁଥିଲା । ଯେଉଁମାନଙ୍କ ମଧ୍ୟରେ ଏତେ ବିଭେଦ ତାଙ୍କୁ ପରାସ୍ତ କରିବା ସହଜ ଭାବି , ତତକ୍ଷଣାତ୍ ଅନ୍ଧାରରେ ସେ ଆକ୍ରମଣ କଲେ । ଅପ୍ରସ୍ତୁତ ହିନ୍ଦୁ ସେନା ଛିନ୍ନଛତ୍ର ହୋଇ ପଳାୟନ କଲେ । ଏ ଯୁଦ୍ଧର ପରାଜୟ କେବଳ ଜାତିଭେଦ, ଅନ୍ୟ କିଛି ନୁହେଁ ।

ଯବନ ପତ୍ନୀ ଗ୍ରହଣ କରି , ପୁଣି ଜାତି ହୋଇ ହିନ୍ଦୁ ହେବାକୁ ଚାହୁଁଥିବା କଳାପାହାଡଙ୍କୁ ହିନ୍ଦୁ ପଣ୍ଡିତ ଗ୍ରହଣ ନ କରିବାରୁ , ସେ ବଙ୍ଗଳାରେ ଉଚ୍ଚବର୍ଣ୍ଣ ହିନ୍ଦୁଙ୍କୁ ଏତେ ମୁସଲମାନ କଲାଯେ ଦେଶ ବିଭାଜନ ବେଳକୁ ଭାରତକୁ ପୂର୍ବ ବଙ୍ଗ ହରାଇବାକୁ ପଡିଲା । ସେହିପରି ପଞ୍ଜାବ ଓ କାଶ୍ମୀରରେ ରତନୁଜ ଶାହମୀର ସଂଖ୍ୟାଧିକ ମୁସଲମାନ କରିଥିଲେ । ଧନ ସମ୍ପତ୍ତି ଜମିଦାରୀ ବଞ୍ଚାଇବାକୁ ମଧ୍ୟ ଅନେକ ମୁସଲମାନ ହେଲେ ।

ପ୍ରତ୍ୟେକ ହିନ୍ଦୁ ରାଜାଙ୍କର ମନ୍ତ୍ରୀ ସେନାପତି ବ୍ରାହ୍ମଣ ଥିଲେ । ଚୀନ ସମ୍ରାଟ ମୋଗଲ ଆକ୍ରମଣକୁ ପ୍ରତିହତ କରିବାକୁ ବିରାଟ ଚୀନ ପ୍ରାଚୀର ତିଆରି ଥିଲେ । ଭାରତର ହିନ୍ଦୁକୁଶ ପର୍ବତମାଳା ନିଜେ ପ୍ରାଚୀର ଭାବରେ ରହିଥିଲା, କେବଳ ଖାଇବର ଓ ସୁଲେମାନ ଗିରିପଥ ଦୁଇଟିକୁ ବନ୍ଦ କରି ସୀମାନ୍ତ ଦୁର୍ଗ କରିବାକୁ ଦୂରଦୃଷ୍ଟିର ସହ ବିଚାର କରାଯାଇଥାନ୍ତା ତେବେ ଭାରତର ଇତିହାସ ମଧ୍ୟ ଅନ୍ୟରକମର ହୋଇଥାନ୍ତା ।

ଇତିହାସର ଅଧ୍ୟୟନ କରାଯାଏ, ଅତୀତର ଦୋଷ ତ୍ରୁଟିକୁ ଅନୁଧ୍ୟାନ କରିବାକୁ ଓ ସଠିକ ନୀତି ନିର୍ଦ୍ଧାରଣ କରାଯାଏ , ଯେପରିକି ଭବିଷ୍ୟତରେ ସେଗୁଡିକର ପୁନରାବୃତ୍ତି ନ ହୁଏ ଓ ଭବିଷ୍ୟତ ମଙ୍ଗଳମୟ ହୁଏ ।

ଯେଉଁମାନେ ସଠିକ ଇତିହାସ ଜାଣନ୍ତି ନାହିଁ , ସେମାନେ କେବେ ଇତିହାସ ସୃଷ୍ଟି କରି ପାରିବେ ନାହିଁ ।

ହିନ୍ଦୁଧର୍ମର ଭୌଗୋଳିକ ସଂକୋଚନ :-

ବୈଦିକ ସନାତନ ଧର୍ମ କାସ୍ପିଆନ ସାଗର ଶକସ୍ଥାନ(ତାସକନ୍ଦ), ଗାନ୍ଧାର ,ପାରସ୍ୟ ପାକିସ୍ଥାନ, ଭାରତ, ଏପରିକି ଦକ୍ଷିଣ ପୂର୍ବ ଏସିଆ ଭିଏତନାମ୍ ଯାଏ ବିସ୍ତୃତ ଥିଲା । ପୃଥିବୀର

ବଡ ବିଷ୍ଣୁମନ୍ଦିର ଥିଲା ଆଙ୍କରଭଟ୍ଟ, କାମ୍ବୋଡିଆରେ ଯାହାକି ଆଜି ଭଗ୍ନସ୍ତୁପ । କାହିଁକି ଏହା ସଂକୁଚିତ ହୋଇ ଭାରତରେ ହିଁ ସୀମାବଦ୍ଧ ? ଆର୍ଯ୍ୟ ଐତିହାସିକଗଣ ମୋଗଲ ସାମ୍ରାଜ୍ୟ ପତନ ଉପରେ ଏକ ବିରାଟ ଅଧ୍ୟାୟ ଇତିହାସରେ ସ୍ଥାନ ଦିଅନ୍ତି , କିନ୍ତୁ ହିନ୍ଦୁ ଧର୍ମର ଅବକ୍ଷୟ, ଭୌଗୋଳିକ ସଂକୋଚନ ଉପରେ ଧାଡିଟିଏ ବି ଲେଖନ୍ତି ନାହିଁ ; ଅପ୍ରିୟ ସତ୍ୟକୁ ସ୍ୱୀକାର କରିବା ଖୁବ୍ କଷ୍ଟ । କୁହାଯାଏ ନିଜେ ଯୀଶୁଖ୍ରୀଷ୍ଟ ପୂର୍ବକୁ ଆସି ଭାରତୀୟ ମୁନିଋଷିଙ୍କଠାରୁ ହିନ୍ଦୁ ଦର୍ଶନ ନେଇ, ମାନବ ସେବା, ଜୀବେଦୟା ଖ୍ରୀଷ୍ଟଧର୍ମରେ ପୁରାଇଛନ୍ତି । ଯେବେଠୁ ମାନବୀୟ ମହାନ୍ ଗୁଣ, ଦର୍ଶନ ଛାଡି ସଂକୀର୍ଣ୍ଣତା ବ୍ୟକ୍ତି ସ୍ୱାର୍ଥପରତା, ଦୂରଦୃଷ୍ଟିହୀନତା ବୃଦ୍ଧି ପାଇଲା; ସେବେଠାରୁ ହିନ୍ଦୁଧର୍ମର ଭୌଗଳିକ ସଂକୋଚନ ଆରମ୍ଭ ହୋଇଛି । ବର୍ତ୍ତମାନ ବି ସମୟ ଅଛି ଏହାକୁ ପ୍ରତିରୋଧ କରାଯାଉ, ନଚେତ୍ ଏପରି ସଂକୋଚନ ହୋଇ ହୋଇ ହିନ୍ଦ୍ ମହାସାଗର ହିଁ ଶେଷ ଆଶ୍ରୟସ୍ଥଳ ହୋଇପାରେ ।

ଜନସଂଖ୍ୟା ଓ ଧର୍ମନୀତି :-

ପ୍ରାଚୀନ କାଳରେ ସବୁଆଡେ ଅନକେ ଛୋଟ ଛୋଟ ରାଜ୍ୟ ଥିଲା ।ସେମାନେ ପରସ୍ପର ଯୁଦ୍ଧରେ ବ୍ୟାପୃତ ରହୁଥିଲେ । ଆଜି ଭଳି ସ୍ୱାସ୍ଥ୍ୟ , ଔଷଧର ବିକାଶ ହୋଇନଥିଲା । ଏ ଯୁଦ୍ଧ ସଂକ୍ରାମକ ରୋଗ ଅନେକ ଜନ କ୍ଷୟ କରୁଥିଲା । ଅନେକ ଦଶନ୍ଧି ଏପରି ଥିଲାଯେ ଜନସଂଖ୍ୟା ବୃଦ୍ଧି ପରିବର୍ତ୍ତେ କମି ଯାଉଥିଲା । ଜନସଂଖ୍ୟା ବୃଦ୍ଧି ପାଇଁ ପ୍ରଜନନ ଶକ୍ତିକୁ ମହତ୍ତ୍ୱ ଦେଇ ଆରାଧନା, ପୂଜା କରାଯାଉଥିଲା । ଗ୍ରୀକ୍ ସଭ୍ୟତା ଭେନସ୍ (ଯୌନଦେବୀ), ସିନ୍ଧୁ,ସୁମେରୀୟ, ମିଶରୀୟ,ସଭ୍ୟତାରେ ମହାମାତୃକାର ପୂଜା, ହିନ୍ଦୁ ଧର୍ମରେ ମଦନରତିର କଳ୍ପନା, ମନ୍ଦିର ଗୁଡିକରେ ଦେବଦାସୀ ପ୍ରଥା, ମନ୍ଦିର ଗାତ୍ରରେଯୌନକଳାର ଭାସ୍କର୍ଯ୍ୟ, ରଥଯାତ୍ରାରେ ସାରଥିର ଯୌନାଚାରର ଗୀତ ଏହିଶ୍ରେଣୀର ଅର୍ନ୍ତଭୁକ୍ତ ଥିଲା । ଦକ୍ଷିଣ ଭାରତରେ ମନ୍ଦିର ଗୁଡିକରେ ରାଜାଠାରୁ ଆରମ୍ଭ କରି ପ୍ରଜାଯାଏଁ ଦେବଦାସୀ ପ୍ରଥା ପାଇଁ କନ୍ୟା ଦାନ କରିବା ଧାର୍ମିକ ନିୟମ ଥିଲା । ଅବଶ୍ୟ ଏଥିରେ ବ୍ୟଭିଚାର ପଶିବାରୁ ଏଗୁଡିକୁ ନିୟନ୍ତ୍ରଣ କରାଗଲା । ଆଦିମ ଅଧିବାସୀଙ୍କଠାରେ ମଧ ଏଭଳି ଧାର୍ମିକ ଯୌନାଚାର ଦେଖାଯାଏ ।

ନୃତତ୍ତ୍ୱବିତ୍ ସାର୍ ଏଚ୍. ଏଚ. ରିଜ୍‌ଲି ଆ.ସି.ଏସ୍.ଙ୍କୁ ଏ ଅଞ୍ଚଳର ସମସ୍ତ ଜାତିଙ୍କ ଉପରେ ଗବେଷଣା ପାଇଁ ବଙ୍ଗସରକାର ୧୮୮୫ ରୁ ୧୮୯୦ ଦୀର୍ଘ ୬ ବର୍ଷ କାଳ ନିଯୁକ୍ତ କରିଥିଲେ । ତାଙ୍କର ଗବେଷଣାକୁ ସରକାର ' The Tribes and Castes of Bengal' ପୁସ୍ତକ ଆକାରରେ ଦୁଇଖଣ୍ଡରେ ୧୮୯୧ରେ ପ୍ରକାଶ କରିଥିଲେ, ଯାହାକି ସରକାରୀ ରେକର୍ଡ ଭାବରେ ଗୃହୀତ । ସେଥିରେ ସେ ପ୍ରଥମ ଖଣ୍ଡରେ ଲେଖିଥିଲେ ଉତ୍ତର ବଙ୍ଗ ଓ ଆସାମର ଏକ ଆଦିମ ଅଧିବାସୀ ରାଜବଂଶ ଜାତି (ପୂର୍ବନାମ କଚ୍ଛ) ମରୁଡି ପଡିଲେ ସ୍ତ୍ରୀ ଲୋକମାନେ ରାତିରେ ଜାହିରା ପୀଠ, ଗ୍ରାମ ଠାକୁରାଣୀ ଶାଳକୁ ଯାଉଥିଲେ ଓ ଦେବତାଙ୍କୁ ପ୍ରିତି କରିବାକୁ ଉଲଗ୍ନ ହୋଇ ନୃତ୍ୟ କରୁଥିଲେ , ଯୌନାଚାର ଗୀତ ବୋଲୁଥିଲେ । ଓଡିଶାରେ ମଧ କେତେକ ଆଦିବାସୀ ଗଣ୍ଡ,

ସାଉଁତି, ବାଥୁଡି, ମରୁଡି ଦେଖାଦେଲେ ବେଙ୍ଗବେଙ୍ଗୁଲି ବାହାଘର କରନ୍ତି, ରଜ ଆଦି ପର୍ବର ବିଦାୟ ଅନୁଷ୍ଠାନରେ କେବଳ ଝିଅ ଓ ସ୍ତ୍ରୀଲୋକ ଭାଗ ନେଉଥିଲେ ଓ ସେଥିରେ ଯୌନାଚାରର ଗୀତ ବୋଲା ଯାଉଥିଲା । ସେପରି କୁଡୁମିଙ୍କ ଟୁସୁ ଉତ୍ସବର ଭସାଣି ବେଳେ ଧରଣୀ ରାଣିର ପ୍ରଜନନ ଶକ୍ତିକୁ ଆହ୍ୱାନ କରି ଯୌନାଚାରର ଗୀତ ବୋଲାଯାଉଥିଲା । ଏ ଅନୁଷ୍ଠାନ ଗୁଡିକରେ ପୁରୁଷଙ୍କ ପ୍ରବେଶ ନଥିଲା । ଟୁସୁ ଭସାଣି ହୁଏ ଓ ତାପର ଦିନଠୁ କନିଆଁ ଦେଖା, ବିବାହ ପାଇଁ ଆରମ୍ଭ ହୁଏ । ଏଗୁଡିକ ଏକରକମ ଯୌନଶିକ୍ଷା ଥିଲା । ଯେଉଁ ପ୍ରଗତିବାଦୀ ଲୋକ ପାଠ୍ୟକ୍ରମରେ ଯୌନଶିକ୍ଷା କଥା କହନ୍ତି ସେମାନେ ଏହା ଶୁଣି ବିସ୍ମୟ ନିଶ୍ଚୟ ହେବେ । ଟୁସୁ ଯେ ବିରବଲ କନ୍ୟାଙ୍କ ଜଳସମାଧିରୁ ସୃଷ୍ଟି ମଧ୍ୟ ଏହାକୁ ଅପ୍ରମାଣିତ କରେ । କିନ୍ତୁ ଆଜିକାଲି ଟୁସୁ ଭସାଣି, ମକରମେଳାରେ ପୁରୁଷଙ୍କ ଉପସ୍ଥିତିରେ ଏସବୁ ବନ୍ଦ ହୋଇଯାଇଛି ।

ବୈଦିକ କାଳରେ ମଧ୍ୟ ଏଭଳି ଯୌନାଚାର ମାଧ୍ୟମରେ ପ୍ରଜନନ ଶକ୍ତିର ପୂଜା ଓ ଶିକ୍ଷା ଦିଆଯାଉଥିଲା । 'ମହାବ୍ରତ' ଯଜ୍ଞରେ ଜଣେ ହୋତା ଦୋଳିରେ ଝୁଲୁଥାନ୍ତି ଓ ବହୁତ ଅଶ୍ଳୀଳ ଯୌନକ୍ରିଡାର ବାକ୍ୟ ଉଚ୍ଚାରଣ କରାଯାଉଥିଲା ଓ ପରିଶେଷରେ ଜଣେ ଶିଷ୍ୟ ଓ ବେଶ୍ୟାର ଦୈହିକ ମିଳନ ଦେଖାଇ ଦିଆଯାଉଥିଲା । ଅଶ୍ୱମେଧ ଯଜ୍ଞରେ ପ୍ରଥମେ ଯଜ୍ଞ ଅଶ୍ୱର ତଣ୍ଟିଚିପି ମାରି ଦିଆଯାଏ ଓ ଏକ ଚାଦର ଉପରେ ଶୁଆଇ ଦିଆଯାଏ । ତାପରେ ରାଜାଙ୍କ ପାଟରାଣୀ ତା ପାଖରେ ସ୍ତ୍ରୀଭାବ ଆଚରଣ କରି ଶୁଅନ୍ତି, ଓ ସାଙ୍କେତିକ ପ୍ରଜନନ କ୍ରିୟା କରନ୍ତି । ଏ ଅନୁଷ୍ଠାନ ପରଦାର ଅନ୍ତରାଳରେ ହୁଏ । ସେତେବେଳେ ପୁରୋହିତ ସ୍ପଷ୍ଟ ଭାବରେ ଏ ମନ୍ତଟି ବୋଲିଥାନ୍ତି -

ଅଶ୍ୱସ୍ୟ ଶିଶ୍ନଂ ମହିଷୀ ଉପସ୍ତେ ନିଧତ୍ତେ

ବୃଷାବାଜୀ ରେତୋଧା ରେତୋ ଦଧାତୁ ଇତି । ଶତପଥ ବ୍ରାହ୍ମଣ ୧୩/୫/୨/୨

ଅର୍ଥାତ୍ ରାଣୀ ଅଶ୍ୱର ଜନନେନ୍ଦ୍ରିୟକୁ ସ୍ୱୀୟ ଜନନେନ୍ଦ୍ରିୟରେ ଧାରଣ କରିଛନ୍ତି, ତାଙ୍କର ସ୍ୱାମୀ ସାଜି ବୀର୍ଯ୍ୟବାନ ଅଶ୍ୱ ବୀର୍ଯ୍ୟଦାନ କରନ୍ତୁ (ଯେପରିକି ଚକ୍ରବର୍ତ୍ତି ସମ୍ରାଟ ରାଜବଂଶରେ ଜନ୍ମହେବେ) । (ଭାସପ୍ରାପ -୬୯)

ଅଶ୍ୱମେଧ ଯଜ୍ଞର ଏ ସାଙ୍କେତିକ ଯୌନାଚାରକୁ ଜଣେ ବ୍ରାହ୍ମଣ ପୁରୋହିତ ଭୁଲ୍ ବୁଝି ଗୋରଖପୁରରେ ଏ ଶ୍ଳୋକଟିକୁ କାର୍ଯ୍ୟାନ୍ୱିତ କଲେ । ଜୀବନ୍ତ ଅଶ୍ୱ ସହିତ ମହାରାଣୀଙ୍କର ସଙ୍ଗମ କରାଇବାରୁ ରାଣୀଙ୍କର ସେଠାରେ ମୃତ୍ୟୁ ହେଲା । ରାଜା ପୁତ୍ରକୁ ରାଜଗାଦୀ ଦେଇ ବ୍ରାହ୍ମଣଙ୍କୁ ଭର୍ତ୍ସନା କରି ବିତାଡନ କଲେ, ନିଜେ ବୌଦ୍ଧ ସନ୍ନ୍ୟାସୀ ହୋଇ ବ୍ରାହ୍ମଣଙ୍କ ଯାଜ୍ଞିକ କର୍ମକାଣ୍ଡ ଓ ଦୂରାଚାର ପ୍ରଚାର କଲେ । (ସତ୍ୟାର୍ଥ ପ୍ରକାଶ ଉତ୍ତରାର୍ଦ୍ଧ- ୧୭ପୃଷ୍ଠା, ଦୟାନନ୍ଦ ସରସ୍ୱତୀ)

ଜନସଂଖ୍ୟାର ବୃଦ୍ଧିର ଆଉ ଏକ ଉପାଖ୍ୟାନ - ଚନ୍ଦ୍ର ଗୁରୁ ବୃହସ୍ପତିଙ୍କ ଘରକୁ ଯାଇଥାନ୍ତି । ବୃହସ୍ପତି ଘରେ ନଥିଲେ । ତାଙ୍କ ସ୍ତ୍ରୀ ତାରା ଋତୁମତୀ ପରେ ଶୁଦ୍ଧସ୍ନାନ ସାରିଥିଲେ, ସେ ଚନ୍ଦ୍ରଙ୍କୁ ରତିଦାନ କରିବାକୁ କହିଲେ । ଚନ୍ଦ୍ର ଗୁରୁପତ୍ନୀ ହରଣ ପାପ ବୋଲି ମନା କଲେ । ତାରା କହିଲେ ଯଦି ତମେ ରତିଦାନ ନକର, ତେବେ ଗୋଟିଏ ସନ୍ତାନ ସୃଷ୍ଟି ହୋଇପାରିବନି, ଏଣୁ ତୁମକୁ ଭୃଣହତ୍ୟା ମହାପାପ ଦୋଷ ଲାଗିବ । ବାଧ୍ୟ ହୋଇ ଚନ୍ଦ୍ର ରତିଦାନ କଲେ ଓ ସେଥିରୁ ବୁଧ ଜନ୍ମ ନେଲେ । ତାଙ୍କ ଠାରୁ ଋରୁ, ଯଯାତି ଜନ୍ମ ହେଲେ । ଯଯାତି ଓ ଅନାର୍ଯ୍ୟ ଅସୁର କନ୍ୟା

ଶର୍ମିଷ୍ଠାଙ୍କ ଠୁ ପୁରୁ ଜନ୍ମ ହୋଇ ରାଜା ହୋଇଥିଲେ । ଏହି ପୁରୁଙ୍କ ବଂଶରୁ ଭରତ, କୁରୁ, ଦୁଷ୍ମନ୍ତ, ଭୀଷ୍ମ, କୌରବ, ପାଣ୍ଡବ, ଆଦି ଚନ୍ଦ୍ରବଂଶୀୟ କ୍ଷତ୍ରିୟମାନେ ଖ୍ୟାତ ହେଲେ । ଏ ଦର୍ଶନ ଅନୁସାରେ ଆଜି ଜନ୍ମ ନିୟନ୍ତ୍ରଣ କରୁଥିବା ହିନ୍ଦୁ ମାସକୁ ଗୋଟିଏ ଭ୍ରୁଣହତ୍ୟା ପାପ ମୁଣ୍ଡାଉଛନ୍ତି । ଏଥିପାଇଁ ଶ୍ରୀକୃଷ୍ଣଙ୍କର ୧୬୦୦୦ ସ୍ତ୍ରୀ, ରାବଣର ଲକ୍ଷେ ପୁଅ, ସଗର ରାଜାର ୧୦ହଜାର ପୁଅ, ଗାନ୍ଧାରୀର ୧୦୦ ପୁଅ ଥିଲେ । ଯମ ରାଜା ସାବିତ୍ରୀଙ୍କୁ ଶତପୁତ୍ରର ଜନନୀ ଭବ ବୋଲି ଆଶୀର୍ବାଦ ଦେଇଥିଲେ । ଆଜି ସେମିତି ଆଶୀର୍ବାଦ ବରଂ ଅଭିଶାପରେ ପରିଣତ ହେବ । ଏଥିପାଇଁ ସମାଜରେ ବନ୍ଧ୍ୟାନାରୀଙ୍କୁ ନୀଚ ଦୃଷ୍ଟିରେ ଦେଖନ୍ତି । ହିନ୍ଦୁଧର୍ମ ମଧ୍ୟ ଏକାଧିକ ସ୍ତ୍ରୀ ଓ ଅନେକ ସନ୍ତାନ ପାଇଁ ପ୍ରୋତ୍ସାହନ ଦେଉଥିଲା । ସେହିପରି ଇସଲାମ ଧର୍ମ ମଧ୍ୟ ସାରିୟାତ ମାଧ୍ୟମରେ ୭ଥର ବାହା ହେବା, ଏକକାଳୀନ ୫ ସ୍ତ୍ରୀ ରଖିବା ଓ ଅନେକ ସନ୍ତାନ ଜନ୍ମ ପାଇଁ ଆଦେଶ ଦେଇଥିଲା । ମୁସଲମାନ ଭାଇ ତାହାମାନି ଅଧିକ ଛୁଆ ଜନ୍ମ କରି ଚାଲିଛନ୍ତି । ମାତ୍ର ହିନ୍ଦୁଙ୍କୁ ଆଇନ ୧ ସ୍ତ୍ରୀ ୨ପିଲାରେ ବାନ୍ଧି ସାରିଲାଣି । ଏହି ଧାରା ଅବ୍ୟାହତି ରହିଲେ ୧୦୦ ବର୍ଷ ଭିତରେ ମୁସଲମାନ ମାନେ ଏ ଦେଶରେ ସଂଖ୍ୟା ଗରିଷ୍ଠ ହୋଇଯିବେ । ଜନ୍ମ ନିୟନ୍ତ୍ରଣ କଥା କହିଲେ ସେମାନେ କହନ୍ତି କେଉଁ ଗର୍ଭରେ ଖୋଦାକା ବନ୍ଦା ବା ଦେବଦୂତ ଆସିବାର ଥିବ ଏହା ଦ୍ୱାରା ବାଧା ହେବ । କିନ୍ତୁ ଖୋଦାକା ବନ୍ଦା ଯୀଶୁଖ୍ରୀଷ୍ଟ ବିନା ପୁରୁଷ ସଂସର୍ଗରେ କୁମାରୀ ମେରୀଙ୍କ ଗର୍ଭରୁ ଜନ୍ମ ନେଇଥିଲେ । ଦେବଦୂତ ପଥର ଚଟାଣ ଫଟାଇ ଆସିଯିବେ , ତାଙ୍କୁ ଏ ସାମାନ୍ୟ ଜନ୍ମ ନିୟନ୍ତ୍ରଣ କଣ ଅଟକାଇବ । ଏଣୁ ଏହା ଏକ ମିଛ ବାହାନା । ବାଂଲାଦେଶ ଚୀନରେ ତ ମୁସଲମାନ ଜନ୍ମ ନିୟନ୍ତ୍ରଣ କରୁଛନ୍ତି । ଭାରତରେ ସାରିୟାତର ଦ୍ୱାହି ଦେଇ ସରକାର,ରାଜନେତାଙ୍କୁ ବୋକା ବନାଉଛନ୍ତି ।

ସାରିୟାତ୍‌ର ଉଲଂଘନ :- ସାରିୟାତ ପୁଣିକହେ ସ୍ତ୍ରୀଙ୍କର ରାଜନୈତିକ, ଭୋଟଦାନ, ଶିକ୍ଷା ଅଧିକାର ନାହିଁ । କେତେକ ମୁସଲିମ୍ ଦେଶରେ ଏ ପ୍ରଥା ପ୍ରଚଳିତ । ବୁର୍ଖାମଧ୍ୟରେ ସ୍ତ୍ରୀଙ୍କୁ ରଖିବା ପାଇଁ ତ ଗୁଳିକାଣ୍ଡ ମଧ୍ୟ ଆତଙ୍କବାଦୀମାନେ ଭିଆଉଛନ୍ତି । କିନ୍ତୁ ଭାରତରେ ମୁସଲମାନ୍ ମହିଳା ଭୋଟଦେଇ ପାରିବେନି କି ରାଜନୀତି କରିପାରିବେନି ବୋଲି କୌଣସି ମୁଲ୍ଲା ମୌଲବୀ, ସଂଗଠକ କାହିଁକି କୁହନ୍ତି ନାହିଁ । ରାଜନୈତିକ ଦୋହନ ଶକ୍ତି କମିଯିବା ଭୟରେ ନୁହେଁତ ? ଯଦି ସ୍ୱାର୍ଥପାଇଁ ସାରିୟାତ ଉଲଘଂନ ହୋଇପାରେ,ତେବେ ଦେଶର କଲ୍ୟାଣ ପାଇଁ ସାରିୟାତ୍ ଉଲଘଂନ କରି ଜନ୍ମନିୟନ୍ତ୍ରଣ, ୧ ସ୍ତ୍ରୀ ୨ ପିଲା କାହିଁକି ନକରିବେ ? ଯଦି ହିନ୍ଦୁ ମୁସଲମାନ ସେ ପୁରୁଣା ଯୁଗପାଇଁ ଉପଯୁକ୍ତ ଥିବା ନିୟମକୁ ମାନି ଚଳି ଧୂମ୍ ଛୁଆ ଜନ୍ମକରି ଚାଲିବେ, ତେବେ ଏ ଦେଶ ସମ୍ଭାଳି ପାରିବତ ? ଏଥିପାଇଁ ତ ଜନସଂଖ୍ୟାରେ ୨ୟ ଥିବା ଦେଶ ପ୍ରଥମ ହେବାକୁ ଯାଉଛି । ଫ୍ରାନ୍ସରେ ଖ୍ରୀଷ୍ଟିୟାନ୍, ମୁସଲମାନ୍ ଆଦି ସବୁ ଧର୍ମ ପାଇଁ ସମାନ ଆଚରଣ ସଂହିତା ଲାଗୁ ହୋଇସାରିଛି । ତେବେ ଏ ଦେଶରେ ଲାଗୁହେବା ପାଇଁ ଡେରି କାହିଁକି ? ସାରିୟାତ୍, ଧର୍ମଶାସ୍ତ୍ର ସେତେବେଳେ ଯୁଗର ଅବସ୍ଥାକୁ ଚାହିଁ ବ୍ୟବସ୍ଥା କରାଯାଇଥିଲା, ଯାହାକି ବର୍ତ୍ତମାନ ଅପ୍ରାସଙ୍ଗିକ । ତେଣୁ ଏ ଯୁଗ ପାଇଁ ନିୟମ ହେଉ ସବୁ ଧର୍ମ ପାଇଁ ୧ ସ୍ତ୍ରୀ, ୨ ପିଲା, ସମାନ ଆଚରଣ ସଂହିତା ଲାଗୁହେଉ, ଏ ଦେଶ ସ୍ୱର୍ଗ ହୋଇଯିବ ।

କୁଡୁମି ଜାତି

ଏକା ସଂସ୍କୃତି ବିଶିଷ୍ଟ କୁଡୁମି ଜାତି ବର୍ତ୍ତମାନ ଉତ୍ତର ଓଡିଶାର ମୂଖ୍ୟତଃ ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ସୁନ୍ଦରଗଡ, ଢେଙ୍କାନାଳ, ଅନୁଗୁଳ, ଯାଜପୁର ଓ ଅବିଭକ୍ତ ସମ୍ବଲପୁର ଜିଲ୍ଲାରେ ସମୁଦାୟ ଝାଡଖଣ୍ଡ, ପଶ୍ଚିମବଙ୍ଗର ପୁରୁଲିଆ ,ମେଦିନିପୁର, ବାଙ୍କୁଡା ଆଦି ଜିଲ୍ଲାରେ ଓ ଛତିଶଗଡରେ ମଧ୍ୟ ବାସକରନ୍ତି । ଏଠାରୁ ଶ୍ରମିକଭାବେ କିଛି ଉତ୍ତର ବଙ୍ଗ ଓ ଆସାମର ଚା ବଗିଚାରେ, ସୁନ୍ଦରବନ ସଫା କରିବାକୁ ଯାଇ ୨୪ ପ୍ରଗଣା ଜିଲ୍ଲାରେ ବାସ କରନ୍ତି । ଦେଶସ୍ୱାଧୀନ ପୂର୍ବରୁ କିଛି ନୀଳଚାଷ ଶ୍ରମିକ ଭାବରେ ଯାଇ ଫେରିପାରି ନପାରିବାରୁ ବାଂଲାଦେଶରେ ରହିଯାଇଛନ୍ତି । ଏମାନଙ୍କ ମାତୃଭାଷା କୁଲ୍‌ମାଲୀ ଅନୁସାରେ ଏ ଜାତିର ନାଆଁ କୁଲ୍‌ମି । ଏମାନଙ୍କର ସେମିତି ଠୋସ ଲିଖିତ ଇତିହାସ ନାହିଁ । ଏମାନଙ୍କର ଲୋକଗୀତ, ପର୍ବପର୍ବାଣୀ, ସଂସ୍କୃତି ପରମ୍ପରାକୁ ଅନୁଧ୍ୟାନ କଲେ ଏକ ସ୍ଥୁଳ ଇତିହାସ ସମ୍ମୁଖକୁ ଆସିବ ।

କୁଡୁମିଙ୍କ ସ୍ଥାନାନ୍ତର :- ସିନ୍ଧୁ ଘାଟିରେ ଅବସ୍ଥିତି :-

ଏମାନଙ୍କର ଏକ ପ୍ରାଚୀନ ଉତ୍ସବ କରମ୍ ବା କର୍ମା । ଏ ଉତ୍ସବର ଗୋଟିଏ ଲୋକଗୀତ-

କନେରେ କରମ ଗସାଇଁ ଆନଲେ ନେଅତି
କୁରୁମ୍ ନେଦିୟାକୁ ଧାରେ କନେରେ କେରଲ ଖେତି ।
ଛୋୟାପୁତା ଲେହି ଗସାଇଁ କେରଲ ଖେତିରେ
ତହରି ବେନାରଲ ଖେତିଇଁ କୁରୁମେକ ପାନିରେ ।
ଆନଖେତେ କେରଲେ ତାହିଁ ପାଟୟନି
ହେଲ ଅନାଜ ଖାରଭେରତି ତାହିଁ ହେଲଅନି ।

କିଏ ସେ କରମ ଠାକୁରଙ୍କୁ ଡାକିଛି । କୁରୁମ ନଦୀକୂଳରେ କିଏ ସେ ଚାଷ କରିଛି । ଛୁଆପିଲା ଧରି ଠାକୁର ଚାଷ କରିଛନ୍ତି । ତାଙ୍କ ତିଆରି ଜମିରେ କୁରୁମ ନଦୀର ପାଣି, ଅନ୍ୟ ଖେତକୁ ଯାଉଛି, ତା ଦ୍ୱାରା ଖଳାରେ ଶସ୍ୟ ଭରିଯାଉଛି ।

ପୁଣି ଗୋଟିଏ ଟୁସୁ ଉତ୍ସବର ଗୀତ-

ଝାଁପା ଫୁଲେକ୍ ବାସେ,	ଝାପାଁ ଫୁଲର ମହକ ସହିତ(ବିସର୍ଜିତ)
ଟୁସୁ ଦଲୟେ ଗେଲି ଭାଁସି	ଟୁସୁ ଜଳରେ ଦୋଳି ଖେଳି ଖେଳି
ଏବରି ଦଲନେ ଦେୟା	ସରସ୍ୱତି ଘାଟକୁ ଭାସି ଯାଉଛନ୍ତି ।
ଯାୟରେ ସରସ୍ୱତୀକ୍ ଘାଟେ ।	

ଏ ଗୀତ ଗୁଡିକରେ କୁରୁମ ଓ ସରସ୍ୱତୀ ନଦୀ କଥା ଆସୁଛି । ସରସ୍ୱତୀ ନଦୀ ଅବସ୍ଥିତି, ସପ୍ତସିନ୍ଧୁ ଅଞ୍ଚଳରେ । କୁରୁମ ସିନ୍ଧୁ ନଦୀର ପଶ୍ଚିମସ୍ଥ ଗୋମଲ (ଗୋମତୀ) ଓ କାବୁଲ(କୁଭା) ନଦୀ ଦ୍ୱୟର ମଧ୍ୟରେ ଅବସ୍ଥିତ ସିନ୍ଧୁର ଏକ ଉପନଦୀ । କର୍ମା (କରମ୍) ଗଛର ଆଧିକ୍ୟରୁ ବୋଧହୁଏ ଏହାର ଉତ୍ତରରେ ଅଛି କାରାକୋରମ୍ ପର୍ବତ ଶ୍ରେଣୀ । ଏହିଠାରେ ଏମାନେ କରମ୍ ବୃକ୍ଷଦେବତାକୁ

A୍ୟ- ଆମ୍ଭେମାନେ କହିଥିଲେ କୌଣସି ଜାତିର ଇତିହାସ ତାର ସାଂସ୍କୃତିକ ପରମ୍ପରାରେ ଲୁଚିରହିଛି । ତାହାହିଁ ତାର ଇତିହାସର ଜୀବନ୍ତ ସାକ୍ଷୀ ।

ପୂଜା କରୁଥିଲେ । ଏ ଉତ୍ସବରେ ଏକ କରମ କାହାଣି ବୋଲାଯାଏ । କାହାଣିର ଏକ ଚରିତ୍ର କର୍ମୁ କରମ ଠାକୁରଙ୍କ ଆର୍ଶିର୍ବାଦ ପ୍ରଭାବରୁ ଜଙ୍ଗଲୀ ଗୋରୁ ମଇଁଷିଙ୍କୁ ପୋଷା ମନାଇ ଘରକୁ ନେଇଯାଏ । କୃଷି ସଭ୍ୟତାରେ ପାଦଦେଲା ପରେ ଯାଇ ଆଦିମାନବ ଜଙ୍ଗଲୀ ଗୋରୁ ମଇଁଷିଙ୍କୁ ପୋଷା ମନାଇଛି, ଯାହାକି ସିନ୍ଧୁ ସଭ୍ୟତାର ଲୋକ ୧୦।୧୨ ହଜାର ବର୍ଷତଳୁ ଆରମ୍ଭ କରିଥିବେ । ଏଥିରୁ ଏ ଉତ୍ସବର ପ୍ରାଚୀନତା ଅନୁମେୟ ।

ଗୋ ସନ୍ତକ :- ପ୍ରାକ୍ ଆର୍ଯ୍ୟ ଦ୍ରାବିଡ଼ିୟ ସଂସ୍କୃତିରେ ଗୋଧନ ଆଦି ସଂପତ୍ତି ଗୁଡ଼ିକୁ ଚିହ୍ନ ଦେବାର ପରମ୍ପରା ଥିଲା । କୁଡୁମିମାନଙ୍କ ଠାରେ ବର୍ତ୍ତମାନ ଯାଏ, ସେ ସଂସ୍କୃତି ବଞ୍ଚିଛି । ଏମାନେ ପ୍ରତ୍ୟେକ ବର୍ଷ ମକର ସଂକ୍ରାନ୍ତି ପରଦିନ ଜନ୍ମିତ ଗୋରୁପଣ୍ଡା ବାଛୁରୀ ଗୁଡ଼ିକୁ ବଂଶଭିନ୍ନତା ଅନୁସାରେ ଅଲଗା ଅଲଗା ଦାଗ ଦେଇ ଆସୁଛନ୍ତି । ନିଆଁରେ ଦାଆ ଇତ୍ୟାଦିକୁ ଲାଲ୍‌କରି ବାଛୁରୀଗୁଡ଼ିକ ଚମଡ଼ାକୁ ପୋଡ଼ି ସ୍ଥାୟୀ ଦାଗ ଦିଆଯାଏ । ଦାଗଗୁଡ଼ିକ ଜଙ୍ଘ ଫଡ଼ିଆ, ପେଟ ଯାଏ ଓ କେତେକ ଡାହାଣ ଗାଲରେ ଦିଆଯାଏ । ଏଗୁଡ଼ିକୁ ଆଖ୍ୟାନ ଦାଗ ମଧ୍ୟ କୁହାଯାଏ । କେତେକ ଦାଗ ସଙ୍କେତ-

=, +, //, /, \\, —,), X, X̲ ⌀, θ, ..., ⊥,)), O, ↑, ≡, ∧
T, □, {.

ଏ ଗୁଡ଼ିକ କୌଣସି ଲିପି କି ? ସାନ୍ତାଳ ଆଦି ଅନ୍ୟ କେତେକ ଆଦିମ ଅଧିବାସୀଙ୍କ ଠାରେ ମଧ୍ୟ ଏ ସଂସ୍କୃତି ରହିଛି, ଯାହାକି ଗବେଷଣା ସାପେକ୍ଷ ।

ଟୋଟେମ ଗୁଡ଼ିକର ପ୍ରାଚୀନତା :- ଆର୍ଯ୍ୟ ଅନାର୍ଯ୍ୟଙ୍କ ଗୋତ୍ର ଓ ଟୋଟେମ ପୂର୍ବରୁ ଦିଆଯାଇଛି । ଟୋଟେମ୍ ଗୁଡ଼ିକ ପଶୁପକ୍ଷୀ, ବୃକ୍ଷଲତା ଇତର ପଦାର୍ଥର ନାମକୁ ନେଇ ହୋଇଛି । କୁଡୁମିଙ୍କ କେତେକ ଟୋଟେମର ଅର୍ଥ ଓ ବିଧିନିଷେଧ ସଂଗୃହିତ ହୋଇନଥିବାରୁ ଶୂନ୍ୟସ୍ଥାନ ରହିଛି । ନିଜ ବଂଶ/ଟୋଟେମ୍ ନାମିତ ପ୍ରାଣୀ ଉଦ୍ଭିଦ ବା ପଦାର୍ଥଟିକୁ ସେମାନେ ମାରନ୍ତି ନାହିଁ, କାଟନ୍ତି ନାହିଁ କି ବ୍ୟବହାର କରନ୍ତି ନାହିଁ । ତାଙ୍କର ବିଶ୍ୱାସ ସେମାନେ ସେଇଥିରୁ ଉଦ୍ଭୁତ, ତେଣୁ ସେଗୁଡ଼ିକୁ ନିଜର ସମବଂଶୀ ବୋଲି ସମ୍ମାନ ଦିଅନ୍ତି । ବାଘ ବାନୁଆର ବଂଶ ବାଘମଲା ଦେଖିଲେ ଶୁଦ୍ଧି ହେଲା ପରି ଘରୁ ଗୋଟିଏ ହାଣ୍ଡି ବାହାର କରିଦେଇ ସ୍ନାନ କରି ଖିଆପିଆ କରନ୍ତି । ବାନୁଆର (ଶିକାରୀ) ବଂଶର ବର୍ଗୀକରଣ :- ବାଘ ବାନୁଆର, ହାଥୀ ବାନୁଆର, କୋୟା (ବନ୍ୟ କୁକୁର) ବାନୁଆର, ସାଲ(ମତ୍ସବିଶେଷ)ବାନୁଆର, ଘୋଳା (ଘୋଡ଼ା) ବାନୁଆର, ମାଁକଳ, ବିରହଳ (ହନୁ), ଗୋୟଲ (ଗୋଧି) ବାନୁଆର ଇତ୍ୟାଦି । ଏମାନେ ଏଗୁଡ଼ିକୁ ଶିକାର କରନ୍ତି ନାହିଁ । ଆଦିମାନବ କୃଷି ସଭ୍ୟତା ଆଗରୁ ଶିକାର ଉପରେ ବଞ୍ଚୁଥିଲା । ଏଣୁ ଏ ବର୍ଗୀକରଣ ପ୍ରସ୍ତର ଯୁଗରେ ଆରମ୍ଭ ହୋଇଥିଲା ।

କୁଡୁମିମାନେ ନିଜର, ମାମୁଁଙ୍କ, ବାପାଙ୍କ ମାମୁଁ ଓ ମାଆଙ୍କ ମାମୁଁଙ୍କ, ଏହି ଚାରିବଂଶ ଛାଡ଼ି ବିବାହ କରୁଥିଲେ, ଯାହାକି ଆର୍ଯ୍ୟଙ୍କ ଗୋତ୍ର ଜ୍ଞାନ ଠାରୁ ଅଧିକ ବ୍ୟାପକ ଓ ଜିନ୍ ବିଜ୍ଞାନୀଙ୍କ ପାଇଁ ମଧ୍ୟ ବିସ୍ମୟ । ଯାଙ୍କର ସିଂହୋଆର ବଂଶ ସୂଚୀତ କରେ ଯେ ଦିନେ ଭାରତରେ ସର୍ବତ୍ର ସିଂହ ବିଚରଣ କରୁଥିଲେ ।

ବ୍ରାହ୍ମଣଙ୍କ ଠାରେ ଦ୍ରାବିଡୀୟ ପ୍ରଭାବ :-

ନୃତତ୍ତ୍ୱବିତ୍ ରିଜଲି ତାଙ୍କର TCB 1 ପୃଷ୍ଠା 161ରେ ଲେଖିଛନ୍ତି କେତେକ ବ୍ରାହ୍ମଣଗୋତ୍ରୀ ବୈଦିକ ଋଷି ପରିବର୍ତ୍ତେ ପ୍ରାଣିଙ୍କୁ ପୂର୍ବପୁରୁଷ ମାନନ୍ତି । ଯଥା ବସ୍ତସା ଗୋତ୍ରୀ ବାଛୁରୀକୁ, ଭରଦ୍ୱାଜ ଗୋତ୍ରୀ ଭରଦ୍ୱାଜ ପକ୍ଷୀକୁ, ଆତ୍ରେୟ ଗୋତ୍ରୀ ହରିଣକୁ, କୋସ୍ତସା ଗୋତ୍ରୀ କଚ୍ଛିମକୁ, କୌଣ୍ଡିନ୍ୟ ଗୋତ୍ରୀ ବାଘକୁ ପୂର୍ବପୁରୁଷ ମାନନ୍ତି । ଆତ୍ରେୟ ଗୋତ୍ରୀ ହରିଣ ଚମଡାରେ ଓ କୌଣ୍ଡିନ୍ୟ ଗୋତ୍ରୀ ବାଘ ଚମଡାରେ ବସିବାକୁ ମନା କରନ୍ତି । ଏତ ପ୍ରାକ୍ ଆର୍ଯ୍ୟ ଦ୍ରାବିଡୀୟ ସଂସ୍କୃତିର ପ୍ରଭାବ, ଏଥିରୁ କେତେକ ପ୍ରଶ୍ନ ଜାଗେ ।

(କ) କ'ଣ ଦ୍ରାବିଡୀୟଙ୍କ ସହିତ ସହାବସ୍ଥାନରୁ ଏ ପ୍ରଭାବ ପଡିଛି ?

(ଖ) କ'ଣ ଏମାନେ ଦ୍ରାବିଡଙ୍କ ପୂଜକ ଥିଲେ ଓ ଯେତେବେଳେ ଅନାର୍ଯ୍ୟ ଶୂଦ୍ର ବ୍ରାହ୍ମଣ ହେଉଥିଲେ, ଏମାନେ ସେତେବେଳେ ବ୍ରାହ୍ମଣ ସ୍ତରକୁ ଉନ୍ନିତ ହୋଇଛନ୍ତି ?

(ଗ) କ'ଣ ବୈଦିକ ଋଷି ଗୋତ୍ର ଧାରଣ ପୂର୍ବରୁ ଏ ବିଭାଗ ଆର୍ଯ୍ୟଙ୍କ ମଧ୍ୟରେ ବି ଥିଲା ?

ଆଫ୍ରିକାର ଆଦିମ ଅଧିବାସୀ ନିଜ ଟୋଟେମକୁ ଶରୀରରେ ଚିତ୍ର ଖୋଦେଇଥିବାର ଦେଖାଯାଏ । ସୁଦାନ ଓ ମିଶରର ନୀଳନଦୀ ଅବବାହିକାରେ ଏକ ପଶୁଚାରଣ 'ସିଲୁକ' ଜାତିଙ୍କ ମଧ୍ୟ ଏମିତି ପଶୁପକ୍ଷୀର ଟୋଟେମ ଦେଖାଯାଏ । ଏଥିରୁ ସ୍ପଷ୍ଟ ଯେ ଆଦିମ ଅଧିବାସୀଙ୍କ ଟୋଟେମ ଗୁଡିକ ଅନ୍ତତଃ ୧୦/୧୨ ହଜାର ବର୍ଷତଳୁ ସୃଷ୍ଟି ହୋଇଥିଲା ।

ବେଦ ରଚନା କାଳ ପ୍ରାୟ ୫୦୦୦ବର୍ଷ ତଳର । ତାପରେ ବୈଦିକ ଋଷି ପ୍ରସିଦ୍ଧ ହେଲେ । ତାପରେ ତାଙ୍କର ବଂଶଧର ଓ ପରେ ପରେ କ୍ଷତ୍ରିୟ ବୈଶ୍ୟ ଶିଷ୍ୟମାନେ ସେହି ଆର୍ଯ୍ୟ ଋଷି ଗୋତ୍ରୀ ବୋଲି ପରିଚୟ ଦେଲେ, ସେବେଠାରୁ ଆର୍ଯ୍ୟ ଋଷି ଗୋତ୍ର ଆରମ୍ଭ ହୁଏ ।

ଟୋଟେମ୍ ଗୋତ୍ରର ଉପଯୋଗ ବିବାହରେ ରକ୍ତର ଦୂରତ୍ୱ ବଜାୟ ରଖିବାକୁ କରାଯାଏ । ନିକଟ ରକ୍ତସଂପର୍କୀୟ ବିବାହ ଜାତ ସନ୍ତାନ ଠାରେ ଏକା ଜିନ୍‌ର ମିଳନରୁ ନିକୃଷ୍ଟ ରୋଗା ସନ୍ତାନ ଜନ୍ମହେବାର ସମ୍ଭାବନା ଥାଏ । ଏଭଳି ସମଗୋତ୍ର, ନିକଟ ସମ୍ପର୍କ ବିବାହ ପ୍ରଥା ସମାଜରେ 'ସିକ୍‌ଲସେଲ' ରୋଗ ବୃଦ୍ଧି ପାଉଥିବାର ଦେଖାଯାଏ । ମାତ୍ର ସାନ୍ତାଳ ମୁଣ୍ଡା କୁଡୁମିଙ୍କ ଠାରେ ଏ ରୋଗ ପ୍ରାୟ ମିଳେନା । ଆର୍ଯ୍ୟ ସଂସ୍କୃତିର ପ୍ରଭାବରୁ କେତେକ କୁଡୁମିଙ୍କ ଠାରେ ମାମୁଁ ପିଉସୀ ମାଉସୀଙ୍କ ପୁଅଝିଅ ବିବାହ କରୁଥିବାର ଦେଖାଯାଏ, ଯାହାକି ସର୍ବଥା ବର୍ଜନ କରିବା ଉଚିତ୍ । ଏ ଜାତିର ପ୍ରାଚୀନ ପରମ୍ପରା ଅନୁସାରେ ନିଜର ମାମୁଁଙ୍କର, ମାଆଙ୍କ ମାମୁଁ ଓ ବାପାଙ୍କ ମାମୁଁଘର ଟୋଟେମ ଛାଡି ବିବାହ କରିବା ଉଚିତ୍, ଯାହା ଫଳରେ କି ଜନ୍ମିତ ସନ୍ତାନ ଠାରେ ସମଜିନ୍‌ର ମିଳନ ହେବନି ।

ଗାଙ୍ଗେୟ ସମତଳ ଭୂମିକୁ ଆଗମନ :-

କୁଡୁମିଙ୍କ କୃଷିକର୍ମ ପଟୁତା ଓ ଜମି ତିଆରିବା ନିପୂଣତାରୁ ଅନୁମିତ ଏମାନେ ୧୦/୧୨ ହଜାର ବର୍ଷ ତଳୁ ସିନ୍ଧୁ ଘାଟିରେ କୃଷିକର୍ମ ଶିଖିଛନ୍ତି । ଆର୍ଯ୍ୟଙ୍କ ଆକ୍ରମଣରେ ଏମାନେ ଅନ୍ୟାନ୍ୟ ଅନାର୍ଯ୍ୟ ଦ୍ରାବିଡଙ୍କ ସହିତ ଗାଙ୍ଗେୟ ସମତଳକୁ ବିତାଡିତ ହେଲେ । ଏଠାରେ ପୁଣି ଜଙ୍ଗଲ ସଫାକରି ଜମି ତିଆରି କଲେ ।

ଆଗ୍ରା ସହରର ନାମକରଣ :-

ଏଠାରେ ଯମୁନା ନଦୀ ଧନୁଷାକୃତି ଭାବରେ ବକ୍ର । କୁଲ୍‌ମାଲୀ ଭାଷାନୁଯାୟୀ ଆଙ୍କ୍ (ବକ୍ର) + ଗାଲ୍‌ହା (ନଦୀ) = ଆଙ୍କ୍‌ଗାଲ୍‌ହା ବର୍ତ୍ତମାନର ରୂପାନ୍ତରିତ ନାମ ଆଗ୍ରା । ଅର୍ଥାତ୍ ଏହି ଆଦିମ ଗୋଷ୍ଠି ଏଠାକାର ପ୍ରଥମ ବାସିନ୍ଦା ଓ ନାମଦାତା ।

ସେହିପରି ସାନ୍ତାଳୀ ଭାଷାରେ ଦାରୁ(ବୃକ୍ଷ) + ଜିଲିଂ(ଉଚ୍ଚା ଉଚ୍ଚା) = ଦାରୁଜିଲିଂ = ଦାର୍ଜିଲିଂ ।

କୁଡୁମିଙ୍କ ଏକ ବିବାହ ଲୋକଗୀତ :-

ଏକ ଦିନ କାର ହଲୈଦ ବାଁଟା, ତିନି ଦିନକାର ବାସିଲଅ
ଯବୁନା ସିନାତେ ଗେଲେ ବାଟେର୍ ଧାରେ ବସି ଲଅ ।
ଦିନକର ହଳଦୀବଟା ତିନିଦିନରେ ବାସି,
ଯମୁନା ଗାଧୋଇଗଲା ବେଳେ ବାଟରେ ବସନ୍ତି ।

ଏମାନଙ୍କ ମୂଖ୍ୟପର୍ବ କାର୍ତ୍ତିକ ଅମାବାସ୍ୟାରେ ତିନିଦିନ ଧରି ବାନ୍ଧନା ପର୍ବ ଅନୁଷ୍ଠିତ ହୁଏ । ଏହାର ମୂଖ୍ୟ ଅଂଶହେଲା ଗୋ ବନ୍ଦନା ଓ ଗୋ ପୂଜାସେବା । ଏ ଉତ୍ସବର ଲୋକଗୀତ-

ଅହିରେ........

ଅହପାରେ ଗଙ୍ଗା, ଏହପାରେ ଯବୁନା
ମଇଧେତ ଗୈୟାକି ବାଥାନ ।
ଗଙ୍ଗା ଯବୁନା ନଦୀ ଭରଲ
ମରଗୈୟା ରହଲ ଛେକାୟ ।
ମରଯେ ଗଲାକେ ବତିଆ କେହରେ
ବାଛୁରିକା କରତ ଯତନ,
ଗଙ୍ଗା ଯବୁନା ଅହରଲେ
ମରଗୈୟା ଭୂଖରଲେ ଆଓୟେ ।

ଭାବାର୍ଥ :-

ସେପଟେ ଗଙ୍ଗା, ଏପଟେ ଯମୁନା, ମଝିରେ ଗାଈର ଗୋଠ । ଗଙ୍ଗାଯମୁନା ପାଣିରେ ପୁରିଗଲା, ଗାଈ ମୋର ଅଟକି ରହିଗଲା । ବାଛୁରୀକୁ ଯତ୍ନ କରିବା ମୋ ପାଇଁ କଷ୍ଟ ହେଲା । ଗଙ୍ଗା ଯମୁନାର ପାଣି କମିଯିବାରୁ ମୋ ଗାଈ ଭୋକରେ ଫେରିଲା ।

ଆଉ ଏକ ବନ୍ଦନା ପର୍ବର ଧୁଙ୍ଗୁଆନୀ ଗୀତ :-

ଅହିରେ ....
ଗଙ୍ଗା କିନାରେ ଭାଲା ଶିରିମତୀ ଗେୟା ଚରେରେ
ଗୁଲିନୀତ ଯାଏରେ ନୈହର,
ଆଲନୟନେ ଭାଲା ଦେଖିତ ପାଓଲରେ
କପିଲା ତ ଛେଁକଲ ଡହର ।
ଗୁଲିନୀ ବଲେ - ଅହିରେ........
ନା କାନ୍ଦ ନା କାନ୍ଦ ବାଛା ଶିରିମତୀ ଗାୟରେ
ପହଲା କାର୍ତ୍ତିକେ ଭାଲା ଅମାବାସ୍ୟା ଲାଗୟେ,

ସେହଦିନେ ତ ଆୟବ ଘୁରିଯେଁ ।
ମାଇଁ କାନ୍ଦେ ମାଇଁ କାନ୍ଦେ ବାପ କାନ୍ଦେ ବାପ କାନ୍ଦେ
ଆର ଶିରଗେୟା କାନ୍ଦେ ଗୋକୁଲ ନଗରେ ଗୋ ।
କେନ ବରଦା କାନ୍ଦ କେନେ ବରଦା ଘିଜ
ତର ଗୁଲିନେ ଦେତଓ ବରଦା ଦୂବଧାନ
ଆର ଯେ ଦେତଓ ଚାରିପା ଧୂଆଇଁ ଗୋ ।
ଆର କାନ୍ଦନା ବରଦା ଆର ଘିଜ ନା ବରଦା ଗୋ
ତୋମାର ଗଲାୟ ଯେ ଦେତଓ ଫୁଲକେରି ମାଲା
ଆର ଯେ ଦେତଓ ଶିଙ୍ଗଭରା ତେଲ ଯେ ବାବୁ ହୋ
ଆର ଯେ ଦେତଓ ବରଦା ସିଂଥିକା ସିନ୍ଦୁର
ଧୂପେ ଧୂନାୟରେ ବରଦା କରେ ମହ ମହ ।

ଭାବାର୍ଥ :- ଗଙ୍ଗା କୂଳରେ ଲକ୍ଷ୍ମୀବନ୍ତ ଗାଇଟି ଚରୁଥିଲା । ତାର ଖାଉନ୍ଦାଣୀ (ପ୍ରଭୂପତ୍ନୀ) ବାପ ଘରକୁ ଯାଉଥିଲା । ଆଡ ନୟନରେ କପିଳା ଗାଇ ଦେଖିପାରି ତାର ରାସ୍ତା ଅବରୋଧ କଲା । ତା ଖାଉନ୍ଦାଣୀ ତାକୁ ପ୍ରବୋଧନା ଦେଲା- ହେ ଶିରିମତୀ ଗାଇ ମୋର, ତମେ ଆଉ କାନ୍ଦନା, କାର୍ତ୍ତିକ ଅମାବାସ୍ୟା(ବାନ୍ଦନା ପର୍ବ) ଲାଗୁ ଲାଗୁ ମୁଁ ଫେରି ଆସିବି । ମାଆବାପ, ଶିରିମତୀ ଗାଇ ସମସ୍ତେ ଗୋକୁଳ ନଗରରେ କାନ୍ଦୁଛନ୍ତି । କାହିଁକି ବରଦାତା (ଗାଇ ବଳଦ)ମାନେ କାନ୍ଦୁଛ ? ତୁମକୁ ତୁମର ମାଲିକାଣୀ ଦୂବଧାନ ଦେବେ, ପୁଣି ତୁମର ଚାରିପାଦ ଧୋଇଦେବେ, ତମେ ଆଉ କାନ୍ଦନା, ବିଳାପ କରନା । ତୁମରି ଗଳାରେ ସେ ଫୁଲମାଳ (ଧାନର ମଳଂର) ପିନ୍ଧାଇ ଦେବେ, ପୁଣି ତମ ଶିଙ୍ଗକୁ ତେଲରେ ଭରିଦେବେ, ପୁଣି ତମ ସିଂଥିରେ ସିନ୍ଦୁର ପିନ୍ଧାଇ ଦେବେ, ଧୂପ ଧୂଣାରେ ତମର ଗୁହାଳ ପୂଜା ଆସ୍ଥାନ ମହ ମହ କରି ଉଠିବ ।

ବାନ୍ଦନା ପରବରେ ଏଭଳି ଅନେକ ହୃଦୟସ୍ପର୍ଶୀ ଗୀତ ରହିଛି । ଗୋରୁଙ୍କୁ ତେଲ ଦେଲାବେଳେ ଏ ଗୀତଗୁଡ଼ିକ ଶୁଣି ଶ୍ରୋତା ଏପରିକି ଗୋରୁମାନଙ୍କ ଆଖିରୁ ବି ପାଣି ଆସିଯାଏ । କୁଡୁମିଙ୍କ ଗୁହାଳପୂଜାର ଅନୁଷ୍ଠାନ, ଆଜିବି ଏହିପରି ଅଛି । ଆର୍ଯ୍ୟ ସଂସ୍କୃତିର ଗୋମେଧ ଯଜ୍ଞ ଓ ଗୋମାଂସ ଭକ୍ଷଣ ତ ଆଗରୁ ଆଲୋଚିତ । କୃଷିଜୀବିର ଧନ ସମ୍ବଳ ତାର ପଶୁଧନ । ତା ପ୍ରତି ଗଭୀର କୃତଜ୍ଞତା ଜ୍ଞାପନ ଏ ଉତ୍ସବ, ଯାହାକି ପ୍ରାକ୍ ଆର୍ଯ୍ୟ ଦ୍ରାବିଡ଼ିୟ କୃଷି ସଭ୍ୟତାର ଝଲକ ବହନ କରେ । କୁଡୁମିଙ୍କ ଗାଈର ଗୋବରକୁ ମଧ୍ୟ ଗୋଇଠା ମାରିବା ନିଷେଧ ।

ଏ ଆଲୋଚନାରୁ ସ୍ପଷ୍ଟ ଯେ ଏମାନଙ୍କର ଦିନେ ଗଙ୍ଗାଯମୁନାର ଦୋଆବ ଅଞ୍ଚଳରେ ବସତି ଥିଲା । ଏମାନଙ୍କର ଦେବମଣ୍ଡଳରେ ଆର୍ଯ୍ୟଦେବତା କି ଏହାଙ୍କ ସଂସ୍କୃତିରେ ଆର୍ଯ୍ୟସଂସ୍କୃତିର କୌଣସି ଛିଟା ନଥିବାରୁ ଆର୍ଯ୍ୟଙ୍କର ଏହି ଆର୍ଯ୍ୟାବର୍ତ୍ତରେ ଦ୍ୱିତୀୟ ଉପନିବେଶ ଗଢ଼ିଉଠିଲା ବେଳକୁ ଏମାନେ କ୍ରମେକ୍ରମେ ଦକ୍ଷିଣକୁ ବାଘେଲଖଣ୍ଡ ଦେଇ ଛତିଶଗଡ଼ର ସରଗୁଜା ରାୟଗଡ

ଅଞ୍ଚଳକୁ ଆସିଲେ, ଓ ପୁଣି ଏହି ମାଳଭୂମିରେ ଚାଷଜମି ତିଆରିଲେ । ସମତଳ ଅଞ୍ଚଳର ବିଭବରୁ ବଞ୍ଚିତ ହୋଇ ଦରିଦ୍ର ହେଲେ । ଏ ଘଟଣା ଆର୍ଯ୍ୟାବର୍ତ୍ତ ଆରମ୍ଭ ବେଳର କଥା, ରାମାୟଣ ମହାଭାରତ ଲେଖାହେବା ଆଗରୁ କୁଡୁମି ଗାଙ୍ଗେୟ ସମତଳ ଅଞ୍ଚଳ ଛାଡିଛନ୍ତି ।

ସରଗୁଜା ରତନପୁରରେ ଅବସ୍ଥାନ :-

କରମ ଉତ୍ସବର ପ୍ରସ୍ତୁତି ଜାଓ୍ୱା ଉତ୍ସବ । କେତେକ ଜାଓ୍ୱା ଗୀତ ଦ୍ରଷ୍ଟବ୍ୟ :-

ଡ଼ହର ଡ଼ହର ଡ଼ହର ଦାଦା ଡ଼େହର କତ ଧୂର
ସୀମନାରୀ ରତନପୁର ଦେଶ କତ ଦୂର ।

ଅର୍ଥ :- ଏ ଭାଇ ! ରାସ୍ତା, ରାସ୍ତା, ରାସ୍ତା, ଭାଇ ରାସ୍ତା କେତେ ଦୂର, ସୀମନାରୀ ରତନପୁର ଦେଶ ଆଉ କେତେ ଦୂର ।

ଇଂ ମହେଶ୍ୱର ମହାନ୍ତ ତାଙ୍କର 'କୁର୍ମି ଇତିହାସ' ପୃ ୧୧୦ରେ ଏ ଗୀତକୁ ବିଶ୍ଳେଷଣ କରି ଲେଖିଛନ୍ତି କୁଡୁମିମାନେ ସୌଦାଗର ଥିଲେ ଓ ଜାଭାର ରାଜଧାନୀ ରତ୍ନପୁରକୁ ବାଣିଜ୍ୟରେ ଯାଉଥିଲେ । ମାତ୍ର ଉତ୍କଳୀୟ ନୌ-ବାଣିଜ୍ୟର ଅବଶେଷ ଉତ୍ସବ ତଅପୋଇ ଓଷା, ବୋଇତ ବନ୍ଦାଣ, ବାଲିଯାତ୍ରା ଉତ୍ସବ କୁଡୁମିଙ୍କ ଠାରେ ନାହିଁ କାହିଁକି ?

ପୁଣି ଏ ଲୋକଗୀତର ଅନ୍ୟ କେତେକ ରୂପ :-

ଡ଼ହର ଡ଼ହର ଡ଼ହର ଦାଦା ଡ଼ହର କତେକ୍ ଧୂର,
ଭୁଲାକାନା ଦେଶ ରତନପୁର, କତେକ୍ ଧୂର,
ସରଗୁଜା ଦେଶ ରତନପୁର କତେକ୍ ଧୂର ।

ଏକ ବିବାହ ଗୀତ :-

ସରଗୁଜା ରତନପୁରଲେ ବରିୟାତ୍ ଆସିୟେଁଛେ,
ସେହ ଦେଖି ଗୋ କନିଆଁର ମାଇଁ କାନ୍ଦତେ ବସିୟେଁଛେ ।

ଆଉ ଏକ ଝୁମର ଲୋକଗୀତ (ଭୀମଚରଣ ମହାନ୍ତ ଯଶୀପୁରରୁ ସଂଗୃହିତ)

ସୁରଗୁଞ୍ଜା ରତନପୁରେ ରାଜା ଜନମ୍‌ଲେଲ୍
ସିଲିଗଲ୍‌ହେ ରାଜା ବିହାହେଲ୍ ।
ଗଲେକ୍ ଜୁତା ରାଜା ଗଲ୍‌ହେ ମିଲାଇଗେଲ୍
ହାଥିଘୋଳା ସୁଧାଇ ଘୁରିଗେଲ୍ ।

ସୁରଗୁଞ୍ଜା (ବର୍ତ୍ତମାନ ସରଗୁଜା) ରତନପୁରରେ ରାଜା ଜନ୍ମ ହୋଇଥିଲେ । ସେ ସିଲିଗଡ଼ (ରାଞ୍ଚି ନିକଟସ୍ଥ)କୁ ବିବାହ ପାଇଁ ଯାଇଥିଲେ । ରାଜାଙ୍କ ଗୋଡ଼ର ଜୋତା ଗଡ଼ରେ ମିଳାଇଗଲା । (ଅର୍ଥାତ୍ ସେଠାରେ ତାଙ୍କର ମୃତ୍ୟୁ ହୋଇଗଲା) । ହାତୀ ଘୋଡା ସବୁ ଖାଲି ଫେରିଆସିଲେ । କୁଡୁମିଙ୍କ ବିବାହ ପ୍ରସ୍ତାବ ଆଗେଇଲା ବେଳେ କନ୍ୟାଗ୍ରାମର ମୂଖ୍ୟ ମାହାଁତଙ୍କ ଘରେ ବରକୁ ପ୍ରଶ୍ନ କରାଯାଏ :-

(କୁଲ୍‌ମାଲୀ)   କୁଲ୍‌ମାଲୀର ବଙ୍ଗଳା ପ୍ରଭାବିତ ଭାଷା ମାହାତାଲି

କାଁହାଲେ ଆଅଲାହି ତଁୟ, କାଁହା ତର ଘାର, କୋଥାୟ ହତେ ଆଲି ତୁମି କୋଥାୟ ତୋମାର ଘର

କନ୍ ଝାଳେକ୍ ବାଂଶ ତଁୟ କନ୍ ବାଂଶେକ୍ ଶର ।୧ କନ୍‌ଝାଳେର ବାଂଶ ତୁମି କନଝାଳେର ଶର ।

ବରପିଲା ଯଦି ରସିକ ଥାଏ ତେବେ ଉତ୍ତର ଦିଏ ହସି ହସି-

ସରଗୁଜା ରତନପୁରଲେ ଆଅଲାହଁ କେନ୍ଦୁଝରିଏଁ ଘାର

ଚିଲବିନ୍ଧା ଝାଳେକ ବାଂଶ ମଁୟ ଅହେ ବାଂଶେକ ଶର ।

ସରଗୁଜା ରତନପୁରରୁ ଆସିଛି, କେନ୍ଦୁଝରରେ ଘର । ଚିଲବନ୍ଧା ବୁଦାର ବାଉଁଶ ମୁଁ ସେହି ବାଉଁଶର ଶର ।

ରାମାୟଣର ପ୍ରଭାବ :- ଏ ପ୍ରଶ୍ନର ଉତ୍ତର କେତେକ ଯାଗାରେ ଦିଆଯାଏ -

ପୂରବ ହତେ ଆଲି ଆମି ପଶ୍ଚିମ ଦେଶେ ଘର,

ରାମଝାଳେର ବାଂଶ ଆମି ଲକ୍ଷ୍ମଣ ଝାଳେର ଶର ।

ହୁଏତ ଏହା କ୍ଷତ୍ରିୟ ଆନ୍ଦୋଳନର ପ୍ରଭାବରୁ ହୋଇଥାଇ ପାରେ । ତେବେ କୁଡୁମିଙ୍କ ଠାରେ ରାମନାମ ଧରମ ପୂଜାର ମାହାରାଇ ଗୀତରେ ଓ ଶୁଦ୍ଧି କ୍ରିୟାରେ ଗୟାପାଲାରେ ଦେଖାଯାଏ । ସାନ୍ତାଳଙ୍କ ସିଂରାଇ ଉତ୍ସବରେ ସଂପୂର୍ଣ୍ଣ ରାମାୟଣ ସାନ୍ତାଳୀ ଭାଷାରେ ବୋଲାଯାଏ । ଯାହାକି ରାମଲୀଳା, ଆଦି ନାଟକର ପ୍ରଭାବ ହୋଇଥାଇ ପାରେ ।

କିଏ ବାନରସେନାର ବଂଶଧର :- ତେବେ ରାମାୟଣର ପାତ୍ର ବାଳୀ, ସୁଗ୍ରୀବ, ବାନର ସେନା , ଜାମ୍ବବାନ ଭାଲୁ, ଜଟାୟୁ ଗୃଧରାଜଙ୍କର ଆଜି ବଂଶଧର କେଉଁମାନେ । ବାଳୀ ବଧପରେ ତାର ବିଧବା ପତ୍ନୀ ତାରାକୁ ରାମଚନ୍ଦ୍ର ସେ ଦିନ ପ୍ରବୋଧ ଦେଇଥିଲେ ତମ ସଂସ୍କୃତିରେ ତ ଭାଇର ବିଧବା ଭାଉଜକୁ ଦିଅର ବାହା ହୁଏ, ତେଣୁ ତମେ ସୁଗ୍ରୀବର ପତ୍ନୀ ହୋଇଯାଅ । ଠିକ୍ ଏହିପରି ମନ୍ଦୋଦରୀ ଓ ବିଭିଷଣର ବିବାହ ହୋଇଥିଲା । ଏ ସଂସ୍କୃତି ତ ଏବେବି ଆଦିମ ଅଧିବାସୀମାନଙ୍କ ଠାରେ, କୁଡୁମିଙ୍କ ଠାରେ ଦେଖାଯାଏ । ଏମାନଙ୍କ ଠାରେ ତ ଭାଲୁ ମାଙ୍କଡ ହନୁ ଟୋଟେମ ଦେଖାଯାଏ, ଓରାମଙ୍କର ଗୃଧ ଟୋଟେମ ରହିଛି । ଏଠାରେ ଲେଖକଙ୍କର ଦୃଢ ଘୋଷଣା ଯଦି ରାମାୟଣ ସତ ହୋଇଥାଏ, ତେବେ ରାମଚନ୍ଦ୍ର ସେଦିନ ଏ ଜଙ୍ଗଲୀ ଆଦିମ ଅଧିବାସୀ ମାଙ୍କଡ ହନୁ ଭାଲୁ ବଂଶୀୟଙ୍କର ସୈନ୍ୟଦଳ ନେଇ ଲଙ୍କା ଜୟ କରିଥିଲେ । ଜଟାୟୁ ଥିଲା ଓରାମଙ୍କର ଗିର୍ଦ୍ଧନ୍ (ଗୃଧ) ବଂଶୀୟ ଜଣେ ଦଳପତି । ଏମାନଙ୍କୁ ଲାଞ୍ଜ ଲଗାଇ ପଶୁ ଆକାରରେ ବର୍ଣ୍ଣନା କରାଯାଇଛି । କାହିଁ କେଉଁଠାରେ ତ ମାଙ୍କଡ ଘରଦ୍ୱାର କରି ରହିବାର ରାମାୟଣ ପରେ ଆଉ କେହି ଦେଖି ନାହାନ୍ତି । ଅନେକ ଗବେଷକ ଲଙ୍କା କେଉଁଠି ଗବେଷଣା କରନ୍ତି, କିନ୍ତୁ ବାନରସେନା କାହାରି ଧ୍ୟାନ ଆକର୍ଷଣ କରିନି । ଏଭଳି ଆର୍ଯ୍ୟମାନେ ଅନାର୍ଯ୍ୟଙ୍କ ଠାରୁ କାମ ଆଦାୟ କରି ପଶୁ କରିଦେଇଛନ୍ତି । ନାଗବଂଶୀୟ ମଣିଷଙ୍କୁ ନାଗସାପ କରିଦେଇଛନ୍ତି । ନାଗସାପ ସହ ସମ୍ଭୋଗ କରି ବର୍ତ୍ତମାନ ଆର୍ଯ୍ୟମାନେ ମଣିଷ ଜନ୍ମ କରାଇ ପାରିବେ କି ? ଏଣୁ ରାମନାମ ସହ ଏ ଦେଶର ଆଦିମାନବ ଅନେକ ଦିନରୁ ପରିଚିତ ।

ସରଗୁଜାରୁ ବିତାଡନ :- ଆଉ ଏକ ଦ୍ରାବିଡ ଅଧିବାସୀ ବିନ୍ଧ୍ୟାଞ୍ଚଳର ଗଣ୍ଡ ଓ କମାର ମାନଙ୍କ ଚାପ ଏମାନଙ୍କ ଉପରେ ପଡିଲା । ଏଣୁ ଛତିଶଗଡ ଓ ଝାଡଖଣ୍ଡର ସୀମାରେ ପ୍ରବାହିତ ଶଙ୍ଖ ନଦୀ ଅତିକ୍ରମ କରି ଏମାନେ ଛୋଟନାଗପୁର ମାଲଭୂମି , ଉତ୍ତର ଓଡିଶାକୁ ପ୍ରବେଶ କଲେ । କରମ ଉତ୍ସବର ପଦିଏ ଗୀତ ।

ଆଜ୍‌ରେ କରମ ରାଜା ଘାରେ ଦୁଆରେ
କାଲରେ କରମ ରାଜା ଶାଂଖ ନଦୀକ୍ ପାରେ ।

ଆଜି କରମ ରାଜା ଘରଦୁଆରେ ବିରାଜମାନ, କାଲି ସେ ଶଙ୍ଖ ନଦୀ ଆରପଟକୁ ଚାଲିଯିବେ ।

ଏହି ଶଙ୍ଖନଦୀ ରାଉରକେଲା ପାଖ ବେଦବ୍ୟାସରେ କୋୟଲ ନଦୀ ସହିତ ମିଳିତ ହୋଇ ବ୍ରାହ୍ମଣୀ ନଦୀ ସୃଷ୍ଟି କରିଛି । ଏଥିପାଇଁ ଏମାନଙ୍କ ଏ ଲୋକଗୀତ ଶଙ୍ଖ ନଦୀକୁ ଆଜି ବି ମନେ ରଖିଛି । ଏଠାରୁ ଆଗରୁ ଥିବା ଅଷ୍ଟ୍ରିକ ଗୋଷ୍ଠିର ଆଦିମ ଅଧିବାସୀ ମୁଣ୍ଡା ,ଭୂମିଜ, ସାନ୍ତାଳଙ୍କ ସହିତ ଏମାନଙ୍କର ପ୍ରାରମ୍ଭିକ ସଂଘର୍ଷ ହୋଇଥିବ । କିନ୍ତୁ ଆସ୍ତେ ଆସ୍ତେ ମିଳିମିଶି ରହିଲେ । କୁଡୁମିମାନେ କ୍ରମେ କ୍ରମେ ସମଗ୍ର ଛୋଟନାଗପୁର ମାଲଭୂମି ଓ ତତ୍‌ସଂଲଗ୍ନ ସାନ୍ତାଳ ପ୍ରଗଣା, ପଶ୍ଚିମବଙ୍ଗର ବାଙ୍କୁଡା, ପୁରୁଲିଆ, ମେଦିନିପୁର, ଓଡିଶାର ମୟୁରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ ଆଦି ଜିଲ୍ଲାରେ ବସବାସ କଲେ । ପୁରୁଲିଆ ଅଞ୍ଚଳରେ କାଂସ(କଂସାବତୀ) ନଦୀ ପ୍ରବାହିତ । ଏଣୁ ଏ କରମ ଗୀତ ଯେଉଁମାନେ କାଁସାଇ ନଦୀଦେଇ ଓଡିଶାକୁ ଆସିଲେ ବଦଳିଗଲା -

ଆଜରେ କରମ ରାଜା ଘାରେ ଦୁଆରେ,
କାଲରେ କରମ ରାଜା କାଂସ ନଦୀକ୍ ପାରେ ।
ଯାହୁ ଯାହୁ କରମ ରାଜା ଏହ ଛୟମାସ,
ଆୟତ ଭାଦର ମାସେ ଆନବ ଘୁଁରାଇ ।

କରମ ରାଜା ଛଅମାସ ପାଇଁ ବିଦାୟ ନିଅନ୍ତୁ, ପୁଣି ତାଙ୍କୁ ଆସନ୍ତା ଭାଦ୍ରବ ମାସରେ ଫେରାଇ ଆଣିବୁ । କରମ ଭାଦ୍ରବ ମାସରେ ହୁଏ । ମାତ୍ର ଛଅମାସ ପରେ ଭାଦ୍ରବ ମାସ ପୁଣି ଆସିବ । ଅର୍ଥାତ୍ କେଉଁ ପ୍ରାକ୍‌ଆର୍ଯ୍ୟ ସଂସ୍କୃତିରେ ଯେତେବେଳେ ବର୍ଷକ ମାତ୍ର ଛଅମାସ ଗଣାଯାଉଥିଲା, ସେତେବେଳୁ ଏ କରମ ଉତ୍ସବ ଚାଲି ଆସୁଛି, ଏଣୁ ଏ କାଳ ମଧ୍ୟ ଗବେଷଣା ସାପେକ୍ଷ ।

କୁଡୁମିଙ୍କ କାଁସାଇ ବସତିର କାଳ :

ଗବେଷକ ଡାଲଟନ୍ ତାଙ୍କର ପୁସ୍ତକ Descriptive Ethonology of Bengal -1872 ପୃଷ୍ଠା ୩୧୪ରେ କୁଡୁମିଙ୍କ ଏକ ଲୋକକଥା ଉଦ୍ଧାର କରିଛନ୍ତି , ଯାହା ରିଜିଲିଙ୍କ TCB1- 536 ରେ ମଧ୍ୟ ଉଦ୍ଧୃତ ଯେ ପଞ୍ଚେତ୍ (ଅଧୁନା ପୁରୁଲିଆର ପଞ୍ଚକୋଟ)ର ରାଜପରିବାର ସେଠାରେ ୫୨ ପୁରୁଷ ରାଜତ୍ୱ କରିଛନ୍ତି । ତାଙ୍କର ପ୍ରଥମ ରାଜା ଥିଲେ ଦାମୋଦର । ସେ ଶିଶୁ ବାଳକ ଥିଲାବେଳେ ଜଙ୍ଗଲରେ ଗୋଟିଏ ଗାଈ ପ୍ରତିଦିନ ତାକୁ ଖିର ପିଆଇ ବଞ୍ଚାଇ ରଖିଥିଲା । ଗାଈର ମାଲିକ ଜଣେ କୁଡୁମି ସେ ପିଲାକୁ ଉଦ୍ଧାର କରି ପାଳନ

କଲେ ଓ ପରେ ତାକୁ ତାଙ୍କର ରାଜା କଲେ । ଏଣୁ ପଞ୍ଚେତ୍‌ର ରାଜବଂଶ ନିଜକୁ ଗୋବଂଶୀ ରାଜପୁତ୍ କହନ୍ତି । ଝାଲଦା ନିକଟସ୍ଥ କପିଳାଡୁଂରି ପାହାଡରେ ସେ ଗାଈଟି ପାଷାଣ ହୋଇଯାଇଛି । ଡୁଂରି ମାନେ ପାହାଡ ଓ ସେ ଗାଈ ନାମ କପିଳା ତେଣୁ କପିଳାଡୁଂରୀରେ କୁଡୁମିଙ୍କର ବର୍ଷକୁ ଥରେ ମେଳା ମଧ ହେଉଛି । ଏକ ପୁରୁଷକୁ ୩୫ ବର୍ଷ ଧରିଲେ ତାହା ହେବ (୩୫ x ୫୨=୧୮୨୦)

୧୮୭୨-୧୮୨୦ = ୫୨ ଖ୍ରୀଷ୍ଟାବ୍ଦ । ପଞ୍ଚକୋଟିର ରାଜପରିବାରର କୁଷିନାମା ଅନୁସାରେ ଦାମୋଦର ସିଂହଦେଓ ପ୍ରଥମ ଶତାବ୍ଦୀରେ ରାଜତ୍ୱ ଆରମ୍ଭ କରିଥିଲେ । କିନ୍ତୁ ଡାଲଟନ୍‌ଙ୍କ ମତରେ ସେ ଥିଲେ କୁଡୁମି ମାନଙ୍କର ଦଳପତି ବା ରାଜା । ଅଘୋରୀ ବ୍ରାହ୍ମଣମାନେ ରାଜନୁଗ୍ରହ ଲାଭ କରିବା ପାଇଁ ତାଙ୍କୁ ଏଭଳି ଏକ କାହାଣୀ ମାଧମରେ କ୍ଷତ୍ରିୟ ବର୍ଣ୍ଣରେ ସମାହିତ କରାଇ ଦେଇଛନ୍ତି । କେନ୍ଦୁଝର ରାଜବଂଶ ସେଭଳି ଭୂୟାଁ ଲୋକ କଥାରୁ ରାଂଚିର ରାତୁର ନାଗବଂଶୀ ରାଜପୁତ ମୁଣ୍ଡାମାନଙ୍କ ଲୋକକଥାରୁ ସୃଷ୍ଟି ହୋଇଛି । ତେବେ ଯାହାହେଉ ସେମାନେ କ୍ଷତ୍ରିୟ କର୍ମ କରିଥିବାରୁ ତାଙ୍କୁ କ୍ଷତ୍ରିୟ କହିବାଟା ଯୁକ୍ତିଯୁକ୍ତ ।

ଏଥିରୁ ସ୍ପଷ୍ଟ ଯେ କୁଡୁମିମାନେ ୧ମ ଶତାବ୍ଦୀ ବେଳୁ ଶିଖର ଭୂମର କାଁସାଇ ଅବବାହିକାରେ ନିଜର ପ୍ରାଧାନ୍ୟ ବିସ୍ତାର କରି ସାରିଥିଲେ ।

ଆର୍ଯ୍ୟଙ୍କ ଦୃଷ୍ଟିରେ ଛୋଟନାଗପୁର ମାଲଭୂମି :-

ପ୍ରଥମ ଆର୍ଯ୍ୟ ହିସାବରେ ବୋଧହୁଏ ଇତିହାସ ଦୃଷ୍ଟିରୁ ଜୈନତୀର୍ଥଙ୍କର ପରେଶନାଥ ଏ ଅଞ୍ଚଳକୁ ଆସିଥିଲେ । ସେ ଯେଉଁ ପର୍ବତ ପାଦଦେଶରେ ମହାପ୍ରୟାଣ କଲେ ତାହା ବର୍ତ୍ତମାନ ଗିରିଡିହ ଜିଲ୍ଲାର ପରେଶନାଥ ପର୍ବତ । କେତେକଙ୍କ ମତରେ ଏହି ପର୍ବତକୁ କୁଡୁମିମାନେ ବଲ୍‌ପାହାଲ୍ ବା ବଡପାହାଡ ରୂପେ ଏକ ମୂଖ୍ୟ ଦେବତା ରୂପେ ପୂଜାକରି ଆସୁଛନ୍ତି । ବୋକାରରୁ ଗୟା ଯିବା ରାସ୍ତାରେ ପଡେ ପରେଶନାଥ ରେଳଷ୍ଟେସନ । ତାର ଉତ୍ତରପୂର୍ବରେ ରହିଛି ସୁଉଚ୍ଚ ବଲ୍‌ପାହାଲ୍, ରେଳରୁ ଖୁବ୍ ମନଲୋଭା ଦେଖାଯାଏ । ତାପରେ ଆସିଛନ୍ତି ମହାବୀର; ଜୈନଗ୍ରନ୍ଥରେ ବର୍ଣ୍ଣନା ଅଛି ଏଠାକାର ବାସିନ୍ଦା ତାଙ୍କ ପଛରେ କୁକୁର ଲଗେଇ ଦେଇଥିଲେ । ତାପରେ ଆସିଛନ୍ତି ଗୌତମ ବୁଦ୍ଧ । ହୁଏନସାଂଙ୍କ ବିବରଣୀରୁ ଜଣାଯାଏ ୭ମ ଶତାବ୍ଦୀରେ ସୁବର୍ଣ୍ଣରେଖା ଅବବାହିକାରେ ଶଶାଙ୍କଙ୍କ ସାମ୍ରାଜ୍ୟ ଏଠାରେ ଗଢି ଉଠିଥିଲା । ଏ ଅଞ୍ଚଳକୁ ମଧ ରାଢଭୂଇଁ କୁହାଯାଉଥିଲା ।

ମୁକୁନ୍ଦରାମ ଚକ୍ରବର୍ତ୍ତି ତାଙ୍କର 'ଚଣ୍ଡିମଙ୍ଗଳ କାବ୍ୟ' ପୃଷ୍ଠା ୨୦ରେ ଲେଖିଛନ୍ତି-

ଅକ୍ଷଟି ହିଂସକ ରାଢ ଚୌଦିକେ ପଶୁର ହାଡ
କୃତାଞ୍ଜଳୀ ବୀର କହେ ହଇଗୋ ଚୋୟାଳ
ଲୋକେ ନା ପରଶ କରେ ସଭେ ବୋଲେ ରାଢ ।

ଆର୍ଯ୍ୟଙ୍କର ଏ ଅଞ୍ଚଳ ପ୍ରତି ଘୃଣାଭାବ, ଅନାର୍ଯ୍ୟଭୂମି ଓ ଲୋକଙ୍କୁ ଚୂୟାଳ କହି ସ୍ପର୍ଶ କରୁନଥିଲେ ।

ତାପରେ ଆସିଲେ ଚୈତନ୍ୟ ମହାପ୍ରଭୁ । କୃଷ୍ଣଦାସ କବିରାଜ 'ଶ୍ରୀଚୈତନ୍ୟ ଚରିତାମୃତ' ମଧ୍ୟ ଲୀଳା ୧୭ ପରିଚ୍ଛଦ ପୃ ୪୬ରୁ ୫୩ରେ ଲେଖିଛନ୍ତି-

ପ୍ରସିଦ୍ଧ ପଥ ଛାଡ଼ି ପ୍ରଭୁ ଉପପଥେ ଚଳିଲା ।
କଟକ ଡାହିନେ କରି ବନେ ପ୍ରବେଶିଲା ।।
ମଥୁରା ଯାବାର ଛିଲ ଆସି ଝାରିଖଣ୍ଡ ।
ଭିଲ୍ଲ ପ୍ରାୟ ଲୋକ ତାହା ପରମ ପାଷାଣ୍ଡ ।।
ଝାରିଖଣ୍ଡେ ସ୍ଥାବର ଜଙ୍ଗମ ଆଛେ ଯତ ।
କୃଷ୍ଣନାମ ଦିଆ କୈଲ ପ୍ରେମେତେ ଉନ୍ମତ୍ତ ।।

ଯାହାହେଉ ଚୈତନ୍ୟ ମହାପ୍ରଭୁ ଏ ଅଞ୍ଚଳର ଲୋକଙ୍କୁ ବୈଷ୍ଣବ କରାଇଲେ । କୀର୍ତ୍ତନ ଶିଖାଇଲେ । ଆଦିମ ଅଧିବାସୀଙ୍କ କୀର୍ତ୍ତନ ଦଳନେଇ ଅଷ୍ଟପ୍ରହରୀ ଆଦି ସଂସ୍କୃତି ଆଜିବି ବଞ୍ଚିଛି । କୁଡୁମିମାନେ ବୈଷ୍ଣବ ଗୁରୁଙ୍କ ଶିଷ୍ୟ ହେଲେ, ସେମାନେ ଏମାନଙ୍କର ଶୌଚାଦି କ୍ରିୟାକର୍ମର ପୌରହିତ୍ୟ ଆରମ୍ଭ କଲେ । ତା ପୂର୍ବରୁ କୁଡୁମିଙ୍କ ପୌରହିତ ମାମୁଁ ବା ଭଣଜାମାନେ କରୁଥିଲେ । ତେଣୁ ଏ ସଂସ୍କୃତିରେ ମାମୁଁ କେବେବି ଭଣଜାଙ୍କୁ ହାତ ଉଠାଏ ନାହିଁ , କାରଣ ସେ ତା'ର ପୁରୋହିତ । ଏ ପରମ୍ପରା ଆଜି ବି ଜୁଆଙ୍ଗ ଠାରେ ଅନୁସୃତ, କାରଣ ବ୍ରାହ୍ମଣ ବା ବୈଷ୍ଣବ ପୁରୋହିତ ବର୍ତ୍ତମାନ ଯାଏ ତାଙ୍କ ଛାଇ ମାଡ଼ି ନାହାନ୍ତି ।

ଶଙ୍କରାଚାର୍ଯ୍ୟ ଗୟାର ହିନ୍ଦୁତୀର୍ଥ ପୁନରୁଦ୍ଧାର କରିଥିଲେ । ତୀର୍ଥଯାତ୍ରୀ ସଂଖ୍ୟା ବୃଦ୍ଧିପାଇଁ ଗୟା ଅଞ୍ଚଳରୁ ଏଠାକୁ ବ୍ରାହ୍ମଣ ପଣ୍ଡିତ, ତାଙ୍କ ମଧ୍ୟସ୍ଥ ଦଲାଲ୍‌ମାନେ ଆସିଲେ, ଯାହାକି ବୈଷ୍ଣବଙ୍କ ପ୍ରଭାବ କ୍ଷୁର୍ଣ୍ଣ କରିବାକୁ ଲାଗିଲା । ଏଣୁ ବ୍ରାହ୍ମଣ ବୈଷ୍ଣବ ମତ ମଧ୍ୟରେ ଏକ ଶୀତଳ ସଂଘର୍ଷ ଚାଲିଲା । ସାଧାରଣ ଜନତା ଏପଟ ସେପଟ ଢଳିଲେ । ଏ ଅଞ୍ଚଳରେ ଅନେକ ଗ୍ରାମର ନାଆଁ ବ୍ରାହ୍ମଣମରା, ବାମୁନମାରା, ଏ ସଂଘର୍ଷର ମୁକ ସାକ୍ଷୀ । କୁଡୁମିମାନେ ସହଜରେ ଗୟାତୀର୍ଥ ଯାତ୍ରୀ ବନିଲେ । ଏମାନେ ଆର୍ଯ୍ୟ ସଂସ୍କୃତିର ପରିସୀମା ବୃଦ୍ଧିରୁ ବିତାଡ଼ିତ ହୋଇଥିବାରୁ ଯାଙ୍କ ଭାଷାରେ ଅନେକ ଆର୍ଯ୍ୟ ଶବ୍ଦ ମିଶିଲା ଓ ସାଂସ୍କୃତିକ ପ୍ରଭାବ ମଧ୍ୟ ପଡ଼ି ଆସୁଥିଲା । ଗୟାତୀର୍ଥର ପିଣ୍ଡଦାନ ପ୍ରଭାବରେ ଗୟାପାଲା ଅନୁଷ୍ଠାନ ଯାଙ୍କର ଶୁଦ୍ଧିକ୍ରିୟାରେ ଚାଲିଲା । ଏଥିରେ ସୀତାଙ୍କର ଦଶରଥଙ୍କୁ ପିଣ୍ଡଦାନର ବର୍ଣ୍ଣନା କୁଲ୍‌ମାଲୀ ଭାଷାରେ ରହିଛି । ବ୍ରାହ୍ମଣମାନେ କୁଡୁମିଙ୍କ କେତେକ ପୌରହିତ୍ୟ, କରମ ଓଷାର କାହାଣି ଇତ୍ୟାଦି ଆରମ୍ଭ କଲେ । କିନ୍ତୁ ବିବାହ ଓ କୂଳଦେବତା ବାନ୍ଦନା ପର୍ବର ପୂଜାରେ ବ୍ରାହ୍ମଣଙ୍କ ପ୍ରବେଶ ନଥିଲା । ପଶ୍ଚିମବଙ୍ଗରେ କେତେକ ବଙ୍ଗାଳୀ ବ୍ରାହ୍ମଣ କୁଡୁମିଙ୍କ ପୂଜା କରିବାରୁ ତାଙ୍କୁ ପତିତ ଘୋଷଣା କରାଗଲା । କିନ୍ତୁ ପତିତୌପି ଦ୍ୱିଜଶ୍ରେଷ୍ଠ ନ୍ୟାୟରେ ଓଡ଼ିଶାରେ ଯେତେବେଳେ ଓଡ଼ିଆ ବ୍ରାହ୍ମଣ ଏମାନଙ୍କ ପୌରହିତ୍ୟ ନକରିବାରୁ ସେହି ବଙ୍ଗାଳୀ ବ୍ରାହ୍ମଣଙ୍କୁ ଓଡ଼ିଶାକୁ ଡାକି ଅଣାଗଲା ଓ ବର୍ତ୍ତମାନ ସେହିମାନେ ହିଁ ମୁଖ୍ୟତଃ ଏମାନଙ୍କ ପୁରୋହିତ । କେବଳ ଏମାନେ ହିଁ କୁଡୁମିଙ୍କୁ ଅଚଳ ଶୁଦ୍ରଭାବରେ ପୌରହିତ୍ୟ କରିଆସୁଛନ୍ତି ।

ଇନ୍ଦ୍ ସଭା ଓ ଇନ୍ଦ୍ ଯାତରା :- ଆଦିମ ଅଧିବାସୀମାନଙ୍କ ଠାରେ ରାଜତନ୍ତ୍ର ନଥିଲା । ଥିଲା ଗଣତନ୍ତ୍ର । ସେମାନେ କରମ ଠାକୁରଙ୍କୁ ରାଜା ମାନୁଥିଲେ, ଇନ୍ଦ୍ ତାଙ୍କର ଦେୱାନ୍ । (ଯେପରି ବ୍ରାହ୍ମଣମାନେ ରାଜାଙ୍କୁ ମାନୁନଥିଲେ, ତାଙ୍କର ରାଜା ଥିଲେ ଦେବତା ସୋମ) । ଇନ୍ଦ୍ ସଭାରେ

ସ୍ତ୍ରୀ, ପୁରୁଷ, ବୃଦ୍ଧ, ବାଳକ ସମସ୍ତେ ଯୋଗଦେଇ ମତାମତ ଦେଉଥିଲେ । 'କଳ୍ପଦ୍ରୁମ ବାଚସ୍ପତ୍ୟମ୍' ପାଲ୍ଲି ପୋଥିର ଶବ୍ଦକୋଷରେ ଇନ୍ଦମହଂ ପର୍ବ, ଇନ୍ଦ ସଭାର ବର୍ଣ୍ଣନା ମିଳେ । ଜମିର ସତ୍ତ୍ୱ ଇନ୍ଦ୍ ସଭାର । ଜନସଂଖ୍ୟା ଆଧାରରେ ଜମି ଚାଷପାଇଁ ବଣ୍ଟାଯାଏ । ଭାଦ୍ରବ ମାସରେ ଇନ୍ଦ୍ ଯାତରା ବା ଛାତା ପରବ ହୁଏ । ତା ପରଦିନ ଜମିରେ ଡାଳ ଗଡାଯାଏ । ଏ ପରମ୍ପରା ଜୁଆଙ୍ଗଠାରେ ଦେଶ ସ୍ୱାଧୀନ ପରେ ମଧ୍ୟ ଥିଲା । ପୂଜାକାମ ଦେହୁରୀ କରେ, ଗ୍ରାମ୍ୟ ମୁଖ୍ୟ କର ଆଦାୟ କରେ, ତାଲେବର ଦେଓ୍ୱାନ କାମ କରି ଖଜଣା ଜମିଦାର/ରାଜାଙ୍କୁ ଦିଏ । ସିକ୍‌ଦାରର ଦାୟିତ୍ୱ ଯୁଦ୍ଧ ଓ ବିଦ୍ରୋହ ।

ଜାତି	**ପୂଜକ**	**ଗ୍ରାମ ମୁଖ୍ୟ**	**ଦେଶମଣ୍ଡଳ/ଦେଶ ବାଇଶି**
କୁଡୁମି	ଦେହୁରୀ	ମାହତ	ଦେଶ ପ୍ରଧାନ
ସାନ୍ତାଳ	ନାଇକେ	ମାଝୀ	ଦେଶମାଝୀ
ଭୂମିଜ	ପାହାନ	ସର୍ଦ୍ଦାର	
ଭୂୟାଁ	ଲାୟା	ନାଏକ	
ମୁଣ୍ଡା	ଗୋଡାଇତ, ମୁଣ୍ଡା	ମାନକୀ	
ଜୁଆଙ୍ଗ	ନଗମ୍	ଆରଧନ୍	
ସଉରା	କୁଡାନ୍	ଗମାଙ୍ଗ	
କନ୍ଧ	ଜ୍ଞାନୀ	ପରଦାନ (ପ୍ରଧାନ)	
ବଣ୍ଡା	ଶିଶା	ନାଏକ	

ଇନ୍ଦ୍ ଯାତରାରେ ସେ ଅଞ୍ଚଳର ରାଜାଙ୍କ ଛତ୍ର, ଛତା ବା ପତାକା ଉଡାଯାଏ । ଦେହୁରୀ ପ୍ରଥମେ ବୋଦାବଳୀ ଦିଏ । କେନ୍ଦୁଝରରେ ଚମ୍ପୁଆ, ଚମକପୁରରେ ଏବେବି ଇନ୍ଦ୍ ଯାତରା ହେଉଛି । ରାଜତନ୍ତ୍ର ଗଲାପରେ ଓ ଏହା ଏକ ପ୍ରାକ୍ ଆର୍ଯ୍ୟ ଅନୁଷ୍ଠାନ ବୋଲି ତାର ମହତ୍ତ୍ୱ ହରାଇ ସାରିଲାଣି । ପୁରୁଲିଆର ଚାକୁଲତୋରର ଇନ୍ଦ୍ ଯାତରାରେ କୁଡୁମି ଦେହୁରୀଙ୍କ ପ୍ରାଧାନ୍ୟ ରହିଛି ଓ ବର୍ତ୍ତମାନ ଯାଏ ଯାକଯମକରେ ପାଳନ ହେଉଛି ।

ମାହାଁତାଲିରେ ଏକ ଲୋକଗୀତ :-

ବାରମାସେ ତେର ପରବ ଭାଦର ମାସେ ଇନ୍ଦ୍
ଚଲଦେଓରା ବାହିରାଁଇ ଯାବ ଇନ୍ଦ୍ ଦେଖିତେ ।

ରାଜାଙ୍କ ଛତ୍ର କରମ ଠାକୁରଙ୍କୁ ଅର୍ପିତ କଲାବେଳେ କୁହାଯାଏ "ହେ କରମ ରାଜା ତୁମେ ଆମକୁ ଧନସମ୍ପତ୍ତି, ଭଲ ଫସଲ, ଗୋରୁବାଛୁରୀ ଦିଅ, ଆମେ ତୁମକୁ ରାଜାର ଛତା ଦେଉଛୁ । ବୋଧହୁଏ ଏ ପ୍ରାକ୍ ଆର୍ଯ୍ୟ ସଂସ୍କୃତିର 'ଇନ୍ଦ ସଭା' କୁ ଆର୍ଯ୍ୟଋଷିମାନେ ଲକ୍ଷକରି ତାଙ୍କର ଦେବସଭାର କଳ୍ପନା 'ଇନ୍ଦ୍ରସଭା' କରିଥିଲେ । ଏହି ଇନ୍ଦ୍ ସଭାର ଆଧାରରେ ଭୂରିଆ କମିଶନ୍ ଗ୍ରାମ୍ୟସଭା ଗଠନ ପ୍ରସ୍ତାବ ଦେଇଛନ୍ତି । ଯଦି ଏହା ଆଦିବାସୀ ଜିଲ୍ଲାମାନଙ୍କରେ କାର୍ଯ୍ୟକାରୀ ହେବ, ତେବେ

କୁଡ଼ୁମିଙ୍କ ଇନ୍ଦ୍ ସଭାର ପଦବୀ ମାହତ (ମହାନ୍ତ) ଅସାର ହୋଇଯିବ, କାରଣ ଏମାନେ ବର୍ତ୍ତମାନ ତଫସିଲଭୂକ୍ତ ଆଦିବାସୀରୁ ଉଚ୍ଛେଦ ହୋଇଯାଇଛନ୍ତି ।

ଚୂୟାଳ ବିଦ୍ରୋହ :- (୧୭୬୯-୧୮୩୨)

ଇଂରେଜ ସରକାର ଚୀରସ୍ଥାୟୀ ବନ୍ଦୋବସ୍ତ ୧୭୬୫ ମସିହାରେ ଲାଗୁକରି ବିହାର ବେଙ୍ଗଲ ଓଡିଶାର ଜମିଦାରୀ ନିଲାମ କଲେ । ନୂଆ ଜମିଦାର ଓ କରବୃଦ୍ଧି ଆତଙ୍କରେ ପ୍ରଜା ତଥା ପୁରୁଣା ଜମିଦାର ରାଜାମାନେ ଏ ଅଞ୍ଚଳରେ ବିଦ୍ରୋହ କଲେ । ପୁରୁଲିଆ ସିଂଭୂମ ଅଞ୍ଚଳରେ ବିଦ୍ରୋହ ଭୟଙ୍କର ରୂପ ନେଲା । ନୂଆ ଜମିଦାର ଇଂରେଜ ସୈନ୍ୟ ସାହାଯ୍ୟରେ ପଶିବାକୁ ଚେଷ୍ଟା କଲେ । କୁଡୁମି ମାଝୀ, ମୁଣ୍ଡା, ଭୂମିଜମାନେ ଲୁଚିଛପି ଗରିଲା ଯୁଦ୍ଧ ଚାଲୁକଲେ । ତେଣୁ ସେମାନଙ୍କୁ ଚୂୟାଳ କୁହାଗଲା । ପାଞ୍ଚ ପ୍ରଗନାର ବିଦ୍ରୋହୀ ନେତା ରଘୁନାଥ ମାହତ ଧରାପଡି ଛାପ୍ରା ଜେଲ୍‌ରେ ଆଜୀବନ କାରାବାସ ଭୋଗିଲେ । କୁଡୁମିଙ୍କ ଲୋକଗୀତ ବିଦ୍ରୋହୀ ନେତା ମାନଙ୍କୁ ଏବେବି ସ୍ମୃତିରେ ସାଇତି ରଖିଛି । ଚୂଆଳ ବିଦ୍ରୋହର ଲୋକଗୀତ -

ଜଗନ୍ନାଥ ଧଲେ ସିଂଙ୍ଗା ଫୁଙ୍କ୍‌ଲ
ଲାଲସିଂ ଟାଙ୍ଗି ଧରଲ
ବୁଲି ମାହାତୋ ଲାଗାଲ ଧନୁଷେ ଟାନ୍
ଗୋପାଲ ମାଝୀ ହଲ ଆଗୁଆନ୍ ।
କନ ନଗରେକେର ପାକଲ ବାଂଶଯେ
କନ ନଗରେକେର ଧେନୁକାର ?
ବୁଣ୍ଡୁ ତାମାଳେକର ପାକଲ ବାଂଶ ଯେ
ହେଁସଲା ନଗରେର୍ ଧେନୁକାର ।
ଟାନେ ଲାଗଲ ପନିଚା,
ଚମକେ ଲାଗଲ କାଁଣରେ
ଡଲିଗଲା ସରଗ ପାତାଲ ଯେ ।

ବିଦ୍ରୋହ ଯୋଗୁଁ ନୂଆ ଜମିଦାର ପଶିପାରିଲେନି । ରାଜସ୍ୱ କ୍ଷୟ ହେଲା । ବଡ଼ଲାଟଙ୍କ ପ୍ରତିନିଧି କ୍ୟାପଟେନ ୱିଲ୍‌କିନ୍‌ସନ୍ ୧୮୩୨ ମସିହାରେ ତାମାଳର ଭୂଇୟାଁଡିହ୍ ଗ୍ରାମରେ ପ୍ରଜାଙ୍କ ସହ ଆପୋଷ ବୁଝାମଣା ଦରବାର କଲେ । ୱିଲକିନ୍‌ସନ୍ ନିୟମ ପାସ ହୋଇ ବେଙ୍ଗଲ ଆକ୍ଟ ୧୩ ଲାଗୁହେଲା । ଜଙ୍ଗଲ ମହଲ ଅଣନିୟନ୍ତିତ ଅଞ୍ଚଳ ଘୋଷଣା କରାଗଲା । ଇନ୍ଦ୍ ସଭା ଅନୁସାରେ ମୁଣ୍ଡା, ମାନକି, ମାହତୋ, ସର୍ଦ୍ଦାର, ମାଝୀଙ୍କ ଶାସନ ଚାଲୁହେଲା । ଅଶାନ୍ତ ଜଙ୍ଗଲ ମହଲ ଶାନ୍ତ ହେଲା । ସ୍ୱାଧୀନତା ପରେ ରାଜା ଜମିଦାରଙ୍କୁ ପେନସନ ପରି ମୁଣ୍ଡା ,ମାନକି, ମାହତୋଙ୍କୁ ପେନ୍‌ସନ୍ ମିଳୁଥିଲା । ଭୁରିଆ କମିସନ୍‌ଙ୍କ ଗ୍ରାମ୍ୟ ସଭା ବଦଳରେ ଏହାକୁ 'ଇନ୍ଦ୍‌ସଭା' ନାମିତ କରିଥିଲେ ଭଲ ହୋଇଥାନ୍ତା ।

ଏହିଭଳି ଇଂରେଜ , ରାଜା ଓ ଅନୁଗତ ଭଦ୍ରଦିକୁ ମାନଙ୍କ ଶୋଷଣ ବିରୁଦ୍ଧରେ,

ସାମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ ସାନ୍ତାଳ ବିଦ୍ରୋହ ୧୮୫୫, ରତ୍ନାମେଳି ୧୮୬୮, କୋଲ୍ ବିଦ୍ରୋହ ୧୮୩୧, ଭୂମିଜ ବିଦ୍ରୋହ ୧୮୩୨, ଧରଣୀ ମେଳୀ ୧୮୯୧-୯୩, ବିରସା ବିଦ୍ରୋହ ୧୮୯୫-୧୯୦୦ ଯୋଗୁଁ ଆଦିମ ଅଧିବାସୀଙ୍କ ଜମି ଗୁଡିକୁ ସୁରକ୍ଷା ପାଇଁ ଛୋଟନାଗପୁର ପ୍ରଜା ସତ୍ତ୍ୱ ଆଇନ୍ ୧୯୦୮ ରେ ଲାଗୁହେଲା, ଯେଉଁଥିରେକି କୁଡୁମିଙ୍କ ଜମି ମଧ୍ୟ ସୁରକ୍ଷିତ ଥିଲା ।

କୁଡୁମିଙ୍କ ବିବାହ ସଂସ୍କାରଃ-

କନ୍ୟାଶୁଳ୍କଃ-

କୁଡୁମି ଜାତି ନିଜର ବିବାହର ପ୍ରାଚୀନତାକୁ ଆଜିବି ବଜାଇ ରଖିପାରିଛି । ବିବାହ ପୂର୍ବରୁ କନ୍ୟାମୂଲ୍ୟ ବା ପଣଟଙ୍କା ୩ ଟଙ୍କାରୁ ୧୧ ଟଙ୍କା ଯାଏଁ ଦେଉଛନ୍ତି । ଶହେବର୍ଷ ତଳେ ମଧ୍ୟ କନ୍ୟା ମୂଲ୍ୟ ୧ଟଙ୍କା ବା ୩ଟଙ୍କା ଥିଲା । ଆଜିର ଟଙ୍କାର ଅବମୂଲ୍ୟାୟନରୁ ତାହା ୩୦ହଜାରଟଙ୍କା ହେବାକଥା । ସେତେବେଳେ ସେତକ କନ୍ୟାପଣ ଦେବା କଷ୍ଟକର ଥିଲା । ଏଣୁ ଏ ଯୁଗରେ ଅନ୍ତତଃ କନ୍ୟାମୂଲ୍ୟ ଟ୩୦୧ରୁ ଟ୩୦୦୧.୦୦ ଯାଏ ହେଉ ଯାହାଫଳରେ କି ବରପଣ ଯୌତୁକ ପ୍ରଥା ଅନ୍ତତଃ କମିଯିବ । ଆର୍ଯ୍ୟ ସଂସ୍କୃତିରେ କନ୍ୟା ଦାନ କରାଯାଏ, ବିକାଯାଏନା । ମନୁସ୍ମୃତି ୯/୯୮ ଅନୁଯାୟୀ ଶୂଦ୍ର ସୁଦ୍ଧା କନ୍ୟାପଣ ନେବ ନାହିଁ । ଏଣୁ ଏ ଜାତି ଆର୍ଯ୍ୟ ସଂସ୍କୃତିର ବାହାର ଅଟନ୍ତି । ଏମାନେ ଜାହିରା ପନ୍ଥି ।

କନ୍ୟାଦାନଃ-

କନ୍ୟାମୂଲ୍ୟ ଗ୍ରହଣ କରିବାରୁ କନ୍ୟା ବିକିବା ହେଲା । ଏଣୁ ସେ ଝିଅକୁ ଦାନ କରିବା ଅଧର୍ମ । ବିକିବା ଜିନିଷକୁ ଦାନ କରିବା ଅସଙ୍ଗତ, ପାପ । ଏଣୁ ବ୍ରାହ୍ମଣ ଏମାନଙ୍କର ପାଣି ଗ୍ରହଣ ବିବାହ କେବଳ କରାଇବା ଉଚିତ୍ । କନ୍ୟାଦାନ ପ୍ରସଙ୍ଗ ବାଦ ଦେବା ଉଚିତ୍ ।

ଆମ୍ବ ବାହା ଓ ମହୁଲ ବାହା :-

ବରଘରୁ ବାହାରି ପ୍ରଥମେ ଆମ୍ବ ଗଛକୁ ବାହା ହୁଏ, କନ୍ୟା ବେଦିରେ ବସିବା ପୂର୍ବରୁ ପ୍ରଥମେ ମହୁଲ ଗଛକୁ ବାହା ହୁଏ, ତା ପରେ ଯାଇ ବରକନ୍ୟାଙ୍କ ବାହାଘର ହୁଏ । ଏହାକୁ ଦେଖି ରିଜଲି ସାହେବ ବିସ୍ମୟ ପ୍ରକାଶ କରିଥିଲେ, ସେ ଏହାର ପ୍ରାଚୀନତା କଳନା କରି ପାରି ନଥିଲେ, ତାଙ୍କରି ଭାଷାରେ (TCB1-531)

The marriage ceremony is of highly primitive character........This curious rite merits full description. Wearing on the right wrist a bracelet of the leaves of the mahua the bride walks round the tree seven times, and then sits in her mother's lap on an earthen platform built closed to the trunk. While sitting in this position her right hand and right ear are tied to the tree with thread by her elder sister's husband or by some male member of the household, and she is made to chew mahua leaves, which

are afterwards eaten by her mother. Last of all lights are lit round the tree and it is solemnly worshipped by all present . The same ritual is separately performed by the bridegroom, with the difference that in his case the tree is a mangoo and is circled nine times instead of seven. The people who practice this singular ceremony believe that by it all misfortunes of the bride and bridegroom are somehow forestalled and transfered to the tree....

ରିଜଲି ଯାହା ଦେଖିଥିଲେ, ଆଜି ଶତାଧିକ ବର୍ଷ ପରେମଧ ଅପରିବର୍ତ୍ତିତ ରହିଛି ଓ ରହିବ ମଧ । ଏହାର ମୂଖ୍ୟ ଉଦ୍ଦେଶ୍ୟ ହେଲା ବରକନ୍ୟାର ନିଜ ଆଡୁ ଅପର ପ୍ରତି ପଡୁଥିବା ରିଷ୍ଟ ଗଛ ଗୁଡିକ ସମ୍ଭାଳି ନେବେ , ଏପରିକି କନ୍ୟାର ବୈଧବ୍ୟ ଦୋଷ ମଧ ମହୁଲ ଗଛ ବହନ କରିବ । ଆଜି କାଲି ମହୁଲ ଡାଳ କାଟି ଘର ଭିତରେ ମହୁଲ ବାହା କରୁଥିବାର ଦେଖାଯାଏ। ଗଛରୁ କାଟିଲା ପରେ ଡାଳଟି ମୃତ , ସେ କଣ ରିଷ୍ଟ ସମ୍ଭାଳିବ ?

ମହାଭାରତ ଉପାଖ୍ୟାନରେ ଗାନ୍ଧାରୀର ଶତ ବିଧବା ଦୋଷ ଦୂର ପାଇଁ ୧୦୦ଥର ସାହାଡାଗଛକୁ ବିବାହ କରିବା, ଏହି ପର୍ଯ୍ୟାୟଭୁକ୍ତ । କିନ୍ତୁ ଆର୍ଯ୍ୟ ସଂସ୍କୃତିର ସାହାଡା ଗଛ ପରିବର୍ତ୍ତେ ଏମାନେ ମହୁଲ ଗଛ ସହ ବାହାହେବାର କାରଣ ଏ ଗଛ ଅର୍ଥକାରୀ ଗୋଟିଏ ପେଣ୍ଡାରେ ୮/୧୦ଟି ମହୁଲ ଫଳେ । ତେଣୁ ସେଭଳି ସେ ସନ୍ତାନ ପ୍ରସୁ ହେଉ ଓ ପରିବାର ୮/୧୦ ସଦସ୍ୟଙ୍କୁ ଏକାଠି ବାନ୍ଧି ରଖୁ ।

ଲୁହାର ବଳା :- କନ୍ୟାର ବାମ ହସ୍ତରେ ବର ଦ୍ୱାରା ଏକ ଲୁହାର ବଳା ପିନ୍ଧାଯାଏ । ଲୁହାର ବଳା ଥିବା ସ୍ତ୍ରୀ ବିବାହିତା ବୋଲି ଜଣାଯାଏ । ବୈଧବ୍ୟ, ବିବାହ ବିଚ୍ଛେଦ ଓ ମୃତ୍ୟୁ ବ୍ୟତୀତ ଆଉ କୌଣସି ପରିସ୍ଥିତିରେ ଲୁହାର ବଳା ଖୋଲାଯାଏନା । ଏ ବଳାଟି ତାଙ୍କ ସ୍ୱାମୀର ପ୍ରତିନିଧିତ୍ୱ କରେ , ସ୍ୱାମୀ ତାଙ୍କର ଲୁହାପରି ଅକ୍ଷୟ ରହୁ; ଏହାହିଁ ତାର ମାର୍ମିକ ଅର୍ଥ । ଏ ବଳାଟି ଦୈବାତ୍ କୌଣସି ସ୍ତ୍ରୀ ହାତରୁ ଖସିଗଲେ, ସେଦିନଟି ତାର ଖିଆପିଆ ବନ୍ଦ ହୋଇଯାଏ । ତାକୁ ଅଶୌଚ ଅପବିତ୍ର ମାନନ୍ତି ଓ ତା ହାତରୁ ପିତୃପୁରୁଷ ପରିବାରର କୌଣସି ସଦସ୍ୟ ପାଣି ମଧ ଗ୍ରହଣ କରନ୍ତି ନାହିଁ । ତାପରଦିନ ଭୋର ଅନ୍ଧାରରୁ କମାର ମୁହଁ ନଧୋଇ ଆଉ ଗୋଟିଏ ନୂଆ ଲୁହାରବଳା ତିଆରି କରିଦିଏ । ତା ସ୍ୱାମୀ ବା ପରିବାରର କୌଣସି ସଦସ୍ୟ ହାତରୁ ତାହା ଗ୍ରହଣ କରି ପିନ୍ଧେ ଓ ସ୍ନାନ କରେ । ତାପରେ ଯାଇ ତାର ସେ ଅପବିତ୍ର ଦୋଷ କଟେ ।ଏ ପ୍ରଥା ଗୁଡିକ ସାନ୍ତାଳ ଓରାମ ଇତ୍ୟାଦିଙ୍କ ଠାରେ ମଧ ଦେଖାଯାଏ । ବିବାହର ପ୍ରତ୍ୟେକ ସ୍ତରରେ ଲୋକଗୀତ ଭରପୁର, ଯାହାକି ଏବେ ବିଲୁପ୍ତ ହେଉଛି ।

ବିଧବା ବିବାହ:-

କୁଡୁମିଙ୍କ ସଂସ୍କୃତିରେ ବିଧବା ବିବାହଅଛି । ବିଧବା ବା ବିବାହବିଚ୍ଛେଦ ସ୍ତ୍ରୀଙ୍କ ଏ ବିବାହକୁ ସାଂଘାବେହା କୁହାଯାଏ । ବିଧବା ଭାଉଜ, ଅନାଥ ପୁତୁରା ଝିଆରିଙ୍କ ଦାୟିତ୍ୱ ନେଇ ଦେବର ମଧ ବିଧବା ଭାଉଜକୁ ସାଂଘା ହୁଏ । ଏଥିରେ ଅବିବାହିତ ଦେବର ପ୍ରଥମେ କଦଳୀ ଗଛକୁ ବାହା

ହୁଏ , ଏହାକୁ କନ୍ଦେଇର ବେହା କୁହାଯାଏ । ବିଧବାଙ୍କର ଆଉ କୌଣସି ଗଛକୁ ବାହା ହେବାକୁ ପଡେନା । ମାତ୍ର ବଡଭାଇର ସାନ ଭାଇର ବିଧବା ସହିତ ସାଂଘା ନିଷେଧ ଅଟେ । କିନ୍ତୁ ଆର୍ଯ୍ୟ ସଂସ୍କୃତିରେ ଦେଢଶୁର ସହିତ ନିୟୋଗ ମାଧମରେ ପୁତ୍ର ଉତ୍ପନ୍ନ କରାଯାଉଥିଲା । ମହା ଭାରତରେ ସତ୍ୟବତୀର ବଡପୁଅ ବ୍ୟାସଦେବଙ୍କ ସାନ ଭାଇଙ୍କ ବିଧବା ସ୍ତ୍ରୀ ଅମ୍ବିକା ଅମ୍ବାଲିକା ସହ ନିୟୋଗ ମାଧମରେ ଧୃତରାଷ୍ଟ୍ର ଓ ପାଣ୍ଡୁଙ୍କର ଜନ୍ମ ହୋଇଥିଲା । ବେଦରେ ଜଣେ ସ୍ତ୍ରୀ ୧୧ ଜଣ ଯାଏ ସ୍ୱାମୀ ଗ୍ରହଣ କରିବାର ନିର୍ଦ୍ଦେଶ ରହିଛି ।

ଦଶାସ୍ୟାଂ ପୁତ୍ରାନାଧେହି ପତିଂ ଏକାଦଶଂ କୃଧି । ରକ ୧୦/୮୫/୪୫

ପରାଶର ସ୍ମୃତି- ନଷ୍ଟ ମୃତେ ପବ୍ରଜିତେ କ୍ଲୀବେ ଚ ପତିତେ ପତୋଃ

ପଞ୍ଚ ସ୍ୱାପଦେସୁ ନାରୀନାମ୍ ପତିରନ୍ୟୋ ବିଧିୟତେଃ ।

ସ୍ୱାମୀର ଉନ୍ମାଦ, ମରଣ, ନିରୁଦ୍ଦିଷ୍ଟ ସନ୍ୟାସ , ନପୁଂସକ ନୈତିକ ପତନ (ଜାତିଚ୍ୟୁତ) ଏହି ପଞ୍ଚ ବିପଦରେ ସ୍ତ୍ରୀର ଅନ୍ୟ ସ୍ୱାମୀ ଗ୍ରହଣ ବିଧିଅଟେ । ବିଧବା ଅଗ୍ରେ ଗମିଷ୍ୟତି ଯାଗାରେ ଅଗ୍ନେ ଗମିଷ୍ୟତି କରି ସତୀଦାହ ପ୍ରଥା ଜନ୍ମ ନେଇଥିଲା । ବା ଆର୍ଯ୍ୟମାନେ ବିଧବାଙ୍କୁ ମଥୁରା କାଶୀ ବୃନ୍ଦାବନର ବିଧବା ଆଶ୍ରମରେ ରଖୁଛନ୍ତି , ଯେଉଁଥିରେ କି ସେମାନେ ବେଳେ ବେଳେ ଭଣ୍ଡ ବାବାଜୀଙ୍କର ଯୌନ ଶୋଷଣର ଶିକାର ହେଉଛନ୍ତି ।

ତେବେ ସଂସ୍କାରକ ଇଶ୍ୱର ଚନ୍ଦ୍ର ବିଦ୍ୟାସାଗର ୧୮୭୦ରେ ନିଜ ପୁଅର ଜଣେ ବିଧବା ବ୍ରାହ୍ମଣୀ ସହିତ ବିବାହର ପୌରହିତ୍ୟ ନିଜେ ଆରମ୍ଭ କରି ଆଲୋଡନ ସୃଷ୍ଟି କରିଥିଲେ । ମାତ୍ର କ୍ଷତ୍ରିୟ ଆନ୍ଦୋଳନ ବେଳେ ବିଧବା ବିବାହ ବନ୍ଦ କରି ବଡ ଜାତିର ଶ୍ରଦ୍ଧା ଭାଜନ ହେବାକୁ କୁଡୁମି ଗଙ୍ଗାକୁ ଓଲଟା ବୁହାଇବାକୁ ଚେଷ୍ଟା କରିଥିଲେ । ବିଧବା ବିବାହର ଲୋକ ଗୀତ -

ଆମଫର ଧମ୍ପା ଧମ୍ପା ତେନ୍ତର ଫର ବାଙ୍କାରେ
ପୂରବ ଦେଶେ ଯାୟେଁ ଦେଖ ରାଁଣିର ହାତେ ଶାଙ୍ଖାରେ ।
ଛଟେ ମଟେ ଛାଗର ଛଆ ବୁଚା ଚୁକାଇଁ ତେଲରେ
ଚୁପେ ଚୁପେ ଗୋପାଲ ସାଂଘା କରି ଗେଲରେ ।

(ଛୋଟ ଛେଳିଛୁଆଟେ ଓ ମଙ୍ଗ ନଥିବା ମାଟି ଚୁକାରେ ତେଲ ନେଇ ଗୋପାଳ ଚୁପଚାପ୍ ସାଂଘା ପାଇଁ ଗଲା)

ଏକାଧିକ ବିବାହ:- ପୁରୁଷ ଏକାଧିକ ପତ୍ନୀ ଗ୍ରହଣ କରୁଥିଲା ଏ କ୍ଷେତ୍ରରେ ପ୍ରଥମ ପତ୍ନୀର ପୁତ୍ର ଜଣେ ଥିଲେ ମଧ ପିତୃ ସମ୍ପତ୍ତିର ଦୁଇ ତୃତୀୟାଂଶ ପାଉଥିଲା , ଓ ଅବଶିଷ୍ଟ ପତ୍ନୀଙ୍କର ଏକାଧିକ ସନ୍ତାନ ଏକ ତୃତୀୟାଂଶ ଭୂ ସଂପତ୍ତି ଇତ୍ୟାଦିକୁ ସମାନ ଭାଗ କରୁଥିଲେ । ଏ କଠୋର ଉତ୍ତରାଧିକାର ନିୟମ ଏଭଳି ବିବାହକୁ ନିରୁତ୍ସାହିତ କରିବାକୁ ଉଦ୍ଦିଷ୍ଟ ଥିଲା, ଏ ନିୟମ କେତେକାଂଶରେ ଏବେବି ରହିଛି ।

ଅଜାତିରେ ବିବାହ :- ପ୍ରେମାଦି ଘଟଣାରୁ ଅଜାତି ବିବାହ ସବୁ ସମାଜରେ ଅଳ୍ପେ ବହୁତ

ଦେଖାଯାଏ । ଆର୍ଯ୍ୟ ସଂସ୍କୃତିରେ ଏଭଳି ବିବାହରୁ ଜନ୍ମିତ ସନ୍ତାନ ମାନଙ୍କୁ ବର୍ଣ୍ଣସଙ୍କର କହି ନୂଆ ଜାତିର ସୃଷ୍ଟି ହେଉଥିଲା, ପୂର୍ବରୁ ଆଲୋଚିତ । କୁଡୁମି ଆଦି ଆଦିମ ଗୋଷ୍ଠିଙ୍କ କ୍ଷେତ୍ରରେ ସେ ପ୍ରଥା ନାହିଁ । ଝିଅ ଯଦି ଅନ୍ୟ ଜାତିରେ ଗଲା ତାକୁ ମୃତ ବୋଲି ଘୋଷଣା କରି ଶୁଦ୍ଧି ହୋଇଯାଆନ୍ତି ଓ ତା ସହିତ କୌଣସି ସଂପର୍କ ରଖାଯାଏନା ।

ପୁଅ ଯଦି ଅନ୍ୟ ଜାତିର ବୋହୁ ଆଣେ, ତେବେ ତାକୁ ରକ୍ଷିତାର ମର୍ଯ୍ୟାଦା ଦିଆଯାଏ । ସେ କୁଳଦେବତା ବାନ୍ଦନା ପରବ ଆଦିର ପୂଜାପାଠରେ, ପିତୃ ପୁରୁଷଙ୍କୁ ପିଣ୍ଡ ଦେବାରେ ଅଂଶ ଗ୍ରହଣ କରିପାରନେ। , କି ଜାତିର ଭୋଜି ଭାତରେ ଏକ ପାନ୍ତାରେ ବସି ଖାଇ ପାରେନା । କିନ୍ତୁ ଆଉକେତେକ ଆଦିମ ଗୋଷ୍ଠି ଉଇ ହୁଙ୍କାକୁ କଣା କରି ସେ ବୋହୁକୁ ତା ମଧରେ ଗଳେଇ ଦେଇ ପୂଜା ପାଠ କରି ତାକୁ ସ୍ୱଜାତିରେ ଗ୍ରହଣ କରିନିଅନ୍ତି । ଉକ୍ତ କୁଡୁମି ଯୁବକ ଯଦି ସ୍ୱଜାତି ଝିଅ ବାହାହୁଏ ତାକୁ ପ୍ରଥମ ପତ୍ନୀର ଅଧିକାର ମିଳେ । ସ୍ୱଜାତିରେ ଅଜାତିର ବିବାହରୁ ଜାତ ସନ୍ତାନ ମାନଙ୍କୁ ଦେଶ ପ୍ରଧାନଙ୍କ ନିର୍ଦ୍ଦିଷ୍ଟ ନିୟମ ଅନୁସାରେ ଶୁଦ୍ଧି କରାଇ ସ୍ୱଜାତିରେ ମିଶାଇ ନିଆଯାଏ । ଏମାନଙ୍କର ବିଶ୍ୱାସ ଆମ୍ବ ଗଛର ଟାକୁଆ ଯେଉଁ ମାଟିରେ ପଡ଼ିଲେ ମଧ ଆମ୍ବ ଗଛହିଁ ହେବ । କୁଡୁମି ଝିଅ ଯଦି ସାନ୍ତାଳ ଘରକୁ ଯାଏ ତେବେ, ତା ପାଇଁ ସେଠାରେ କୌଣସି ବାରଣ ନାହିଁ, ବରଂ ତାଙ୍କର ବିଶ୍ୱାସ ଯେ ଏହା ଦ୍ୱାରା ତାଙ୍କର ବୋଙ୍ଗା (ଦେବତା)ମାନେ ଖୁସିରେ ନୃତ୍ୟ କରନ୍ତି । ସାନ୍ତାଳ ସ୍ତ୍ରୀମାନେ କୁଡୁମିଙ୍କ ଘର ବ୍ୟତୀତ ଆଉ କାହା ଘରୁ ପାକ ଖାଦ୍ୟ ଗ୍ରହଣ କରନ୍ତି ନାହିଁ । ତେବେ ଯାହା ହେଉ ଏ ପ୍ରଥା ଦ୍ୱାରା ଆର୍ଯ୍ୟ ସଂସ୍କୃତି ପରି ଆଦିମ ଗୋଷ୍ଠିରେ ବର୍ଣ୍ଣସଙ୍କର ଜାତିର ସୃଷ୍ଟି ହୋଇନି ।

ଉତ୍ତରାଧିକାର ନିୟମ: ଓ କୁଡୁମିର ଆଦିବାସୀ ପ୍ରମାଣ ପତ୍ର :-

କୁଡୁମିଙ୍କ ଉତ୍ତରାଧିକାର ନିୟମ ହିନ୍ଦୁଙ୍କଠାରୁ ପୃଥକ ଅଟେ । ରିଜ୍‌ଲି ତାଙ୍କର ପୁସ୍ତକ Tribes and Castes of Bengal 1891 VolI page 533ରେ ଏହା ଉଲ୍ଲେଖ କରିଛନ୍ତି । ବଡପୁଅ ଅନ୍ୟ ଭାଇମାନଙ୍କଠାରୁ ଦୁଇଗୁଣ ଜମି ପାଉଥିଲା । ଯଦି ଜଣଙ୍କର ୩ ଖରୀ ଜମି ଥାଏ ଓ ୩ ପୁଅ ଥାଆନ୍ତି, ତେବେ ବଡ ପୁଅ ଦେଢଖରୀ ଓ ଅନ୍ୟ ୨ ପୁଅ ଅବଶିଷ୍ଟ ଦେଢଖରୀକୁ ସମାନ ଦୁଇଭାଗ କରି ବାଣ୍ଟିନେବେ । ଯଦି ସେ ଲୋକର ୨ଟି ପୁଅ ଗୋଟିଏ ବେହାଲୀ ସ୍ତ୍ରୀର ପୁଅ ଓ ଅନ୍ୟଟି ଦ୍ୱିତୀୟ ପତ୍ନୀ ସାଂଘାଲୀ ସ୍ତ୍ରୀର ପୁଅ ଥାଆନ୍ତି ତେବେ ସେମାନେ ଯଥାକ୍ରମେ ୨ ଖରୀ ଓ ୧ ଖରୀ ଜମି ପାଇବେ । ବର୍ତ୍ତମାନ ମଧ ବଡପୁଅକୁ ଅଧିକ ଜମି ବଡଭାଗ ରୂପେ ଦିଆଯାଉଛି । ଏଥିପାଇଁ ଇଂରେଜ ସରକାର ଏ ଜାତିକୁ ଭାରତ ସରକାରଙ୍କ ଉତ୍ତରାଧିକାର ନିୟମ ୧୮୬୫ର କେତେକ ଧାରାରୁ ଅନ୍ୟ ଆଦିବାସୀଙ୍କ ସହିତ ମୁକ୍ତ ରଖିଥିଲେ । ଏ ଘୋଷଣା ଗେଟିଫିକେସନ ନଂ ୫୫୦ ତା ୨/୫/୧୯୧୩, ଭାରତ ସରକାରଙ୍କ ଗୃହବିଭାଗ ଗେଜେଟ ନଂ- ୧୮ ତା ୩।୫।୧୯୧୩ରେ ପ୍ରକାଶିତ ହୋଇଥିଲା । ଏହା ହେଉଛି ଆଦିମ ଅଧିବାସୀଙ୍କ ମୂଳ ପ୍ରମାଣ ପତ୍ର । ଓଡିଶା ଓ ବିହାର ୧୯୧୨ରେ ବେଙ୍ଗଲରୁ ଅଲଗା ହୋଇ ଏକ ସ୍ୱତନ୍ତ୍ର ପ୍ରଦେଶ

ହୋଇଥିଲା ଓ ୧୯୩୬ରେ ଓଡିଶା ପୁଣି ଅଲଗା ହେଲା । ବିହାର ଓଡିଶା ମିଳିତ ସରକାରଙ୍କ ଆଇନ୍ ବିଭାଗ ତାଙ୍କର ନୋଟିଫିକେସନ୍ ନଂ ୩୫୬୩ J ତା୮।୧୨।୧୯୩୧ , ଗେଜେଟ ନଂ- ୪୯ ତା ୧୬ । ୧୨ । ୧୯୩୧ ରେ ପୁଣି ଏ ଜାତିକୁ ଆଦିବାସୀର ମାନ୍ୟତା ଦେଇଥିଲା ଯାହାକି ବର୍ତ୍ତମାନଯାଏ ବଳବତ୍ତର ରହିଛି ।

କୁଡୁମି ସମେତ ଆଦିବାସୀଙ୍କ ଜମିକୁ ସୁରକ୍ଷା ଦେବାକୁ ଛୋଟନାଗପୁର ଟେନାସୀ ଆକ୍ଟ ୧୯୦୮ରେ ଜାରି କରାଯାଇଥିଲା । ମହାତ୍ମାଗାନ୍ଧୀଙ୍କ ହସ୍ତକ୍ଷେପରେ ୧୯୩୮ରେ ଆଦିବାସୀଙ୍କ ସହିତ ହରିଜନଙ୍କ ଜମିକୁ ଉକ୍ତ ଆଇନ୍ ପରିସରଭୂକ୍ତ କରି ସୁରକ୍ଷା ଦିଆଗଲା ।

ଦେଶ ସ୍ୱାଧୀନ ହେବା ପରେ ପୂର୍ବୋକ୍ତ ଦଲିଲ୍ ର ଆଧାରରେ ଆଦିବାସୀ ହରିଜନଙ୍କୁ ତଫସିଲଭୁକ୍ତ ଉପଜାତି ଓ ତଫସିଲଭୁକ୍ତ ଜାତି ଭାବରେ ଜମି ଇତ୍ୟାଦିର ସଂରକ୍ଷଣ ଦିଆଗଲା, ଦୁଃଖର ବିଷୟ ସେଥିରେ କୁଡୁମି ଜାତିକୁ ବାଦ ଦିଆଗଲା । ଓଡିଶାରେ ଏ ଜାତିର ପିଲାମାନେ ୧୯୫୬ ଆମେଣ୍ଡମେଣ୍ଟ ଯାଏ ଆଦିବାସୀ ଷ୍ଟାଇପେଣ୍ଡ ଟଙ୍କା ପାଉଥିଲେ । କେଉଁ ଯୁକ୍ତିବଳରେ ୧୯୫୬ ଆମେଣ୍ଡମେଣ୍ଟରେ ଏମାନଙ୍କୁ ଆଦିବାସୀରୁ ଉଚ୍ଛେଦ କରାଗଲା ତାହା ରହସ୍ୟାବୃତ୍ତ । ତେବେ ୧୯୬୧ରେ ପଶ୍ଚିମବଙ୍ଗ ସରକାର ଛୋଟନାଗପୁର ଟେନାସୀ ଆକ୍ଟରେ ସଂଶୋଧନ କରି ଆଦିବାସୀ ଓ ହରିଜନଙ୍କ ସହିତ କୁଡୁମି ଙ୍କୁ କୁର୍ମି ମାହତୋ ନାମରେ ତାଙ୍କର ଜମି ଗୁଡିକୁ ସୁରକ୍ଷା ଦେଲେ ।

ଉକ୍ତ ପ୍ରମାଣ ପତ୍ର ଗୁଡିକ ଅବିକଳ ନକଲ ପରପୃଷ୍ଠାରେ ଇଂରାଜୀରେ ଦିଆଗଲା ।

The Gazette of India

PUBLISHED BY AUTHORITY

No. 18. Simla, Saturday May 3, 1913.

Separate paging is given to this part in order that it may be filed as a separate compilation.

HOME DEPARTMENT

NOTIFICATIONS.

The 2nd May, 1913

No. 550- Whereas the tribes known as the Mundas, Oraons, Santals, Hos, Bhumij, Kharias, Ghasis, Gonds, Kandhs, Korwas, Kurmis, Male Saurias and Pans, dwelling in the Province of Bihar and Orissa have customary rules of succession and inheritance incompatible with the provisions of the Indian Succession Act, 1865 (X of 1865), and it is inexpedient to apply the provisions of that Act to the members of those tribes.

In exercise of the powers conferred by section 332 of the India Succession Act, 1865 (X of 1865), the Governor General in Council is pleased to exempt all Mundas, Oraons, Santals, Hos, Bhumij, Kharias, Ghasis, Gonds, Kandhs, Korwas, Kurmis, Male Saurias and Pans, dwelling in the Province of Bihar and Orissa from the operation of the provisions of the Act. retrospectively from the passing of the Act.

Provided that this notification shall not be held to affect any person in regard to whose rights a decision contrary to its effect has already been given by a competent Civil Court.

W.S. MARRIS,

Offg. Secretary to the Government of India.

Note :- The 'r' in spelling of Kurmi is hard 'r' and in reality it should be spelt as KUDMI as the Kurmis of Chhotanagpur and Orissa are of Dravidian stock and to be distinguished from the Kurmis of North Bihar who spell their name with soft 'r'.

W.S. MARRIS,

The Bihar & Orissa Gazette

Published by Authority

No.49. Patna, Wednesday, December 16, 1931.

Separate paging is given to this part in order that it may be filed as a separate compilation.

Part II.

Regulations, Orders, Notifications, Rules, etc, issued by the Governor of Bihar and Orissa and by Heads of Departments

Judicial Department

Notification

The 8th December, 1931.

No. 3563-J.- Whereas the tribes known as the Mundas, Oraons, Santals, Hos, Bhumij, Kharias, Ghasis, Gonds, Kandhs, Korwas, Kurmis, Male (Saurias) and Pans, dwelling in the Province of Bihar and Orissa have customary rules of succession and inheritance incompatible with the provisions of the Indian Succession Act, 1925 (XXXIX of 1925), and it is inexpedient to apply certain of the provisions of the said Act to the members of those tribes.

In exercise of the powers conferred by section 3 of the Indian Succession Act, 1925 (XXXIX of 1925), and in supersassion of notification no. 550, dated 2nd May 1913, of the Government of India in the Home Department, The Government of Bihar and Orissa are pleased to exempt all Mundas, Oraons, Santals, Hos, Bhumij, Kharias, Ghasis, Gonds, Kandhs, Korwas, Kurmis, Male (Saurias) and Pans, dwelling in the Province of Bihar and Orissa from the operation of the following provisions of the said Act_ namely, sections 5 to 49, 58 to 191, 212, 213 & 215 to 369 retrospectively from the sixteenth day of March 1865.

Provided that this notification shall not be held to affect any person in regard to whose rights a decision contrary to its effect has already been given by a competent Civil Court.

By order of the Governor in Central

J.A. Sveeney

Secretary to the Government.

THE CHOTANAGPUR TENACY (West Bengal Amendment) ACT - 1961

The following Act of the West Bengal Legislature having been assented to by the Governor, was published in the Calcutta Gazette, Extraordinary
dated October 27, 1961.
West Bengal Act XXI of 1961
[passed by the West Bengal Legislative]

46 A. Restriction on Alienation of land by the Kurmi (Mahato) community, scheduled tribes and scheduled castes. (1) Except in the following cases transfer of his holding by a raiyat belonging to the Kurmi (Mahato) community, a scheduled tribe or a schedule caste shall be void.

ଏହାଦ୍ୱାରା ପଶ୍ଚିମବଙ୍ଗ ସରକାର ସେଠାରେ କୁଡୁମି (କୁର୍ମି ମାହତୋ)ଙ୍କ ଜମିକୁ ଆଦିବାସୀ ହରିଜନଙ୍କ ଜମି ସହିତ ଏକା ସୁରକ୍ଷା ଦେଲେ । କୁଡୁମିମାନେ ସିନ୍ଧୁ ଘାଟିରୁ ଗାଙ୍ଗେୟ ସମତଳ ଭୂମିରୁ ସରଗୁଜା ଆଦିରୁ ଜମି ତିଆରି ତିଆରି ଜମିରୁ ଉଚ୍ଛେଦ ହୋଇ ଓଡିଶାରେ ପତିତ ଜମିକୁ ଚାଷ ଉପଯୋଗୀ କଲେ । ରାଜାମାନେ ପଟା ଦେବାପୂର୍ବରୁ ଦେଶ ସ୍ୱାଧୀନ ହେଲା । ଏମାନେ ଆଦିବାସୀରୁ ଉଚ୍ଛେଦ ହେଲେ । ଏମାନେ ଆଦିବାସୀ ଅଧ୍ୟୁସିତ ଜିଲ୍ଲାରେ ହିଁ ରହନ୍ତି, ତାଙ୍କ ସହ ଜମି କିଣାବିକା କରିଥାନ୍ତି । ମାତ୍ର ସରକାରଙ୍କ ବିଭିନ୍ନ ଭୂସଂସ୍କାର ଆଇନ୍ ଏମାନଙ୍କ ବିରୁଦ୍ଧରେ ଯାଏ । କୋର୍ଟ କଚେରୀ ଦୌଡି ଦୌଡି ଏମାନେ ନୟାନ୍ତ । ଏ ଅଞ୍ଚଳର ପ୍ରାୟ ଅର୍ଦ୍ଧାଧିକ ଦେୱାନୀ କେଶରେ ଏମାନେ ଜଡିତ । ଉଦ୍ଧାର କରିଥିବା ପତିତ ଜମିର ପଟା ବି ପାଆନ୍ତି ନାହିଁ । ଏମାନଙ୍କ ଜମି ଅସୁରକ୍ଷିତ ଥିବାରୁ ପୁଞ୍ଜିପତିମାନେ ଚାକିରୀ ଦେବା ଲୋଭରେ ୨୦୦ଟଙ୍କା ଦେଇ ୨୦୦୦ ଟଙ୍କାର କବଲା କରି ଶାଗମାଛ ଦରରେ ଯାଙ୍କ ଜମି ନେଇ କୁକୁଡା ଫାର୍ମ, ଶିଳ୍ପ କରୁଛନ୍ତି । ଏମାନେ ଆଦିବାସୀରୁ ଉଚ୍ଛେଦ ହୋଇ ତିନି ପାଞ୍ଚିରୁ ଗଲେଣି । ଚାକିରୀ କଥା ନିଆରା । ଆଇ.ଏସ୍. ଭଳି ପଦ ତାଙ୍କ ପାଇଁ ଆକାଶ କୁସୁମ । ଓଡିଶାରେ ଏମାନେ ଶତକଡା ୫ଭାଗ, ଯାଙ୍କ ଭାଗରେ ୭/୮ ଜଣ ଏମ.ଏଲ.ଏ. ପଡିବା ଜାଗାରେ କେତେବର୍ଷ ପରେ ବଇନି ହେବ, କେହି କହି ପାରିବେନି । ଏମାନଙ୍କର ଭାଷା ସଂସ୍କୃତି ଝୁମର ଲୋକଗୀତ ନୃତ୍ୟ ଆଜି ବିଲୁପ୍ତ ହେବାକୁ ବସିଲାଣି । ଉଚ୍ଚବର୍ଣ୍ଣଙ୍କ ଆଖିରେ ବର୍ତ୍ତମାନ ଯାଏ ଅଚଳ ସ୍ତରକୁ ବି ଉଠି ନାହାନ୍ତି, ଅନ୍ତଜ୍ୟ ଶୁଦ୍ର ଭାବରେ ରହିଛନ୍ତି , ଏପରିକି ଅଚଳ ଆଦିବାସୀ ଗଣ୍ଡ, ସଚଳ ଆଦିବାସୀ ଭୂୟାଁ, ସାଉଁତି, ବାଥୁଡି, ଏମାନଙ୍କ ହାତରୁ ଖାଆନ୍ତି ନାହିଁ । ଏସବୁର ଏକମାତ୍ର ସମାଧାନ ହେଲା ପୁଣିଥରେ ଏମାନଙ୍କୁ ଆଦିବାସୀ ଭାବରେ ତଫସିଲ୍‌ଭୁକ୍ତ କରିନେବା । ତଫସିଲ୍‌ଭୁକ୍ତ ଆଦିବାସୀଙ୍କ ସଂଖ୍ୟା ଓଡିଶାରେ ୧୩ ରୁ ୧୭୬ ହେଲାଣି, ଫଳରେ ଆଉ ଗୋଟିଏ ଜାତି ବଢିବ ।

ନିରଞ୍ଜନ ମହାରାଜାଙ୍କ ଜଳଚଳ ଆନ୍ଦୋଳନ

ଅସ୍ପୃଶ୍ୟତାର ଶିକାର :-

କୁଡୁମିମାନେ ଗଣ୍ଡମାନଙ୍କ ପରେ ପରେ ଅଷ୍ଟାଦଶ ଶତାବ୍ଦିର ଶେଷ ଆଡକୁ ଛୋଟନାଗପୁର ମାଲଭୂମିରୁ ଆସି ଉତ୍ତର ଓଡିଶାରେ ପ୍ରଥମେ ବସବାସ କଲେ । ଏମାନଙ୍କ ମାତୃଭାଷା କୁଲ୍‌ମାଲୀ ଅର୍ଦ୍ଧମାଗଧି ପ୍ରାକୃତ ଓ ବଙ୍ଗଳା ପ୍ରଭାବିତ ଓଡିଆଙ୍କୁ ଅବୋଧ ହେଲା । ସବର୍ଣ୍ଣ ସହ ଓଡିଆ ଆଦିବାସୀମାନେ ମଧ୍ୟ ଅସ୍ପୃଶ୍ୟ ଭାବରେ ଏମାନଙ୍କୁ ଦେଖିଲେ । ଓଡିଆ ଧୋବା ବାରିକ ଏମାନଙ୍କ ଶୌଚ ବନ୍ଦ କରିବାରୁ ବାଧ୍ୟ ହୋଇ ନିଜର ମୂଳପୀଠରୁ ଧୋବା, ବାରିକ, ବଙ୍ଗାଳୀ ବ୍ରାହ୍ମଣ ଆଣି ନିଜର କର୍ମକାଣ୍ଡ କଲେ । ଖିଚିଂ ମନ୍ଦିରର ଭୂୟାଁ ଦେହୁରୀ ଯାଙ୍କ ତରଫରୁ କୁକୁଡା ବଳୀ ମଧ୍ୟ ଦେଉଥିଲେ । କିନ୍ତୁ ତାଙ୍କୁ ହଟାଇ ବ୍ରାହ୍ମଣ ପୂଜକ ଆସିଲେ, ଓ ୧୯୦୬ରେ ଭଞ୍ଜକିଆ ଗ୍ରାମ ନିବାସୀ ନିରଞ୍ଜନ ମହାନ୍ତଙ୍କ ଭୋଗଡାଲା ବ୍ରାହ୍ମଣ ପୂଜାନକରି ଫେରାଇ ଦେଲେ ।

କେନ୍ଦୁଝର ରାଜାଙ୍କ ତା ୮।୦୨।୧୯୩୭ର ଆଜ୍ଞାପତ୍ର ମଧ୍ୟ କୁଡୁମିଙ୍କୁ ଅସ୍ପୃଶ୍ୟ ଘୋଷଣା କରିଥିଲେ ।(Sanskritization Vs Nirbakization P 169, ଟୀକା-କୁର୍ମି କ୍ଷତ୍ରିୟ ଦିବାକର,ମେ ଜୁନ୍ ଜୁଲାଇ ୧୯୩୯)

ଜଳଚଳ ଆନ୍ଦୋଳନ : - ନିରଞ୍ଜନ ମହାରାଜ (ତାଙ୍କ ତ୍ୟାଗପାଇଁ ଏ ମହାରାଜ ଉପାଧି ପରେ ଦିଆଯାଇଥିଲା), ଦୀର୍ଘ ୬ବର୍ଷ କାଳ ମୟୁରଭଞ୍ଜ ରାଜା, ତାଙ୍କ ଧର୍ମସଭା, ରରୁଁଆ, କରଞ୍ଜିଆ ଓ ବିଭିନ୍ନ କୁଡୁମି ଗ୍ରାମକୁ ଜନସଚେତନତା ପାଇଁ ଗସ୍ତ, ସଭାସମିତି କଲେ । ୧୯୦୯ରେ ଛତିଶ୍ ପାଟକ ପ୍ରଜାଙ୍କ ସଭା ଆୟୋଜିତ ରରୁଁଆରେ କଲେ । ବ୍ରାହ୍ମଣ ପଣ୍ଡିତଙ୍କ ପାଲିଙ୍କି, ଭୋଜୀର ବନ୍ଦୋବସ୍ତ କଲେ । ଏମାନଙ୍କ ଜଳଚଳ ଆନ୍ଦୋଳନ ଦେଖି ତେଲି, ତନ୍ତି, ରାଢୀ, କୁରୁଙ୍ଗା ଅଚଳ ଥିବା ଜାତି ଧର୍ମସଭାକୁ ସଭାମାନ୍ୟ ସଲାମୀ ଦେଇ ଜଳଚଳ ହୋଇଗଲେ । ଧର୍ମସଭା କୁଡୁମିଙ୍କୁ ୫୦୦୦ଟଙ୍କା ସଭାମାନ୍ୟ ଦେବାକୁ କହିଲେ । ସ୍ୱାଭିମାନୀ କୁଡୁମି କହିଲେ "ଆମରା ଟାକା ଦିଏଁ ଜାତ କିନତେ ଆସିନାଇଁ" । ଯଦିଓ ଏ ୬ ବର୍ଷ ଭିତରେ ପ୍ରାୟ ୧୫୦୦୦ଟଙ୍କା ଗରିବ କୁଡୁମି ଚାନ୍ଦାକରି ବ୍ୟୟ କରିଥିଲେ । ଧର୍ମସଭା ଏ ଜାତିକୁ ପତିତ ବ୍ରାହ୍ମଣଙ୍କ ଦ୍ୱାରା ଅଚଳ ଶୂଦ୍ର ରୂପେ ପୌରହିତ୍ୟର ଅନୁମତି ଦେଲେ । ଏଥିରେ ନିରଞ୍ଜନ ମହାରାଜ ଧର୍ମସଭାକୁ ଏକ ପ୍ରତିବାଦ ପତ୍ରରେ

ବ୍ରହ୍ମତତ୍ତ୍ୱ ନଜାନତି ବ୍ରହ୍ମସୂତ୍ରେଣ ଗର୍ବିତା
ତେନୈବଚ ପାପେଣ ବିପ୍ର ପଶୁରୁଦା ହୃତା । ଲେଖି ପଠାଇଥିଲେ ।

ଧର୍ମ ସଭାର ଅନ୍ୟାୟ : - ଧର୍ମସଭା କ୍ରୋଧରେ ଉତ୍‌କ୍ଷିପ୍ତ ହୋଇ, ସଭାର ଜଣେ ସଦସ୍ୟ ଶ୍ରୀନାଥ ମିଶ୍ର କାବ୍ୟ ତୀର୍ଥ "ବିରାଟ ବଂଶ" ନାମକ ଏକ ପାଠ୍ୟପୁସ୍ତକ ରଚନା କରି ବିଦ୍ୟାଳୟରେ

ଚଳାଇଲେ । ସେଥିରେ କୁଡୁମି ମାନଙ୍କୁ ପେଚକ, ରକ୍ଷାସ, ଅସୁର ବଂଶଧର, ଅନାର୍ଯ୍ୟ, କୃମି କୀଟ ବୋଲି ଅଭିହିତ କଲେ । ଫଳରେ ସମାଜରେ ଯାଙ୍କ ପ୍ରତି ଅସ୍ପୃଶ୍ୟତା ଦ୍ୱିଗୁଣିତ ହେଲା । ଖ୍ରୀଷ୍ଟିୟାନ୍ ପାଦ୍ରୀ ଓ ମୌଲବିମାନେ ଏମାନଙ୍କୁ ଧର୍ମାନ୍ତର କରିବାକୁ ତତ୍ପର ହୋଇ ଉଠିଲେ । ଯଦିଓ ଏ ଜାତି ଆର୍ଯ୍ୟଙ୍କ ଦ୍ୱାରା ଗଙ୍ଗା ଯମୁନା ଅବବାହିକାରୁ ବିତାଡିତ ହେବା (ପ୍ରାୟ ଖ୍ରୀ.ପୂ. ୧୦୦୦) ଆଗରୁ ବାନ୍ଦନା ପରବ ଗୋ ପୂଜା କରିଆସୁଛନ୍ତି, ଯେତେବେଳେ କି ଆର୍ଯ୍ୟଙ୍କର ଗୋମେଧ ଯଜ୍ଞ ଓ ଗୋମାଂସ ଭକ୍ଷଣ ଜୋରସୋରରେ ଚାଲୁଥିଲା, ଏଣୁ ଆଦିମ ଅଧିବାସୀମାନଙ୍କ ମଧ୍ୟରୁ ଯଦି କେହି ଜଳଚଳ ମାନ୍ୟତା ପାଇବାର କଥା, ଏମାନେ ପ୍ରଥମେ ପାଇବା ଉଚିତ୍ ଥିଲା । ମାତ୍ର ବିଧିର ବିଡମ୍ବନା, ଧର୍ମସଭାର ଅନ୍ୟାୟ ପ୍ରଭାବରେ ଅନେକ କୁଡୁମି ରାଇରଙ୍ଗପୁର ବାମନଘାଟି ଅଞ୍ଚଳରେ ମୁସଲମାନ୍ ହୋଇଗଲେ । ଅନେକ ଦିନଧରି ଧର୍ମାନ୍ତରିତ ହୋଇ ମଧ୍ୟ ବାନ୍ଦନାପରବ, ଟୁସୁ କରମା ଆଦି କରୁଥିଲେ, ତାଙ୍କୁ ବର୍ତ୍ତମାନ ମହାନ୍ତ ପଠାଣ ବା ଜଲ୍ଲା ପଠାଣ କୁହାଯାଉଛି ।

ଆଜି ମଧ୍ୟ ଅସ୍ପୃଶ୍ୟତାର ସେ ପ୍ରଭାବ ଯାଇନି, କରଞ୍ଜିଆ ଦୋଳ ଯାତ୍ରାରେ କୁଡୁମି ମହାନ୍ତଙ୍କ ଦରୀ ଗ୍ରାମରୁ ଆସୁଥିବା ରାଧାକୃଷ୍ଣ ଠାକୁରଙ୍କୁ ଦୂରରେ ସ୍ଥାନ ଦିଆଯାଏ । ଯଶୀପୁରରେ ଏମାନଙ୍କ ଦୋକାନ ଆଗରେ ଠାକୁର ଛିଡାହୁଅନ୍ତି ନାହିଁ । ଏମାନେ ଆର୍ଯ୍ୟ ସଂସ୍କୃତିର ଦାସତ୍ୱ ବରଣ କରିବାକୁ ଆପ୍ରାଣ ଉଦ୍ୟମ କଲେ ମଧ୍ୟ ସେ ସୁଯୋଗ ଦିଆଯାଏନା ।

ଶାସନୀ ବ୍ରାହ୍ମଣ ଯାଙ୍କର ଦୁଆର ମାଡନ୍ତିନାହିଁ । ମାଛଗଡ ଜି.କେନ୍ଦୁଝରରେ ଏମାନଙ୍କ ଦ୍ୱାରା ଏକ ଲକ୍ଷ୍ମୀପୂଜା ଆୟୋଜିତ ହେଲା । ଯେହେତୁ ଏମାନେ ଅନାର୍ଯ୍ୟ, ଶାସନୀ ବ୍ରାହ୍ମଣ ପୌରହିତ୍ୟ ପ୍ରତ୍ୟାଖ୍ୟାନ କଲେ । ଏହା ୧୯୮୫ ମସିହାର କଥା । ଯଦିଓ ଏମାନେ ୧୯୧୮ ଆଡୁ ଅସ୍ପୃଶ୍ୟତାରୁ ବଞ୍ଚିବାପାଇଁ ନିଜକୁ କୁର୍ମିକ୍ଷତ୍ରିୟ ବୋଲି ଘୋଷିହୋଇ ଆସୁଛନ୍ତି । ସେ ଲକ୍ଷ୍ମୀପୂଜା ବର୍ତ୍ତମାନ ବନ୍ଦ ହୋଇଗଲାଣି । ଆଉ ଏମାନଙ୍କର ଆଦିବାସୀ ହେବାକଥା ଶୁଣି, ସେମାନେ ଏମାନଙ୍କୁ କହନ୍ତି ତୁମେ ପରା କ୍ଷତ୍ରିୟ ବଡଜାତି, ଆଦିବାସୀ ହୋଇ ପୁଣି ଛୋଟ କାହିଁକି ହେବ ? ଅଥଚ ଏହି ବାରିପଦିଆ ବ୍ରାହ୍ମଣଙ୍କୁ ଗଡଜାତିଆ ବ୍ରାହ୍ମଣ ବୋଲି ଯାଜପୁର ଓ ପୁରୀ ବ୍ରାହ୍ମଣମାନେ ଛୋଟ ମଣୁଥିଲେ । ତାଙ୍କ ରୋଷେଇ, ରାଜାଙ୍କ ଶୁଦ୍ଧିରେ ସେମାନେ ଖାଇନଥିଲେ । ମାତ୍ର କଲିକତାରୁ ରେଳଯୋଗେ କେତେ ଶୁଦ୍ରସ୍ପର୍ଶ ହୋଇ ଆସିଥିବା ମିଷ୍ଟାନ୍ନ ସେ ବଡ ବ୍ରାହ୍ମଣମାନେ ଖାଇଥିଲେ, ଏହାକୁ ଗୋପବନ୍ଧୁ ଦାସ ତାଙ୍କ ଆତ୍ମଜୀବନୀରେ ବର୍ଣ୍ଣନା କରିଛନ୍ତି ।

ଜାହିରାପନ୍ଥିଙ୍କ ବିଭାଗ :- ଜାହିରାପୂଜା କରୁଥିବା ଭୂୟାଁ, ସାଉଁତି, ବାଥୁଡି, କନ୍ଧ, ଶବରଙ୍କୁ ଜଳଚଳ ଶୂଦ୍ର, ଗଣ୍ଡଙ୍କୁ ଅଚଳ ଓ କୁଡୁମିଙ୍କୁ ଅନ୍ତଜ୍ୟ ଶୂଦ୍ରରେ ରଖାଗଲା । ପ୍ରାୟ ସମସ୍ତଙ୍କର ଖାଦ୍ୟପେୟ ସମାନ । ସମସ୍ତେ ଘୁଷୁରୀ ଆଦିବି ବଳୀ ଦେଇ ମାଂସ ଖାଉଥିଲେ । କୁଡୁମି ସମେତ ଭୂୟାଁ , ଗଣ୍ଡଙ୍କର ମଧ୍ୟ କରମ ଉତ୍ସବ କରନ୍ତି । ସାଉଁତି ,ବାଥୁଡିଙ୍କ ଚାଙ୍ଗୁନୃତ୍ୟ ରହିଛି । ଏ ଗୁଡିକରେ ସ୍ତ୍ରୀଲୋକ ମଧ୍ୟ ଭାଗ ନେଉଥିଲେ । ଲୋକଗୀତ ଓ ନୃତ୍ୟ-ସମ୍ବଲପୁରର ସମ୍ବଲପୁରୀ, ବଙ୍ଗଳାର

ଭାଟିୟାଲୀ, ରାଜସ୍ଥାନର ମାଣ୍ଡ, ମହାରାଷ୍ଟ୍ରର ଲାବଣୀ, ଆସାମର ବିହୁ,କାଶ୍ମିରର ଡୋଗ୍ରୀ, ଉତ୍ତରପ୍ରଦେଶର କଜରୀ, ପଞ୍ଜାବର ଭାଙ୍ଗ୍ରା, ହରିୟାନାର ରାଗିଣୀ, ଗୁଜୁରାଟର ଗଡ଼ୱା ଓ ଦାଣ୍ଡିଆ,ପୁରୁଷସ୍ତ୍ରୀଙ୍କର ମିଳିତ ଲୋକନୃତ୍ୟ ତ ବଞ୍ଚିଛି । ଗୁଜୁରାଟର ୧୫୦୦ କି.ମି. ଦୂର ଗୋଆର ଭାସ୍କୋ ସହରରେ ଗଡ଼ୱା ଲୋକନୃତ୍ୟ ଦଶହରାରେ ଦେଖିବାକୁ ମିଳିଲା । ୧ମ ରୁ ନବମୀ ୯ ଦିନ ଯାଏ ଅମ୍ବାଦେବୀଙ୍କ ଚତୁଃପାର୍ଶ୍ୱରେ ଅବାଳ ବୃଦ୍ଧ ବନିତା, ନିଜର ଲୋକନୃତ୍ୟରେ ଯୋଗଦେଇ ଗର୍ବ ଅନୁଭବ କରୁଥିଲେ । ପୁରୁଷ,ସ୍ତ୍ରୀ ସମସ୍ତେ ଦାମୀ କାରରୁ ଓହ୍ଲାଇ ଶହ ଶହ ଲୋକଙ୍କ ସମ୍ମୁଖରେ ନୃତ୍ୟ କରୁଥିଲେ । କିନ୍ତୁ ଏଠାରେ ଅସ୍ତ୍ରବିଦ୍ୟା ଭୟଙ୍କର, ହୋଇ ସବୁ ଲୋକକଳା ଧ୍ୱଂସମୁଖୀ । କୁଡୁମିଙ୍କ ଝୁମର ଲୋକନୃତ୍ୟ ଏହାର ଶିକାର ହୋଇଯାଇଛି ।

ଭୂୟାଁଙ୍କର ମଧ୍ୟ ଅସୁର ଟୋଟେମ ରହିଛି । ଏମାନେ ସମସ୍ତେ ଜାହିରା ମତରେ, ଖେତ୍ରୁଳି, ବାଉତି, ବେତାଳ, ସାତ ଭଉଣୀ, ମହିଷାସୁର ଆଦିଙ୍କୁ ଶ୍ରଦ୍ଧାରେ ପୂଜା କରନ୍ତି । ମହିଷାସୁର ବୋଧହୁଏ ଦିନେ ଏମାନଙ୍କର ତ୍ରାଣକର୍ତ୍ତା, ଦଳପତି ଥିଲା । ଶିବ, ଗଣେଷ, କାର୍ତ୍ତିକେୟ, ଦୁର୍ଗା, କାଳୀ, ଜଗନ୍ନାଥ ତ ଅନାର୍ଯ୍ୟଙ୍କ ଦେବତା । ବୈଦିକ ରୁଦ୍ର, ଗଣପତି, ପୌରାଣିକ ଶିବ ବା ଗଣେଷ ନୁହଁନ୍ତି । ଯଜ୍ଞରେ ରୁଦ୍ରଙ୍କୁ ଲାଲଗାଈ ବଳୀ ଦିଆଯାଉଥିଲା । ବେଦରେ ବୃହସ୍ପତିଙ୍କୁ ଗଣପତି କୁହାଯାଏ । ବେଦରେ ଶିବପାର୍ବତୀ ଉପାଖ୍ୟାନ କି କୈଳାସକନ୍ଦର ନାହିଁ । ଏଣୁ ଆଦିବାସୀମାନେ ଶିବପାର୍ବତୀଙ୍କର କୋଟି କୋଟି ଜୟ କହି ପୂଜା ଆରମ୍ଭ କରନ୍ତି । ବାସ୍ତବରେ ଯଦି ଆର୍ଯ୍ୟମାନେ ବୈଦିକ ଦେବତା ଇନ୍ଦ୍ର, ଅଗ୍ନି, ବରୁଣ, ନାସତ୍ୟ, ମୈତ୍ର, ଋଭୁଗଣ, ପର୍ଜନ୍ୟ, ପୂଷା, ଇଳ,ଇଳା, ଉଷମ୍, ଆପାନପାତ୍ ଆଦିଙ୍କ ମନ୍ଦିରକରି ଘଣ୍ଟ ବଜାନ୍ତି, ୮୦ ଭାଗ ଅନାର୍ଯ୍ୟ ଶୂଦ୍ରମାନେ ଯିବେ ନାହିଁ । ତେଣୁ ଅନାର୍ଯ୍ୟଙ୍କ ଦେବତାଙ୍କୁ ପୁରାଣ କାଳରେ ଆର୍ଯ୍ୟାୟିତ କରି ମନ୍ଦିରରେ ପ୍ରତିଷ୍ଠାକରି ଅନାର୍ଯ୍ୟଙ୍କ ଠାରୁ ମୋଟା ଦକ୍ଷିଣା ଟାଣନ୍ତି ଓ ଦରକାର ହେଲେ କେତେଙ୍କୁ ମନ୍ଦିରରେ ପଶିବାକୁ ଦିଅନ୍ତି ନାହିଁ । ମାତ୍ର ଜାହିରା ପୀଠ ଗୁଡିକରେ ଆଚାଣ୍ଡାଳ ବ୍ରାହ୍ମଣଙ୍କର ପ୍ରବେଶାଧିକାର ରହିଛି ।

ବରଂ କେଉଁ ଆଦିମ କାଳରୁ ପ୍ରାକ୍ ଆର୍ଯ୍ୟ କୃଷିସଭ୍ୟତାର କୁଡୁମି ବାନ୍ଦନା ପରବରେ ଗୋରୁପୂଜା କରିଆସୁଛନ୍ତି , ମାତ୍ର ଆର୍ଯ୍ୟମାନେ ପ୍ରାୟ ୧୦୦୦ବର୍ଷ ହେବ ଅଶ୍ୱମେଧ ,ଗୋମେଧ ଯଜ୍ଞ ଛାଡିଛନ୍ତି । ତଥାପି ଏମାନଙ୍କୁ ଜଳଚଳ ମାନ୍ୟତା ଦିଆଗଲା ନାହିଁ । ମୟୂରଭଞ୍ଜ ରାଜାଙ୍କ ଧର୍ମସଭାରେ ନ୍ୟାୟ ମିଳିଲା ନାହିଁ ।

ଷଢେଇକଳା ଧର୍ମସଭାର ନ୍ୟାୟ :- (କୁଡୁମିଙ୍କୁ ଜଳଚଳ ଘୋଷଣା)

ମୟୂରଭଞ୍ଜ ପରି ଷଢେଇକଳାର କୁଡୁମିମାନେ ତାଙ୍କ ରାଜାଙ୍କ ଧର୍ମସଭାରେ ଜଳଚଳ ପାଇଁ ଆବେଦନ କରିଥିଲେ । ଧର୍ମସଭାର ସଭାପତି ଥିଲେ ନିଜେ ରାଜକୁମାର ନୃପେନ୍ଦ୍ର ନାରାୟଣ ସିଂହଦେଓ । ସଦସ୍ୟ ଥିଲେ ଶ୍ରୀ ଶତତକୁ ଆଚାର୍ଯ୍ୟ ଏମ୍.ଏ., ଦିବାକର ଆଚାର୍ଯ୍ୟ, ନ୍ୟାୟଧିଶ ଶ୍ରୀ ସତ୍ୟନନ୍ଦ ପଣ୍ଡା ଓ ଶ୍ରୀ ଜେ.ସି. ବାଗଚୀ, ସମ୍ପାଦକ ଥିଲେ ଶ୍ୟାମପଦ ଷଡଙ୍ଗି । ଏ ଜାତିର

ଆଚାର ବ୍ୟବହାର, ସଂସ୍କୃତି, ଖାଦ୍ୟପେୟକୁ ଅନୁଧାନ କରି ଜୁଲାଇମାସ ୧୬ ତାରିଖ ୧୯୩୦ରେ ଷଢେଇକଳା ରାଜାଙ୍କ ଧର୍ମସଭା ଘୋଷଣାପତ୍ର ଜାରୀକଲେ ଯେ କୁର୍ମିମାହତୋ (କୁଡ଼ୁମି) ଜାତି ଜଳଚଳ ମାତ୍ର କ୍ଷତ୍ରିୟ ନୁହଁନ୍ତି । ଏମାନଙ୍କୁ ଭୂୟାଁ ସାଉଁତି ବାଥୁଡି ଆଦିବାସୀ ମାନଙ୍କ ସହିତ ସେଠାରେ ସମମାନ୍ୟତା ମିଳିଲା ।

ମାତ୍ର ଓଡିଶାରେ ସେମାନେ ଏବେବି ସେ ନ୍ୟାୟରୁ ବଞ୍ଚିତ । କେନ୍ଦୁଝର ରାଜାଙ୍କ ତା ୮।୦୨।୩୭ର ଘୋଷଣା ପତ୍ର ଏମାନଙ୍କୁ ଅସ୍ପୃଶ୍ୟ ଘୋଷଣା କଲା ।

ମୁକ୍ତିମଣ୍ଡପ ସଭା ପୁରୀର ପତ୍ର :- ମୁକ୍ତିମଣ୍ଡପ ସଭା ଶ୍ରୀଜଗନ୍ନାଥ ମନ୍ଦିର ପୁରୀ-ପତ୍ରସଂଖ୍ୟା ୧୨୦ ତାରିଖ ୧୮।୦୩।୧୯୮୩ରେ ଏ ଜାତି ପ୍ରତି ଜାରି କରାଯାଇଥିବା ବ୍ୟବସ୍ଥାନାମାର ପ୍ରଥମ ବାକ୍ୟ- "ଛୁଟାଆ ମହାନ୍ତ ଦଳବେହେରା, ଶ୍ରୀ ଶଙ୍କର୍ଷଣ ମହାନ୍ତ ଛାଟିଆ ପ୍ରଭୃତି ୧୯ଜଣ କୁର୍ମିକ୍ଷତ୍ରିୟ ଜାତିର ବୋଲି ନିଜକୁ ପରିଚିତ କରୁଥିବା ଆବେଦନକାରୀଙ୍କ......" ରୁ ସ୍ପଷ୍ଟ ଯେ ଏ ଜାତି ନିଜକୁ ନିଜେ କ୍ଷତ୍ରିୟ ପରିଚୟ ଦେଇଛି । ସଭା କ୍ଷତ୍ରିୟ କହିନି । ସଭା ଏ ଜାତିର ପୌରହିତ୍ୟ କରିବାକୁ ତ ଓଡିଆ ବ୍ରାହ୍ମଣଙ୍କୁ ଅନୁମତି ଦେଇଛି, ମାତ୍ର କ୍ଷତ୍ରିୟ ଭାବରେ, କି ଜଳଚଳ ଭାବରେ କି ଅଚଳ ଯଜମାନ ଭାବରେ ପୌରହିତ୍ୟ କରିବେ କିଛି ଉଲ୍ଲେଖ ନାହିଁ । ଏଣୁ ମୁକ୍ତିମଣ୍ଡପ ସଭାକୁ ଅନୁରୋଧ ଏ ଜାତିକୁ ଷଢେଇକଳା ରାଜାଙ୍କ ଧର୍ମସଭା ପରି ଜଳଚଳ ଯଜମାନ, ଆଚରଣୀୟ ଶୂଦ୍ରର ମାନ୍ୟତା ଦିଆଯାଉ । ଅନ୍ୟଥା ଏମାନଙ୍କ ଠାରୁ ଆର୍ଯ୍ୟ ସଂସ୍କୃତିର ଯାଗ, ଯଜ୍ଞ, ମନ୍ଦିର ପାଇଁ ଚାନ୍ଦା, ଭିକ୍ଷା, କରସେବକ ସଂଗ୍ରହ ବନ୍ଦ କରନ୍ତୁ, ସେମାନଙ୍କୁ ନିଜର ଜାହିରା ବା ସାରନା ଧର୍ମରେ ବଞ୍ଚିବାକୁ ଛାଡିଦିଆଯାଉ ।

ନିରଞ୍ଜନ ମହାରାଜଙ୍କର ସାଙ୍ଗଠନିକ ଦକ୍ଷତା ସେତେବେଳର ଓଡିଶାର ତୁଙ୍ଗନେତା ଗୋପବନ୍ଧୁ ଦାସ, ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀଙ୍କ ଆଖିରେ ପଡିଲା । ଏଣୁ ମେଦିନିପୁରକୁ ଓଡିଶାରେ ମିଶ୍ରଣ ପାଇଁ ଯେଉଁ ପ୍ରତିନିଧି ଦଳ ପଠାଯାଇଥିଲା, ସେଠାରେ କୁଡ଼ୁମିଙ୍କ ବହୁଳତାକୁ ଲକ୍ଷକରି ନିରଞ୍ଜନ ମହାରାଜଙ୍କୁ ୧୯୧୨ରେ ଅନ୍ତର୍ଭୁକ୍ତ କରାଯାଇଥିଲା ।

ମୟୂରଭଞ୍ଜର ଭେଲି ମେଲି : (୧୯୧୭-୧୯୧୯)

ପ୍ରଥମ ବିଶ୍ୱଯୁଦ୍ଧରେ ଅର୍ଦ୍ଧସାମରିକ ସୈନ୍ୟ ସଂଗ୍ରହ ପାଇଁ ରାଜକର୍ମଚାରୀମାନେ ଜନତାଙ୍କୁ ହଇରାଣ କରିବା ଆରମ୍ଭ କଲେ । ଫଳରେ ମାଝୀ, ମହାନ୍ତ (କୁଡ଼ୁମି), ମୁଣ୍ଡାମାନେ ଏକ ଭୟଙ୍କର ବିଦ୍ରୋହର ସୂତ୍ରପାତ କଲେ । କୁଡ଼ୁମିଙ୍କ ଲୋକଗୀତ ଏବେବି ଏହାକୁ ମନେ ରଖିଛି ।

ବେତନଟିଏଁ ମେଲି ହଇଲ, ଚିଡ୍ରୋଳାଇଁ ଧୂଲା ଉଡ଼ଲ
ବାରିପାଦାଇଁ କେନ୍ଦୁଝରିଏ ଟାପେ ଗେଲାଇଁ ହଲ୍ ହୋ ।

ବେତନଟିରେ ମେଳି ହେଲା, ଚିଡ୍ରୋଡାରେ ଧୂଳି ଉଡିଲା, ବାରିପଦା କେନ୍ଦୁଝର ଯାଏଁ ମଣିଷମାନେ (ହଲ୍) ମାଡିଗଲେ । ଏ ବିଦ୍ରୋହ ଧରଣୀମେଳି ବା ବିରସା ବିଦ୍ରୋହ ଭଳି ବ୍ୟାପକ ହେବା

ଆଗରୁ ନିୟନ୍ତ୍ରଣ କରାଗଲା । ବିଦ୍ରୋହୀନେତା କଁକାମାଝୀ, କାଲିଆ ମହାନ୍ତ, ନୟନ ମୁଣ୍ଡା, ରେତୁ କୋହ୍ଲ ୪ ଜଣଙ୍କୁ ଫାଶୀ, ୩୭ଜଣଙ୍କୁ ଯାବଜୀବନ କାରାବାସ ଓ ୯୭୭ ଜଣଙ୍କୁ ଜେଲଦଣ୍ଡ ଦିଆଯାଇଥିଲା ।

ସଂସ୍କୃତିର ମହାମିଳନ :-

ଭାରତରେ ଆର୍ଯ୍ୟ ,ଅନାର୍ଯ୍ୟ ,ଗ୍ରୀକ୍, ପଲ୍ଲବ, କୁଶାଣ, ଶକ୍, ହୁନ୍, ତାତାର, ଇୟୁଚୀ, ଜାଠ, ଗୁର୍ଜର, ଆଭୀର ନିଜ ସଂସ୍କୃତି ଧରି ଭାରତର ମହାନ୍ ସଂସ୍କୃତିରେ ବିଲୀନ ହୋଇ ଗଲେ । ଶିବଙ୍କର ତିନି ସ୍ତ୍ରୀ ଗୌରୀ ଆର୍ଯ୍ୟକନ୍ୟା, କାଳୀ ଅନାର୍ଯ୍ୟକନ୍ୟା, ଗଙ୍ଗା ମଙ୍ଗୋଲ କନ୍ୟା । ଶିବ ଓ ତାଙ୍କ ପରିବାର ଥିଲେ ଅନାର୍ଯ୍ୟଙ୍କ ଦେବତା, ତେଣୁ ଅଧିକାଂଶ ଅସୁର ରାକ୍ଷସ ଥିଲେ ଶିବଭକ୍ତ । ଆର୍ଯ୍ୟଙ୍କର ବୈଦିକ ସନାତନ ଧର୍ମର ଦର୍ଶନରୁ ଶିଖ, ଜୈନ, ବୌଦ୍ଧ ଧର୍ମ ବିକାଶ ଲାଭ କରିଥିଲା । ବୈଦେଶିକମାନେ ଏ ଦେଶକୁ କହିଲେ ହିନ୍ଦୁସ୍ଥାନ ଓ ଲୋକଙ୍କୁ ହିନ୍ଦୁ । ବେଦ ପୁରାଣ ଶାସ୍ତ୍ର ଇତ୍ୟାଦିରେ କୌଣସିଠାରେ ହିନ୍ଦୁଧର୍ମର ଉଲ୍ଲେଖ ନାହିଁ । ମନୁସ୍ମୃତି ନାଆଁ ଦେଇଥିଲା ସନାତନ ଧର୍ମ । ଏଗୁଡିକ ସନାତନ ଧର୍ମ, ଶିଖ, ବୌଦ୍ଧ, ଜୈନ, ଜାହିରାପନ୍ଥୀ, ଶାବରୀ ସଂସ୍କୃତି ଆଦି ସବୁ ଗୁଡିକୁ ହିନ୍ଦୁଧର୍ମଭୁକ୍ତ କହିବା ଯୁକ୍ତିଯୁକ୍ତ ହେବ । ଏ ସାଂସ୍କୃତିକ ମହାମିଳନକୁ ଦେଖି ରବି ଠାକୁର, ଗୀତାଞ୍ଜଳୀରେ ଗାଇ ଉଠିଥିଲେ -

କେହି ନାହିଁ ଜାନେ କାର ଆହ୍ୱାନେ କତ ମାନୁଷେର ଧାରା
ଦୁର୍ବାର ସ୍ରୋତେ ଏଲ କୋଥାହତେ ସମୁଦ୍ରେ ହଲ ହାରା ।
ହେଥାୟ ଆର୍ଯ୍ୟ ହେଥା ଅନାର୍ଯ୍ୟ ହେଥାୟ ଦ୍ରାବିଡ ଚୀନ୍
ଶକ୍ ହୁନ ଦଲ ପାଠାନ୍ ମୋଗଲ ଏକ ଦେହେ ହଲ ଲୀନ୍ ।
ପଶ୍ଚିମେ ଆଜି ଖୁଲିଆଛେ ଦ୍ୱାର, ସେଥାହତେ ସବେ ଆନେ ଉପହାର ।
ଦିବେ ଆର ନିବେ ମିଲାବେ ମିଲିବେ ଯାବେ ନା ଫିରେ,
ଏଇ ଭାରତେର ମହାମାନବେର ସାଗର ତୀରେ ।

ତେବେ ବୈଦିକ ସନାତନ ଧର୍ମକୁ ସମସ୍ତେ ହିନ୍ଦୁଧର୍ମ ବୋଲି ଗ୍ରହଣ କରିନେଲେ । ଇଂରେଜକୁ ଏହି ଜବାବ ଲୋକମାନ୍ୟ ତିଳକ ଓ ମଦନମୋହନ ମାଲବ୍ୟ ମଧ ଦେଇଥିଲେ । ଏଣୁ ଅନାର୍ଯ୍ୟମାନଙ୍କୁ ଅଣହିନ୍ଦୁ ରୂପେ ଜନଗଣନା ଗୁଡିକରେ ଲେଖାହେଲା ।

କୁଡୁମି ଜାତିର ଜନଗଣନାରେ ସ୍ଥିତି :-

୧୯୦୧ ଓ ୧୯୧୧ - Aboriginal ମୂଳବାସୀ, ୧୯୨୧ -Animist -ପ୍ରକୃତି ପୂଜକ
୧୯୩୧ - Primitive tribe -ଆଦିମ ଆଦିବାସୀ
୧୯୪୧ - Tribal Hindu-ଆଦିବାସୀ ହିନ୍ଦୁ (ମୟୂରଭଞ୍ଜ ରାଜ୍ୟ) ସ୍ୱାଧୀନତା ପରେ ବର୍ତ୍ତମାନ କେବଳ ହିନ୍ଦୁ ।

ହିନ୍ଦୁ ଜାଗରଣ :- ବଙ୍ଗର ଜନଗଣନାରେ ହିନ୍ଦୁଙ୍କ ଠାରୁ ମୁସଲମାନଙ୍କ ସଂଖ୍ୟା ବେଶି ହେଲା । କାରଣ ଛୋଟନାଗପୁର ଅଞ୍ଚଳର ସଂଖ୍ୟାଧିକ ଲୋକ ଆଦିମ ଅଧିବାସୀରେ ରହିଥିଲେ ।

ମୁସଲୀମ ଲୀଗ୍ ବିହାରର ପୂର୍ଣ୍ଣିଆ ସାନ୍ତାଳପ୍ରଗଣା ମାନଭୂମ ସମେତ ସମସ୍ତ ବଙ୍ଗକୁ ନେଇ ପୂର୍ବ ପାକିସ୍ଥାନ ଗଠନ ଦାବୀକଲା । ସରକାରୀ କାଗଜରେ ଆଦିମ ଅଧିବାସୀ ହିନ୍ଦୁଠାରୁ ଅଲଗା ଥିବାରୁ ଖ୍ରୀଷ୍ଟିୟାନ୍ ଧର୍ମାନ୍ତରଣ ମଧ୍ୟ ଜୋରସୋରରେ ଚାଲିଲା । ଏଣୁ ହିନ୍ଦୁ ସଂଗଠନ ଆଦିବାସୀଙ୍କୁ ହିନ୍ଦୁ ପର୍ଯ୍ୟାୟଭୁକ୍ତ କରିବାକୁ ଉଦ୍ୟମ ଆରମ୍ଭ କଲେ । ରକ୍ଷଣଶୀଳ ହିନ୍ଦୁ ଉଦାସୀନ ଥିଲେ ମଧ୍ୟ ବିପଦର ଗନ୍ଧବାରି ପ୍ରଗତୀବାଦୀ ହିନ୍ଦୁମିଶନ୍, ଆର୍ଯ୍ୟସମାଜ ଯଜ୍ଞକରି ଯଜ୍ଞୋପବୀତ ପିନ୍ଧାଇ ଆଦିବାସୀମାନଙ୍କ ମଧ୍ୟରେ ହିନ୍ଦୁଚେତନା ଜାଗ୍ରତ କରାଗଲା । ଏଥିରେ ଅନେକ ଆଦିବାସୀ ଭାଗନେଲେ । ଅସ୍ପୃଶ୍ୟଥିବା ଅନାର୍ଯ୍ୟମାନଙ୍କୁ ଉପବୀତ ରୂପକ ବରଣମାଳା ଦେଇ ସ୍ୱାଗତ କରାଗଲା ।

କ୍ଷତ୍ରିୟ ଆନ୍ଦୋଳନ :-

ସେତେବେଳକୁ ଅସ୍ପୃଶ୍ୟତା ଓ ଜାତିଭେଦ ରୂପ ଆହୁରି ଭୟଙ୍କର ଥିଲା । କୁଡୁମି ଜାତି ଏଥିରେ ଉବୁଟୁବୁ ହେଉଥିଲା । ଭାସି ଯାଉଥିବା କୁଟାଖଣ୍ଡକୁ ଆଶ୍ରାକଲା ପରି ସେ ହିନ୍ଦୁ ଜାଗରଣକୁ ପ୍ରଗତିଶୀଳ ଶିକ୍ଷିତ କୁଡୁମିମାନେ ଲମ୍ଫପ୍ରଦାନ କଲେ । ସେ ପରିସ୍ଥିତିରେ ଯେ କେହି ମଧ୍ୟ ସେ କାମ କରିଥାନ୍ତା । ଅଖିଳଭାରତୀୟ କୁର୍ମିକ୍ଷତ୍ରିୟ ମହାସଭା ଆଗେଇ ଆସିଲେ । ଏମାନଙ୍କୁ ଉପବୀତ ପିନ୍ଧାଇ କୁର୍ମି କ୍ଷତ୍ରିୟ କରାଗଲା ।

ଅଖିଳଭାରତୀୟ କୁର୍ମିକ୍ଷତ୍ରିୟ ମହାସଭା :-

ପୋଲିସ ଚାକିରୀ ବିଜ୍ଞାପନରେ ଉତ୍ତରପ୍ରଦେଶରେ କୁର୍ମିଙ୍କୁ ଛୋଟଜାତିର ତାଲିକାରେ ରଖା ଯାଇଥିଲା । ଏହାର ପ୍ରତିକ୍ରିୟାରେ ଲକ୍ଷ୍ନୌରେ ପ୍ରଥମେ କୁର୍ମି ସଦର ସଭା ୧୮୯୪ରେ ପ୍ରତିଷ୍ଠା ହେଲା । ତାପରେ ଏହାକୁ କରାଗଲା ଅଖିଳ ଭାରତୀୟ କୁର୍ମି ମହାସଭା । ୧୯୦୯ର ପଞ୍ଚମ ସମ୍ମିଳନୀ ଚୂନାର ମିର୍ଜାପୁରରେ କ୍ଷତ୍ରିୟ ଲାଞ୍ଛ ଲଗାଯାଇ ଅଖିଳ ଭାରତୀୟ କୁର୍ମିକ୍ଷତ୍ରିୟ ମହାସଭା ନାମ ହେଲା । ଏଥିରେ ବ୍ରାତ୍ୟ କ୍ଷତ୍ରିୟ ଥିବା ଝଲ୍ଲ , ମଲ୍ଲ , ଲିଚ୍ଛବି, ବର୍ଗୀ ସୈନ୍ୟବାହିନୀରେ ଥିବା ଜୟସୱାର, ଚ୍ୟବନ, ଦେଶମୁଖ, ପଟେଲ ଯୋଗଦେଲେ; ଏମାନେ ଦିନେ କ୍ଷତ୍ରିୟବୃତ୍ତି କରୁଥିଲେ, ତେଣୁ କୁର୍ମିକ୍ଷତ୍ରିୟ କହିବା ଯଥାଯଥ । ଏଥିରେ କୁର୍ମି କହୁଥିବା ପଞ୍ଜାବର ଘୁସୁରୀ ପାଳକ ହରିଜନ ଜାତିକୁ ନିଆଯାଇନି । ସେହିପରି [redacted] ଇଟାୱାର ଧାନୁକ୍ ଜାତି ଯେଉଁମାନେ ନିଜକୁ କୁର୍ମିର ଉପଜାତି କୁହନ୍ତି ତାଙ୍କର ଉପାଧି ମଧ୍ୟ 'ମାହତ'ଙ୍କୁ ୧୯୩୩ର ହରନୌତ (ପାଟନା) ମହାସଭାରୁ ବାହାର କରାଗଲା, କାରଣ ସେମାନେ ଢୋଲ ବଜାନ୍ତି , ମଢ ଉଠାନ୍ତି ଓ ହରିଜନ । ଏଥିରୁ ଜଣାପଡେ କୁର୍ମି ଗୋଷ୍ଠିରେ ସବୁ ଜୀବିକାର ଲୋକଥିଲେ । ତେବେ ଯାହାହେଉ ଉତ୍ତର ଭାରତର କୁର୍ମି, ଆର୍ଯ୍ୟ ବଂଶୋଦ୍ଭବ, ବ୍ରାତ୍ୟ ଗୋଷ୍ଠିର ହୋଇଥାଇ ପାରନ୍ତି । ଏ ସଭାର ପ୍ରାୟ ୧୫୦୦ ଉପଜାତି ସଦସ୍ୟ ଅଛନ୍ତି ।

ଲ ପାଇଁ R :-ଛୋଟନାଗପୁର ଉତ୍ତର ଓଡିଶାର କୁଲ୍‌ମି (ଝାଡ୍‌ଖଣ୍ଡ), କୁର୍ମି ମାହତୋ (ପଶ୍ଚିମ ବଙ୍ଗ) ଓ କୁଡୁମି (ଓଡିଶା), ଆର୍ଯ୍ୟ ବଂଶୋଦ୍ଭବ ନୁହଁନ୍ତି, ଦ୍ରାବିଡ ଗୋଷ୍ଠୀର ଅଟନ୍ତି ।

ଇଂରାଜୀରେ 'ଳ' ପାଇଁ କିଛି ଅକ୍ଷର ନଥିବାରୁ ଏଠାରେ ଏହାର ନାମ KURMI ହେଲା ଯେପରିକି ଝାଲ୍‌ଖଣ୍ଡ Jharkhand, ଓଡିଆରେ ଝାଡ଼ଖଣ୍ଡ ,ଓଡିଶା- Orissa ହିନ୍ଦିରେ ଏ ଜାତିର ନାଆଁ ଲେଖାଯାଏ କୁଡ଼ମି କିନ୍ତୁ ଓଡିଶାରେ କୁଳ୍‌ମି ପଢ଼ିବା ଜାଗାରେ କୁଡ୍‌ମି ପଡାଯାଇଥିବ କାରଣ ହିନ୍ଦିରେ ଡ ତଳେ ବିନ୍ଦୁଦେଲେ 'ଳ' ହୁଏ ଓଡିଆରେ ଦ୍ୱିତୀୟ ଢ଼ ହୁଏ । ପ୍ରଥମେ ଏହାକୁ କୁଢ଼ମି ଭାବିଥିବେ ଓ ଶ୍ରୁତିକଟୁ ହେବାରୁ କୁଡୁମି ହୋଇଯାଇଛି ଏଠାରେ । ଉତ୍ତରଭାରତର କୁର୍ମି ଜାତି ସହିତ ଏ କୁଳ୍‌ମିଙ୍କର ଏହା ଏକ କାକତାଳିୟ ସଂଯୋଗ । ଇଂରାଜୀ ଭାଷାରେ ଳ ପାଇଁ କିଛି ଅକ୍ଷର ନାହିଁ ତେଣୁ 'R' ନିଆଗଲା, ଯାହା ଫଳରେ ଦୁଇଭିନ୍ନ ଜାତିର ବନାନ ଏକା ହୋଇଗଲା । ଏ ଦୁଇଜାତିଙ୍କୁ ଅଲଗା ରଖିବା ପାଇଁ ଅନେକ ଚେଷ୍ଟା ବର୍ତ୍ତମାନ ଯାଏ ଫଳପ୍ରସୂ ହୋଇନାହିଁ । ଯଥା-

'KURMI' The return under this head include both the Bihar cultivating caste and the aboriginal tribes whose name is spelt same with exception that 'R' is soft rather it converge to soft 'D'.

Book - Census of India 1931 Vol. V chapter XII page 476/560
By A.E. Potter (Superintendent of Census Operation)
Bengal Central Publication branch Calcutta 1933.
(Dhanbad Gazzetter 1970)

ଳ୍ ପାଖକୁ ପହଞ୍ଚିବାକୁ ଇଂରାଜୀ ସାହିତ୍ୟର ଯଥେଷ୍ଟ ଉଦ୍ୟମ ।

(2) The Kurmis of Chotanagpur are an aboriginal tribe of Dravidian stock and should be distinguished from the Kurmis of Bihar who spell their name differently with a smooth instead of a hard 'R'. These two quite distinct tribes have been mixed up in the census.

Gerge Grierson - Linguistic Survey of India, Chapter 5B.
Published by Govt. of India Calcutta 1904.

(3) It is yet an open question if Kurmis of Bihar who spell their name differently with a smooth instead of a hard 'r' are the same as the Kurmis Mahatas of Chhotanagpur.

Orissa Gazzetter (Mayurbhanj District) 1967.
compiled by Nilamani Senapati ICS

ଉତ୍ତର ଭାରତର କୁର୍ମିଙ୍କ ସମ୍ବନ୍ଧରେ ରିଜଲି ଡାଲଟନଙ୍କ ବକ୍ତବ୍ୟ ଉଦ୍ଧାର କରି ଲେଖିଛନ୍ତି -

They show wellshaped heads and high features, less refined than Brahmans less martial than Rajputs of humbler mien even than the Goalas; but except when they have obviously intermixed with aborigines, they are unquestionably Aryan in looks. Grey eyes

and brownish hair are sometimes met with amongst them. The women have usually small and well formed feets (Ethonology of Bengal P.320). TCB1-529

ଛୋଟନାଗପୁର ଓଡିଶାରି କୁଳମି/କୁଡ଼ମିଙ୍କ ସୁରକ୍ଷିତ ଟୋଟେମ ଗୁଡିକ ଦେଖି ପୁଣି ସେ ଲେଖିଲେ-

However this may be the(well preserved) totemism of the Kurmis of West Bengal (Chhotanagar & north of Orissa) stamps them as of Dravidian descent and clearly distinguishes them from the Kurmis of Bihar and North WestProvinces. Page XLVI (529)....

..... The caste bearing the same name in Chotanagpur and Orissa belongs to an entirely different type. Short sturdy and of very dark complexion, those Kurmis closely resemble in feature the Dravidian tribes around them. In Manbhum and North of Orissa it is difficult to distinguish a Kurmi from a Bhumij or a Santal.....Page 529. The Tribes and Castes of Bengal Vol-I, 1891.

ପ୍ରଫେସର ଭିସି ମାହାତୋ 'ରାମଗଡ ସ୍ମାରିକା'ରେ ଲେଖିଛନ୍ତି -

The Kurmis still have the practice of "Harsali" i.e. depositing the ashes bones of their dead under the ground in a centrally located place between a large number of Kurmi villages.

- 'କୁଳମାଲୀଚାରୀ' ପୃଷ୍ଠା ୭୪

ଏ ସମସ୍ତ ସରକାରୀ ଦସ୍ତାବେଜ୍ ପ୍ରମାଣ କରେଯେ କୁଡ଼ମିମାନେ ଦ୍ରାବିଡ଼ିୟ ଆଦିବାସୀ, ଓ ଉତ୍ତର ଭାରତ କୁର୍ମିଙ୍କଠାରୁ ସମ୍ପୂର୍ଣ୍ଣ ଅଲଗା । ମାତ୍ର ୧୯୩୧ ଜନଗଣନାରୁ ପଛୁଆଜାତି ତାଲିକା ଯାଏ ଏ ଜାତିଙ୍କୁ ସରକାର ମଧ୍ୟ ଏକାଠି କୁର୍ମିମାନଙ୍କ ସହିତ ବନାନଗତ ସାମ୍ୟତାରୁ ରଖିଛନ୍ତି ।

ମହାନ୍ତ/ମାହ୍‌ତୋ/ମାହାତୋ (Mohanta/Mahanta/Mahto/Mahato) ଉପାଧି :-

ଏ ଉପାଧି କୁଡ଼ମି/କୁଳମି ସମେତ କୋଇରୀ, କାହାର, କୁମ୍ଭାର, ରାଜୱାର, ଧାନୁକ, ମୁଣ୍ଡା, ଚିକ୍, ପାନ୍, ପାଣି, ଦୋଷାଧ୍, ଗୋରିଆ ଗୋଆଲା, ସୁନରୀ, ନୁନିଆ, ଥାରସ୍, ଛେଦିଆ, ମାହିଲି, ନାଗେଶ୍ୱର, ଖରୱାର, ଚେରୋ ଓ ମାଲେ ରାଜପୁତ୍, ତନ୍ତି, କେଉଟ, ବିନ୍ଦ୍, ଧୋବୀ ଆଦି ଜାତିମାନଙ୍କର ରହିଛି । ଯେପରି ଓଡିଶାରେ ପାତ୍ର ଉପାଧି ସାଙ୍ଗିଆ ଆଶୁଦ୍ର ବ୍ରାହ୍ମଣଙ୍କ ଠାରେ ଦେଖାଯାଏ ।

ନିରଞ୍ଜନ ମହାରାଜଙ୍କ ଭୂମିକା :- ନିରଂଜନ ମହାରାଜ କୁର୍ମିକ୍ଷତ୍ରିୟ ମହାସଭାର ୧୦ମ ଅଧିବେସନ ୧୯୧୫ ଲକ୍ଷ୍ନୌରୁ ଯୋଗଦେଇ ଫେରିଲେ । ସେ ବାଲେଶ୍ୱରରେ ସତ୍ୟାନନ୍ଦ ସରସ୍ୱତୀ ଜଣେ ଆର୍ଯ୍ୟ ସମାଜର ପ୍ରଚାରକ ପୁରୋହିତଙ୍କୁ ଭେଟିଲେ । ମୟୂରଭଞ୍ଜର ଭେଲି

ଆନ୍ଦୋଳନ ଓଡିଶାର ତୁଙ୍ଗନେତାଙ୍କୁ ମଧ୍ୟ ବିବ୍ରତ କରିଥିଲା । ମଧୁବାବୁ ମହତାବ୍‌ଙ୍କ ପରାମର୍ଶରେ ନବକୃଷ୍ଣ ଚୌଧୁରୀ ବାଲେଶ୍ୱର ସତ୍ୟାନନ୍ଦ ବାବୁଙ୍କ ଘରେ ତାଙ୍କୁ ଦେଖାଗଲେ । କୁଡୁମିଙ୍କୁ ଆଦିବାସୀରୁ ବିଚ୍ଛିନ୍ନ କରି ହିନ୍ଦୁ ମୁଖ୍ୟସ୍ରୋତରେ ମିଶାଇବା ପାଇଁ 'କୁର୍ମିକ୍ଷତ୍ରିୟ ଗୋତ୍ରମାଳା' ବହି ନିରଂଜନ ମହାରାଜାଙ୍କୁ ଲେଖିବାକୁ ପରାମର୍ଶ ଦିଆଗଲା । ବୋଧହୁଏ ସେ କୁଡୁମିଙ୍କ ୨୨ଟି ଟୋଟେମ ଜାଣିଥିଲେ । ଏଣୁ ୧୩ଜଣ ଆର୍ଯ୍ୟଋଷିଙ୍କୁ ନେଇ ୨୨ଟି ଟୋଟେମ ସହିତ ଯୋଡି ଉକ୍ତ ବହିଟିକୁ ବାଲେଶ୍ୱରରେ ସେମାନଙ୍କ ଖର୍ଚ୍ଚରେ ଛପାଇଦେଲେ । ଯଦିଓ ବର୍ତ୍ତମାନ ନାଗସ୍ୟ ଗୋତ୍ର ମିଶାଇ କ୍ଷତ୍ରିୟ ରାଜପୁତ୍‌ଙ୍କର ମାତ୍ର ୯ଟି ଗୋତ୍ର ଅଛି । ୧୯୧୮ରେ ସେ ବହିଟି ଛପାଯାଇ ବଣ୍ଟାଗଲା । ତାପରେ ଆର୍ଯ୍ୟସମାଜ, ହିନ୍ଦୁମିଶନ୍‌ଙ୍କ ମାଧ୍ୟମରେ ଯଜ୍ଞ କରାଯାଇ କୁଡୁମିମାନଙ୍କୁ ଯଜ୍ଞୋପବୀତ ପିନ୍ଧାଇ କ୍ଷତ୍ରିୟ କରାଗଲା । ଅଧିକାଂଶ ଟିପଦେଇ ପଇତା ପିନ୍ଧୁଥିଲେ, କାରଣ ଶୂଦ୍ରଙ୍କ ପାଇଁ ଶିକ୍ଷାଥିଲା ଦୁଷ୍ପ୍ରାପ୍ୟ ।

ଏଭଳି ଗଣ୍ଡ , ଭୂୟାଁ ,ଭୂମିଜ ଆଦି ଆଦିବାସୀମାନଙ୍କୁ ମଧ୍ୟ ପଇତା ପିନ୍ଧାଇ କ୍ଷତ୍ରିୟ କରି ହିନ୍ଦୁମୋହର ଲଗାଇ ଦିଆଗଲା । ଭଗବାନ ବିର୍ଶାମୁଣ୍ଡା ମଧ୍ୟ ଏଭଳି ସଂସ୍କାର ପୁରାଇ ମୁଣ୍ଡାମାନଙ୍କୁ ଉପବୀତ ପିନ୍ଧାଇଥିଲେ । ଦୀକ୍ଷା ସଂସ୍କାରରେ ଧାର୍ମିକ ବିଶ୍ୱାସ ବଦଳି ପାରେ କିନ୍ତୁ ଆଦିବାସିତ୍ୱ ନୁହେଁ । ସୁଖର କଥା ଏହିକି ହତଭାଗ୍ୟ କୁଡୁମି ବ୍ୟତୀତ ଅନ୍ୟମାନେ ତଫସିଲଭୁକ୍ତ ଆଦିବାସୀ ଭାବରେ ରହିଛନ୍ତି । ଏହା ଦ୍ୱାରା ଦେଶ ବିଭାଜନ ବେଳକୁ ପାକିସ୍ଥାନ ସେ ଯାଏ ପହଞ୍ଚି ପାରିଲା ନାହିଁ ।

ନିରଂଜନ ମହାରାଜ୍ ଓଡିଶା ବେଙ୍ଗଲ ବିହାରରେ କୁଡୁମିଙ୍କ ଏକ ଆଦରଣୀୟ ନେତା ସଂସ୍କାରକ ହୋଇଗଲେ । ଝୁମର ଗୀତ କୁଡୁମିଙ୍କ ମନରେ ଉଷ୍ମତା ଭରିଦିଏ । କ୍ଷତ୍ରିୟ ଆନ୍ଦୋଳନର ଝୁମର ଗୀତ ରଚନା କରାଯାଇ ପ୍ରଚାରି କରାଯାଉଥିଲା, ସଭାରେ ବୋଲା ଯାଉଥିଲା । ସେ ଗୀତ ଗୁଡିକରୁ ହିଁ ସେ ସମୟରେ ଏ ଜାତିର ଚଳଣି ସଂସ୍କୃତି କଣ ଥିଲା , ଉଦ୍ଦେଶ୍ୟ କଣ ଜଣା ପଡିବ ।

୧୯୨୨ ଗଲାମାରା ମାନଭୂମ୍‌ରେ ହୋଇଥିବା ମିଟିଂର ଆଧାରରେ ନିମ୍ନୋକ୍ତ ଝୁମରଟି ମାହାଁତାଲି ଭାଷାରେ ଖୁବ୍ ଲୋକପ୍ରିୟ ହୋଇଥିଲା ।

କୁଲ୍‌ମିଦେର ମିଟିନ୍ ହେଇଲ ଭାରୀ
ଏଇ ମିଟିନେ ଲାଗେଁଛେ ଘେରଘେରି ହେ ।(ଘୋଷା/ରଙ୍ଗ)
ଗଲାମାରାୟ ମିଟିନ୍ ହେଇଲ ଗାୟେଁ ଗୟେଁ ପତ୍ର ଗେଲ
ଶଶୀଭୂଷଣ ଛିଲ ସେକ୍ରେଟାରୀ
ଗାୟେଁର ମାଲିକ ଯାରହା ଯାୟେଁଛିଲ ଗଲାମାରା
ଆର ସଭାତେ ବସିୟେଁ ସଭାକରି ହେ ।।
କାଗଜଅ କଲମଅ ଧରି ଉଚିତଅ ବିଚାର କରି
ଗୁଁଲିବାହା ସାଙ୍ଗା ବନ୍ଦକରି ହେ,

ଲକେର ଘରେ କାମ ମାନା, ମେହରାଲୁର ଘମଟା ଟାନା
ଆର ରସଇ କରିଭେ ସିନାନ କରିହେ ।।
ମଦ ଖୁଖ୍‌ଲି ମେରା ଛାଲଅ ବାମହନ ନିଯେଁ ବିହାକର,
ବାରଦିନେ କରିଭେ ଖେଉରୀ ହେ
ଘରେ ଘରେ କରଆଣ୍ଡ ମେୟାଁକେ ନା ପାଠାଅ ହାଟ
ଆର ସକୈଲ ଜନାହଅ ପୈତାଧାରୀହେ ।।
ଡାଇଲ ଛାଗଲ ଅଭକ୍ଷଣ ବୈରାତ ଯାବେ ଥଲେକଜନ
ଜନେ ଜନେ ଦିବେହେ ମାଁ ଶାଲ୍‌ହୀ
ଘରେ ନାଚନୀ ରାଖା ବନ୍ଦ , ପାନ୍ତା ନାଚଟି ବେଜାୟଁ ମନ୍ଦ
ଛାଟିକର ନରତା ପାଶରୀ ହେ ।।
ଦାହିନା ଦିଗେ ବାଁଧାଖଁସା ବିହାର ନାମେ ସିନ୍ଦୁରଘଁସା
ଖଦାଲିୟା ଆରଶିଁକା ଧାରୀ ହେ
ମେହରାଲୁର ଚୁଟି ଟାନା ହଁକାଖାଓୟା କରମାନା
ଟାନା ବିହା ତୁରୁତ ବନ୍ଦ କରିହେ ।।
ସନ୍ ୧୩୨୮ ସାଲେ, ଭାବିଯେଁ ଚୌଧୁରୀବଲେ
ଏବାର କାମ ଚଲିବେକ୍ କି କରିହେ
କୁର୍‌ମିଦେର ମିଟିନ୍ ହଇଲ ଭାରୀ
ଆର ଏଇ ମିଟିନେ ଲାଗିଯେଁଛେ ଘେରଘେରି ହେ ।

କୁଡୁମିଙ୍କ ମିଟିଂ ଭାରି ହୋଇଛି, ଓ ଚକ୍ରାକାରରେ ସବୁଆଡେ ଘୁରୁଛି । ଗୁଁଳିବାହା- ବାଇଗାଇ ହଳ ବନ୍ଦ,ସାଙ୍ଗା- ବିଧବା ୨ୟ ବିବାହ ବନ୍ଦ, ସ୍ତ୍ରୀ ଓଢଣା ଦେବେ, ଅନ୍ୟଆଡେ ଶ୍ରମିକ ହେବେନି, ଗାଧୋଇସାରି ରୋଷେଇ କରିବେ । ମଦ, କୁକୁଡା ହାଣ୍ଡିଆ ଛାଡ, ବ୍ରାହ୍ମଣ ନେଇ ବାହା ହୁଅ, (୧୦ଦିନ ପରିବର୍ତ୍ତେ) ୧୨ ଦିନରେ (କ୍ଷତ୍ରିୟ ପରି) ଶୁଦ୍ଧି କର, ସ୍ତ୍ରୀଲୋକର ହାଟ ଯିବା ବାରଣକର ଓ ସମସ୍ତେ ପଇତା ପିନ୍ଧ । ମାଇଛେଳି ଖାଅନା, ବରଯାତ୍ରୀ ଅଳ୍ପଯାଅ, ମା ଭାଗ ଶାଢୀ ସମସ୍ତଙ୍କୁ ଦିଅ । ନାଚନୀ ଓ ପାନ୍ତା (ଝୁମର ଲୋକନୃତ୍ୟ) ଖୁବ୍ ଖରାପ, ତାକୁ ଶିଘ୍ର ବନ୍ଦକର । ଟଣା ବାହା ଶିଘ୍ର ବନ୍ଦ କର (ଟଣା କନିଆ ପ୍ରଥା ମୁଣ୍ଡା ସମାଜରେ ଏବେବି ରହିଛି) ।

୧୯୩୯ରେ ୨୨ତମ କୁର୍ମିକ୍ଷତ୍ରିୟ ମହାସଭା ଝାଡ଼ଗ୍ରାମ (ଝାଲ୍‌ଗ୍ରାମ) ଠାରେ ହୋଇଥିଲା । ସେଥିରେ ପଢାଯାଇଥିବା ଦୀର୍ଘ ଗୀତର କୋଟୋଟି ପଦ ଏଠାରେ ଉଦ୍ଧାର କରାଗଲା ।

ଏ ଦେଖ କତ ଜାତି, ନବୀନ ଉତ୍ସାହେ ମାତି
ତାଜିୟା କୁରୀତି ଚୟ, ଦ୍ରୁତ ଅଗ୍ରସର ହୟ
ମୋରା କି ଅବଶ ହୟେ ରହବ ପିଛେ ପଡିୟା ?
ପୁରାକାଲେ ହିନ୍ଦୁସ୍ଥାନେ, ଶ୍ରେଷ୍ଠ ଛିନୁ କୂଲେ ମାନେ,

ଏଥିରୁ ଜଣାପଡେ କୁଡୁମିଙ୍କ ସହିତ ଅନେକ ଆଦିବାସୀ ଏ ହିନ୍ଦୁ ଜାଗରଣରେ ସାମିଲ ହୋଇଥିଲେ ।

ବାଦଶାହ ଅତ୍ୟାଚାରେ, ଆସି ଛୋଟନାଗପୁରେ,
କରିଆଛି କୂଳ ରକ୍ଷା ଛଦ୍ମବେଶ ଧରିୟାଁ । (ବିରବଲ ଉପାଖ୍ୟାନର ଆଭାଷ)
ସେ ଘୋର ପାର୍ବତ୍ୟ ଦେଶେ, ଅନାର୍ଯ୍ୟର ସନେ ମିଶେ
ସ୍ୱୀୟ ଶୁଦ୍ଧ ରୀତିନୀତି ଗିୟାଛିନୁ ଭୂଲିୟା
ସିଂହେର ଦୁର୍ଦ୍ଦଶା ଯଥା ମେଷ ଦଲେ ମିଶିୟା ।
କ୍ଷତ୍ରିୟ ବଲିତେ ଆଜ ମନେ ବଳ ପାଇଲାଜ
କିନ୍ତୁ ଭାଇ ଦେଖ ଦେଖି, ମେଲିଆ ଜ୍ଞାନେର ଆଖି
ବିବେକ ଦର୍ପନେ ତବ ନିଜ ମୂର୍ତ୍ତି ଚାହିୟା ।
ତ୍ୟଜିୟା କୁସଂସ୍କାର ଧରଶାସ୍ତ୍ର ସଦାଚାର
ତାମସିକ କ୍ରିୟା କାଣ୍ଡେ ଭୂତ ପ୍ରେତ ପୂରେ ଭାଣ୍ଡେ
ଗୟାପିଣ୍ଡେ ତୀରଥରେ ଦାଓ ସବେ ତାରିୟା ।

ବିରୋଧ ସ୍ୱର :- ୧୯୨୯ରେ ପୁରୁଲିଆର ଘାଘରଗୁଡି ଗ୍ରାମର ସଭାରେ ସଭାପତି ପଞ୍ଚକୋଟିର ରାଜା ଜ୍ୟୋତିପ୍ରସାଦ ସିଂଦେଓ ହୋଇଥିଲେ । ସଭାରେ ଜାତିର ଦେଶପ୍ରଧାନ ସଭାପତି ନଥିବାରୁ ଅନେକ ରକ୍ଷଣଶୀଳ ଲୋକ ସଭାବର୍ଜନ କଲେ । ୧୯୩୩ ମେଦିନପୁର ଜିଲ୍ଲାର ବିରାଗ୍ରାମର ସଭାରେ କୁଡୁମି ମହିଳା ଶଂଖା (ଲୁହାର ବଳା) ଓ ସିନ୍ଦୁର ପିନ୍ଧିବା ବନ୍ଦ କରିବାକୁ ଏକ ପ୍ରସ୍ତାବ ଆସିଥିଲା, କାରଣ କୁଡୁମି ଓ ସାନ୍ତାଳ ସଂସ୍କୃତିରେ ଏହା ସମାନ ଅଟେ, ମାତ୍ର ତାହା ବହୁମତରେ କାଟ ଖାଇଯାଇଥିଲା ।

କେତେକ ଶିକ୍ଷିତ ମଧ୍ୟ ଏ ପଇତା ପିନ୍ଧା ଆନ୍ଦୋଳନ ଓ କ୍ଷତ୍ରିୟକରଣକୁ ବିରୋଧ କରିଥିଲେ । ଏଥିପାଇଁ ବାଙ୍କୁଡାର ଗୋବିନ୍ଦଚନ୍ଦ୍ର ମାହତୋ ୧୯୩୨ରେ 'କୁର୍ମିଜାତିୟ ଦୀପମାଳା' ପୁସ୍ତକଟିଏ ଲେଖି ପ୍ରଚାର କରିଥିଲେ । ସେଥିରୁ ଏ ଗୀତଟି ଉଦ୍ଧାର କରାଯାଇଛି ।

କୁର୍ମିସମାଜ ନିବେଦନ ଆଜ କରିତେଛି କରଜୁଳିଆଁ
ଛାଲି ନିଜ ଜାତି ହତେ ଅନ୍ୟ ଜାତି, ଚାହିଁତେଛ କିବା ଲାଗିୟା ।
ମୋରା କୁର୍ମି ଜାତି ଆଛେ ଚୀର ଖ୍ୟାତି କ୍ଷତ୍ରିୟ ହଇତେ ଯେଓନା ।
କରି କୃଷିକର୍ମ ପାଳ ନିଜ ଧର୍ମ ଅସି ବୃତ୍ତିକେ ବାସନା,
ଉପବୀତ ଲଇୟା କ୍ଷତ୍ରିୟ ସାଜିଆଁ ବାକ୍ୟ ବୀର ହୟେ ଠେକୋନା ।

୧୯୩୧ ଜନଗଣନାର ସ୍ଥିତି :- ମୁସଲୀମ୍ ଲୀଗ୍‌ର ପୂର୍ବବିହାର ମାନଭୂମ ସମେତ ପାକିସ୍ଥାନରେ ମିଶ୍ରଣ ଦାବୀକୁ ପ୍ରତିହତ କରିବାକୁ ଆଦିବାସୀମାନଙ୍କୁ ଉପବୀତ ପିନ୍ଧାଇ କ୍ଷତ୍ରିୟ କରାଗଲା । ହିନ୍ଦୁମିସନ୍ ସରକାରଙ୍କୁ ଲେଖି ଜଣାଇଲେ ଜନଗଣନାରେ ଆଦିବାସୀଙ୍କୁ ହିନ୍ଦୁ ବୋଲି ଲେଖାଯାଉ ।

ଇଂରେଜ ସରକାରଙ୍କ ଗଠିତ ଆସେମ୍ବ୍ଲି ଗୁଡିକରେ ଜାତିର ଜନସଂଖ୍ୟା ଆଧାରରେ ପ୍ରତିନିଧିତ୍ୱ ଦେବାର ଆଭାସ ମିଳିଲା । ଏଣୁ ଉତ୍ତରସ୍ଥ କୁର୍ମି ଚାହିଁଲେ ଛୋଟନାଗପୁର କୁଳମିଙ୍କୁ

ନିଜ ଜାତି ତାଲିକାରେ ସାମିଲ୍ କରିବାକୁ । ଯଦିଓ ସେମାନେ ଏମାନଙ୍କୁ କୋଲ କୁଲ୍‌ମି କହି ସ୍ପର୍ଶ କରୁନଥିଲେ । ଏପରିକି ହରେକୃଷ୍ଣ ମହାନ୍ତ କେନ୍ଦୁଝର ଏକ ସଭାରେ ବୈଚନ ସିଂଙ୍କ ଜୋତା ଉଠାଇ ଅଲଗା ଜାଗାରେ ରଖିବାରୁ, ତାକୁ ସେ ନନେଇ ନୂଆ ଜୋତା ହଳେ ମୁସଲମାନ୍ ଦୋକାନରୁ କିଣି ପିନ୍ଧି ଯାଇଥିଲେ । (ହରେକୃଷ୍ଣ ମହାନ୍ତଙ୍କ ପୁତ୍ର ରାମନନ୍ଦନ ମହାନ୍ତ, ମହୁଲଡିହା ତା ୧୩।୦୪।୨୦୦୩ର ସାକ୍ଷାତକାର, ହରେକୃଷ୍ଣ ମହାନ୍ତ ଥିଲେ ସ୍ୱାଧୀନତା ପର କେନ୍ଦୁଝର ରାଜ୍ୟ ପରାମର୍ଶଦାତା କମିଟିର ଏକ ନଂ ସଦସ୍ୟ)

ଏ ସମସ୍ତଙ୍କର ସଂଖ୍ୟାର ଖେଳ କୁଲମିଙ୍କୁ ପରେ କାଳ ହେଲା ।

ଏ ଅଞ୍ଚଳରେ ଟାଟା, ବୋକାରୋ, ଧାନବାଦ, ଆସାନସୋଲ ଆଦିରେ ଅନେକ ଶିଳ୍ପ ଗଢି ଉଠୁଥିଲା । ଆଦିବାସୀଙ୍କ ଜମି ସୁରକ୍ଷିତ ଥିବାରୁ ଶିଳ୍ପବିକାଶ ପାଇଁ ଜମି ଅଧିଗ୍ରହଣ ଅସୁବିଧା କରୁଥିଲା । କୁଡୁମି ପଇତା ପିନ୍ଧି କୁର୍ମିକ୍ଷତ୍ରିୟ ହେବାରୁ, ଏ ଜାତିକୁ ଆଦିବାସୀରୁ ଉଚ୍ଛେଦ କରିବାକୁ ସରକାରଙ୍କ ଠାରେ ଚାପ ପଡୁଥିଲା ।

ଆଦିବାସୀମାନେ ବିଭିନ୍ନ ବିଦ୍ରୋହରେ ଇଂରେଜ ସରକାରଙ୍କୁ ବି ନାକେଦମ କରିଥିଲେ । ଯେତେବେଳେ କି ଉଚ୍ଚବର୍ଣ୍ଣ ହିନ୍ଦୁ ଇଂରେଜଙ୍କ ଆନୁଗତ୍ୟ ହୋଇ ବର୍ଷା ଯୁଆଡେ ଛତା ସିଆଡେ ନୀତି ଧରିଥିଲେ । ଆଦିବାସୀଙ୍କ ଏକତା ନଷ୍ଟ କରିବାକୁ କୁଡୁମିଙ୍କୁ ସବର୍ଣ୍ଣ ତାଲିକାରେ ରଖାଇବାକୁ ଚିନ୍ତା କରୁଥିଲେ । ଯଦିଓ ଇଂରେଜଙ୍କ ପାଖରେ ସବୁ ପ୍ରମାଣ ଥିଲା କୁଡୁମିମାନେ ଉତ୍ତରସ୍ଥ କୁର୍ମିଙ୍କ ଠାରୁ ଅଲଗା । ମହାସଭାକୁ ପ୍ରମାଣ ଦେବାକୁ କୁହାଯାଇଥିଲା, କେମିତି ଛୋଟନାଗପୁର କୁଲ୍‌ମିଙ୍କ ସହିତ ତମେ ଏକା । ସେ ପ୍ରମାଣ ଏ ପର୍ଯ୍ୟନ୍ତ ଦିଆଯାଇ ନାହିଁ । କୁର୍ମିକ୍ଷତ୍ରିୟ ମହାସଭାର ସାଧାରଣ ସମ୍ପାଦକ ଥାଆନ୍ତି ସେତେବେଳେ ଦେୱାସ ସିନିୟର, ମଧ୍ୟପ୍ରଦେଶ । ସେ ୬।୧୧।୧୯୩୦ରେ ସରକାରଙ୍କୁ ଚିଠି ଦେଇଥିଲେ ଯେ ଆଗାମୀ ୧୯୩୧ ଜନଗଣନାରେ ସବୁ କୁର୍ମିଙ୍କୁ 'କୁର୍ମିକ୍ଷତ୍ରିୟ' ରୂପେ ଗ୍ରହଣ କରାଯାଉ । ତାଙ୍କର ପତ୍ରର ଉତ୍ତରରେ ଏ. ହ୍ୱାଇଟକେର ସ୍କୋୟାର ଆଇସିଏସ., ଉପସଚିବ ଗୃହମନ୍ତ୍ରଣାଳୟ, ଭାରତ ପତ୍ରସଂଖ୍ୟା ୩୩୩/୧୯୩୦ ତାରିଖ ୧୮।୧୧।୧୯୩୦ରେ ଲେଖିଲେ (ଓଡିଆ ଅନୁବାଦ)

ମହାଶୟ,

ଆପଣଙ୍କ ପତ୍ରସଂଖ୍ୟା ୧୯୪୫ ତା ୬।୧୧।୧୯୩୦ର ଉତ୍ତର ଦେବାକୁ ମୋତେ ଆଦେଶ ହୋଇଛି କି ୧୯୩୧ ଜନଗଣନାରେ ଆପଣଙ୍କ ସ୍ୱଜାତିଭାତୃବର୍ଗଙ୍କୁ କୁର୍ମିକ୍ଷତ୍ରିୟ ଜାତି ରୂପେ ଲେଖାଇବାକୁ ଆଦେଶ ଦିଆଗଲା, ଏଥିରେ ଭାରତ ସରକାରଙ୍କ କୌଣସି ଆପତ୍ତି ନାହିଁ ।

। ଇତି ।

ଆପଣଙ୍କର ଭବଦୀୟ

(ପ୍ରେଷକଙ୍କ ଦସ୍ତଖତ)

ଆଦିବାସୀ କୁଲ୍‌ମି ମାହତଙ୍କ ମଧ୍ୟରୁ ଜଣେହେଲେ ଦରଖାସ୍ତ କରିନଥିଲେ । ଚିଠିପାଇ ମାତ୍ର ୧୨ ଦିନରେ ଭାରତର ଇଂରେଜ ସରକାର ଏମାନଙ୍କୁ ମଧ୍ୟ କୁର୍ମିକ୍ଷତ୍ରିୟ କରିଦେଲେ, ଯଦିଓ କି ଇଂରେଜମାନେ ବର୍ଣ୍ଣବ୍ୟବସ୍ଥାର ଧାରଧାରନ୍ତି ନାହିଁ । ତେଣୁ ଏହାଥିଲା ଏକ ପୂର୍ବ ପରିକଳ୍ପିତ

ବିରାଟ ଷଡଯନ୍ତ୍ରର ଅଂଶବିଶେଷ, ଯାହାଫଳରେ କି ଆଦିବାସୀ କୁଡ଼ମି କୁର୍ମିକ୍ଷତ୍ରିୟଙ୍କ ସହ ଏକାକାର ହୋଇଗଲା । ଦେଶ ସ୍ୱାଧୀନପରେ ମଧ ଏ ତ୍ରୁଟି ସୁଧାରା ଯାଇପାରିନି ।

ଗଣ୍ଡ, ଭୂୟାଁ ଓ ଭୂମିଜ ନେତାମାନେ ସ୍ୱଗତୋକ୍ତି କରନ୍ତି, ଯେ ସେମାନେ ଏମିତି କୌଣସି ସର୍ବଭାରତୀୟ ଅନୁଷ୍ଠାନର ଶିକାର ହୋଇନଥିଲେ, ତେଣୁ ସେମାନେ ପଇତା ପିନ୍ଧି କ୍ଷତ୍ରିୟ ହୋଇ ମଧ କୁଳମିଙ୍କ ପରି ଆଦିବାସୀରୁ କଟିନାହାନ୍ତି । କଟିଥିବା ରାଜଗଣ୍ଡଙ୍କୁ ପୁଣି ୨୦୦୨ରେ ଓଡିଶା ସରକାର ଆଦିବାସୀରେ ଗ୍ରହଣ କରିନେଲେ ।

: କୁଡ଼ୁମିଙ୍କ କ୍ଷତ୍ରିୟ ଯୁକ୍ତି :

ଅସ୍ପୃଶ୍ୟତା ଓ ଜାତିଭେଦର ବ୍ରହ୍ମାସ୍ତ୍ରରେ କ୍ଷତବିକ୍ଷତ ଜର୍ଜରୀତ କୁଡ଼ୁମିଜାତି କ୍ଷିତ୍ରିୟ ପ୍ରମାଣ ପାଇଁ ବିଭିନ୍ନ ଯୁକ୍ତି ବିଭିନ୍ନ ସମୟରେ ରଖିଛନ୍ତି । ଓଡିଶା ବେଙ୍ଗଲ ଝାଡଖଣ୍ଡରେ ଏ ଗୁଡିକର ତାରତମ୍ୟ ରହିଛି । ପ୍ରଥମଟି ହେଲା, ଏମାନେ ଆର୍ଯ୍ୟ କ୍ଷତ୍ରିୟ ବଂଶୋଦ୍ଭବ ଓ ଜଙ୍ଗଲ ଅଞ୍ଚଳ ଛୋଟନାଗପୁର ମାଳଭୂମିରେ ଆଦିବାସୀ ସଂସ୍କୃତି ଆପଣେଇ ନେଇଛନ୍ତି, ସିଂହ ଶିଶୁ ମେଷ ଦଳରେ ରହି ମେଷ ହୋଇଯାଇଛି ।

୧ମ ଯୁକ୍ତି :- ଏମାନେ ମରହଟ୍ଟା ଶିବାଜୀଙ୍କ ବଂଶଧର, ବର୍ଗୀ ଆକ୍ରମଣରେ ଏଠାକୁ ଆସି ରହିଗଲେ । ମାତ୍ର ବର୍ଗୀମାନେ ୧୭୪୨ରେ ଭାସ୍କର ପଣ୍ଡିତଙ୍କ ନେତୃତ୍ୱରେ ଏ ଅଞ୍ଚଳକୁ ଆସନ୍ତି । ୧୮୦୩ ଯାଏ ଓଡିଶା ତାଙ୍କ ଅଧିନରେ ଥିଲା । ସେତେବେଳେ ମହାରାଷ୍ଟ୍ରରୁ ଆସିଥିବା ଦେଶମୁଖ, ଚ୍ୟବନ, ପଟେଲ, ଜୟସଓ୍ୱାର ଉପାଧିଧାରୀ ଏଠାରେ ଓ ମହାରାଷ୍ଟ୍ରରେ ମଧ ଦେଖାଯାଏ । ମାତ୍ର କୁଡ଼ୁମିଙ୍କ ମାହାତ ଉପାଧି ମହାରାଷ୍ଟ୍ରରେ ନାହିଁ । କେତେ ଲୋକ ଆସିଥିଲେ ଯେ, ଏମାନଙ୍କ ଲୋକସଂଖ୍ୟା ପ୍ରାୟ ୧କୋଟି ହୋଇଛି ମାତ୍ର ୨୫୦ ବର୍ଷରେ ।

୨ୟ ଯୁକ୍ତି :-ବିରବଲ ଉପାଖ୍ୟାନ :- ପଞ୍ଜାବର ବୁଲନ୍ଦସରରେ ଜଣେ କୁର୍ମିକ୍ଷତ୍ରିୟ ରାଜା ନିଜର ରୂପବତୀ କନ୍ୟା ରୁକ୍ମଣିଙ୍କୁ ଜନୈକ ମୁସଲମାନ ବାଦଶାହ(ସମ୍ଭବତଃ ହୁମାୟୁନ)ଙ୍କ ଲୋଲୁପତାରୁ ବଞ୍ଚାଇବାକୁ ଓ ନିଜର ଆର୍ଯ୍ୟଧର୍ମ ରକ୍ଷା କରିବାକୁ ପାତ୍ର ମନ୍ତ୍ରୀ ପରିଷଦବର୍ଗଙ୍କ ସହ ଛୋଟନାଗପୁର ପରେଶନାଥ ପର୍ବତ (ବଡ଼ପାହାଡ)ରେ ଆତ୍ମଗୋପନ କଲେ । ବୁଲନ୍ଦସର ଓ ବଡ଼ପାହାଡ ମଧ୍ୟରେ ମୋଗଲଗଡ଼ ଦିଲ୍ଲୀ ଓ ଆଗ୍ରାକୁ ଡେଇଁ କିପରି ଗଲେ । ନିକଟରେ ଥିବା ହିମାଳୟ ବା ଆରାବଳୀ ପର୍ବତମାଳାକୁ ଗଲେନି କାହିଁକି ? (କେବଳ ସାନ୍ତାଳଙ୍କ ପାଖକୁ ନେବାକୁ ଏହା ପରିକଳ୍ପିତ) । ସେଠାରେ ଧରମ ପୂଜା କରୁଥିବା ସାନ୍ତାଳମାନେ ତାଙ୍କୁ ଶରଣ ଦେଲେ । ଧରମ ପୂଜାରେ ଘୁଷୁରି ବଳୀ ଦେଖି ମୁସଲମାନ ସୈନ୍ୟ ତୋବା ତୋବା କହି ଫେରିଗଲେ । ସେହିଦିନ ଠାରୁ ଏମାନେ ଧରମ ପୂଜା ଓ ବଡ଼ପାହାଡକୁ ମାନି ପୂଜା କରନ୍ତି ଓ କ୍ରମେ କ୍ରମେ ସାନ୍ତାଳୀ ଆଦିବାସୀ ସଂସ୍କୃତି ଗ୍ରହଣ କରି ଆର୍ଯ୍ୟ ସଂସ୍କୃତି ଭୂଲି ଯାଆନ୍ତି ।

ଭାରତରେ ମୁସଲମାନ ବ୍ୟତୀତ ଅନ୍ୟ କୌଣସି ଧର୍ମ ନିଜର ଧାର୍ମିକ ବିଶ୍ୱାସ ଓ ସଂସ୍କୃତିକୁ ଅନ୍ୟ ଉପରେ ଲଦିବାର ନଜିର ନାହିଁ । ରାଜା ବିରବଲ ନିଜର ଆର୍ଯ୍ୟଧର୍ମ ରକ୍ଷାପାଇଁ ଜଙ୍ଗଲକୁ ଆସି ଆଦିବାସୀ ଧର୍ମ ସଂସ୍କୃତି ଗ୍ରହଣ କରିବାଟା ଅଯୌକ୍ତିକ ମନେହୁଏ । ସାନ୍ତାଳୀ

ଭାଷା ଗ୍ରହଣ ନକରି ସ୍ୱତନ୍ତ୍ର କୁଡ଼୍‌ମାଲୀ ଭାଷା କେଉଁଠୁ ଆସିଲା । ସାନ୍ତାଳଙ୍କର କରମ ଯାଓ୍ୱା ଉତ୍ସବ ନାହିଁ, ଏହା କାହାଠୁ ଶିଖିଲେ । ଗୋରୁ ବାନ୍ଦନା ପରବ ଉଭୟଙ୍କର, ଏହାକୁ ସେମାନେ ସାନ୍ତାଳୀ ଭାଷାରେ ସୋହରାଇ କହନ୍ତି ।

ସାନ୍ତାଳୀ ବାନ୍ଦନା ସୋହରାଇ ଗୀତ :-

ଭିତ ପିଁଡା ଅଳା ଦୁୟାର
ଦେଲାଂ ପୁତା ଲଗନ ଲଗନ,
ହାଥୀ ଲେକାନ ସୋହରାଇ ଦାୟନା
ସେଟେ ରେନାରେ ।

(ଘରବାଡି ଅଗଣା ସଜାଅ, ହାତୀପରି ସୁବିଶାଳ ପର୍ବ ମାଡିଆସୁଛି, ଆଉ ଡେରି କରନା)

କିନ୍ତୁ ଯେତେବେଳେ ଗୋରୁ ବନ୍ଦାନ୍ତି ଓ ଧାଙ୍ଗୁୟାନୀ (ପ୍ରତ୍ୟେକ ଗୁହାଳର ଗୋରୁଙ୍କ ବନ୍ଦନା ଜାଗେଇବା ପାଇଁ ରାତିସାରା ଚାଲୁଥିବା ଏକ ସାଂସ୍କୃତିକ ଶୋଭାଯାତ୍ରା) ଗୀତରେ ଗାଆନ୍ତି-

ବଲେ ଅହିରେ ଆଶ୍ୱିନ ବାହାରାତେ
କାର୍ତ୍ତିକ ସାମାତେ ବାବୁ ହୋ
ପଲିଗେଲା ଅମାବାସ୍ୟାକ ରାତିରେ ।

ଏହା ହେଉଛି କୁଡୁମିଙ୍କ ବାନ୍ଦନା ଗୀତ । ଏଥିରୁ ସ୍ପଷ୍ଟ ଯେ କୁଡୁମିଙ୍କ ବାନ୍ଦନା ପର୍ବ ସାନ୍ତାଳଙ୍କ ଉପରେ ପ୍ରଭାବ ପକାଇଛି ।

ମନୁସ୍ମୃତି ୮/୨୦ (ଶୂଦ୍ର ନିର୍ଯ୍ୟାତନାରେ ଆଲୋଚିତ) ଅନୁସାରେ ରାଜାଙ୍କ ପାତ୍ରମନ୍ତ୍ରୀ କେବଳ ବ୍ରାହ୍ମଣ ହିଁ ରହିବେ । ଅର୍ଥାତ୍ ରାଜା ବିରବଲ ବ୍ରାହ୍ମଣ ପାରିଷଦଙ୍କ ଉପସ୍ଥିତିରେ ଏଠାରେ ଏକ ଛୋଟ ଆର୍ଯ୍ୟରାଜ୍ୟ ପ୍ରତିଷ୍ଠା କରି ପାରିଥାନ୍ତେ । ମାତ୍ର ସେ ସମସ୍ତ ବ୍ରାହ୍ମଣ ପାରିଷଦଙ୍କ ସହିତ ଆଦିବାସୀ କୁଡୁମି ହୋଇ, ଆର୍ଯ୍ୟ ଋଷିଗୋତ୍ର ଛାଡି ଇତର ପ୍ରାଣୀ ପଦାର୍ଥ ବଂଶନାମ (ଦ୍ରାବିଡୀୟ ଟୋଟେମ୍) ଗ୍ରହଣ କରି ଆର୍ଯ୍ୟଦେବତା ଇନ୍ଦ୍ର, ଅଗ୍ନୀ, ବରୁଣ, ବ୍ରହ୍ମା, ବିଷ୍ଣୁ, ଗଣେଶ ଆଦିଙ୍କୁ ବିସ୍ମରି ଯିବା, ତାଙ୍କ ଠାରୁ ଆର୍ଯ୍ୟ କ୍ଷତ୍ରିୟଙ୍କ ବ୍ରତାଦି ସଂସ୍କାର ଗୁଡିକର କୌଣସି ଅପଭ୍ରଂଷିତ ରୂପ ନମିଳିବାଟା ଏକ ଗୁରୁତର ଅସଙ୍ଗତି ୪ ଅର୍ଥାତ୍ ଏ କାହାଣୀ ଏକ କାଳ୍ପନିକ ମନଗଢ଼ା କାହାଣୀ ।

୩ୟ ଯୁକ୍ତି-ଟୁସୁ (କୁହାଯାଏ ଶିବାଜୀ ଚିତୋରର ଶିଶୋଦିୟା ରାଜପୁତଙ୍କ ବଂଶଧର । ଏଣୁ ବିରବଲଙ୍କୁ ବୁଲନ୍ଦସରରୁ ଚିତୋରକୁ ସ୍ଥାନାନ୍ତରିତ କରାଯାଇଥିଲା, ଶିବାଜୀ ବଂଶଧର ହେବାକୁ) ବିରବଲ ଉପାଖ୍ୟାନ ପୁଣି ପରିବର୍ତ୍ତିତ ହେଲା ,ଯେ ସେ ଥିଲେ ଚିତୋରର ରାଣା ରତନ ସିଂଙ୍କ ପୁତ୍ର । ଆଲ୍ଲାଉଦ୍ଦିନ ଖିଲିଜଙ୍କ ଚିତୋର ଆକ୍ରମଣ ବେଳେ ସେ ବିରବଲ କନ୍ୟା ଟୁସୁମନୀକୁ ବାହାହେବାକୁ ଚାହିଁଲେ । ବିରବଲ କନ୍ୟାର ଗଙ୍ଗାସ୍ନାନ ପରେ ବିବାହର ପ୍ରତିଶ୍ରୁତି ଦେଇ ସେନାପତି ସୀତାରାମ ମହାନ୍ତଙ୍କ ଅଭିଭାବକତ୍ୱରେ ଟୁସୁଙ୍କୁ ବଲପାହାଳ ପ୍ରେରଣ କଲେ । ବାଦଶାହୀ ସୈନ୍ୟ ତାହା ଜାଣିପାରି ଅନୁଧାବନ କରିବାରୁ ସେ ଦାମୋଦର ନଦୀରେ ଅନ୍ୟମତେ କାଂସାଇ (କଂସାବତୀ) ନଦୀରେ ମକର ସଂକ୍ରାନ୍ତିରେ ଆତ୍ମବିସର୍ଜନ କରିବାରୁ ସେହି ସ୍ମୃତିରେ କୁଡୁମିଙ୍କ ଟୁସୁ ପର୍ବ ମକର ସଂକ୍ରାନ୍ତିରେ ହୁଏ ।

କିନ୍ତୁ ଇତିହାସ କହେ ରାଣା ରତନ ସିଂହଙ୍କ ଅପରୂପା ରାଣୀ ପଦ୍ମିନୀଙ୍କୁ ଲାଭ କରିବା ପାଇଁ ଆଲ୍ଲାଉଦ୍ଦିନ ଖିଲିଜ୍ ୧୩୦୩ ଖ୍ରୀଷ୍ଟାବ୍ଦରେ ଚିତୋର ଆକ୍ରମଣ କଲେ । ଯୁଦ୍ଧରେ ରାଣା ନିହତ ହେଲେ । ଦୁର୍ଗରେ ଥିବା ସମସ୍ତ ସ୍ତ୍ରୀଙ୍କ ସହ ରାଣୀ ପଦ୍ମିନୀ ଜହରବ୍ରତ କରି ଅଗ୍ନୀରେ ଝାସ ଦେଲେ । ତେବେ ତାଙ୍କର ନାତୁଣି ପୁତ୍ର ବିରବଲଙ୍କ କନ୍ୟା ଟୁସୁମନୀ ବଞ୍ଚିଲେ କେମିତି ? କ'ଣ ଖିଲିଜ୍ ରାଣୀ ପଦ୍ମିନୀଙ୍କୁ ନପାଇ ନାତୁଣୀ ଟୁସୁମନିକୁ ବିବାହ ପ୍ରସ୍ତାବ ଦେଲେ । ଧରାଯାଉ ସେ ଜହର ବ୍ରତରୁ ବଞ୍ଚିଯାଇ ବଳପାହାଲକୁ ପଳାୟନ କଲେ ।

ତେବେ ଟୁସୁ ଉତ୍ସବର ପାରମ୍ପରିକ ଲୋକଗୀତ ଗୁଡିକ ସେବେଠାରୁ କୁମାରୀ କନ୍ୟାମାନେ ଗାଇ ଆସୁଛନ୍ତି । ସେଥିରେ କିନ୍ତୁ ଏମିତି କୌଣସି ଗୀତ ନାହିଁ ଯାହାକି ଟୁସୁ ବିରବଲଙ୍କ ଝିଅ, ଚିତୋରରେ ଘର, ଖିଲିଜ୍ଙ୍କ ତାଡନାରେ ଜଳସମାଧି ନେବା ପୁଷ୍ଟିକର ବରଂ ଟୁସୁ ଗୀତରେ ଅଛି - ହାମଦେର (ଆମର) ଟୁସୁର ଏକଟି ଛାଇଲା(ପୁତ୍ର) ମାନବାଜାରେ ଶଶୁର ଘର,

ଜଲେର ଘାଟେ କଲସୀ ରାଖେଁ ପାଲାଇଁ ଆଇଲ ବାପେର ଘର ।

ବିସର୍ଜନ ଗୀତରେ ଅଛି-

ଜଲଜଲ୍ୟେ ବଲଛ ଟୁସୁ, ଜଲେ ତୋମାର କେ ଆଛେ,
ଶିଶୁକାଲେ ମାଇଁ ମରିୟେଁଛେ, ଜଲେ ଶଶୁର ଘର ଆଛେ ।

ଏ ଗୀତ ଗୁଡିକ ପ୍ରୋକ୍ତ ଲୋକକଥାର ନାୟିକା ଟୁସୁ ଯେ କୁମାରୀ କନ୍ୟା ଅସିଦ୍ଧ ଘୋଷଣା କରେ । ତେବେ ଏ ଟୁସୁ କିଏ ? ବିଧି ଅନୁସାରେ ଟୁସୁର ସ୍ଥାପନା ପୌଷ ପହିଲାରେ ହେବା କଥା । କିନ୍ତୁ ଯଦି ଖଳାରେ ଧାନଅମଳ ସରିନଥାଏ, ଏହା ଘୁଞ୍ଚିଯାଏ, ତେବେ ଧାନ ସହିତ ଏହାର କ'ଣ କିଛି ସଂପର୍କ ଅଛି? ଏମାନଙ୍କ ମାତୃଭାଷା କୁଲ୍ମାଲୀରେ ଏକ କଥା ପ୍ରଚଳିତ-

ଷେତେ ଧାନୀ ଖରୟେ(ଖଳାରେ) ଡିନି, ପାଳୟେ(ଧାନଭାଡିରେ) ଡିମ୍ନୀ,
ଯେଇଁ(ଯେ) ଡିନି, ଥିଇଁ (ସେ) ଟୁସୁମନୀ ।

ଏହାର ତାତ୍ପର୍ଯ୍ୟ ହେଲା, ଟୁସୁ ବିଲରେ ଧାନୀ ଭାବରେ ରହିନ ମୁଠି କଲାବେଳେ, ପ୍ରଥମ ଧାନରୁଆ ବେଳେ, ପ୍ରଥମ ଧାନକଟା ବେଳେ, ଓ ଶେଷ ଧାନ୍ବୁଦାକୁ ନକାଟି ଉପାଡି କ୍ଷେତ ବଢାଇଲା ବେଳେ, ଖଳାରେ ସେହି କ୍ଷେତବଢା ଧାନଗଛ ଡିନି ରୂପରେ, ଧାନ ଭାଡିରେ ସେ ଡିମ୍ନୀ ରୂପରେ ପୂଜା ପାଏ । ଅର୍ଥାତ୍ ଟୁସୁ କୃଷିଜୀବୀ କୁଡୁମି ଜାତିର ଶସ୍ୟଦେବୀ, ଆର୍ଯ୍ୟମତରେ ଲକ୍ଷ୍ମୀ ପର୍ଯ୍ୟାୟବାଚୀ । ଶଶୁର ଘର ବିନା ଯେମିତି କୌଣସି ନାରୀ ବଂଶବୃଦ୍ଧି କରିପାରେନା, ଶସ୍ୟଦେବୀ ଟୁସୁ ମଧ୍ୟ ସେମିତି ଜଳବିନା ନିଜର ବଂଶବୃଦ୍ଧି କରିପାରନ୍ତି ନାହିଁ । ଏଣୁ ଯଥାର୍ଥରେ ଜଳକୁ ତାଙ୍କର ଶଶୁରଘର ବୋଲି ଭସାଣି ଗୀତରେ ବୋଲାଯାଏ ।

ଟୁସୁ ସ୍ଥାପନା :- ଟୁସୁ ସ୍ଥାପନା ପାଇଁ ଗୋଟିଏ ନୂଆମାଟିର ସରାରେ ଅଳ୍ପବାଲି, ୨ଟି ଗୋବର ଢୁଲା, ୨ଟି ଚାଉଳଚୁନା ଢୁଲା, ଅରୁଆଚାଉଳ, ଅରୁଆ ଧାନ, ତୁଷ୍(ତୁଷ) ହଳଦୀ ୫ବର୍ଣ୍ଣର ବିଭିନ୍ନ ପରିବା ଜାତୀୟ (ବାଇଗଣ,ଶିମ୍ବ,ବଣଷୋରିଷ ଇତ୍ୟାଦି) ଫୁଲ ସହିତ ବାନ୍ଦୁଫୁଲ (ଶାଳ ଗଛର ମଲାଙ୍ଗ ଫୁଲ) ନିହାତି ଅପରିହାର୍ଯ୍ୟ । ଗୋଟିଏ କୁମାରୀକନ୍ୟା ଟୁସୁର ମାଆ ହୋଇ ଟୁସୁ

ସ୍ଥାପନା କରେ, ସେ ଏକମାସ ଧରି ସାନ ଛୁଆର ମାଆପରି ନୀତିନିୟମ ମାନି ଦେବୀଙ୍କୁ ଭୋଗନୈବେଦ୍ୟ ଦେଇ ଲାଳନପାଳନ କରେ ଯାହାକି ଏ ସଂସ୍କୃତିର ଏକ ପ୍ରତିକାତ୍ମକ ଶିକ୍ଷା ତାର ଭବିଷ୍ୟତ ସାଂସାରିକ ଜୀବନରେ ସହାୟକ ହୁଏ । ଏମାନେ ପ୍ରାକ୍ ଆର୍ଯ୍ୟ ଦ୍ରାବିଡୀୟ ଜାହିରାପନ୍ଥୀ, ଘଟଗାଁର ମାଆ ତାରିଣୀଙ୍କ ପୀଠ ଏକ ପ୍ରସିଦ୍ଧ ଜାହିରା ପୀଠ ଅଟେ । ଏମାନେ ପ୍ରକୃତି ପୂଜକ, ପ୍ରତିମା ପୂଜା କରନ୍ତି ନାହିଁ । ତେବେ ଆର୍ଯ୍ୟ ସଂସ୍କୃତିର ପ୍ରଭାବରେ ଟୁସୁର ପ୍ରତିମା ପ୍ରଚଳିତ ହେଲେ ମଧ୍ୟ ଭସାଣୀ ବେଳେ ପୂର୍ବର ପ୍ରାକୃତିକ ଟୁସୁ ଉପକରଣ ଗୁଡିକ ମଧ୍ୟ ଭସାଯାଇଥାଏ । ପୁରୁଲିଆ ଅଞ୍ଚଳରେ ଟୁସୁ ପ୍ରତିମାର ପ୍ରଚଳନ ବର୍ତ୍ତମାନ ସୁଦ୍ଧା ଆରମ୍ଭ ହୋଇ ନାହିଁ ।

ଉଦ୍ଦେଶ୍ୟ :- ଆଦିମାନବ ପ୍ରକୃତିର ଗତାନୁଗତିକ ପରିବର୍ତ୍ତନକୁ ବିସ୍ମୟବିସ୍ଫାରିତ ନେତ୍ରରେ ଅବଲୋକନ କରୁଥିଲା । ତାର ବିଶ୍ୱାସ ହେଲା କେଉଁଠି ନା କେଉଁଠି ଏକ ଐଶ୍ୱରୀୟ ସତ୍ତା ଲୁଚି ରହି ଏ ପ୍ରକୃତିକୁ ନିୟନ୍ତ୍ରଣ କରୁଛି । ଏହି ଦର୍ଶନ ତତ୍ତ୍ୱ ହିଁ ଥିଲା ଆଧ୍ୟାତ୍ମିକତାର ଜନକ । ଶସ୍ୟସବୁ ପାଚି ଗଛଗୁଡିକ ମରିଯିବାର ଦେଖି ସେ ଭାବୁଥିଲା ଶସ୍ୟଦେବୀଙ୍କର ଗୋଟିଏ ଜୀବନଚକ୍ର ସରିଗଲା । ତାଙ୍କର ବିଦାୟର ବେଳା ଆସିଗଲା, ଏଣୁ ଏ ଶସ୍ୟ ଉତ୍ସବ । ମାଟିସରା ବାଲି ଧରିତ୍ରୀର ପ୍ରତୀକ, ଗୋବର ଢୁଲା ହେଉଛି ଉର୍ବରତାର ପ୍ରତୀକ, ତୁଷ ହେଉଛି ମୃତ ଶସ୍ୟର ପ୍ରତୀକ, ଏହି ତୁଷରୁ ତୁଷୁ-ଟୁସୁ ନାମର ଉଦ୍ଭବ ହୋଇଛି । ଶସ୍ୟଦେବୀ ଟୁସୁଙ୍କ ବିଦାୟ ସହିତ ପୁଣି ତାଙ୍କର ପୁର୍ନଜନ୍ମ କାମନାରେ ଜଳ ଉର୍ବରତା ଉପସ୍ଥିତିରେ ପ୍ରକୃତି ଧରଣୀରାଣୀର ପ୍ରଜନନ ଶକ୍ତିକୁ ନୃତ୍ୟଗୀତ ମାଧ୍ୟମରେ ଆନନ୍ଦ ଉଲ୍ଲାସରେ ଆବାହନ ଜଣାଇ ତାଙ୍କର ବିସର୍ଜନ ମକର ସଂକ୍ରାନ୍ତିରେ କରାଯାଏ । ଏଥିରେ ବିରବଲ କନ୍ୟାର ବିୟୋଗାନ୍ତକ ଶୋକାକୁଳ ପରିବେଶ ତିଳେହେଲେ ନଥାଏ । ପ୍ରତ୍ୟେକ ମାନବର ବିଶ୍ୱାସ ଯେ କୁମାରୀ କନ୍ୟାଠାରେ ହିଁ ପ୍ରଜନନ ଶକ୍ତି ସବୁଠାରୁ ଅଧିକ, ଏଣୁ ତାଙ୍କ ଦ୍ୱାରା ହିଁ ଏ ଉତ୍ସବ ପାଳନ କରାଯାଏ । ସଂକ୍ରାନ୍ତି ପରଦିନ ଶସ୍ୟଦେବୀଙ୍କର ଆଉ ଏକ ନୂତନ ଜୀବନଚକ୍ର ପାଇଁ ହାଲପୁନା ବା ହଳାରମ୍ଭ କରାଯାଏ ।

ଆଦିମାନବର ପ୍ରତ୍ୟେକ ଅନୁଷ୍ଠାନ ତ କେବଳ ପଶୁଧନ, ଶସ୍ୟ ଓ ସନ୍ତାନ କାମନା ପାଇଁ ଉତ୍ସର୍ଗୀକୃତ ।

୪ର୍ଥ ଯୁକ୍ତି :- ପଶ୍ଚିମବଙ୍ଗରେ ପ୍ରଚାରିତ ହେଲା ଯେ ଖିଲିଜ୍‌ଙ୍କ ଗୁଜୁରାଟ ଆକ୍ରମଣ ବେଳେ କୁଡୁମିମାନେ ଭୀରୁ ପଳାତକ କ୍ଷତ୍ରିୟ ଭାବରେ ଛୋଟନାଗପୁର ମାଳଭୂମିକୁ ପଳାଇ ଆସିଛନ୍ତି । ଆଲ୍ଲାଉଦ୍ଦିନ ଆକ୍ରମଣ ପୁଷ୍ଟି କରେ ଯେ ଏମାନେ ୧୩୦୩ ପରେ ଏଠାକୁ ଆସିଛନ୍ତି । କିନ୍ତୁ ପୂର୍ବରୁ ଆଲୋଚିତ ଯେ ଏମାନେ ଖ୍ରୀଷ୍ଟପୂର୍ବ ୧୦୦୦ ଆଗରୁ ଗାଙ୍ଗେୟ ସମତଳ ଭୂମିରୁ ମାଳଭୂମିକୁ ପ୍ରବେଶ କରିଛନ୍ତି, ଚିତୋର କି ଗୁଜୁରାଟରୁ ଆସି ନାହାନ୍ତି ।

ରିଜଲି ତାଙ୍କ ପୁସ୍ତକ TCB ୧୮୯୧ରେ ପ୍ରତ୍ୟେକ ମୁଖ୍ୟ ଜାତିର ଉତ୍ସ, ସ୍ଥାନାନ୍ତର ଲୋକକଥା ଲେଖିଛନ୍ତି । କୁଳ୍‌ମିଙ୍କ ଉତ୍ସ ଅଜଣା ଲେଖିଛନ୍ତି । ସେଥିରେ ପଞ୍ଚେତର ଗୋବଂଶ ରାଜପୁତ୍‌ଙ୍କ ସୃଷ୍ଟିରେ କୁଳ୍‌ମିଙ୍କ ଭୂମିକାର ଲୋକକଥା ବର୍ଣ୍ଣନା କରିଛନ୍ତି, ମାତ୍ର ବର୍ତ୍ତମାନର କୁଳମିଙ୍କ କ୍ଷତ୍ରିୟ ହେବାର ଏ ବିରବଲ୍ ଲୋକକଥା ସେଥିରେ ଉଲ୍ଲେଖ ନାହିଁ । ଏଥିରୁ ମଧ୍ୟ ସିଦ୍ଧ ହୁଏ ଏ

ବିରବଲ, ଟୁସୁ ଲୋକକଥା ୧୯୧୫ ମସିହା ପରେ କ୍ଷତ୍ରିୟ ଆନ୍ଦୋଳନ ବେଳକୁ ଜନ୍ମ ହୋଇ ପ୍ରଚାରିତ ହୋଇଥିଲା ।

ସେ ଏଥିରେ ଆସାମ ଉତ୍ତର ବଙ୍ଗର କଚ/ରାଜବଂଶୀ ଜାତିର କ୍ଷତ୍ରିୟ ହେବାର ଲୋକକଥା ବର୍ଣ୍ଣନା କରିଛନ୍ତି; ଯେ ଏମାନେ ସେହି କ୍ଷତ୍ରିୟଙ୍କ ବଂଶଧର ଯେଉଁମାନେ ପର୍ଶୁରାମଙ୍କ କ୍ଷତ୍ରିୟ ମାରଣ ଯଜ୍ଞବେଳେ ଜଙ୍ଗଲରେ ଆସି ଲୁଚି ରହିଗଲେ । ଅବଶ୍ୟ ଆସାମ ସରକାର ଏମାନଙ୍କୁ ୫ ବର୍ଷତଳେ ପୁଣି ଆଦିବାସୀର ମାନ୍ୟତା ଦେଇଛନ୍ତି । ଏମାନଙ୍କୁ ମଧ୍ୟ କୁର୍ମିକ୍ଷତ୍ରିୟ ମହାସଭା ସଦସ୍ୟ ଭାବେ ରଖିଛି । ଏମାନେ ତ ନିଜର ଟୋଟେମ ଗୁଡିକ ଲୁଚାଇ କେବଳ କାଶ୍ୟପ ଗୋତ୍ରୀ ହୋଇଥିଲେ । ସୁଖର କଥା କ୍ଷତ୍ରିୟ ଆନ୍ଦୋଳନ ବେଳେ କୁଡୁମିଙ୍କ ଟୋଟେମ ଗୁଡିକ ଲୁଚା ଯାଇନଥିଲା । ରାଜବଂଶି ମାନଙ୍କୁ ୧୮୮୫ ଆଗରୁ କ୍ଷତ୍ରିୟ କରିବାର ପ୍ରକ୍ରିୟା ଆରମ୍ଭ ହୋଇଯାଇଥିଲା । କାଶ୍ୟପ ଗୋତ୍ରୀ କରିବାର କାରଣ ପୁରାଣ ମତରେ କାଶ୍ୟପଙ୍କ ୧୩ ପତ୍ନୀଙ୍କ ଠାରୁ ଦେବତା, ପଶୁ, ପକ୍ଷୀ, ସାପ, କୁକୁର, ବିଲେଇ, କୀଟପତଙ୍ଗ ସବୁ ଜନ୍ମ ହୋଇଛନ୍ତି, ତେଣୁ ଏମାନେ ସମସ୍ତେ କାଶ୍ୟପ ଗୋତ୍ରୀ ।

କେତେକ ମତ ଦିଅନ୍ତି ବେଦ ରଚୟିତା ଋଷି ମଧ୍ୟରେ କୁର୍ମକାଶ୍ୟପଙ୍କ ଠାରୁ କୁର୍ମି ଜାତିର ଉତ୍ପତ୍ତି । ମାତ୍ର ଋକ ବେଦର ମନ୍ତ୍ରଦ୍ରଷ୍ଟା ଋଷି ମଧ୍ୟରେ କୁର୍ମ ଗାର୍ସମଦ, କାଶ୍ୟପ, ନୈଧ୍ରୁବି କାଶ୍ୟପ, ଅବସାର କାଶ୍ୟପ, ରେଭ କାଶ୍ୟପ ଅଛନ୍ତି ମାତ୍ର କୁର୍ମକାଶ୍ୟପ ଋଷିଙ୍କ ନାମ ଦେଖାଯାଏନା । କୁର୍ମକାଶ୍ୟପ ଋଷି କାସ୍ପିୟାନ ହ୍ରଦର ଜଳକୁ କେନାଲ ଦ୍ୱାରା ନିଷ୍କାସିତ କରି ଭୂମି ବାହାର କରିଥିଲେ । ଏତେ ଜଳ ନିଶ୍ଚୟ ସମୁଦ୍ରକୁ ନିଷ୍କାସିତ ହୋଇଥିବ , ସମୁଦ୍ର ଓ କାସ୍ପିୟାନ ହ୍ରଦର ଜଳପତନ ସମାନ ହୋଇଯାଇଥିବ । ମାତ୍ର ସେ ହ୍ରଦରେ ଜଳପତନ ସମୁଦ୍ର ପତନ ଠାରୁ ୨୮ ମି. ବା ୯୨ ଫୁଟ ତଳେ ରହିଛି । ଓ ଏହାର ତଟରେ ହଜାର ହଜାର ଏକର ଜମି ଅଛି ଯେଉଁଗୁଡିକ କି ସମୁଦ୍ର ପତନରୁ ନିମ୍ନରେ; ଯାହାକି ଋଷିଙ୍କ କରିସ୍ମା ରୂପରେ ବର୍ଣ୍ଣନା ହୋଇଥିବ, ଯାହାକି ସେ ଅଞ୍ଚଳର ଏକ ଭୌଗୋଳିକ ସ୍ଥିତି । କେନାଲ ଖୋଲା ହୋଇଥିଲେ ଓଲଟି ସମୁଦ୍ରପାଣି ସେ ଜମିକୁ ବୁଡାଇ ଦିଅନ୍ତା ।

କ୍ଷତ୍ରିୟ ସଂସ୍କାର ଠାରୁ ଦୂରରେ କୁଡୁମି :-

କ୍ଷତ୍ରିୟର ୯ କର୍ମ :- ଏ ବୈଦିକ ୯ଟି ସଂସ୍କାର ଥିଲେ ଯାଇ କ୍ଷତ୍ରିୟ କୁହାଯାଏ । ଯଥା :- ୧) ଗର୍ଭାଧାନ, ୨) ପୁଂସବନ, ୩) ସୀମନ୍ତୟନ (ଏ ତିନୋଟି ଜନ୍ମପୂର୍ବ ସଂସ୍କାର), ୪) ଜାତକର୍ମ (ଜନ୍ମପରେ ଶୌଚାଦି), ୫) ନାମକରଣ, ୬) ବହିଃନିଷ୍କ୍ରମଣ, ୭)ଅନ୍ନପ୍ରାସନ, ୮) ଚୂଡାକରଣ, ୯) ବ୍ରତୋପନୟନ । ବୈଶ୍ୟର ମଧ୍ୟ ଏତକ ସଂସ୍କାର ଅଛି । ବ୍ରାହ୍ମଣର ଅଧିକା ବେଦାଧ୍ୟୟନ ସଂସ୍କାର ମିଶାଇ ୧୦କର୍ମ ବର୍ତ୍ତମାନ ବିବାହ ପୂର୍ବରୁ କରାଯାଏ । ବ୍ରତ ଆପଦ କାଳରେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟଙ୍କର ଯଥାକ୍ରମେ ୧୬ବର୍ଷ ୨୨ବର୍ଷ ଓ ୨୪ ବର୍ଷ ମଧ୍ୟରେ ନକଲେ ସେମାନେ ବ୍ରାତ୍ୟ ବା ଶୁଦ୍ର ଭାବରେ ପତିତ ହେବେ (ମନୁ ୨/୩୯), ପୁଣି ତାଙ୍କ ପାଇଁ ବ୍ର୍ୟତ୍ୟୋଷ୍ଟମ ଯଜ୍ଞ ରହିଛି । ଅଧିକାଂଶ କୁଡୁମି ଏ ସଂସ୍କାର ନାମ ମଧ୍ୟ ଶୁଣି ନାହାନ୍ତି ।

ଭିକ୍ଷା :- ବ୍ରତ ସଂସ୍କାରରୁ ଦ୍ୱିଜ ହେବାରୁ ଏ ତିନିବର୍ଣ୍ଣଙ୍କୁ ସବର୍ଣ୍ଣ କୁହାଯାଏ । ବ୍ରତପରେ ବ୍ରହ୍ମଚାରୀ ଭିକ୍ଷା ଗ୍ରହଣ କରେ । ଭିକ୍ଷା ମାଗିଲା ବେଳେ

ବ୍ରାହ୍ମଣ ବ୍ରହ୍ମଚାରୀ କହିବ - ଭବତି ଭିକ୍ଷାଂ ଦଦାତୁ
କ୍ଷତ୍ରିୟ ବ୍ରହ୍ମଚାରୀ କହିବ - ଭିକ୍ଷାଂ ଭବତୀ ଦଦାତୁ
ବୈଶ୍ୟ ବ୍ରହ୍ମଚାରୀ କହିବ - ଭିକ୍ଷାଂ ଦଦାତୁ ଭବତୀ ।

ଏଥିରୁ ଗୃହସ୍ୱାମୀ ବ୍ରହ୍ମଚାରୀର ବର୍ଣ୍ଣ ଜାଣି ଭିକ୍ଷା ଦେବ -ମନୁ ୨/୪୯ ।

ବୌଦ୍ଧ ଭୀକ୍ଷୁ କହିବେ - ବୁଦ୍ଧଂ ଶରଣଂ ଗଚ୍ଛାମି, ସଘଂ ଶରଣଂ ଗଚ୍ଛାମି ।

ଆର୍ଯ୍ୟ ସଂସ୍କୃତିରେ ବ୍ରତପରେ ବ୍ରହ୍ମଚାରୀ, ସନ୍ୟାସୀ, ବାନପ୍ରସ୍ଥି, ବୌଦ୍ଧ ଓ ଜୈନ ଭିକ୍ଷୁ ଭିକ୍ଷା ଗ୍ରହଣ କରନ୍ତି । ମାତ୍ର ପଙ୍ଗୁ କୁଡୁମି ମଧ ଭିକ୍ଷା ମାଗିବାକୁ ଘୃଣା କରେ, କାରଣ ଏମାନେ ଆର୍ଯ୍ୟ ସଂସ୍କୃତିର ବାହାର ଲୋକ ।

ଦେବାଦେବୀ :- ଆର୍ଯ୍ୟଙ୍କ ଦେବତା ଇନ୍ଦ୍ର, ଅଗ୍ନୀ, ବରୁଣ, ବ୍ରହ୍ମା, ବିଷ୍ଣୁ, ଆଦିଙ୍କୁ କୁଡୁମି ପୂଜା କରନ୍ତିନାହିଁ । ତାଙ୍କର ଦେବାଦେବୀ ହେଲେ ସବୁ ଅନାର୍ଯ୍ୟ ଦେବତା ବୁଳହାବାବା(ମହାଦେବ), ମହାମାଇଁ (ଆଦିମାତା), ଧରମ ଦେବତା(ସୂର୍ଯ୍ୟ), ଗରାମ(ଗ୍ରାମଦେବତା), ଜାହେର ମାଇଁ (ଗ୍ରାମଦେବୀ), ଭାନସିଂ, ଗରୟା ,ଗୋସାଇଁରାଏ, ବଳପାହାଳ, ବାଘୁତ, ଦେଶୁଆଲୀ, ରାଙ୍ଗାହାରୀ, ବଡାମଠାକୁର, କୁଦରା, ଖେତୁଳି, ବାଉଡି ,ବେତାଳ,ତାରିଣୀ, ସାତବାହିନୀ, ଖିଚିଂ ଠାକୁରାଣୀ, କରମ, ଦୁଆରସିନି, ଘାଟସିନି, ମହାରାଏ, ମନସା ଇତ୍ୟାଦି ।

ଜାହିରାପୂଜା :-

ଆଦିବାସୀଙ୍କ ତାରିଣୀ ଏହି ଜାହିରା ମତେ ପୂଜା ପାଆନ୍ତି । ଏ କୁଡୁମି ଜାତି ଜାହିରାପନ୍ଥୀ । ଜାହିରାମତରେ ଦେବସ୍ଥଳୀ ଦେବତା ପଶ୍ଚିମମୁଖୀ, ପୂଜକ ପୂର୍ବମୁଖ ହୋଇ ପୂଜା କରନ୍ତି । ଅଧିକାଂଶ ପୂଜାରେ କୁକୁଡା ଛେଳି ଆଦି ବଳି ଦିଆଯାଏ । ଧର୍ମଦେବତା ସୂର୍ଯ୍ୟଙ୍କର ଧଳା ପ୍ରକାଶ ପାଇଁ କୁଡୁମି ସମେତ ସାନ୍ତାଳ, ଗଣ୍ଡ, ଭୂମିଜ, ଭୂୟାଁ, ସାଉଁତି, ବାଥୁଡି, ଶବର, କନ୍ଧ ଇତ୍ୟାଦି ଆଦିବାସୀ ସମସ୍ତେ ଧର୍ମ ଦେବତାଙ୍କୁ ଧଳା ଗଞ୍ଜା ବା ଧଳାବୋଦା ସାଧାରଣତଃ ବଳି ଦିଅନ୍ତି । କାର୍ତ୍ତିକ ଧର୍ମମାସ ଓ ସଂକ୍ରାନ୍ତିରେ ଆର୍ଯ୍ୟମାନେ ଆମିଷ ଛାଡିଛନ୍ତି । କିନ୍ତୁ କୁଡୁମି କାର୍ତ୍ତିକ ଅମାବାସ୍ୟାରେ ପଡୁଥିବା ମୁଖ୍ୟପର୍ବ ବାନ୍ଦନାରେ ୫ ରୁ ୧୧ ଯାଏ କୁକୁଡା ବଳି ଦେଇ ସବୁଠାରୁ ବେଶି ମାଂସ ଆନନ୍ଦରେ ଖାଆନ୍ତି । ଏ ସଂସ୍କୃତିରେ ସଂକ୍ରାନ୍ତି, ପୂର୍ଣ୍ଣିମା, ଅମାବାସ୍ୟା, ଏକାଦଶୀ ସବୁଥିରେ ଆମିଷ ଚଳନୀୟ । ହୋମ ଯଜ୍ଞ ଘୃତାହୁତିର ଚିହ୍ନ ନାହିଁ; ଆର୍ଯ୍ୟମତେ ମନ୍ଦିର ଓ ଦେବତା ପୂର୍ବମୁଖୀ, ବ୍ରାହ୍ମଣ ପୁରୋହିତ ଉତ୍ତରମୁଖ ହୋଇ ପୂଜା କରନ୍ତି । ଆଜିକାଲି ଜାହିରା ଦେବୀ ତାରିଣୀଙ୍କୁ ଆର୍ଯ୍ୟାୟିତ କରିବାର ଚେଷ୍ଟା ଚାଲିଛି । ଘଟଗାଁ ତାରିଣୀ ପୀଠରେ ଆଦିବାସୀ ଦେହୁରୀଙ୍କ ସ୍ଥାନରେ ବ୍ରାହ୍ମଣମାନେ ବିବାହ କରାଉଛନ୍ତି । ଅଧିକାଂଶ ସ୍ଥାନରେ ତାରିଣୀ ମନ୍ଦିର ଜାହିରା ମତରେ ପଶ୍ଚିମମୁଖୀ ପରିବର୍ତ୍ତେ ଆର୍ଯ୍ୟମତରେ ପୂର୍ବମୁଖୀ ହୋଇ ତିଆରି ହେଉଛି ଓ ବ୍ରାହ୍ମଣ ପୂଜକ ନିଯୁକ୍ତ ହେଉଛନ୍ତି । ଏହା ଦ୍ୱାରା ଜାହିରାପନ୍ଥୀ ଆଦିବାସୀ ଦେହୁରୀଙ୍କ ପ୍ରଭାବ

କ୍ଷୁର୍ଣ୍ଣ ହେଉଛି । ଖ୍‌ଚିଂ ଠାକୁରାଣୀଙ୍କ ମୁଖ୍ୟ ପୂଜକ ଭାବରେ ଭୂୟାଁ ଦେହୁରୀଙ୍କ ସ୍ଥାନରେ ବର୍ତ୍ତମାନ ବ୍ରାହ୍ମଣ ପୂଜା କରୁଛନ୍ତି ।

ପର୍ବପର୍ବାଣୀ :- ଆର୍ଯ୍ୟ ତଥା ଉତ୍ତର ଭାରତର କୁର୍ମିଙ୍କର ହୋଲି, ଦିପାବଳୀ, ରାକ୍ଷୀ, ତିଜ୍, ଛଠ୍ ଆଦି ନିଜସ୍ୱ ପର୍ବ ରହିଛି । କୁଡ଼ମିଙ୍କ ନିଜସ୍ୱ ପର୍ବ ହେଲା ଇନ୍ଦ୍, ଜାଓ୍ୱା, କରମ, ଛାତା, ବାନ୍ଦନା, ଟୁସୁ ,ମକର , ଅଖାଣି, ରହିଣ୍, ନୂଆଖିଆ, ଗହ୍ମା, ଚିତଉ ଇତ୍ୟାଦି । ସାଂସ୍କୃତିକ ଆଦାନ ପ୍ରଦାନ ଚାଲିଛି । ତଥାପି ତିଜ୍ ,ଛଠ କ'ଣ କୁଡ଼ମି ଜାଣନ୍ତିନାହିଁ, କି ବାନ୍ଦନା, କରମ ଉତ୍ତରସ୍ଥ କୁର୍ମି କଣ ଜାଣନ୍ତି ନାହିଁ ।

ଶିବାଜୀ

ଶିବାଜୀ (୧୬୨୭-୧୬୮୦) ନିଜର ଅସାଧାରଣ ପୁରୁଷାର୍ଥ ବଳରେ ଦୁର୍ଦ୍ଧଶ ମୋଗଲ ସମ୍ରାଟ ଆଉରଙ୍ଗଜେବଙ୍କୁ ପ୍ରତିହତ କରି ମରହଟ୍ଟା ଶକ୍ତି ଓ ସାମ୍ରାଜ୍ୟର ଅଭ୍ୟୁତ୍ଥାନ କରାଇ ପାରିଥିଲେ । ମାତ୍ର ଅନେକ ଦିନ ଧରି ତାଙ୍କର ଅଭିଷେକ ହୋଇପାରି ନଥିଲା । ସେ ଥିଲେ ଭୋନସଲା କୂଳର ମରହଟ୍ଟା । ମରାଠି ଚିତ୍‌ପାବନ ବ୍ରାହ୍ମଣମାନେ ମରହଟ୍ଟାଙ୍କୁ ଶୂଦ୍ର ଘୋଷଣା କରି ଅସ୍ତ୍ର ଧରିବା ଓ ଘୋଡା ଚଢିବା ବାରଣ କରିଥିଲେ । ସେ ବାରଣ ଭାଙ୍ଗି ଶିବାଜୀ ଅନେକ କ୍ଷତ୍ରିୟ ରାଜା ଜମିଦାରଙ୍କ ଉପରେ ମହାରାଜା ବନିଗଲେ, ତଥାପି ମରାଠି ବ୍ରାହ୍ମଣ ତାଙ୍କୁ କ୍ଷତ୍ରିୟ ନମାନି ତାଙ୍କର ଅଭିଷେକ କରିବାକୁ ମନାକଲେ । ତାଙ୍କର ଜଣେ ବିଶ୍ୱାସୀ କାୟସ୍ଥ ମନ୍ତ୍ରୀ ବାଲାଜି ଅବଜି ବନାରସର ସେତେବେଳର ଶ୍ରେଷ୍ଠ ପଣ୍ଡିତ ବିଶ୍ୱେଶ୍ୱର(ଗାଗା) ଭଟ୍ଟଙ୍କୁ ୩ ଲକ୍ଷ ଟଙ୍କା ପ୍ରଣାମୀ ଦେଇ ଅଭିଷେକ ପାଇଁ ରାଜି କରାଇଲେ । ସେ ଏକ ବଂଶାବଳୀ ତିଆରିଲେ ଯେ ଶିବାଜୀ ଚିତୋର/ ଉଦୟପୁରର ଶିଶୋଦିୟା ରାଜପୁତଙ୍କ ବଂଶଧର ଓ ତାଙ୍କୁ ଗାଗାଭଟ୍ଟଙ୍କଠୁ ସ୍ୱୀକୃତ କରାଇ ନେଲେ । । ଶିବାଜୀଙ୍କୁ ଯେତେବେଳେ ଗାଗାଭଟ୍ଟ, ସବୁଠାରୁ ବଡ ପଣ୍ଡିତ କ୍ଷତ୍ରିୟମାନିଗଲେ, ଦେଶସ୍ଥ ମରହଟ୍ଟା ବ୍ରାହ୍ମଣମାନେ ମଧ ଯୋଗ ଦେଲେ । ଶିବାଜୀଙ୍କ ଏ ବଂଶାବଳୀ ଜାଲି ଥିଲା । ସାତରା ସଂଗ୍ରହାଳୟ, କୋଲହାପୁର ଦରବାର ଓ ତାଞ୍ଜୋର ଶୀଳାଲେଖରେ ଥିବା ତାଙ୍କ ବଂଶାବଳୀରେ ଅନେକ ପାର୍ଥକ୍ୟ ରହିଛି । ଏହା ଐତିହାସିକମାନଙ୍କ ମତ ଅଟେ (୧) । କ୍ଷତ୍ରିୟକୂଳ ଜାତ ଜାଲ ବଂଶାବଳୀର ମୂଖ୍ୟ ଉଦ୍ଦେଶ୍ୟ ଥିଲା, ଅସଂବୃତ ନାମକ ନର୍କକୁ ଠକିବା । କାରଣ ଶୂଦ୍ରକୁ ଯେ ବ୍ରତ ଦୀକ୍ଷା ଦେବ (ବ୍ରତ ହେଲେ ଯାଇ କ୍ଷତ୍ରିୟ,ତାପରେ ଯାଇ ଅଭିଷେକ ହେବ), ସେ ପୁରୋହିତ ଶୂଦ୍ର ସହିତ ଅସଂବୃତ ନାମକ ନର୍କରେ ପଡିବେ । ମନୁସ୍ମୃତି ୪/୮୧-

ଯୋ ହ୍ୟସ୍ୟ ଧର୍ମମାଚଷ୍ଟେ ଯଶ୍ଚୈବାଦିଶତି ବ୍ରତମ୍
ସଃ ଅସଂବୃତଂ ନାକ ତମଃ ସହ ତେନୈବ ମଜ୍ଜତି ।

---

(୧) ଗୁପ୍ତ ନାଥ ସିଂ କୁର୍ମିକ୍ଷତ୍ରିୟ ପରିଚୟ -୧୯୭୧ , ୬ଷ୍ଠ ଅଧାୟ ପାଦ ଟିକା
GS Sardesai- The New History of the Marathas 1948 P/212
Sir Yadunath Das Sarkar- Shivaji and His Times 1948- P/201

ଯାହାହେଉ ୧୧ ହଜାର ବ୍ରାହ୍ମଣ ତାଙ୍କ ପରିବାର ସମେତ ୪ ମାସ କାଳ ରାୟଗଡ କିଲ୍ଲାରେ ଘୃତ ବ୍ୟଞ୍ଜନ ଭୋଗ କଲେ । ତା ୧୬ । ୬। ୧୬୭୪ ରେ ଶିବାଜୀଙ୍କ ଉପନୟନ ସଂସ୍କାର କରାଯାଇ ରାଜ୍ୟୋଭିଷେକ କରାଗଲା । ବୈଦିକ ମନ୍ତ୍ର ପରିବର୍ତ୍ତେ ପୌରାଣିକ ମନ୍ତ୍ର ବ୍ୟବହାର ପାଇଁ ମରାଠୀ ବ୍ରାହ୍ମଣ ଚାପ ଦେଲେ । ଅଧ୍ୟାପକ ଗୋପବନ୍ଧୁ ତାଙ୍କର 'ସଂକ୍ଷିପ୍ତ କୁଡୁମି ଇତିହାସ' ୧୯୯୭-ପୃ ୮ରେଲେଖିଛନ୍ତି ଶୂଦ୍ର ରାଜ ହିସାବରେ ଶିବାଜୀଙ୍କୁ ଗାଗାଭଟ୍ଟ ହାତ ପରିବର୍ତ୍ତେ ପାଦର ଆଙ୍ଗୁଳିରେ ରାଜ ତିଳକ ପିନ୍ଧାଇଥିଲେ । ତା' ପରେ ଶିବାଜୀ ଛତ୍ରପତି ଉପାଧି ଧାରଣ କଲେ । ଏ ଉତ୍ସବରେ ସେତେବେଳେ ପ୍ରାୟ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା । ଅଥଚ ଏଇ ମରାଠି ବ୍ରାହ୍ମଣ ଇଂରେଜ ସମ୍ରାଟ ମ୍ଲେଚ୍ଛରାଜ ୫ମ ଜର୍ଜଙ୍କୁ ଭାରତର କ୍ଷତ୍ରୀୟ ଶ୍ରେଷ୍ଠ ଚକ୍ରବର୍ତ୍ତି ସମ୍ରାଟ ରୂପେ ଆଗ୍ରହର ସହିତ ରାଜତିଳକ ପିନ୍ଧାଇଥିଲେ ।

ହୁଏନ୍ ସାଂ ବିବରଣୀରେ ସେ ଭାରତରେ ୧୩ ରାଜା ମଧ୍ୟରୁ ୫ଜଣ କ୍ଷତ୍ରିୟ ୪ଜଣ ବ୍ରାହ୍ମଣ, ୨ ଜଣ ବୈଶ୍ୟ ଓ ୨ଜଣ ଶୂଦ୍ର ରାଜାଙ୍କ କଥା ଉଲ୍ଲେଖ କରିଥିଲେ । କଳିଙ୍ଗର ଶବରରାଜ ଶୃତାୟୁ ମହାଭାରତ ଯୁଦ୍ଧରେ କୌରବଙ୍କ ପକ୍ଷରୁ ୧ ଦିନ ଯୁଦ୍ଧ କରିଥିଲେ । ଆଜି କାହିଁ, ସେ ଶବର , ଶୁଦ୍ରରାଜଙ୍କ ବଂଶଧର । ଏହିଭଳି ଲୋକ କଥା , କାହାଣୀ, ଜାଲ ବଂଶାବଳୀ ମାଧ୍ୟମରେ ଅସଂବୃତ ନାମକ ନର୍କକୁ ବ୍ରାହ୍ମଣମାନେ ଠକି ଦେଇ ସମସ୍ତ ଅନାର୍ଯ୍ୟ ରାଜା ଜମିଦାର ମାନଙ୍କୁ କ୍ଷତ୍ରିୟ ବର୍ଣ୍ଣରେ ସମାହିତ କରାଇ ନେଇଛନ୍ତି । ଏଭଳି କାହାଣୀ ଏ ଦେଶରେ ବହୁ ପରୀକ୍ଷିତ । ଏଣୁ ଅଶିକ୍ଷିତ ନିରୀହ ଅସ୍ପୃଶ୍ୟତାରେ ଜର୍ଜରିତ କୁଡୁମିଙ୍କୁ କାଳ୍ପନିକ , ଭୀରୁ, ପଳାୟନ ପନ୍ଥି କ୍ଷତ୍ରିୟ ରାଜା ବିରବଲ ଉପାଖ୍ୟାନ ମାଧ୍ୟମରେ ଛଦ୍ମ କ୍ଷତ୍ରିୟ ଲାଞ୍ଛ ଲଗାଇ ଆଦିବାସୀରୁ ଉଚ୍ଛେଦ କରିଦେଲେ । ଶିବାଜୀଙ୍କ ଚିତୋର ସହିତ କୌଣସି ସଂପର୍କ ନଥିଲା କି ବିରବଲ ବୋଲି କେହି ରାଜା ନଥିଲେ, କି କୁଡୁମିମାନେ ଚିତୋରରୁ ଆସି ନଥିଲେ । ଏଣୁ ଏମାନଙ୍କୁ ଶିବାଜୀଙ୍କ ବଂଶଧର କହିବା ମଧ୍ୟ ସଂପୂର୍ଣ୍ଣ ନିରାଧାର ଅଟେ ।

କୁଡୁମିଙ୍କ ଶୂଦ୍ରତା:– ଏମାନଙ୍କର ବ୍ରତ ସଂସ୍କାର ନଥିବାରୁ ଏମାନେ ନା ଦ୍ୱିଜ ,ନା କ୍ଷତ୍ରିୟ । ଏଣୁ ବ୍ରାହ୍ମଣ ପୌରୋହିତ୍ୟ କଲାବେଳେ ଏମାନଙ୍କ ନାମପରେ ଶୂଦ୍ରଙ୍କ ପାଇଁ ଉଦ୍ଦିଷ୍ଟ ଦାସ ଲଗାଯାଏ । ଯେହେତୁ ବ୍ରାହ୍ମଣର ନାମ ପରେ ଶର୍ମା କ୍ଷତ୍ରିୟର ବର୍ମା, ବୈଶ୍ୟର ପୁଷ୍ଟି ଓ ଶୂଦ୍ରର ନାମରେ ଦାସ ଲଗାଇ ପୌରୋହିତ୍ୟ କରିବାର ଶାସ୍ତ୍ରୀୟ ବିଧାନ ରହିଛି । ମନୁସ୍ମୃତି ୨/୩୨ –

ଶର୍ମ୍ମବଦ୍ ବ୍ରହ୍ମଣସ୍ୟ ସ୍ୟାଦ୍ରୋଜ୍ଞୋ ରକ୍ଷା ସମନ୍ୱିତଂ
ବୈଶ୍ୟସ୍ୟ ପୃଷ୍ଟି ସଂଯୁକ୍ତଂ ଶୂଦ୍ରସ୍ୟ ଦାସ ସଂଯୁତଂ ।

***

କୁଲ୍‌ମାଲୀ ଭାଷା

ଡୋନାଲ୍ଡ ମେକେଞ୍ଜି ତାଙ୍କର ପୁସ୍ତକ Indian Myth and Legend ରେ ଲେଖିଛନ୍ତି - A people may change their weapon and languages time and again and yet retain ancient modes of thought . ମନୁଷ୍ୟ ଭାଷା, ଅସ୍ତ୍ର ବଦଳଉଥିଲେ ମଧ୍ୟ ପ୍ରାଚୀନ ଚିନ୍ତାଧାରାକୁ ଧରି ରଖିଥାଏ । ଏଣୁ ସ୍ଥାନାନ୍ତର ସହ ଭାଷା ବଦଳିଯାଉଥାଏ । ତେବେ ଭାଷାତତ୍ତ୍ୱବିଦ୍‌ଙ୍କ ମତରେ କୁଲ୍‌ମାଲୀ ଏକ ପ୍ରାକ୍ ଆର୍ଯ୍ୟ ଦ୍ରାବିଡୀୟ ଭାଷାରୁ ନିଷ୍ପନ୍ନ । ଏଥିରେ ଅର୍ଦ୍ଧ ମାଗଧୀ ପ୍ରାକୃତର ପ୍ରଭାବ ଦେଖାଯାଏ , ଛତିଶଗଡ଼ି ବାଘେଲ୍‌ଖଣ୍ଡି ଭାଷା ସହିତ କୁଲ୍‌ମାଲୀର ସାଦୃଶ୍ୟ ଦେଖାଯାଏ । ଏଥିରୁ ମଧ୍ୟ ସ୍ପଷ୍ଟ ହୁଏ ଯେ ଏମାନେ ବାଘେଲଖଣ୍ଡ, ଛତିଶଗଡ ଦେଇ ଛୋଟନାଗପୁର ମାଲଭୂମିକୁ ପ୍ରବେଶ କରିଛନ୍ତି ।

କୁଲମାଲୀ	ଛତିଶଗଡ଼ୀ	ଓଡିଆ	ବଙ୍ଗଳା	ହିନ୍ଦୀ
ନିଖାମ୍	ନି ଖାହୁଁ	ଖାଇବିନି	ଖାବୋନା	ନେହିଁଖାଉଙ୍ଗା
ନିଯାମ୍	ନିଯାହୁଁ	ଯିବିନି	ଯାବୋନା	ନେହିଁ ଯାଉଙ୍ଗା

ତେବେ ଏ ଭାଷା କେବଳ କୁଡୁମିଙ୍କ ନଥିଲା । ଏ ଅଞ୍ଚଳର କୁମ୍ଭାର, କମାର, କୁଇରୀ, କାହାର, ତାନ୍ତି, ଜଲ୍‌ହା (ଧର୍ମାନ୍ତରିତ ମୁସଲମାନ), ହାଜାମ୍, ଗୟାଲା, ରାଜୁୟାଳ, ଘାଟୁଆଲ, ସହିସ୍, ମୁଚୀ , ଡମ ଆଦି ଅନେକ ଲୋକ କହୁଥିବାରୁ ଏକ ଆଞ୍ଚଳିକ ଭାଷାର ମର୍ଯ୍ୟାଦା ପାଇଥିଲା । ଆଞ୍ଚଳିକ ତାରତମ୍ୟରୁ ଏଥିରୁ ରାଂଚି ଅଞ୍ଚଳରେ ପାଞ୍ଚ ପ୍ରଗନିଆରୁ ନାଗପୁରିଆ ଓ ସଦାନି , ଶିଖରଭୂମ (ପୁରଲିଆ) ଅଞ୍ଚଳରେ ଶିଖ ରିଆରୁ ଝାଡଖଣ୍ଡି ବାଂଲା ଓ ମାହାତାଲି ଧାନବାଦ ଅଞ୍ଚଳରେ ଖୋରଠା, ଗୋଲାରିଆ ଉପଭାଷା, କଥିତ ହେଲା । ଓଡିଶାରେ ଉଭୟ କୁଲ୍‌ମାଲୀ ଓ ଏହାର ବଙ୍ଗ ପ୍ରଭାବିତ ମାହାତାଲି ଦେଖାଯାଏ ।

ଏଭାଷାରେ ଏ ଜାତିକୁ ନେଇ କେତେକ ପ୍ରବାଦ ବାକ୍ୟ:-

ଜନ୍ଦେ ଜନ୍ଦେ ପାନିକ୍ ସତ, ତନ୍ଦେ ତନ୍ଦେ କୁଲ୍‌ମିକ ଜଟ ।
ତାନ୍ତି ଚିନ୍‌ହାୟ ପାଇଲେ, ଆର କୁଲ୍‌ମି ଚିନ୍‌ହାୟ ଆଇଲେ (ବିଳହିତ)
ବହୁତ କାଠେ ମହୁଲସିଝେ, ଆର ବହୁତ କଥାୟ କୁଲ୍‌ମି ବୁଝେ ।
କଲ, କୁଲ୍‌ମି, କାଲା, ବେଦ ଶାସ୍ତର ଛାଲା ।
କୁଲ୍‌ମି ଆର୍ଜେ ଚିନି , ଖାୟେ ପାନି ।
ଭୂମିଜ ଗେଲ ରାଗେ ଆର କୁଲ୍‌ମି ଗେଲ ଭାଗେ (ଭାଗ ବଣ୍ଟରା) ।
କୁଲ୍‌ମିର ଶାଲବନ ।
ଢଁଳ (ଧଣ୍ଡ) କୁଲ୍‌ମି ଲେଟେପେଟେ, ଢଁଳ ସାମାଇଲ ପେଟେପେଟେ ।

ଏ ପ୍ରବାଦ ଗୁଡିକରେ ଏ ଜାତିର ନାମ ସ୍ୱତଃସ୍ଫୁର୍ତ୍ତ କୁଲ୍‌ମି ହିଁ ହୁଏ । ଇଂରେଜ ଲେଖିଲେ KURMI ,ତହିଁରୁ କିଛି କହିଲେ କୁର୍ମି, ଓଡିଆ ଭାଷା ଲେଖିଲା କୁଡୁମି । ସେହିପରି ଇଂରାଜୀ

ସାହିତ୍ୟ କଟକ କୁ କୁତ୍ତାକ(Cuttack), କୋଲକାତାକୁ କାଲକାଟା, ମୁମ୍ବାଇକୁ ବମ୍ବେ ଓ ତିରୁବନନ୍ତପୁରମ୍ କୁ ତ୍ରିଭେନ୍ଦ୍ରମ୍ ଲେଖିଥିଲା । କେତେକ ସହର ନିଜର ପୂର୍ବ ନାମକୁ ଫେରିଲେଣି, ଏଜାତିର ନାମ କେବେ କୁଲ୍‌ମିକୁ ଫେରିବ ? ପୁଣି ଇଂରାଜୀରେ ଅସୁବିଧା ଦୂର ପାଇଁ କୁଲ୍‌ମି ପାଇଁ 'KUDMI'ଲେଖାଯିବା ଦରକାର । ଇଂରାଜୀ ଭାଷାର ପ୍ରଭାବରୁ କେତେକ ଏ ଭାଷାର ନାମ କୁରୁମାଲୀ/କୁର୍ମାଲୀ ବୋଲିବି କହନ୍ତି । କାରଣ ଲ ପାଇଁ R ନିଆଯିବାରୁ KURMALI ଲେଖାଯାଏ ।

ଦେଶଜ ଶବ୍ଦ :-

ଭାଷାକୋଷ ଗୁଡିକରେ କେତେକ ଶବ୍ଦର ଉତ୍ପତ୍ତି ଅଜ୍ଞାତ ଥିବାରୁ ତାକୁ ଦେଶଜ ଶବ୍ଦ କହି ପୂର୍ଣ୍ଣଚ୍ଛେଦ ପଡିଛି । ସେହି ଦେଶଜ ଶବ୍ଦ ର ଉତ୍ପତ୍ତି ଅନୁସନ୍ଧାନ କଲେ, କୁଲ୍‌ମାଲୀ ଭାଷା ମଧ୍ୟ ସାମାନାକୁ ଆସିଯିବ । କୁଲ୍‌ମାଲୀ ଭାଷାର କେତେକ ନିଜସ୍ୱ ଶବ୍ଦ ଯେଉଁ ଗୁଡିକ ସଂସ୍କୃତଜ ନୁହଁନ୍ତି । ପ୍ରଦତ୍ତ ହେଲା-

ଟେହେନି-କହୁଣୀ	ମାମଲି-ଖଟି	କଡ଼୍ଲା-ଟୋଳ	ଠିଲି-କଳସୀ
ଗଽଲ-ଗୋଡ	କେଞ୍ଚି-ଆଖିପିଛୁଳା	ମେହ୍ଲିଝିଙ୍ଗା-ଭେଣ୍ଡି	ଠିଲିଆ-ଛୋଟକଳସୀ
(ସଂସ୍କୃତରେପଦ)	ଆହତି-ସଧବା	ମୁନ୍‌ଗା-ସଜନା	ହାଁଲି-ହାଣ୍ଡି
ସୁପ୍‌ଲି -ତଳିପାଦ	ପଆତି-ପ୍ରସୂତୀ	ଫେଜନ୍-ନଥ	ହାଁଲିକା-ଛୋଟହାଣ୍ଡି
ସାମୀ-ମଳଦ୍ୱାର	ରାଁଳି-ବିଧବା	ନୈହର୍-ପିତ୍ରାଳୟ	ଚୁକା-ଘଟପରିଛୋଟହାଣ୍ଡି
ନେଲ୍‌ହି-ନିତମ୍ବ	ଛଁଳା-କିଶୋର	କାନ୍‌ଖା-ମଙ୍ଗ	ଚୁକ୍‌ରୀ-ଅତିକ୍ଷୁଦ୍ର ଛୋଟହାଣ୍ଡି
ନେଙ୍ଗାହାତ୍-ବାମହାତ	ଛଁଳୀ-କିଶୋରୀ	ପୁଂରୁଙ୍ଗ ନିଆଁଝୁଲ	ଆଲ୍‌ତି-ସାରୁ
ଲୁଲୁହା-କଚଟିତଳ	ଟୁଅର୍-ମାଆଛେଉଣ୍ଡ	ଡୁଙ୍ଗ୍‌ରୀ-ପାହାଡ	ଦିର୍ଖା-ଠଣା
ଖଲ୍‌ଖଲୀ-ସବାରୀ	କୁଁଅର୍-ବାପଛେଉଣ୍ଡ	ହୁଲ-କୁଆପଥର	ପଁଆର-କୁଟା
ଡାଁଲି-ତରାଜୁ	ବିହାୟ-ସମୁଦୀ	କାଖ୍‌ନା -ବିବାହରେହାତରେ ବନ୍ଧାଯାଉଥିବା ପତ୍ର	
ଲହ୍‌ଲି-ଶିଲପୁଆ	ବେହାନ୍-ସମ୍ବୁଦୁଣୀ		
ବେଠିନ୍-ପନିକି	ଫଗ୍‌ଲା-ପାକୁଆ	ସାଂଘା-୨ୟବିବାହ	
ହଁସୁଆ-ଦାଆ	ଜୁମ୍‌ଲା-ଓଲିଆ	ତିଡ଼୍‌କି-ନିଆଁଧରିଥିବା ଅଂଶ।	
ସିଧିଆ-ତେଲ	ଅଧନ୍-ଭାତପାଣି	ତାମୁକ-ଦୋକ୍ତା	
ଘେଞ୍ଚା-ବେକ	ଚେଛେରା-ଛିଣ୍ଡାକନା	ଚେଙ୍ଗା -ଦୁଇଶାଖା	
ମାଲ୍-ତୋରାଣୀ	କୁଟିଆ-ଛୋଟମାଂସଖଣ୍ଡ	ବେଣ୍ଟ-ସ୍ତନଶାଗ	
ଜାଙ୍ଗଲା-ବଳ	ଫଲ୍‌କି-କବାଟ	ଡହର-ରାସ୍ତା	
ଥୁବ୍‌ଲା-ଅବିବାହିତ	ବିହାନ୍-ଭୋରସକାଳ	ପଣ୍ଡ୍‌କି-କପୋତ	
ଘିନ୍‌ପଲା-ଅପହରଣ	ଖରୟ-ଖଳା	ଚିଲୁ-ଗୁଣ୍ଡୁଚିମୂଷା	
ବାଗାଲ୍-ହଳିଆ	ଡୁଭା-ବେଲା	ଚେରେଙ୍ଗ-ଝିଙ୍କାରୀ	
ଛେବ୍‌ଲୀ-ଚରିତ୍ରହୀନା	କାଙ୍କୟ-ପାନିଆଁ	ବାଗାଡୁଲୁ-କଙ୍କି	

କେନ୍ତର୍-ଟିଙ୍କ	କ୍ରିୟାପଦ:-ଟାମ୍ଲା-ଅଣ୍ଡାଳିବା	ନାଭେ-ଉଲ୍ହାଇବା
ଫିଣ୍ଗା-ଝିଣ୍ଟିକା	ଅଙ୍ଗଠେ-ଆଉଜିବା	ସେନ୍ଧିଆଓ୍ୱେ- ପଶିବା
ଭୁକ୍ଚୁନ୍ଦି-ଜୁଲୁଜୁଲିଆପୋକ	ଖୁଜିଆଏ-କୁଣ୍ଡାଇବା	ହୁଲ୍କାଏ-ଚାହିଁବା
	ଚୁଛେ-ଚିମୁଟିବା	ସାମାଏ-ପଶିବା
	ସଲ୍ଗାଏ-ଜାଳିବା	ବିଆଏ-ଜନ୍ମକରିବା

ଏ ଭାଷାର ବିଶେଷତ୍ୱ ହେଲା ଶବ୍ଦର ଆରମ୍ଭ ବ୍ୟତୀତ ଡ ସବୁବେଳେ ଳ ରୂପେ ଉଚ୍ଚାରିତ ହୁଏ । ଯଥା ଗୋଡ-ଗଽଳ୍, ମୁଣ୍ଡ- ମୁଁଳ୍, ବଡ଼ ପାହାଡ- ବଳ୍ ପାହାଳ୍, ଓଡିଆ- ଓଳିଆ, କୁଡୁମି- କୁଳ୍ମି, ଝାଡଖଣ୍ଡ-ଝାଳ୍ଖଣ୍ଡ ଇତ୍ୟାଦି । କୁଳ୍ମାଲୀ ଓ ଅଷ୍ଟ୍ରିକ୍ ଭାଷା ସହିତ ଅନେକ ଶବ୍ଦର ଆଦାନ ପ୍ରଦାନ ହୋଇଛି । ଏହାର ଶବ୍ଦ ଭଣ୍ଡାରରେ ଅନେକ ଶବ୍ଦ ରହିଛି ଯେଉଁଗୁଡିକ ସଂସ୍କୃତଜ ନୁହଁନ୍ତି , ଯାହାକି କୁଳ୍ମିମାନେ ଏକ ପ୍ରାକ୍ ଆର୍ଯ୍ୟ ଦ୍ରାବିଡ ଭାଷା ସଂସ୍କୃତିର ଧରୋହର ବୋଲି ପ୍ରମାଣ ଦିଏ ।

ଚର୍ଯ୍ୟାଗୀତିରେ କୁଳ୍ମାଲୀ ଶବ୍ଦ:- ୭ମ ରୁ ୯ମ ଶତାବ୍ଦୀ ମଧ୍ୟରେ ବୌଦ୍ଧହୀନଯାନ ପନ୍ଥୀ କବି ମାନଙ୍କ ଦ୍ୱାରା ଲିଖିତ ଚର୍ଯ୍ୟଗୀତିକୁ ହିନ୍ଦୀ ଓଡିଆ, ବଙ୍ଗଳା ଆସାମୀ ସାହିତ୍ୟିକ ମାନେ ନିଜ ନିଜର ପ୍ରାଚୀନ ଭାଷାରେ ଲିଖିତ ବୋଲି କହିଛନ୍ତି । ଚର୍ଯ୍ୟାକବି ଭୁଷୁକୁଙ୍କୁ ଲୋକେ ଏବେ ବି ମନେ ରଖିଛନ୍ତି । କେହି ପଣ୍ଡିତପଣିଆ ଦେଖେଇଲେ, ଲୋକେ ତାକୁ ଭୁଷ୍ପଣ୍ଡିତ କହି ସମାଲୋଚନା କରନ୍ତି । ଚର୍ଯ୍ୟଗୀତିର ଆଧାରରେ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ଡ. କରୁଣାକରଙ୍କ 'ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ' ୧୯୬୯ ପୃଷ୍ଠା ୫୦୮ ଏକ ପଦ୍ୟାବଳୀ ଏଠାରେ ଉଦ୍ଧୃତ ।

ଟେଣ୍ଟଣ ପାଦାନାନ୍

ଟାଲତ ମୋର ଘାର ନାହିଁ ପଡବେଷୀ
ହାଁଣିତ ଭାତ୍ ନାହିଁ ନିତିଆଓ୍ୱେଶୀ ।
ବେଙ୍ଗ ସାଂସାର ବଡହିଲ ଯାଅ ।
ଦୁହିଁଲ ଦୁଧକି ବେଣ୍ଟେ ସମାଅ ।
ବଳଦ ବିଆଏଲ ଗବିଆ ବାଁଝେ
ପିଟା ଦୁହିଏ ଏତିନା ସାଁଝେ ।
ଯୋ ସୋ ବୁଧୀ ସୋଧ ନିବୁଧୀ
ଯୋ ସୋ ଚୋର ସାଇ ସାଧୀ ।
ନିତି ନିତି ଷିଆଲା ସିଂହେ ସମ ଯୁଝଅ
ଟେଣ୍ଟଣ ପାଏର ଗୀତ ବିରଳେ ବୁଝଅ ।

ସାହିତ୍ୟିକ ମାନେ ଚର୍ଯ୍ୟାଗୀତିରେ ଅନେକ ପଣ୍ଡିମା ଓ ଅଜ୍ଞାତ ଶବ୍ଦ ରହିଛି ବୋଲି କହିଛନ୍ତି । ଓଡିଆ ଭାଷାରେ ବେଣ୍ଟ କୁରାଢି ଟାଙ୍ଗିଆର ବେଣ୍ଟ ଅର୍ଥରେ ବ୍ୟବହୃତ । ମାତ୍ର ଦୁହିଁଲ ଦୁଧକି ବେଣ୍ଟେ ସମାଅରେ ଏହା ଅସଙ୍ଗତ , କୁଳ୍ମାଲୀରେ ବେଣ୍ଟ ଅର୍ଥ ସ୍ତନ ଚୀର, ଯାହାକି ଏଠାରେ ସଙ୍ଗତ ଅଟେ , ସେହିପରି ସମାଅ କୁଳ୍ମାଲୀ ସାମାଏ -ପଶିବା) ବିଆଏ-ଜନ୍ମ କରିବା ସଙ୍ଗତ ଅଟେ । ଏଥିରୁ ସ୍ପଷ୍ଟ ଯେ ଚର୍ଯ୍ୟଗୀତି କୁଳ୍ମାଲୀ ଭାଷାରେ ଲିଖିତ ବା ଅନେକ ପ୍ରଭାବିତ ।

ଅଶୋକ ଶିଳାଲିପିରେ ଲେଖିଥିଲେ ଯେ ବନବାସୀଙ୍କ ପ୍ରତି ସଦୟ ହୁଅ । ଏଣୁ ଏମାନଙ୍କ ଭାଷାରେ ଚର୍ଯ୍ୟାଗୀତି ଲେଖାହୋଇଥିବା ସମ୍ଭବ । ଏଣୁ କୁଳ୍‌ମାଲୀ ପ୍ରଭାବ ସେତେବେଳୁ ପୂର୍ବ ଭାରତରେ ଥିଲା, ମାନେ କୁଲ୍‌ମି ମାନେ ମଧଥିଲେ , ଯାହାକି ଖିଲିଜିଙ୍କ ଚିତୋର ଆକ୍ରମଣର ବହୁପୂର୍ବଘଟଣା ।

ଏ ଭାଷାର କୌଣସି ଲିପି ନାହିଁ , କ୍ଷୁଦିରାମ ମାହାତୋ ଆଦି ଯଦିଓ ଲିପି ଆବିଷ୍କାର କରିଛନ୍ତି , ତାହା ଗୃହିତ ହୋଇନାହିଁ , ରାଂଚି ଓ ହଜାରିବାଗ ବିଶ୍ୱ ବିଦ୍ୟାଳୟରେ ବର୍ତ୍ତମାନ ଏମ୍.ଏ ଯାଏ ପଢା ଆରମ୍ଭ ହୋଇଛି । ଓଡିଶାରେ ଏହା ସ୍ମୃତି, ଲୋକଗୀତ ଓ ମୌଖିକ ଭାବରେ ବଞ୍ଚିଛି ; ଯାହାକି ଲୁପ୍ତ ହେବାକୁ ଯାଉଛି । ଏଣୁ ଏହାକୁ ବଞ୍ଚାଇବାକୁ ଓଡିଶାର ପ୍ରାୟ ୨୦ଲକ୍ଷ କୁଡୁମିଙ୍କ ମଧ୍ୟରୁ ପ୍ରାୟ ୬୦ ହଜାର ୨୦୦୧ ଜନଗଣନାରେ ମାତୃଭାଷା କୁଲ୍‌ମାଲୀ ଲେଖାଇ ଉତ୍ତର ଓଡିଶା ଓ ସମ୍ବଲପୁର ବିଶ୍ୱ ବିଦ୍ୟାଳୟରେ ପଠନ ପାଠନ, ଗବେଷଣା ପାଇଁ ଆବେଦନ କରିଛନ୍ତି ।

ଏ ଭାଷା କଥିତ ଆକାରରେ ଥିଲେ ମଧ ଏଥିରେ ଏଭଳି ପ୍ରବାଦ ବାକ୍ୟ ରହିଛି, ଯାହାର ଭାବାର୍ଥ ଓଡିଆ ଭାଷାରେ ମଧ ବିରଳ, ଯଥା:- କେତେକ ପ୍ରବାଦ ବାକ୍ୟ-

ବଲ ବଲ ଉଁଟ ବହାଁଇଗେଲ୍, ଗାଧାଇଁ କହେକ୍ କତେକ୍ ପାନି ।
(ଯେଉଁଠି ବଡ ବଡ ଓଟ ଭାସିଗଲେ, ଗଧ କୁହେ କେତେ ପାଣି)
ଆଘାଲ ବକ୍‌ଲୀକେ ପୁଣ୍ଠି ତିତା (ପେଟ ପୁରିଥିବା ବଗକୁ ପିତାଳି ମାଛ ପିତା ଲାଗେ)
ଟେଙ୍ଗାକ୍ ଡରେ ପାରାଇ ନା ତେଁତୋଃର ତରେ ବାସା ।
ନେହ୍ଲି ନିଚାମ୍ ସେନାପତିକ ନାମ (ନିତମ୍ବରେ ଚମଡାବି ନାହିଁ, ଉପାଧି ସେନାପତି)
ନାରହାଣ୍ଡାକ୍ (ନଳିଗୋଡର) ଘାଓ୍ୱ ଦୁଆର ତଲେକ ସାଉ ।
ସବ୍ କୁକୁର ଗଙ୍ଗା ସିନାଇ(ଗାଧୋଇ) ଯାତା ତ ପାତେଃର୍ କନେ ଚାଟ୍‌ତା ।
ଯେଇଁ ଖାଟ୍‌ତାକ୍ ଅଇଁ ଚାଟ୍‌ତାକ ।
ନାଚେନି ଜାନି ଆଙ୍ଗନାକ୍ ଦଷ ।
ଇଙ୍ଗିତେ ପଁଳିତ୍ (ପଣ୍ଡିତ) ବୁଝେ, କିଲାଇଁ (ମାଡରେ) ବୁଝେ ମୁରୁଖ୍ ।
ହରୋଦ୍ (ହଳଦୀ) ରଙ୍ଗ ବିଦେଶ ସଙ୍ଗ ।
ଏକପୁତ୍ ଚୁହ୍ଲାଇ ମୁତ୍ । ଉଲ୍‌ଫା ଢେଙ୍କିକ୍ ବାହିରେ ଚଟ୍ ।
ଲିଲଜ୍ କୁଟୁମକେ ବିହାନ୍ ଧାନେର୍ ଭାତ୍ ।
ଯାକର ଗୁ ଅଷଦେ ଲାଗେ ଓ ଯାଇ ପାହାଲେ ହାଗେ ।
ଆନ୍ଧାଳ କୁକୁର ବାସାତେ ଭୁକେଇ । ଯାକର୍ ମାଇଁନି ତାକର୍ ଠାଇଁନି ।

ଏଭଳି ଅନେକ ପ୍ରବାଦ ବାକ୍ୟ ରହିଛି ।

କୁଳ୍‌ମାଲୀ ଭାଷାର ଗଦ୍ୟ ରୂପ :- କୁଳମାଲୀଚାରୀ ପୃଷ୍ଠା ୧୭, ରାଞ୍ଚି ବିଶ୍ୱବିଦ୍ୟାଳୟର ଏମ.ଏ. (କୁଳ୍‌ମାଲୀ)ରେ ପଠିତ ଏକ ପାରା -

ବଲ୍‌କି ଧାନ ରପେ ଗେଲ ରହି । ସେ ରହ ଆସାପଇତେ (ଆସନ୍ନପ୍ରସବା) । ଖେତେଇ ଦୁଖାନି ଉଅଁରଲେଇକ୍ । ଚଲଲି ଘାର ରସେ ରସେ । ଡ଼ହରେଇ ସେଁଇ ପାନି ପାଉଲି (ପ୍ରସବକଲା) । ଏକବେଟା ଛଆ ହେଲାକ୍ । ନାମ ଦେଲଥିକ୍ ଡ଼ହରୁ । ନାର୍‌ତା ନି କର୍‌ଲା-କର୍‌ଲା ଛେଠି । ସାତ୍

ଦିନେକ୍ ଦିନେ ବଲକି ଆରଅ ଡ଼ହରୁକେ ଲେଇକେ ଧାନ ରପେ ଗେଲି- ସଂଗେ ଲେଲେ ଗେଲି ଏକଟା ଛଟଅ ଖାଟି । ଖାଟିଇଁ ଛଆକେ ସୁତାଇ, ଛାତା ଆଲ କରି, ବଲ୍‌କି ରପଇଅ ମୁଣ୍ଡା ଜମିନଦାରେକ ଖେତ୍ । ବଲକି ଜାହାଁ ଜାଇଅ କବଉ କରାକରି (କୋଲେଇ)କେ ତ କବଉ ପିଠେ ବେଁତରି (ନାଉ ଭଳି କରି)କେ ଲେଲେ ଜାଇକ ଡ଼ହରୁକେ । ୨୧ ଦିନେ ଡ଼ହରୁକେ ପେଟ ଦାଗଲ ରଥିକ୍ ହଁସୁଆ ତାତାଇକେ । ଦୁଧ ଭାତେକ୍ କଟକିନାଇଁ ଡ଼ହରୁ ବାଢ଼େଇ ଧୀରେ ଧୀରେ ରୋଗା ରୋଗା ଅକର ଗାତ୍ । ଦୁଧ ଛାଡ଼ିଏ ପରେ ଡ଼ହରୁ ଖେଲଇଅ ଅକର ବଲ ଭାଇ ଆର ଦିଦିକ୍ ସଙ୍ଗେ । ସଙ୍ଗେ ଖେଲତ୍ ଆରଅ କୁଲ୍ହି ଛଆ ।

ଏହାର ଓଡିଆ ଅର୍ଥ :- ବଡବୋହୁ ଧାନ ଲଗାଇବାକୁ ଯାଇଥିଲା । ସେ ଥିଲା ଆସନ୍ନପ୍ରସବା । ବିଲରେ ହିଁ ପ୍ରସବ ବେଦନା ଆରମ୍ଭ ହେଲା । ଆସ୍ତେ ଆସ୍ତେ ସେ ଘରକୁ ଚାଲିଲା । ରାସ୍ତାରେ ହିଁ ସେ ପ୍ରସବ କଲା । ଗୋଟିଏ ପୁତ୍ର ସନ୍ତାନ ହେଲା । ନାମ ଦେଲେ ଡ଼ହରୁ । ନାରତା ନକରି ଷଷ୍ଠି କରିଲେ । ୭ଦିନ ପରେ ବଡ଼ବୋହୂ ପୁଣି ଡ଼ହରକୁ ନେଇ ଧାନ ରୋଇବା ପାଇଁ ଗଲା, ସାଙ୍ଗରେ ଗୋଟିଏ ଛୋଟ ଖଟ ନେଇଗଲା । ଖଟରେ ଛୁଆକୁ ଶୁଆଇ, ଛତା ଆଡ଼କରି, ବଡବୋହୂ ମୁଣ୍ଡା ଜମିଦାର ବିଲରେ ଧାନ ଲଗାଉଥିଲା । ବଡ଼ବୋହୂ ଯେଉଁଆଡେ ଯାଏ, କେବେ କୋଳେଇ ତ କେବେ ପିଠିରେ ଝୁଲାକରି ଡ଼ହରୁକୁ ନେଇଯାଏ । ୨୧ ଦିନରେ ଦାଆ ତତାଇ ଡ଼ହରୁର ପେଟ ଦାଗିଦେଲେ । ଡ଼ହରୁ ଦୁଧ ଓ ଭାତର ଅଭାବରେ ଧୀରେ ଧୀରେ ବଢ଼ିଲା, ରୋଗା ରୋଗା ତାର ଶରୀର । ଦୁଧ ଛାଡିଲା ପରେ ସେ ତାର ବଡ଼ଭଉଣୀଙ୍କ ସହ ଖେଳେ, ତା ସହିତ ଦାଣ୍ଡର ଛୁଆମାନେ ମଧ ଖେଳନ୍ତି । - ଏକ ସାଧାରଣ କୁଡ଼ୁମି ମହିଳାର ଏ ହେଉଛି ଜୀବନ ।

କୁଲ୍‌ମାଲୀ ସଂସ୍କୃତିର ଅବକ୍ଷୟ :-

ଏମାନଙ୍କର ବାନ୍ଦନା ପର୍ବ, ଧୁଙ୍ଗୁୟାନୀ, କରମ, ଟୁସୁ, ବିବାହ ଆଦି ଅସଂଖ୍ୟ ଲୋକଗୀତ କୁଲ୍‌ମାଲୀ ଭାଷାରେ ଭରପୁର । ମାତ୍ର ଆଧୁନିକତାର ପ୍ରଭାବରେ ଆର୍ଯ୍ୟ ସଂସ୍କୃତି ପାଶ୍ଚାତ୍ୟ ସଂସ୍କୃତି ଆଡକୁ ,ଆଦିମ ଅଧିବାସୀଙ୍କ ସଂସ୍କୃତି ଆର୍ଯ୍ୟଙ୍କ ଆଡକୁ ଢଳୁଛି । ମାତ୍ର କୁଡୁମି ଆଦିବାସୀରୁ ଉଚ୍ଛେଦ ହେଲାପରେ (କୁଡୁମିମାନେ ସ୍ୱାଧୀନତା ପର ୧୯୫୬ ଆମେଣ୍ଡମେଣ୍ଟରେ ଓଡିଶାରୁ ତପଶିଲଭୁକ୍ତ ଆଦିବାସୀରୁ ଉଚ୍ଛେଦ ହୋଇଛନ୍ତି) । ନିଜର ଛଦ୍ମ କ୍ଷତ୍ରିୟ ପରିଚୟ ଦେବାକୁ, ଉଚ୍ଚବର୍ଣ୍ଣଙ୍କର ଆସ୍ଥାଭାଜନ ହେବାକୁ ନିଜର ସଂସ୍କୃତି ଗୁଡିକର ଦ୍ରୁତ ଅବକ୍ଷୟ କଲେ । କେତେକ କୁଡୁମି ଅନ୍ଧ ବିଦ୍ୟା ଭୟଙ୍କରି ପରି ସତ୍ୟକୁ ଲୁଚାଇଲେ (ନାନୃତଂ ସତ୍ୟମ୍ ଅପ୍ରିୟଂ) । କେତେକ ସ୍ଥଳରେ ଟୁସୁ ପ୍ରତିମା ଭଙ୍ଗାଗଲା, କରମା ନାଚରେ ଯୋଗ ଦେଇଥିବା ସ୍ତ୍ରୀଙ୍କୁ ଛାଡପତ୍ର ଦେବାର ମଧ ଉଦାହରଣ ରହିଛି । ହାଟରେ ପରିବାଦି ବିକୁଥିବା କୁଡୁମି ମହିଳାଙ୍କୁ , ଟୁସୁ ଶୋଭାଯାତ୍ରାର ଝିଅମାନଙ୍କୁ , ଆଦିବାସୀ ଲୋକ ଗୁଡାଏ ବୋଲି କେତେକ ଚାକିରିଆ କୁଡୁମି ସହକର୍ମିମାନଙ୍କୁ ବୁଝାଇଦେଲେ । ଟୁସୁ ଯଦି ତାଙ୍କର କ୍ଷତ୍ରିୟତ୍ୱର ପ୍ରମାଣ ବହନ କରୁଥିଲା, ତେବେ ତାକୁ ତ ଏତେ ହତାଦର କରାଯାଇନଥାନ୍ତା । କାଳ୍ପନିକ ବୀରବଲ ଲୋକ କଥା ସୂଚୀତ କରେ ଯେ କୁଡୁମିଙ୍କ ଦୁର୍ଗତି ପାଇଁ ମୁସଲମାନ ଦାୟୀ , ଏଣୁ ହିନ୍ଦୁ ସଂଗଠନ ଗୁଡିକ ଏମାନଙ୍କଠୁ ବିଶ୍ୱସ୍ତ କର୍ମୀ ମଧ ପାଇଗଲେ ।

ନିଜର ସାଂସ୍କୃତିକ ସ୍ୱାଭିମାନ ବଳରେ ପ୍ରାୟ ଦୁଇହଜାର ବର୍ଷ ଯାଯାବର ଭଳି ବୁଲି

ମାତ୍ର ୧୫ ଲକ୍ଷ ଲୋକ ଇସ୍ରାଇଲ ରାଷ୍ଟ୍ର ପ୍ରତିଷ୍ଠାକଲେ । ତାଙ୍କ ହିବ୍ରୁ ସାହିତ୍ୟ ନୋବେଲ ପୁରସ୍କାର ମଧ ପାଇଲା, ମାତ୍ର ୧ କୋଟି କୁଡୁମିଙ୍କ ଭାଷା ସଂସ୍କତି ଆଜି ଲୁପ୍ତ ହେବାକୁ ବସିଛି , କେବଳ ସ୍ୱାଭିମାନ ଅଭାବରୁ । ତାଙ୍କର ସ୍ମୃତି , ସ୍ୱାଭିମାନ ସବୁ ଅପହୃତ ହୋଇଛି । ତାଙ୍କ ନିଜର ମହାନ ସାଂସ୍କୃତିକ ଧରୋହର ତାଙ୍କୁ ଛୋଟ ଲାଗିଛି , କାରଣ ସେମାନେ ନିଜକୁ ପରଆଖିରେ ଦେଖିବାକୁ ଚେଷ୍ଟା କଲେ । କସ୍ତୁରୀ ମୃଗପରି ସେମାନେ ନିଜର ସୌରଭ ଅନ୍ୟଠାରେ ଖୋଜିବାକୁ ଚେଷ୍ଟା କଲେ । ବୈଦିକ ଯଜ୍ଞ ହିଂସାରୁ ଅହିଂସ ହୋଇଯାଇଛି । ମାତ୍ର ତାର ମୂଳଭିତ୍ତି ଅପରିବର୍ତ୍ତିତ ରହିଛି । ସେହିପରି କୁଡୁମିଙ୍କ ସଂସ୍କୃତିର ମୂଳଭିତ୍ତି ଅପରିବର୍ତ୍ତିତ ରଖି ତାକୁ ଯଦି ଆଧୁନିକତା ର ସ୍ପର୍ଶ୍ୟ, ଉନ୍ନତ ବାଦ୍ୟଯନ୍ତ୍ର ଆଲୋକ ଦେଇ ସଂସ୍କାରିତ କରାଯାଆନ୍ତା, ଏବଂ ଜାତିର ସବୁଠାରୁ ଶିକ୍ଷିତ ପୁରୁଷ ସ୍ତ୍ରୀ ସେଥିରେ ଭାଗନେଇ ତାକୁ ନିୟନ୍ତ୍ରଣ ଦିଗ୍‌ଦର୍ଶନ ଦେଲେ ୟାଙ୍କ ସଂସ୍କୃତି ବଞ୍ଚିଯାଆନ୍ତା । ଝୁମର ଲୋକନୃତ୍ୟ ମଧ ଦେଶର ଅନ୍ୟ ଲୋକନୃତ୍ୟ ଭଳି ପ୍ରସିଦ୍ଧି ଲାଭ କରନ୍ତା । ଲୋକସଂସ୍କୃତି ପ୍ରିୟ ଲେଖକ କୃତିବାସ ନାୟକ ଲେଖିଥିଲେ ମହାନ୍ତ ମାନଙ୍କର ଲୋକଗୀତ ଓ ନୃତ୍ୟ କେନ୍ଦୁଝରର ଲୋକକଳାକୁ ପୁଷ୍ଟ କରିଛି , କିନ୍ତୁ ସେମାନେ ଆଜି ନିରାଶ ହେବେ । ବଡ ଜାତି ଲୋକ କହିଦେଲେ ତମର ନାଚ ଖରାପ ମାତ୍ର ତାଙ୍କ ସନ୍ତାନ ମାନେ ଶୀତତାପ ନିୟନ୍ତ୍ରିତ ନୃତ୍ୟ କକ୍ଷରେ ଅର୍ଦ୍ଧଉଲଗ୍ନ ନାରୀଙ୍କର କଟି ବେଷ୍ଟନ କରି ନୃତ୍ୟକଲେ ତାଙ୍କୁ ଅସଭ୍ୟ ମଦ୍ୟପ କହିବାର ଜିଭରେ ହାଡ କାହାର ନାହିଁ । କିନ୍ତୁ କୁଡୁମି ମାନେ ନିଜର କରମଠାକୁରଙ୍କ ଚତୁପାର୍ଶ୍ୱରେ ତାଙ୍କୁ ପ୍ରଣତି ଜଣାଇ ନୃତ୍ୟକଲେ ଖରାପ ହୋଇଗଲା । ଇନ୍ଦ୍ରଙ୍କ ରକ୍ଷିତା ନୃତ୍ୟାଙ୍ଗନା ଅପସରା ଉର୍ବଶୀ ଓ ଦେବତା ମୈତ୍ରାବରୁଣଙ୍କ ପ୍ରଣୟରୁ ତ ବ୍ରାହ୍ମଣ ଶ୍ରେଷ୍ଠ ଅଗସ୍ତ୍ୟ ଋଷିଙ୍କ ଜନ୍ମ । ଯଥେଷ୍ଟ ଯୌନାଚାର ଥିବା ଦେବଦାସୀ ପ୍ରଥାରୁ ତ ଓଡିଶୀ ନୃତ୍ୟର ଜନ୍ମ । ନିଆଁରେ କେବେ ଘର ପୋଡିଗଲେ କଣ ତାକୁ ରୋଷେଇ ଘରୁ ମଧ ସବୁଦିନ ଦୂରେଇ ଦିଆଯାଏ । ନିଆଁ ବିନା ବଞ୍ଚିବା ଅସମ୍ଭବ, ତାକୁ ନିୟନ୍ତ୍ରଣରେ ରଖିବାହିଁ ବୁଦ୍ଧିମାନୀ ।

ଯାହାହେଉ କୁଳ୍‌ମାଲୀ ସଂସ୍କୃତି ଆଜି କଡ ଲେଉଟାଇଲାଣି । ଆଜି ଶିକ୍ଷିତଙ୍କ ସ୍ତ୍ରୀ ଝିଅ ଝୁମର ଲୋକନୃତ୍ୟ ନାଚି ପାରିଲେ, ବା ଗୀତ ଗାଇଲେ ଲଜ୍ଜିତ ପରିବର୍ତ୍ତେ ଗର୍ବିତ ହେଉଛନ୍ତି । କାରଣ ସାଂସ୍କୃତିକ ସ୍ୱାଭିମାନ ବିନା କୌଣସି ଜାତିର ଉନ୍ନତି ହୋଇନାହିଁ । ମାଗି ଆଣିବା ତରକାରୀରେ ପେଟ ପୁରେନା ।

ବାସ୍ତବରେ ଯାହାର ପୁରୁଣା ଜିନିଷ ନାହିଁ, ତାର ବୁନିୟାଦ ନାହିଁ । ପ୍ରାଗୈତିହାସିକ ପର୍ବ କରମ,ବାନ୍ଦନା, ଟୁସୁ ଓ ଭାଷା କୁଳ୍‌ମାଲୀକୁ ବଞ୍ଚାଇ ରଖିଲେ ଯାଇ ଏମାନଙ୍କର ବୁନିୟାଦ, ଯଜ୍ଞକୁଣ୍ଡ ପରି ବଞ୍ଚି ରହିବ ।

***

ଦିନେକ୍ ଦିନେ ବଲକି ଆରଅ ଡ଼ହରୁକେ ଲେଇକେ ଧାନ ରପେ ଗେଲି- ସଂଗେ ଲେଲେ ଗେଲି ଏକଟା ଛଟଅ ଖାଟି । ଖାଟିଇଁ ଛଆକେ ସୁତାଇ, ଛାତା ଆଲ କରି, ବଲ୍‌କି ରପଇଅ ମୁଣ୍ଡା ଜମିନଦାରେକ ଖେତ୍ । ବଲକି ଜାହାଁ ଜାଇଅ କବଉ କରାକରି (କୋ଼ଲେଇ)କେ ତ କବଉ ପିଠେ ବେଁତରି (ନାଉ ଭଳି କରି)କେ ଲେଲେ ଜାଇକ ଡ଼ହରୁକେ । ୨୧ ଦିନେ ଡ଼ହରୁକେ ପେଟ ଦାଗଲ ରଥିକ୍ ହଁସୁଆ ତାତାଇକେ । ଦୁଧ ଭାତେକ୍ କଟକିନାଇଁ ଡ଼ହରୁ ବାଢ୍‌ଲେଇ ଧୀରେ ଧୀରେ ରୋଗା ରୋଗା ଅକର ଗାତ୍ । ଦୁଧ ଛାଡ଼ିଏ ପରେ ଡ଼ହରୁ ଖେଲଇଅ ଅକର ବଲ ଭାଇ ଆର ଦିଦିକ୍ ସଙ୍ଗେ । ସଙ୍ଗେ ଖେଲତ୍ ଆରଅ କୁଲ୍ହି ଛଆ ।

ଏହାର ଓଡିଆ ଅର୍ଥ :-ବଡବୋହୁ ଧାନ ଲଗାଇବାକୁ ଯାଇଥିଲା । ସେ ଥିଲା ଆସନ୍ନପ୍ରସବା । ବିଲରେ ହିଁ ପ୍ରସବ ବେଦନା ଆରମ୍ଭ ହେଲା । ଆସ୍ତେ ଆସ୍ତେ ସେ ଘରକୁ ଚାଲିଲା । ରାସ୍ତାରେ ହିଁ ସେ ପ୍ରସବ କଲା । ଗୋଟିଏ ପୁତ୍ର ସନ୍ତାନ ହେଲା । ନାମ ଦେଲେ ଡ଼ହରୁ । ନାରତା ନକରି ଷଷ୍ଠି କରିଲେ । ୭ଦିନ ପରେ ବଡ଼ବୋହୂ ପୁଣି ଡ଼ହରକୁ ନେଇ ଧାନ ରୋଇବା ପାଇଁ ଗଲା, ସାଙ୍ଗରେ ଗୋଟିଏ ଛୋଟ ଖଟ ନେଇଗଲା । ଖଟରେ ଛୁଆକୁ ଶୁଆଇ, ଛତା ଆଡ଼କରି, ବଡବୋହୂ ମୁଣ୍ଡା ଜମିଦାର ବିଲରେ ଧାନ ଲଗାଉଥିଲା । ବଡ଼ବୋହୂ ଯେଉଁଆଡେ ଯାଏ, କେବେ କୋଳେଇ ତ କେବେ ପିଠିରେ ଝୁଲାକରି ଡ଼ହରୁକୁ ନେଇଯାଏ । ୨୧ ଦିନରେ ଦାଆ ତତାଇ ଡ଼ହରୁର ପେଟ ଦାଗିଦେଲେ । ଡ଼ହରୁ ଦୁଧ ଓ ଭାତର ଅଭାବରେ ଧୀରେ ଧୀରେ ବଢିଲା, ରୋଗା ରୋଗା ତାର ଶରୀର । ଦୁଧ ଛାଡିଲା ପରେ ସେ ତାର ବଡ଼ଭଉଣୀଙ୍କ ସହ ଖେଳେ, ତା ସହିତ ଦାଣ୍ଡର ଛୁଆମାନେ ମଧ୍ୟ ଖେଳନ୍ତି । - ଏକ ସାଧାରଣ କୁଡ଼ୁମି ମହିଳାର ଏ ହେଉଛି ଜୀବନ ।

କୁଲ୍‌ମାଲୀ ସଂସ୍କୃତିର ଅବକ୍ଷୟ :-

ଏମାନଙ୍କର ବାନ୍ଦନା ପର୍ବ, ଧିଙ୍ଗୁୟାନୀ, କରମ, ଟୁସୁ, ବିବାହ ଆଦି ଅସଂଖ୍ୟ ଲୋକଗୀତ କୁଲ୍‌ମାଲୀ ଭାଷାରେ ଭରପୁର । ମାତ୍ର ଆଧୁନିକତାର ପ୍ରଭାବରେ ଆର୍ଯ୍ୟ ସଂସ୍କୃତି ପାଶ୍ଚାତ୍ୟ ସଂସ୍କୃତି ଆଡକୁ ,ଆଦିମ ଅଧିବାସୀଙ୍କ ସଂସ୍କୃତି ଆର୍ଯ୍ୟଙ୍କ ଆଡକୁ ଢଳୁଛି । ମାତ୍ର କୁଡୁମି ଆଦିବାସୀରୁ ଉଚ୍ଛେଦ ହେଲାପରେ (କୁଡୁମିମାନେ ସ୍ୱାଧୀନତା ପର ୧୯୫୬ ଆମେଣ୍ଡମେଣ୍ଟରେ ଓଡିଶାରୁ ତଫସିଲଭୁକ୍ତ ଆଦିବାସୀରୁ ଉଚ୍ଛେଦ ହୋଇଛନ୍ତି) । ନିଜର ଛଦ୍ମ କ୍ଷତ୍ରିୟ ପରିଚୟ ଦେବାକୁ, ଉଚ୍ଚବର୍ଣ୍ଣଙ୍କର ଆସ୍ଥାଭାଜନ ହେବାକୁ ନିଜର ସଂସ୍କୃତି ଗୁଡିକର ଦ୍ରୁତ ଅବକ୍ଷୟ କଲେ । କେତେକ କୁଡୁମି ଅନ୍ଧ ବିଦ୍ୟା ଭୟଙ୍କରି ପରି ସତ୍ୟକୁ ଲୁଚାଇଲେ (ନାନୃତଂ ସତ୍ୟମ୍ ଅପ୍ରିୟଂ) । କେତେକ ସ୍ଥଳରେ ଟୁସୁ ପ୍ରତିମା ଭଙ୍ଗାଗଲା, କରମା ନାଚରେ ଯୋଗ ଦେଇଥିବା ସ୍ତ୍ରୀଙ୍କୁ ଛାଡପତ୍ର ଦେବାର ମଧ୍ୟ ଉଦାହରଣ ରହିଛି । ହାଟରେ ପରିବାଦି ବିକୁଥିବା କୁଡୁମି ମହିଳାଙ୍କୁ , ଟୁସୁ ଶୋଭାଯାତ୍ରାର ଝିଅମାନଙ୍କୁ , ଆଦିବାସୀ ଲୋକ ଗୁଡାଏ ବୋଲି କେତେକ ଚାକିରିଆ କୁଡୁମି ସହକର୍ମିମାନଙ୍କୁ ବୁଝାଇଦେଲେ । ଟୁସୁ ଯଦି ତାଙ୍କର କ୍ଷତ୍ରିୟତ୍ୱର ପ୍ରମାଣ ବହନ କରୁଥିଲା, ତେବେ ତାକୁ ତ ଏତେ ହତାଦର କରାଯାଇନଥାନ୍ତା । କାଳ୍ପନିକ ବୀରବଲ ଲୋକ କଥା ସୂଚୀତ କରେ ଯେ କୁଡୁମିଙ୍କ ଦୁର୍ଗତି ପାଇଁ ମୁସଲମାନ ଦାୟୀ , ଏଣୁ ହିନ୍ଦୁ ସଂଗଠନ ଗୁଡିକ ଏମାନଙ୍କଠୁ ବିଶ୍ୱସ୍ତ କର୍ମୀ ମଧ୍ୟ ପାଇଗଲେ ।

ନିଜର ସାଂସ୍କୃତିକ ସ୍ୱାଭିମାନ ବଳରେ ପ୍ରାୟ ଦୁଇହଜାର ବର୍ଷ ଯାଯାବର ଭଳି ବୁଲି

ମାତ୍ର ୧୫ ଲକ୍ଷ ଲୋକ ଇସ୍ରାଇଲ ରାଷ୍ଟ୍ର ପ୍ରତିଷ୍ଠାକଲେ । ତାଙ୍କ ହିବ୍ରୁ ସାହିତ୍ୟ ନୋବେଲ ପୁରସ୍କାର ମଧ୍ୟ ପାଇଲା, ମାତ୍ର ୧ କୋଟି କୁଡୁମିଙ୍କ ଭାଷା ସଂସ୍କୃତି ଆଜି ଲୁପ୍ତ ହେବାକୁ ବସିଛି , କେବଳ ସ୍ୱାଭିମାନ ଅଭାବରୁ । ତାଙ୍କର ସ୍ମୃତି , ସ୍ୱାଭିମାନ ସବୁ ଅପହୃତ ହୋଇଛି । ତାଙ୍କ ନିଜର ମହାନ ସାଂସ୍କୃତିକ ଧରୋହର ତାଙ୍କୁ ଛୋଟ ଲାଗିଛି , କାରଣ ସେମାନେ ନିଜକୁ ପରଆଖିରେ ଦେଖିବାକୁ ଚେଷ୍ଟା କଲେ । କସ୍ତୁରୀ ମୃଗପରି ସେମାନେ ନିଜର ସୌରଭ ଅନ୍ୟଠାରେ ଖୋଜିବାକୁ ଚେଷ୍ଟା କଲେ । ବୈଦିକ ଯଜ୍ଞ ହିଂସାରୁ ଅହିଂସ ହୋଇଯାଇଛି । ମାତ୍ର ତାର ମୂଳଭିତ୍ତି ଅପରିବର୍ତ୍ତିତ ରହିଛି । ସେହିପରି କୁଡୁମିଙ୍କ ସଂସ୍କୃତିର ମୂଳଭିତ୍ତି ଅପରିବର୍ତ୍ତିତ ରଖି ତାକୁ ଯଦି ଆଧୁନିକତା ସ୍ପର୍ଶ୍ୟ, ଉନ୍ନତ ବାଦ୍ୟଯନ୍ତ୍ର ଆଲୋକ ଦେଇ ସଂସ୍କାରିତ କରାଯାଆନ୍ତା, ଏବଂ ଜାତିର ସବୁଠାରୁ ଶିକ୍ଷିତ ପୁରୁଷ ସ୍ତ୍ରୀ ସେଥିରେ ଭାଗନେଇ ତାକୁ ନିୟନ୍ତ୍ରଣ ଦିଗ୍‌ଦର୍ଶନ ଦେଲେ ଯାଙ୍କ ସଂସ୍କୃତି ବଞ୍ଚିଯାଆନ୍ତା । ଝୁମର ଲୋକନୃତ୍ୟ ମଧ୍ୟ ଦେଶର ଅନ୍ୟ ଲୋକନୃତ୍ୟ ଭଳି ପ୍ରସିଦ୍ଧି ଲାଭ କରନ୍ତା । ଲୋକସଂସ୍କୃତି ପ୍ରିୟ ଲେଖକ କୃତିବାସ ନାୟକ ଲେଖିଥିଲେ ମହାନ୍ତ ମାନଙ୍କର ଲୋକଗୀତ ଓ ନୃତ୍ୟ କେନ୍ଦୁଝରର ଲୋକକଳାକୁ ପୁଷ୍ଟ କରିଛି , କିନ୍ତୁ ସେମାନେ ଆଜି ନିରାଶ ହେବେ । ବଡ଼ ଜାତି ଲୋକ କହିଦେଲେ ତମର ନାଚ ଖରାପ ମାତ୍ର ତାଙ୍କ ସନ୍ତାନ ମାନେ ଶୀତତାପ ନିୟନ୍ତ୍ରିତ ନୃତ୍ୟ କକ୍ଷରେ ଅର୍ଦ୍ଧଉଲଗ୍ନ ନାରୀଙ୍କର କଟି ବେଷ୍ଟନ କରି ନୃତ୍ୟକଲେ ତାଙ୍କୁ ଅସଭ୍ୟ ମଦ୍ୟପ କହିବାର ଜିଭରେ ହାଡ କାହାର ନାହିଁ । କିନ୍ତୁ କୁଡୁମି ମାନେ ନିଜର କରମଠାକୁରଙ୍କ ଚତୁପାର୍ଶ୍ୱରେ ତାଙ୍କୁ ପ୍ରଣତି ଜଣାଇ ନୃତ୍ୟକଲେ ଖରାପ ହୋଇଗଲା । ଇନ୍ଦ୍ରଙ୍କ ରକ୍ଷିତା ନୃତ୍ୟାଙ୍ଗନା ଅପସରା ଉର୍ବଶୀ ଓ ଦେବତା ମୈତ୍ରାବରୁଣଙ୍କ ପ୍ରଣୟରୁ ତ ବ୍ରାହ୍ମଣ ଶ୍ରେଷ୍ଠ ଅଗସ୍ତ୍ୟ ଋଷିଙ୍କ ଜନ୍ମ । ଯଥେଷ୍ଟ ଯୌନାଚାର ଥିବା ଦେବଦାସୀ ପ୍ରଥାରୁ ତ ଓଡିଶୀ ନୃତ୍ୟର ଜନ୍ମ । ନିଆଁରେ କେବେ ଘର ପୋଡିଗଲେ କଣ ତାକୁ ରୋଷେଇ ଘରୁ ମଧ୍ୟ ସବୁଦିନ ଦୂରେଇ ଦିଆଯାଏ । ନିଆଁ ବିନା ବଞ୍ଚିବା ଅସମ୍ଭବ, ତାକୁ ନିୟନ୍ତ୍ରଣରେ ରଖିବାହିଁ ବୁଦ୍ଧିମାନୀ ।

ଯାହାହେଉ କୁଲ୍‌ମାଲୀ ସଂସ୍କୃତି ଆଜି କଡ ଲେଉଟାଇଲାଣି । ଆଜି ଶିକ୍ଷିତଙ୍କ ସ୍ତ୍ରୀ ଝିଅ ଝୁମର ଲୋକନୃତ୍ୟ ନାଚି ପାରିଲେ, ବା ଗୀତ ଗାଇଲେ ଲଜ୍ଜିତ ପରିବର୍ତ୍ତେ ଗର୍ବିତ ହେଉଛନ୍ତି । କାରଣ ସାଂସ୍କୃତିକ ସ୍ୱାଭିମାନ ବିନା କୌଣସି ଜାତିର ଉନ୍ନତି ହୋଇନାହିଁ । ମାଗି ଆଣିବା ତରକାରୀରେ ପେଟ ପୁରେନା ।

ବାସ୍ତବରେ ଯାହାର ପୁରୁଣା ଜିନିଷ ନାହିଁ, ତାର ବୁନିୟାଦ ନାହିଁ । ପ୍ରାଗୈତିହାସିକ ପର୍ବ କରମ, ବାନ୍ଦନା, ଟୁସୁ ଓ ଭାଷା କୁଲ୍‌ମାଲୀକୁ ବଞ୍ଚାଇ ରଖିଲେ ଯାଇ ଏମାନଙ୍କର ବୁନିୟାଦ, ଯଜ୍ଞକୁଣ୍ଡ ପରି ବଞ୍ଚି ରହିବ ।

***

ଆଦିବାସୀପାଇଁ ପ୍ରତିବେଦନ ଓ ଆନ୍ଦୋଳନ

ଛୋଟନାଗପୁର ମାଳଭୂମି ବେଙ୍ଗଲ ଓ ଓଡିଶାର ଟୋଟେମିକ୍ କୁଲ୍‌ମି/ କୁଡୁ ମି ମାହତୋଙ୍କୁ ତଫସିଲଭୁକ୍ତ ଆଦିବାସୀର ମାନ୍ୟତା ଦେବାକୁ ବିଭିନ୍ନ କମିଶନ , କେନ୍ଦ୍ର ସରକାର, ରାଜ୍ୟ ସରକାର ମାନଙ୍କୁ ଆବେଦନ କରାଯାଇ ଆସୁଛି । ସେଗୁଡିକ ହେଲା:-

୧) ଏସ୍.ଆର୍. କମିଶନ -୧୯୫୫-୫୬ ପ୍ରଫେସର ଭି.ସି. ମାହତୋ ଓ କ୍ଷୁଦିରାମ ମାହତୋ ପୂର୍ବତନ ସାଂସଦ ପୁରୁଲିଆଙ୍କ ଦ୍ଵାରା ।

୨) ପଛୁଆ ବର୍ଗ ଆୟୋଗ -୧୯୫୫-୫୬

୩) ମଣ୍ଡଳ କମିଶନ -(୧୯୭୫-୮୦) ଇତ୍ୟାଦି

ଠାକୁର ଦାସ ମାହତୋ (ପୂର୍ବ ସିଂହଭୂମ) ଏକ ମାତ୍ର କୁଡୁମି ଏ ପର୍ଯ୍ୟନ୍ତ ପଦୋନ୍ନତି ପାଇଁ ଆଇ.ଏ.ଏସ୍. ପାହ୍ୟାକୁ ଯାଇଥିଲେ, ସେ ଝୁଂଝୁକା, ପୁରୁଲିଆ ୧୯୮୭ରେ ଏକ ବିରାଟ ସଭା କରି ସରକାରଙ୍କୁ ଆବେଦନ ମାନ ଦେଇଥିଲେ । ତାପରେ ଆଦିବାସୀ କୁଡୁମି ସମାଜ , କେନ୍ଦ୍ରିୟ କମିଟି, ଓଡିଶା ଶାଖା ଆବେଦନ କରି ଆସୁଛନ୍ତି ।

କୁର୍ମି କ୍ଷତ୍ରିୟ ମହା ସଭାର ସମର୍ଥନ :- ଏ ମହାସଭାର ମଧ୍ୟ ଭୂମିକା ଥିଲା, ୧୯୩୧ ଜନ ଗଣନାରେ ଆଦିବାସୀ କୁଡୁମିଙ୍କୁ କ୍ଷତ୍ରିୟ କରିବାରେ, ଯାହା ଫଳରେକି ଏମାନେ ପରେ ପରେ ଆଦିବାସୀରୁ ଉଚ୍ଛେଦ ହୋଇଥିଲେ । ତେବେ ୩୦ତମ ଅଧିବେଶନ ୧୯୭୧ରେ ପାଟନାରେ ଏ ସଭା ଦ୍ଵାରା ଗୃହିତ ହେଲାଯେ ଏ ଅଞ୍ଚଳରେ ଟୋଟେମିକ୍ କୁଲ୍‌ମି ଆଦିବାସୀ ଥିଲେ, ଏବଂ ଏମାନଙ୍କୁ ଆଦିବାସୀର ମାନ୍ୟତା ଦିଆଯାଉ ବୋଲି ସରକାରମାନଙ୍କୁ ଲେଖି ଜଣାଇଥିଲେ । ପୁଣି ମହାସଭାର ୩୭ତମ ଅଧିବେସନ ୧୯୯୧ ମାର୍ଚ୍ଚ ୧୬,୧୭ରେ ଗାନ୍ଧୀ ମଇଦାନ ପାଟନାରେ ଅନୁଷ୍ଠିତ ହେଲା । ପୂର୍ବୋକ୍ତ ଦାବୀ ପୁଣି ପାରିତ ହେଲା ଓ ମହାସଭାର ସାଧାରଣ ସମ୍ପାଦକଙ୍କ ଜେପି କନୌଜିଆଙ୍କ ହସ୍ତାକ୍ଷରରେ କୁଲ୍‌ମି ମାନଙ୍କୁ ଆଦିବାସୀ କରାଯାଉ ବୋଲି, ଆବେଦନ ମାନ ସରକାରଙ୍କୁ ଦିଆଗଲା ।

ଆଦିବାସୀ କୁଡୁମି କୃଷକ ସମାଜ ନେତୃତ୍ୱରେ ୨୦୦୩ରେ କେନ୍ଦୁଝରର ବିଭିନ୍ନ ଅଞ୍ଚଳରେ ସଂଗଠିତ ଭାବରେ ଆଦିବାସୀ ପାଇଁ ଜନ ଜାଗରଣ ସଭା ମାନ କରାଗଲା । ଗ୍ରାମରୁ ଗ୍ରାମ ଦସ୍ତଖତ ଅଭିଯାନ ଆରମ୍ଭ ହେଲା । ଏ ଲେଖକଙ୍କର ଏକ ପ୍ରବନ୍ଧ "କୁଡୁମି ଜାତିର କ୍ଷତ୍ରିୟ ଓ ଆଦିବାସୀ ତତ୍ତ୍ୱ" ୧୭।୪। ୨୦୦୩ ର ଦୈନିକ ସମ୍ବାଦ ଅନୁଗୁଳ ସଂସ୍କରଣରେ ପ୍ରକାଶିତ ହୋଇଥିଲା । ସେଥିରେ ଏ ଜାତିର କ୍ଷତ୍ରିୟ ପ୍ରମାଣ ଯଦି କାହା ପାଖରେ ଥାଏ ଜଣାଇବାକୁ ଆହ୍ୱାନ କରାଯାଇଥିଲା । ମାତ୍ର କୌଣସି ପ୍ରମାଣ ଦିଆଗଲା ନାହିଁ ।

ଆଦିବାସୀପାଇଁ ବିରୋଧ:-

ଜାମସେଦପୁରରୁ ପ୍ରକାଶିତ ହିନ୍ଦୀ ଦୈନିକ "ଚମକ୍‌ତା ଆଇନା" ତା ୨୪ । ୭ । ୨୦୦୩ରେ ପ୍ରକାଶିତ ହେଲା ଯେ ଏ ଅଞ୍ଚଳର ୫ କୁଲ୍‌ମି ସଂଗଠନ କୁଲ୍‌ମି ମାନଙ୍କୁ ଆଦିବାସୀ

ନ କରେଇ ଦେବାପାଇଁ ପ୍ରଧାନମନ୍ତ୍ରୀ ଓ ଓଡିଶା, ବିହାର ଓ ଝାଡଖଣ୍ଡର ମୂଖ୍ୟମନ୍ତ୍ରୀ ମାନଙ୍କୁ ନିବେଦନ ପତ୍ର ଦେଇଛନ୍ତି । ସେ ସଂଗଠନ ଗୁଡିକ ହେଲେ ୧) ଶିବାଜୀ କଲଚରାଲ ଆସୋସିଏସନ, ରାଞ୍ଚି, ୨) ଝାଲଖଣ୍ଡ କୁଲ୍‌ମି କ୍ଷତ୍ରିୟ ଆସୋସିଏସନ୍, ଜାମସେଦପୁର ୩)ସର୍ଦ୍ଧାର ପଟେଲ କଲଚରାଲ ଆସୋସିଏସନ ରାଓରକେଲା, ୪) ଶିବାଜୀ କଲଚରାଲ ଆସୋସିଏସନ, ଭୁବନେଶ୍ୱର ଓ ୫) ଅଲଇଣ୍ଡିଆ କୁଲ୍‌ମି କ୍ଷତ୍ରିୟ ଆସୋସିଏସନ୍, କଲିକତା । ସେ ପତ୍ରରେ ଲେଖାଯାଇଛି କି କୁଲ୍‌ମି ମାନେ ଗାଁରେ ସବୁ ଜମିଦାର, ଆଦିବାସୀଙ୍କୁ କାମ କରାନ୍ତି । କୁଲ୍‌ମି ମାନେ ଗୁଜୁରାଟର ସର୍ଦ୍ଧାର ବଲ୍ଲଭ ଭାଇ ପଟେଲ, ମହାରାଷ୍ଟ୍ରର ଛତ୍ରପତି ଶିବାଜୀ, ଉତ୍ତରପ୍ରଦେଶର ରାଣୀ ଲକ୍ଷ୍ମୀବାଇ, ଆନ୍ଧ୍ର ପଦେଶର ସରୋଜିନୀ ନାଇଡୁଙ୍କୁ ଭାଇବନ୍ଧୁ କହିବାକୁ ପସନ୍ଦ କରନ୍ତି । ଯେଉଁମାନେ ଏମାନଙ୍କୁ ଆଦିବାସୀ କରିବାକୁ ଚେଷ୍ଟା କରୁଛନ୍ତି ସେମାନେ ଭୂଲ କରୁଛନ୍ତି । କୁଲ୍‌ମିଙ୍କୁ ଆଦିବାସୀ କରିଦେଲେ ଝାଲଖଣ୍ଡରେ ଦଙ୍ଗା ହୋଇଯାଇପାରେ ।

ବାଖ୍ୟା:-

ଏ ସଂଗଠନ ଗୁଡିକ ଅଖିଳ ଭାରତୀୟ କୁର୍ମି କ୍ଷତ୍ରିୟ ମହାସଭାର ଆଦର୍ଶରେ ଗଠିତ । ହଠାତ୍ ଏମାନେ ମହାସଭାର ୩୦ ତମ ଓ ୩୭ ତମ ଅଧିବେଶନରେ ପାରିତ ହୋଇଥିବା ପ୍ରସ୍ତାବର ବିରୋଧ କରିବାର କାରଣ କଣ? ମହାସଭାର ସଦସ୍ୟ ପ୍ରାୟ ୧୫୦୦ ଜାତି ନିଜକୁ କୁର୍ମିର ଉପଜାତି କହନ୍ତି ଓ ଏମାନେ ଦେଶସାରା ବିଛାଡି ହୋଇଛନ୍ତି । ସେ ୫ ସଂଗଠନ ୫ ଟି ସର୍ବଭାରତୀୟ ସହରରେ ଅବସ୍ଥିତ, ଯେଉଁଥିରେକି ପ୍ରାୟ ସବୁ ଜାତିର ସଦସ୍ୟ ଅଛନ୍ତି । କିଛି ଟୋଟେମିକ କୁଲ୍‌ମି ମଧ ସଦସ୍ୟ ଅଛନ୍ତି । ତାଙ୍କର ଆଦର୍ଶ କୁର୍ମି କ୍ଷତ୍ରିୟତ୍ୱ ପ୍ରଚାର । ସେ ଖବର କାଗଜ ଅନୁଯାୟୀ ସବୁବେଳେ କୁର୍ମି ନାମ ନେଉଥିବା ସଂଗଠନ କୁଲ୍‌ମି ନାମକୁ ଓହ୍ଲାଇ ଆସିବା ମଧ ବିସ୍ମୟକର ।

ସମୁଦାୟ କୁର୍ମିକ୍ଷତ୍ରିୟଙ୍କୁ ଏଠାରେ ଆଦିବାସୀ କରିବା କଥା କୁହାଯାଉନି । କେବଳ ଟୋଟେମିକ୍ କୁଲ୍‌ମି, ଯେଉଁମାନେ ଆର୍ଯ୍ୟକ୍ଷତ୍ରିୟ ବଂଶୋଦ୍ଭବ ନୁହଁନ୍ତି , ଯେଉଁମାନେ ଉତ୍ତରସ୍ଥ କୁର୍ମିଙ୍କ ଠାରୁ ସଂପୂର୍ଣ୍ଣ ଅଲଗା ତାଙ୍କ କଥା କୁହାଯାଉଛି । ତେଣୁ ଏମାନଙ୍କର ତାଙ୍କର ଆଦର୍ଶ ପଟେଲ, ଶିବାଜୀ, ଲକ୍ଷ୍ମୀବାଇ ବା ସରୋଜିନୀ ନାଇଡୁଙ୍କ ସହିତ କୌଣସି ସଂପର୍କ ନାହିଁ ।

ରାଜା ଅମଳରୁ ଆଦିମ ଅଧିବାସୀ ଗ୍ରାମ୍ୟ ମୁଖ୍ୟ, ମୁଣ୍ଡା, ମାହତ, ମାଝୀ, ପ୍ରଧାନ ମାନଙ୍କ ଜମି ଜାଗିରୀ ଥିଲା । ଏବଂ ତାଙ୍କ ଘରେ ଅନ୍ୟମାନେ କାମ କରିବା ସ୍ୱାଭାବିକ, ମୁଣ୍ଡା ମାନକି, ଆଦିଙ୍କ ଜମିରେ କୁଲ୍‌ମି/ମହାନ୍ତ ମାନେ ମଧ କାମ କରନ୍ତି । ସଂପନ୍ନ ହରିଜନ ଘରେ ମଧ ମହାନ୍ତ ରେଜାକୁଲି କାମ କରିବାର ଦେଖାଯାଏ । ସର୍ବଭାରତରେ ପ୍ରାୟ ଶତକଡା ୨ ଭାଗ ଚାକିରୀ କରନ୍ତି , କୁଲ୍‌ମିଙ୍କ ଅନୁପାତ ତା ଠାରୁ ଯଥେଷ୍ଟ କମ୍ । ଚାକିରୀ ବୋଇଲେ ମୂଖ୍ୟତଃ ଶିକ୍ଷକତା, ଅଧିକାଂଶ ପୁଣି ବିନା ଦରମାବାଲା । ଚାକିରୀଆଙ୍କ ଠାରେ ଓ ଜାଗିରୀ ପାଇଥିବା ଲୋକଙ୍କ ଠାରେ କିଛି ଜମିବାଡି ରହିଛି । ଏଭଳି ସଂପନ୍ନ ପରିବାରଙ୍କ ସଂଖ୍ୟା ଶତକଡା ୫ ରୁ ବେଶି ହେବ ନାହିଁ । ତାଙ୍କ ପିଲାମାନେ ପାଠଶାଠ ପଢି ସହରାଞ୍ଚଳରେ ଚାକିରୀ କରନ୍ତି ଓ ସେ

୫ ସଂଗଠନର ସଦସ୍ୟ ହୋଇଛନ୍ତି । ବର୍ତ୍ତମାନ ତାଙ୍କର ଖାଦ୍ୟପେୟ, ବାସଗୃହ, ଅର୍ଥର, ଅଭାବ ନାହିଁ । ଆଉ ଦରକାର ସାମାଜିକ ପ୍ରତିଷ୍ଠା, ଯାହାକି ଛଦ୍ମ କ୍ଷତ୍ରିୟରେ ପୂରଣ ହୁଏ , ଅବିଶ୍ୟ ବର୍ଣ୍ଣ ବ୍ୟବସ୍ଥାରେ ଅଜ୍ଞ ଥିବା ଲୋକ ପାଖରେ ।

ଅବଶିଷ୍ଟ ଗ୍ରାମାଞ୍ଚଳରେ ଥିବା ଲୋକଙ୍କ ଆର୍ଥିକ ସ୍ଥିତି ତାଙ୍କର ଲୋକଗୀତ ଗୁଡିକରେ ଫୁଟିଉଠେ । ଟୁସୁ ଉତ୍ସବରେ ଭୋଗଲଗାଇଲାବେଳେ ଟୁସୁଙ୍କ ମାଆ ହୋଇଥିବା ଅବୋଧ ବାଳିକାଟି ଗାଇଉଠେ -

ଷୋଲ ବାଳିର ଷୋଲ ପୂଜା ଖାଓ ଗୋ ଟୁସୁ ଖଇ ଭଜା ;
ତୋମାର ମାଆତ ଅଭାଗୀନ୍ କୋଥାୟ ପାବେକ୍ ଦଇଚିଲା ।

କୁଡ୍‌ମିଙ୍କ ଶସ୍ୟଦେବୀ ଟୁସୁଙ୍କ ନୈବେଦ୍ୟ ଖଇରେ ହୁଏ । ସାମାନ୍ୟ ଦହିଚୂଡାର ବନ୍ଦୋବସ୍ତ କରିବାର ସାମର୍ଥ୍ୟ ତାଙ୍କ ଠାରେ ନାହିଁ ।

ଏକ ଝୁମର ଲୋକଗୀତ -

ଆକାଲ ବଛର ଆଇଲ୍ ଝଡ୍, ଉଲାଇଁଲିଲ ଚାଲେର ଘର
ଖୁଦ୍ କୁଁଡ୍‌ହା ଢୁକେ ଗେଲ ଢଲରେ...(୨)
ତାଓ ମାଂସ ପିଠା ହବେକ ମକରେ ।
ମାଲେର ଭାତ ଟାନ୍ ଟାନ୍, ବାନ୍ଦନା ପରବ ଆସେନାକାଲ
ବାପେର୍‌ଘରେ ପାଲାଇଁ ଯାବ ବିହାନେ...(୨)
ଅଥାଓ ମାଂସ ପିଠା ହବେକ୍ ମକରେ ।
ନଉତନ ଆଇଲ ଛଟ ବଳି, କେନେ ଲିଲ ଗଲାଇଁ ଦଳି
ନିଆଇଲାଗେ ବୁଡ୍‌ହା ବୁଡ୍‌ହି, ଭାତ ନାହିଁ ଦୋପହରେ ...(୨)
ତାଓ ମାଂସ ପିଠା ହବେକ୍ ମକରେ ।

ଭାବାର୍ଥ :- ଅକାଳ ବର୍ଷ ଝଡ ଆସିଲା, ଘରର ଚାଳ ଉଡାଇ ନେଲା, ଖୁଦ କୁଣ୍ଡା ପେଟରେ ପଶିଗଲା ତଥାପି ମକର ସଂକ୍ରାନ୍ତିରେ ମାଂସ ପିଠା ହେବ । ତୋରାଣୀ ଭାତ ମିଳିବା କଷ୍ଟକର ହେଉଛି ବାନ୍ଦନା ପରବ ଆସିବାରେ ଡେରି ଅଛି , ଏଣୁ ସକାଳଓଳି ବାପ ଘରକୁ ଚାଲିଯିବି, ସେଠାରେ ବି ମକରକୁ ମାଂସ ପିଠା ହୋଇଥିବ । ନୂଆ ସାନ ବହୂ ଆସିଲା, କାହିଁକି ବେକରେ ଦଉଡି ନେଲା, କଳି ଲାଗନ୍ତି ବୁଢା ବୁଢୀ, ଦୋପହରକୁ ଭାତ ନାହିଁ , ତଥାପି ମାଂସ ପିଠା ମକରକୁ ହେବ । ମକର ସଂକ୍ରାନ୍ତିରେ ଏମାନେ ମଧ୍ୟ ମାଂସ ଖାଇବାର ପ୍ରମାଣ ଏଥିରୁ ମିଳେ ।

ଏ ଲୋକଗୀତରେ ତାଙ୍କର ଦାରିଦ୍ର୍ୟତା ପ୍ରତିଫଳିତ । ଏ ଜାତିର ଅର୍ଦ୍ଧାଧିକ ଲୋକ ଦୀନହୀନ ଜୀବନ ଯାପନ କରନ୍ତି । ସେମାନଙ୍କର ମାଆ ଭଉଣୀ, ଝିଅ ବୋହୂମାନେ ଜଙ୍ଗଲରୁ ମହୁଲ, ଟୋଳ, ଶାଳମଞ୍ଜି, କୁସୁମ, ବିକ୍ରି ଖଲିଚଉପଦି ପାଇଁ ଶାଳପତ୍ର ସଂଗ୍ରହ କରନ୍ତି, ଖଲି ଟିପନ୍ତି, ସେଗୁଡିକ ଓ ବାଡିର ପନିପରିବା ଆଦି ମୁଣ୍ଡାଇ ହାଟରେ ଯାଇ ବିକନ୍ତି । ବିଲବାଡିରେ ବାଇସାମ ଭାତ ପହଞ୍ଚେଇବା, ଖତ ବିଞ୍ଚିବା, ବାଟିଆ ପକାଇବା, ଧାନ ରୁଆ, ବଛା, କଟା, ଅମଳ ସବୁ କରନ୍ତି , ଯାହାକି ଆର୍ଯ୍ୟ ସଂସ୍କୃତିରେ ଶୂଦ୍ରା ପାଇଁ ମଧ୍ୟ କଳ୍ପନାତୀତ । ଆଦିବାସୀ ସଂରକ୍ଷଣରୁ

ବଞ୍ଚିତ ହେବାପରେ, ରାସ୍ତାଘାଟ ସହର ବଜାର ଶିଳ୍ପାଞ୍ଚଳରେ ଏ ଜାତିରେ ରେଜାକୁଲୀ ସଂଖ୍ୟା କ୍ରମେ କ୍ରମେ ବଢୁଛି । କ'ଣ ଏମାନଙ୍କୁ କ୍ଷତ୍ରିୟ ମାନ୍ୟତା ମିଳିଗଲେ, ରାଜା ମହାରାଜାଙ୍କ ପରି ସୁରମ୍ୟ ପ୍ରାସାଦରେ ରହି ସେମାନେ ବିଳାସମୟ ଜୀବନ ଯାପନ କରିବେ ? ଯଦି କେହି ଏମାନଙ୍କୁ ଏବେବି ଜାତି ପଚାରେ, ହୁଏତ ଉତ୍ତର ମିଳି ପାରେ କୁର୍ମିକ୍ଷତ୍ରିୟ,କାରଣ ଯାହା ପୁଅକୁ ସାପ କାମୁଡିଥାଏ ତା ମାଆ ପ୍ରାଳଦ୍ଦଉଡି ଦେଖିଲେ ଡରିବା ପରି ଅତୀତରେ ଓ ଏଯାଏ ସେମାନେ ଯେଉଁ ଘୃଣ୍ୟ ଅସ୍ପୃଶ୍ୟତା ଓ ଜାତିବାଦର ଶିକାର ହୋଇ ଆସୁଛନ୍ତି , ତାହା ବର୍ତ୍ତମାନ ସୁଦ୍ଧା ତାଙ୍କର ସ୍ମୃତି ପଟଳରେ ଦିକ୍ ଦିକ୍ ହୋଇ ଜଳୁଛି । ତାହାହିଁ ଏ ସମସ୍ତଙ୍କୁ ମିଥ୍ୟା କୁର୍ମି କ୍ଷତ୍ରିୟ କହିବାକୁ ବାଧ କରି ଆସୁଛି । କେତେକ ସଂପନ୍ନ ଲୋକ ମଧ ଚାହାଁନ୍ତି ନାହିଁ, ଏମାନେ ଆଦିବାସୀ ସଂରକ୍ଷଣ ପାଇ ଉପରକୁ ଉଠନ୍ତୁ , କାରଣ ଶସ୍ତା ଶ୍ରମିକର ଅଭାବ ହେବ ।

ଆଉ କେତେକ କୁର୍ମିକ୍ଷତ୍ରିୟ କହିଥିବା ଲୋକ, ସତ୍ୟ ଜାଣି ମଧ ତାଙ୍କର ଅନ୍ତର ମନ ବିରୁଦ୍ଧରେ, ଅସ୍ପୃଶ୍ୟତାର ବିଭିଷିକାକୁ ମନେପକାଇ, ସତ (ଆଦିବାସୀତ୍ୱ) ସ୍ୱିକାର କରନ୍ତି ନାହିଁ, ଗୋଟିଏ ମିଛକୁ ଘୋଡାଇବାକୁ ଯାଇ ଆହୁରି ମିଛ ସବୁ ଯୋଡି ଚାଲନ୍ତି । ମାତ୍ର ସତ୍ୟ ସ୍ୱୀକାର କଲେ ସେ ଆତ୍ମଗ୍ଲାନୀ ଦୂର ହୋଇଯିବ । ସତ ଥିଲେ ଭାତ ମିଳେ; ଏହାକୁ ସବୁବେଳେ ମନେ ରଖିବା ଉଚିତ୍ ।

ବାସ୍ତବରେ ଏ ପତିତ ଦଳିତଙ୍କୁ ଉପରେ ଥିବା ଯାଙ୍କ ଜାତି ଲୋକ ରାସ୍ତା ଦେଖାଇ ଉପରକୁ ଉଠାଇବା କଥା, ପଛେ ତାଙ୍କର ଛଦ୍ମ କ୍ଷତ୍ରିୟତ୍ୱ ନଷ୍ଟ ହେଉ । ଭୀମ ଭୋଇଙ୍କର ସେ ପଦଟିଏ ସେମାନେ ମନେ ପକାନ୍ତୁ -

"ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ।"

ଏଣୁ ସେ ୫ ସଂଗଠନଙ୍କୁ ଅନୁରୋଧ, ମହାସଭାର ୩୦ ତମ ଓ ୩୭ ତମ ପାଟନା ଅଧିବେଶନର ଗୃହୀତ ପ୍ରସ୍ତାବକୁ ସମର୍ଥନ ଜଣାଇ, ବିରୋଧ କରିଥିବା ସେ ଆବେଦନ ପତ୍ରକୁ ପ୍ରତ୍ୟାହାର କରନ୍ତୁ ଓ ଟୋଟେମିକ୍ କୁଲ୍ମିଙ୍କୁ ଆଦିବାସୀ ମାନ୍ୟତା ଦେବା ପାଇଁ ସେଥିରେ ନିବେଦନ କରନ୍ତୁ, ତଥା ଆନ୍ତରିକତାର ସହକାରେ ସମର୍ଥନ ,ସହଯୋଗ ଓ ଦିଗ୍‌ଦର୍ଶନ ଦିଅନ୍ତୁ ।

ସରକାରଙ୍କୁ ପଦେ:- ସରକାର ଠିକ୍ ଜାଣନ୍ତି । କୁଲ୍ମି/କୁଡୁମି, ଆଦିବାସୀ କ୍ଷତ୍ରିୟ ନୁହଁ ତେବେ ଡେରି କାହିଁକି ? ତାଙ୍କୁ ଅନୁରୋଧ ଘୃଣ୍ୟ ଅସ୍ପୃଶ୍ୟତା ଓ ଜାତିଭେଦର ଶିକାର ହୋଇଯାଇଥିବା ଏ ଜାତିକୁ ପୁଣିଥରେ ତଫସିଲଭୁକ୍ତ ଆଦିବାସୀ ଘୋଷଣା କରି ଉପଯୁକ୍ତ ନ୍ୟାୟ ଦିଅନ୍ତୁ । ଏମାନଙ୍କୁ ଚିହ୍ନିବାର ସହଜ ଉପାୟ ହେଲା ବାନ୍ଦନା ପରବ କର୍ମା, ଟୁସୁ, ଟୋଟେମିକ୍ ବଂଶ, ବଂଶଭେଦରେ ଗୋସନ୍ତକ, ବିବାହରେ ଆମବେହା, ମହୁଲବେହା, ସଧବାଙ୍କ ହାତରେ ଲୁହାର ବଳା ଇତ୍ୟାଦି । ଜାତିର ନାଆଁ କୁଲ୍ମି/କୁର୍ମି (Kurmi),କୁଡୁମି, (Kudumi)କୁର୍ମିମାହତୋ (Kurmi Mahto)ମହାନ୍ତ,(Mahanta/Mohanta)ଓ କ୍ଷତ୍ରିୟ ପ୍ରଭାବରେ ବିଦଳିଛି କୁର୍ମି କ୍ଷେତ୍ରିୟ (Kurmi Khetriya), କୁଡୁମି କ୍ଷତ୍ରିୟ (Kudumi Khatriya) ମାତ୍ର ତାଙ୍କ ପୁରୁଣା ଦଲିଲରେ କ୍ଷତ୍ରିୟ ଶବ୍ଦ ନାହିଁ । ଉପାଧି ସାଧାରଣତଃ ମହାନ୍ତ/ ମାହାତୋ (Mahanta/ Mohanta) ଇତ୍ୟାଦି । Mahto, Mahato ମାହତ

କୁଡୁମିଙ୍କ ଲୋକଗୀତ

କୁଡୁମିଙ୍କ ବାନ୍ଦନା, ଟୁସୁ, ବିବାହ,କରମ, ଯାଓ୍ୱା, ଦଶହରା ଅନୁଷ୍ଠାନ ସବୁ ଲୋକଗୀତରେ ଭରପୁର । ତେବେ ଗୀତ ସବୁ ସଂସ୍କୃତିର ପରିବର୍ତ୍ତନ, ଭୋଗବାଦୀ ଦୁନିଆର ସ୍ୱଳ୍ପ ସମୟ, ଓ ଆଧୁନିକତା ନାମରେ ଦୃତ ଗତିରେ ବିସ୍ମୃତି ଗର୍ଭରେ ଲୀନ ହେବାକୁ ଯାଉଛି । ଚୁୟାଳ ବିଦ୍ରୋହର ସ୍ମୃତି ବହନ କରୁଥିବା ଗୀତ ଗୁଡିକରେ କେବଳ ଯୁଦ୍ଧର ଘନଘଟାର ଆଭାସ ମିଳେ । ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାନ୍ତ ଚିତ୍ରଡା ମୟୂରଭଂଜଙ୍କ ସ୍ମୃତିରୁ ଏକ ଗୀତ (ବେଉରା ଅକ୍ଟୋବର ୧୯୯୪)-

ହାଁସା ରାଜା କାଁସା ସିଂ ଯୁଲୋଲୋ ବିଶାନ ସିଂ
ଏ ହୋ ମାନଭୂଯେଁ ସାଜଲେ ଲହ୍ଲାଇ ଯେ......
ମାନଭୂଯେଁ ମାରଗେଲ ରାଜା ହୋ ବିଶାନ ସିଂ
ପଗଲି ଆଇଲରେ ନିଶାନ ଯେ ।
ପଗଲି ଦେଖେ ରାନି ଭାଙ୍ଗେ ଆମ ଡାର ଯେ
ପଗଲି ଲୟେ ସତୀ ଯାପ ଯେ ।
କାହାଁ ଛୁଟଲ ମର ହାଁସା ରାଜାକ ଘଲା ଯେ
କାହିଁ ଛୁଟଲ ମର ଢାଲ ତରୁଓ୍ୱାଲ ଯେ ।
ବନେ ଛୁଟଲ ମର ହାଁସା ରାଜାକ୍ ଘଲା ଯେ
ରନେ ଛୁଟଲ ମର ଢାଲ୍ ତରୁଆଲ୍ ଯେ ।
କଇସେ ଭିଜଲ ମର ହାଁସା ରାଜାକ୍ ଘଲା ଯେ
କଇସେ ଭିଜଲ ମର ଢାଲ ତରୁଆଲ ଯେ ।
ଘାମେ ଭିଜଲ ମର ହାଁସା ରାଜାକ୍ଘଲା ଯେ
ରକତେ ଭିଜଲ ମର ଢାଲ ତରୁଆଲ ଯେ ।
କଇସେ ପୁଛବ ମର ହାଁସା ରାଜାକ୍ ଘଲା ଯେ
କଇସେ ପୁଛବ ମର ଢାଲ୍ ତରୁଆଲ ଯେ ।
ଗାମଛାଇଁ ପୁଛବ ମର ହାଁସା ରାଜାକ ଘଲା ଯେ
ଆଁଚରେ ପୁଛବ ମର ଢାଲ ତରୁଆଲ ଯେ ।

କୁଳ୍ମାଲୀ କବି ମହାନ୍ତ ଶ୍ରୀ କାନ୍ତ କାଲୁଆର ,ସରସ୍ୱତୀ ପଁଡା , ଜି. କେନ୍ଦୁଝରଙ୍କ ରଚିତ ଏକ କବିତା:-

କେଉଁଝର କେଇସନ ସୁନ୍ଦର ଗୋ, କେଉଁଝର କେଇସନ ସୁନ୍ଦର
ଆଓ୍ୱା ଦେଖା ଭାଇ, କେଉଁଝର୍ କେଇସନ ସୁନ୍ଦର ଗୋ । (ଘୋଷା/ରଂ)
ଚାଇର ଦିଗେ ନଦୀନାଲା, ଡୁଙ୍ଗରୀ ଛୁଲି ଗାଛ ପାହ୍ଲା
ମାଝେ ମାଝେ କେଉଁଝର ଗଳ ଗୋ ।୧।
ଗୋନାସିକା, ମାଙ୍କଳ ନାଚା, ପାହାଳ,ପରବତ ଭଁଚା ନିଚା
ବଇତନୀ ବିହ୍ଲର କାଣିଝର ଗୋ ।।୨।।

କୁଳମି କଲ ସାନ୍ତାଳ ଓରାମ୍ ଭୂୟାଁ ହୋ ବିରହଲ ଜୁଆଙ୍ଗ
ଆଦିବାସୀ ମୁଲୁକେ ହାମର ଗୋ, ଫରେ ଡରେ ଭରଯେ ଉଦରଗୋ ।।୩।।
ବଳ ପାହାଳ ବୁଲ୍‌ହାବାବା ମାରାଂବୁରୁ ସିଂ ବୋଙ୍ଗା,
କରମ ରାଜା ରାଖୟେ ନଜର ଗୋ ।।୪।।
ଲୁଟି ଲେଲା ଦାନାପାନି ଡାକୁ ଦିକୁଇ ଖାଦାନ ଖନି
ଖାଟି ଖାଟି ଝଲକେ ପାଞ୍ଜର ଗୋ
ଶିରୀକାନ୍ତେ ଧରେ କାଁଲଶର ଗୋ ।।୫।।

ଧାର୍ମିକ ବିଶ୍ୱାସ :- ଏମାନଙ୍କ ଲୋକଗୀତ ଗୁଡିକରେ ଏମାନଙ୍କର ଧାର୍ମିକ ବିଶ୍ୱାସ ମଧ୍ୟ ପ୍ରତିଫଳିତ ହୋଇଥାଏ । ଛୋଟ ପିଲା କାନ୍ଦୁଥିଲା ବେଳେ, ଏ ଗୀତ ଗାଇ ପ୍ରବୋଧନା ଦିଆଯାଏ ।

ଆୟ ଆୟ ଚାନ୍ଦ ମାଇଁ
ହାମଦେର ମିନି /ବାବୁ ଦୁଧଭାତ ଖାଇ ।

ଏଥିରୁ ଜଣାପଡେ ଚନ୍ଦ୍ରକୁ ଏମାନେ ମାଆ ରୂପେ ସ୍ତ୍ରୀଲିଙ୍ଗ ଭାବରେ ଗ୍ରହଣ କରିଛନ୍ତି । ମୁଣ୍ଡା ମାନଙ୍କ ମିଥ୍‌ରେ (ଅପ୍ରକାଶିତ ପୁରାଣ) ଚନ୍ଦ୍ର ସୂର୍ଯ୍ୟଙ୍କ ପତ୍ନୀ ଅଟନ୍ତି ।

ବାନ୍ଦନା ପରବରେ ଧାଙ୍ଗୁୟାନୀ ଗୀତଟିଏ ଦ୍ରଷ୍ଟବ୍ୟ:-

ସବୁ ପରବ ଭାଲା ଘୁରି ଫେରି ଆଓୟେରେ ବାବୁହୋ
ମାନୁଷ ମରଲେ ନେହିଁ ଆଓୟେ ରେ
ଆର ବନେ କେରି କାଠପାତ୍ ଗାୟେଁ କେରି ଆଗୁନ୍
ଖସି ଖସି ପଳେତ ଆଂଗାର ଅ...ରେ ।

ମନୁଷ୍ୟ ମଲେ ଆଉ ଫେରେନା, ପୋଡି ସେ ଅଙ୍ଗାର ହୋଇଯାଏ । ଏଥିରୁ ଏମାନଙ୍କର ପୁର୍ନଜନ୍ମରେ ବିଶ୍ୱାସ ନାହିଁ, ସୂଚୀତ ହୁଏ ।

ଆଉ ଏକ ଧାଙ୍ଗୁୟାନୀ ଗୀତ:-

ଅହିରେ... ନହିଁ ଯେ ଆଅଁ ହମେ ମଦେକେର ଲୋଭେ ଗୋ
ନହିଁ ଆଅଁ ମାଁସେ କେର ଲୋଭେ ଗୋ
ହାମେ ଯେ ହେକୋଁ ପାଞ୍ଚ ଘାରେକ ଧାଙ୍ଗୁଆନୀ
ଗେୟା ଜାଗାଏ ଚଲି ଯାବ୍‌ରେ ।

ଧାଙ୍ଗୁୟାନ୍ ମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ହେଲା ସମସ୍ତଙ୍କ ଗୁହାଳରେ ଥିବା ଗୋରୁ ମଇଁଷିଙ୍କୁ ଜାଗେଇବା, ବନ୍ଦନା କରିବା ବା ସମ୍ବର୍ଦ୍ଧନା କରିବା । ମଦମାଂସ ପ୍ରତି ତାଙ୍କର ବିଶେଷ ଆକର୍ଷଣ ନାହିଁ । ମାତ୍ର ରାତି ସାରା ଚାଲୁଥିବା ଶୋଭାଯାତ୍ରାରେ ଉତ୍ସାହ ଉଦ୍ଦୀପନା ଭରିନେବାକୁ ହାଣ୍ଡିଆ ଓ ମାଂସ ଆନନ୍ଦରେ ପ୍ରାୟ ସମସ୍ତଙ୍କ ଘରେ ଗ୍ରହଣ କରନ୍ତି । ଏଥିପାଇଁ ଶିକ୍ଷିତ ସମାଜ ଏଥିରୁ ଦୂରେଇ ଯାଉଛନ୍ତି । ମାତ୍ର ଆଜିକାଲି ବରଯାତ୍ରୀ, ମୂର୍ତ୍ତି ବିସର୍ଜନ ଆଦି ଅଧିକାଂଶ ଶୋଭାଯାତ୍ରାରେ ମଦ, ଭାଙ୍ଗ ଏକ ସ୍ୱାଭାବିକ ପାନୀୟ ହେବାକୁ ବସିଲାଣି । ଶିକ୍ଷିତ ସମାଜ ଧାଙ୍ଗୁୟାନୀ ଶୋଭଯାତ୍ରାକୁ ଓହ୍ଲାଇ, ଏହାକୁ ନିୟନ୍ତ୍ରଣ ଓ ଦିଗ୍‌ଦର୍ଶନ ଦେଲେ, ଏହାର ରଙ୍ଗ ବଦଳି ଯାଆନ୍ତା, ଏହା ଯେ କୌଣସି ଧାର୍ମିକ ଶୋଭାଯାତ୍ରାରୁ ଆକର୍ଷଣୀୟ ହୋଇଉଠନ୍ତା ।

ଯେଉଁ ଶୋଭାଯାତ୍ରା ରାତି ସାରା ଚାଲେ, ସେଥିରେ ଅନେକ ଗୀତ ହୁଏତ କେଉଁ ବୟସ୍କ ଧିଙ୍ଗୁୟାନ୍ କଣ୍ଠରୁ ଏ ଗୀତଟି ବାହାରି ଆସେ :-

କାହାଁ ମାଲିନୀ ବାଜେ ଯୋଳାରେ ଧମସା,
ଶୁନ ମାଲିନ ଗେ,
କାହାଁ ମାଲିନ୍ ବାଜେ କରତାଲ ।
ଆଖଳାଇଁ ବାଜେ ଯୋଳାରେ ଧମସାରେ
ରାଜା ଘାରେ ବାଜେ କରତାଲ ।
କୈସନ କୈସନ ବାଜେ ଯୋଳାରେ ଧମସା
କୈସନ କୈସନ ବାଜେ କରତାଲ ।
ଶୁନ ମାଲିନ୍ ଗେ,
ଛୁମର୍ ଛୁମର୍ ବାଜେ କରତାଲ
ମଧୁ ମାସେ ବାଜେ କରତାଲ ।

ବାନ୍ଦନା ପର୍ବରେ ଗୋରୁଙ୍କର ବିଶେଷ ପରିଚର୍ଯ୍ୟା ହୁଏ , ଅଗଣାରେ ତାଙ୍କ ଯିବା ରାସ୍ତା ସବୁ ଝୋଟି ଦିଆଯାଇଥାଏ । ପର୍ଯ୍ୟାପ୍ତ କଟା ଘାସର ବନ୍ଦୋବସ୍ତ କରାଯାଇଥାଏ ।

ଭାଲା ଅହିରେ, ତଁୟ ଯେ କହିସ୍ କପିଲା
ହାମର ବଳ ଦୁଃଖରେ
ମୟଁ ତ ଦେଖଁ ବଳ ସୁଖରେ
ଦୁଆରେହି ଦେଖଁ ଭାଲା,
ଚନ୍ଦନା ଛଲା ଗୋ
ଗୋହାଲେ ତ ଦେଖଁ କାଟା ଘାସରେ ।

ଗୋଟିଏ ବଧୂର ପାର୍ଥିବ ପଦାର୍ଥ ଓ ତାର ସିନ୍ଥିର ସିନ୍ଦୂରର ଉପଯୁକ୍ତ ମୂଲ୍ୟାଙ୍କନ କରି ଶୋଭାଯାତ୍ରାରେ ଆଗଉଥିବା ଧିଙ୍ଗୁୟାନଙ୍କ କଣ୍ଠରୁ ଗୀତ ଭାସି ଆସେ -

ଅହିରେ.... କନେତ ଦେତଓ ମାଲିନ୍ ଝିରି ହିରି ଶାଳିୟାରେ ବାବୁହୋ ?
କନେତ ଦେତଓ ଧେନୁଗାୟ, କନେତ ଦେତଓ ମାଲିନ ଦୁଇକାନେ ସନାରେ ?
କନେତ ଦେତଓ ସିନ୍ଥାକାରେ ସିନ୍ଦୂର ?
ଅହିରେ.... ମାୟଁତ ଦେତଓ ମାଲିନ ଝିରିହିରି ଶାଳିୟାରେ ବାବୁହୋ
ବାପ ତ ଦେତଓ ଧେନୁଗାୟ, ଭାୟତ ଦେତଓ ଭାଲା
ଦୁୟ କାନେର ସନା,
ପରେର ବେଟାୟ ଦେତଓ ସିଁଥାୟ ସିନ୍ଦୂର ।
ଛିଳିଁ ଫାଟି ଯାତଓ ମାଲିନ୍ ଝିରିହିରି ଶାଳିୟାରେ ବାବୁହୋ
ମରେ ହାରେ ଯାତଓ ଧେନୁ ଗାୟ ।
ବିକି କିନି ଖାତଓ ମାଲିନ୍ ଦୁୟ କାନେର ସନା
ଯୁଗେ ଯୁଗେ ରହି ଯାତଓ ସିଁଥାକେର ସିନ୍ଦୂର ।

ଅଧିକାଂଶ ଗୀତ ପ୍ରଶ୍ନ ଓ ଉତ୍ତର ଛଳରେ ଦିଆହୁଏ । ପ୍ରାୟ ପ୍ରଶ୍ନକର୍ତ୍ତା ନିଜେ ହିଁ ଉତ୍ତର ଦେଇଥାନ୍ତି । ଘନଜଙ୍ଗଲ ମଧ୍ୟରେ ବାସ କରୁଥିବା ଏ ଜାତିର ଗୀତ ଗୁଡ଼ିକରେ ଜଙ୍ଗଲୀ ଜୀବ ଜନ୍ତୁଙ୍କର ପ୍ରକୃତି ଫୁଟି ଉଠିଥାଏ ।

ଅହିରେ.... କନେତ ଚରେ ଭାଲା ଗୁଲୁକି ଗୁଲୁକି ବାବୁହୋ
କନେତ ଚରେ ଭାଲା କାନ୍ ଠାଲାରେ ।
କନେତ ଚରେ ଭାଲା ଚମକି ଚମକି ,
କନେତ ଚରେ ନିରାଲାୟ ?
ଅହିରେ.... ଗୁଲୁକି ଚରେ ଭାଲା ଗୁଁଲୁରରେ (ଗୁଣ୍ଡରୀ ପକ୍ଷୀ) ବାବୁହୋ
ଶଶା ଯେ ଚରେ ଭାଲା କାନ ଠାଲାରେ
ହରିନୀ ତୋ ଚରେ ଭାଲା ଚମକି ଚମକି ରେ
ବାଘା ବାଘିନ ଚରେ ନିରାଲାୟ ।

ଜଙ୍ଗଲରେଗୋରୁ ଗାଈଙ୍କର ମୂଖ୍ୟ ଶତ୍ରୁଥିଲା ବାଘ, ସେ ସଂପର୍କିତ ଗୀତ ଗୁଡିକ ମଧ୍ୟ ଆଜି ବି ବୋଲାଯାଏ ।

ଅହିରେ.... କାକର ପୁତା ଭାଲା ଶିଶୁ ବାଲକରେ
କାକର ପୁତା ଭାଲା ଡାମାଲ ?
କାକର ପୁତା ଭାଲା ଅତିବଲବାନ,
ରଙ୍ଗଦାୟ ଧରେ ଧେନୁଗାୟ ?
ଅହିରେ ଗେୟାକା ପୁତା ଭାଲା , ଶିଶୁ ବାଲକ
ମହିଷକ ପୁତା ଡାମାଲ ।
ବାଘିନୀ କା ପୁତା ଭାଲା, ଅତିବଲବାନ ରେ ବାବୁହୋ
ରଙ୍ଗଦାୟ ଧରେ ଧେନୁ ଗାୟ ।

ବାନ୍ଦନା ପରବର ଶେଷରେ ଗୋରୁ,ପଣ୍ଡାଙ୍କୁ ଖୁଣ୍ଟରେ ବାନ୍ଧି ବାଘଚମଡା ଓ ଭାଲୁ ଚମଡାରେ ଉତ୍ତେଜିତ କରାଯାଉଥିଲା , ଯାହାକି ହିଂସ୍ର ଜନ୍ତୁଙ୍କଠାରୁ ଆତ୍ମରକ୍ଷା ଶିକ୍ଷା ଦେବାର ଅନୁଷ୍ଠାନ ଅଟେ । ଏବେ ଲାଲଲୁଗା ଓ କଳା କମଳ ଦେଖାଇ, ମାଦଳ ର ଶବ୍ଦ ଓ ଗୀତ ମାଧମରେ ସେ ଅନୁଷ୍ଠାନ ହେଉଥିବାର ଦେଖାଯାଏ ।

ଏ ତ ଦିନ ଯେ ଚରାଲି କାଲୋୟା
କଚାୟ ବଲ ଖୁଁଧିୟେ ଯେ ବାବୁହୋ
ଆଇଜ ତ ଦେଖବ ମରଦାନୀ
ଚାରି ପ୍ରାୟେଜାଁକବେ, ଦୁଇ ଶିଙ୍ଗେ ମାରବେ
ସରଗି ପାତାଲ ଧୂଲା ଉଲେ ।

ହେ ପଣ୍ଡା ତତେ ଏତେଦିନ ଖନ୍ଦି କଚାରେ (ଘାସ ଥିବା ଜାଗାରେ)ଚରାଇଲି । ଆଜି ତୋର ମରଦାନୀ ଦେଖିବି । (ଆକ୍ରମଣକାରୀ ବାଘକୁ) ଚାରି ଗୋଡରେ ଜାକିବୁ ଯେପରିକି ସ୍ୱର୍ଗପାତାଳ ଯାଏ ଧୂଳି ଉଡିବ ।

କରମ ଉତ୍ସବର ଲୋକଗୀତ:- କରମ ଉତ୍ସବ ଆଦିମ ଜନ ଜାତିଙ୍କ ଏକ ପ୍ରମୁଖ ଉତ୍ସବ । ଏହା ମଧ୍ୟ ପ୍ରଦେଶ, ଛତିଶଗଡ ,ଝାଡଖଣ୍ଡ , ପଶ୍ଚିମବଙ୍ଗ,ଓଡିଶା ଆଦିରେ ଦେଖାଯାଏ । କୁଡୁମି,

ଓରାମ,ସିଂ (ମୁଣ୍ଡା) ଭୂୟାଁ ,ଗଣ୍ଡ, ବାଗାଲ୍, ଖଡିଆ ଆଦି ଜାତିଙ୍କଠାରେ ଦେଖାଯାଏ । ~~ମାତ୍ର ସାନ୍ତାଳଙ୍କ ଠାରେ ଦେଖାଯାଏନା~~ । ଏହାର ଲୋକ ଗୀତ ସବୁ ଝୁମର ନାମରେ ପ୍ରସିଦ୍ଧ , ଯାହାରକି ଅନେକ ବିଭାଗ ରହିଛି । ପ୍ରଥମେ କରମ ଡାଳ ପୋତି ଆଖଲା ବନ୍ଦନା କରାଯାଏ ।

ଆଖଲା ବନ୍ଦନା ଗୀତ :-

ଆଖଲା ବନ୍ଦନା କରି
ଗାଁୟେର ସାରନା ହରି
ଆଖଲା ବନ୍ଦନା ବ୍ରଜେର ନାରୀ...।୨।
ମଦନେ ଝୁମର ଲାଗେ ଭାରୀ ।
ମାଦଲ କରେ ରାଁଏ ରାଁଏ ମାଦ୍‌ଲାତୋ ଘରେ ନାୟଁ
ମାଦ୍‌ଲାକେ ମାଲଓ ଖାଓୟାବୋ।
ତାଓ ଦେଶେ ନାଚଅ ଲାଗାବ ।
ହାମରା ଭଖେ ମରି, ହାମରା ଶଷେ ମରି
ଝୁମରାଇକେ ଲିୟେଁ ଯାବ କଲେଏଁ କରି ।
ଗୋପିନ୍ ସଭେ ଡାଁଳ ଧରେ,
ମାଦ୍‌ଲାହିଁ ଛୋଉ କରେ
ସରିଗେଲାୟଁ ହୋ କରମେକ ରାତି
ଆଜରେ କରମେକେର ରାତି ।

ଏମାନଙ୍କର ଏକ ଝୁମର ଲୋକଗୀତ ଏତେ ଲୋକ ପ୍ରିୟ ଥିଲା ଯେ ତାହା ଓଡିଆରେ ଅନୁବାଦ ହୋଇ ରେଡିଓରେ ଖୁବ୍ ଲୋକ ପ୍ରିୟ ଝୁମର ଭାବରେ ପ୍ରଚାରିତ ହୋଇ ଆସୁଛି ।

ରିମିଝିମି ପାନି ବରଷିଗେଲ	ଓଡିଆ... ରିମିଝିମି ପାଣି ବରଷିଲା
ଛାତାଧରା ହୋ ଛଟ ଦେଉରା	ଛତା ଧରହୋ ସାନ ଦିଅର
ପାନ ପତରି ଶାଳ୍‌ହୀ ଭିଜିଗେଲା ।	ପାନ ପତର ଶାଢୀ ଭିଜିଗଲା ।

ଏଠାରେ ଭାଉଜ ବିଧବା ହେବାପରେ ଦିଅରକୁ ତାର ସମ୍ପୂର୍ଣ୍ଣ ଦାୟୀତ୍ୱ ନେଇ ସାଂଘା ହେବାକୁ ଅନୁରୋଧ କରୁଛି ।

ମାତ୍ର କୁଲ୍‌ମାଲୀ ଲୋକ ଗୀତ ସବୁ ଗଣମାଧ୍ୟମ ଗୁଡିକରେ ବିଶେଷ ପ୍ରଚାର ହୁଏନା ।

ମରୁଡି ,କରବୃଦ୍ଧି କାରଣରୁ ଅନେକ ଆସାମ ଦାର୍ଜିଲିଂର ଚା ବଗିଚାକୁ ଶ୍ରମିକଭାବେ ଚାଲିଗଲେ, ତାଙ୍କର ଲୋକଗୀତ ଶ୍ରମିକ ସଂଗ୍ରହର ଦଲାଲଙ୍କୁ ଏବେ ବି ମନେ ରଖିଛି ।

ଚଲ ମିନି ଆସାମ ଯାବ
ଜଲା ପାଁଖା ଟାନାବ
କାନେର ତଲେ ମାଛି କରେ ଗାନ
ହାୟ ଗଙ୍ଗାରାମ ଫାଙ୍କି ଦିୟେ
ପାଠାଲି ଆସାମ ।

ଅନେକ ସ୍ନେହର ଝିଅ ମିନିକୁ ଧରି ଆସାମ ଚାଲିଗଲେ । ହୁଏତ ପ୍ରେମିକ ବି ପ୍ରେମିକାକୁ ଆଶ୍ୱାସନା ଦେଇ ଚାଲିଗଲା ଯେ ଆଉ ଫେରିଲାନି । ସେ ପ୍ରେମିକା ଏଠାରେ ଏକ ସାଧାରଣ ରେଜା ହୋଇଗଲା ।

ସାହେବ ଦିଲ କଦାଲେରଇ କାମ
ଟିପିକ୍ ଟିପିକ୍ ପଳେ ଘାମ
ହେ ବାଙ୍କା ଶ୍ୟାମ୍ ଫାଙ୍କି ଦିୟେଁ
ପାଲାଲେ ଆସାମ୍ ।

ବାବୁ କୋଦାଳର କାମ ଦେଇଛି ,ଝାଳ ଠୋପା ଠୋପା ପଡୁଛି ,ହେ ବାଙ୍କା ଶ୍ୟାମ୍ (ଏଠାରେ ତାର ପ୍ରେମିକ) ଠକି ଦେଇ ତମେ ଆସାମ ଚାଲିଗଲ ।

ଏ ଜାତିର ମୁଖ୍ୟ ଜୀବିକା କୃଷି । କୃଷକ ଖରାରେ ହଳ ଧରୁଛି । ସ୍ତ୍ରୀ ତାର ଘର ବାସୀକାମ ସାରି, ଶାଗ ଟିକିଏ ଖରଡି, ବାଇସାମ (ପଖାଳ) ଭାତ ପହଞ୍ଚେଇବାକୁ ତତ୍ପର ହୋଇ ଉଠୁଛି ।

ଆମାର ବନ୍ଧୁ ହାଲ ବାହେ, କିଆ ଲାଟାର ଆଲେ
ଡାହିନେ ବାୟେଁ ଲାଲଗରୁ ଦେଖେଁ ହିୟା ଫାଟେ
ନନଦୀଲୋ ହାମି ଯାବ ନିଜେଇ ବାଇସାମ ଦିତେ ।
ଆମର ବନ୍ଧୁ ହାଲ ବାହେ କେନ୍ଦ କେନାଲିର ଧାରେ
ଗରା ଗାୟେ ଖରା ଲାଗେ ବଡ ଦୟାଲାଗେ ।
ମୁଁଲେର ଘାମ୍ ଟୁଁଲେ ପଳେ ଦେଖେ ନୟନ ଝୁରେ
ନନଦୀଲୋ ହାମି ଯାବ ନିଜେଇ ବାଇସାମ୍ ଦିତେ ।

ସ୍ୱାମୀ ତାର ବାଇସାମ୍ ଭାତ ପହଞ୍ଚିବାର ଡେରି ଦେଖି ସ୍ତ୍ରୀକୁ ପାଞ୍ଚଣ ବାଡିରେ ପାହାରେ ପକାଇବାକୁ ଚିନ୍ତା କରୁଛି ।

ଟେନା ଛିଁଲାର କରମ ଦଲି, ହାଲ ବାହତେ ପଳେଁ ମରି
ଏତକେନ ବାଇସାମ୍‌ରେ ଡେରି , ମନେ କରେ ଦିବ ଏକଲାଠି ।

ସ୍ତ୍ରୀ ତାର ସ୍ୱାମୀକୁ ପ୍ରବୋଧ କରେ, ସେହି ଲୋକ ଗୀତ ମାଧ୍ୟମରେ-

ଛାନା ଦୁଟା ହରଲ ଗରଲ
ଗୋହାଲେ ଗୋବର ଭରଲ
ଶାଶୁଲି ନନଦୀ ରଙ୍ଗ ଦେଖା, .
ଶିକଲ୍ ବାକଲ୍ କାଠ ବନ୍ଧୁ ଚୁଲ୍‌ହାଧରେନା ହେ,
କି କରେ ବାଇସାମ ଦିବ ଛାନା ରହେନାହେ ।

ବିଲରେ ବାଇସାମ ଭାତର ସ୍ୱାଦ ଖାଇବା ଲୋକହିଁ ଜାଣିଛି । ଏଥିପାଇଁ ଛୋଟବେଳେ ମାଆର ପଣତ ଧରି କେତେଥର ଯେ ବିଲକୁ ଯାଇଛି ତାର ହିସାବ ନାହିଁ ।
ଚାଷ କିପରି କରାଯିବ ତାହା ମଧ୍ୟ ଲୋକଗୀତରେ ଫୁଟି ଉଠେ ।

ଉଗାଲ ସାମାଲ ତିନିଚାଷ, ଜମିନେ ଯେମନ ନାହୟ ଘାଁସ,
ଘାଁସ ହଲେ ଚାଷ ହବେକ୍ କେମନେ, ଦୁଟି ବଲଦ୍ ଚାଲାଓ ସମାନେ ।

ଏ ମାଳଭୂମିରେ ଏମାନେ ତ ଅନେକ ପରିଶ୍ରମ କରି ଚାଷ କରନ୍ତି । ଅନିୟମିତ ବୃଷ୍ଟିରେ ଆତଙ୍କିତ ହୋଇ ଉଠନ୍ତି ।

ଭରାତାକେ ବୁନଲାମ୍ ଧାନ, ଗାଛି ହଇଲ ମାନୁଷ ପରମାନ
ଆଷାଢ଼୍ହ ଶରାବନ୍ ମାସେ ନାଏଲ କାଡାନ
ଦାଦା କେ ଜାନେ କେଇସେ ବାଞ୍ଚେ ପରାନ ।

ଉଚ୍ଚନୀଚ ମାଳଭୂମିର, ଘରପାଖ ବାଲିଆ ଜମି, ରାତି ଅଧରେ ବର୍ଷା ହେଲେ ସକାଳକୁ ପାଣି ନଥାଏ । ତେଣୁ ଚାଷି ତାର ଦିଦିକୁ ଅନୁରୋଧ କରେ ଅନ୍ଧାରରେ ଖତ ବିଞ୍ଚିବାକୁ, କାରଣ ପାଣି ଥାଉ ଥାଉ ଅନ୍ଧାରରେ 'ଭୂତମୁଣ୍ଡି' ଧାନର ତଳି ଲଗାଇବାକୁ ହେବ । ଏମାନଙ୍କର ଦିଦିମାନେ କେବେ ବି ଏଭଳି କାମକୁ ସଂକୋଚ କରିନାହାନ୍ତି ।

ଦେ ନା ଦିଦି ଛେଲାୟଁ ଖତ୍‌ଟା
ବାଲି ନାମୟ ଲାଗାୟଁ ଦିବ ଭୂତମୁଁଳି ଧାନଟା
ସକାଲ ହଲେ ଜିଜାଁୟ ଯାବେକ ଜଲଟା ।

ଏଭଳି ଏମାନେ ସୈନ୍ଧବ ଗାଙ୍ଗେୟ ସମତଳ ଭୂମିର ଉର୍ବର ଜମିରୁ ବିତାଡିତ ହୋଇ ମାଳଭୂମିରେ ବଞ୍ଚି ରହିବା ପାଇଁ ସଂଘର୍ଷ ଜାରି ରଖିଛନ୍ତି । ଜଙ୍ଗଲୀ ହାତୀ ମଧ୍ୟ ଏମାନଙ୍କର ବାଧକ ।

ଡୁଂରି କଲେ ଚାଷ ବନ୍ଧୁ ମିଛାକର ଆଶ
ହାଲାର ହୁଲୁର ହାତୀ ଆସଛେ ସାରା ରାତ୍ ।

ଘରପାଖ ଫସଲକୁ କୁକୁଡା ହଂସ ଆଦି ଖାଇଯାଆନ୍ତି । ଏଣୁ କୃଷକ କନ୍ୟାକୁ ମଧ୍ୟ ସେମାନଙ୍କୁ ଘଉଡେଇବା ପାଇଁ ବାରମ୍ବାର ଯିବାକୁ ପଡେ ।

ବାଲି ନାମୟ ବୁନ୍‌ଲାମ ଧାନ ପାଇଖେ ଖୁଁଟେ ଖାୟ
ରାଜାର ବିଟି ଦୁଲାଳୀ ବାଲି ବାଟେ ଯାୟ ।

ଏଭଳି ଏକ କୃଷିଜୀବୀ ଜାତିକୁ କ୍ଷତ୍ରିୟ ପରିବର୍ତ୍ତେ ବୈଶ୍ୟ ରୂପରେ, ଆର୍ଯ୍ୟମାନେ ନାମିତ କରିଥିଲେ ଭଲ ହୋଇଥାନ୍ତା । ଛଦ୍ମ କ୍ଷତ୍ରିୟର ପୁଷ୍ଟି ପାଇଁ ଏ ଲୋକସଂସ୍କୃତି, ଲୋକଗୀତ ସବୁ ବିସ୍ମୃତିର ଅତଳ ଗର୍ଭରେ ଲୀନ ହେବାକୁ ବସିଥିଲା । ତେବେ ଥୁଣ୍ଟା ଗଛରୁ ପୁଣି ପତ୍ର କଅଁଳିବାର ଆଭାସ ମିଳୁଛି ।

କେତେକ ବିବାହ ଲୋକଗୀତ

ଏ ଜାତିର ବିବାହରେ ଅନେକ କର୍ମ ରହିଛି ଓ ପ୍ରତ୍ୟେକ ସ୍ତରର ଲୋକଗୀତ ଭରପୁର । ନିର୍ବନ୍ଧରେ ପଣ (Bride Price) ଦେବା ନିହାତି ଜରୁରୀ ।

ନିର୍ବନ୍ଧ ଗୀତ - (କୁଲ୍‌ମାଲୀ ଟାରୀ- ୮୬/୮୭)

କନଆମ୍ ହେରିହେର, କନଆମ୍ ପିଅର
ସେହଅ ଆମ୍ ବିଛେ ଗେଲା କେନେଆ ସୁନ୍ଦର
ରାଜାବେଟା ଧରଲଅ ଆଁଚର ।
ଛାଲୁ ରାଜାବେଟା, ଧରଲଅ ଆଁଚର ଗ
ହାମେ ହେକି କେନେଆ କୁଁଅର ।
ଯେହଅ ଦିନେ ବାବାତର,
ଟାକା ଗନଏ, ସେହ ଦିନେ ହେବଇତର
ଯେହଅ ଦିନେ ମାଇଁଏ ତର,
ସାଜନି ସାଜାବେ ହ, ସେହେ ଦିନେ ହେବଇଁ ତର ।

କନ୍ୟାପଣ ହିସାବରେ ଝିଅ ବାପମାଆର ଋଣ କିଛିଟା ସୁଝାଏ, ଏଣୁ ତା ବାପ ଯେପରି କନ୍ୟାଦାନ ନକରି କେବଳ ବିବାହ ଦେବାକୁ ସେ ଅନୁରୋଧ କରେ ।

ଇ ପିଁଇଳା ଓ ପିଁଇଳା ଛାଁ ଛାଁଇ ଛୁଆଲେଇକ୍ ଗ
ଧନିକ ବାପ ପାଟ ପଁଳିତ, ବେଟି ଦାନେ ବସଲ ଗ ।
ବାପେକ କରାଇଁ ବସି ବେଟିଁଇ କରେଇକ୍ ବିନତି ଗ,
ଦେଖେ ବାବା ବିହା ଦେହିସ୍, ନାକିରେ ମକେ ଦାନ ଗ ।

ବିବାହ ପୂର୍ବରୁ ବରଘରୁ କନ୍ୟାଘରକୁ ଲଗନ ଯାଏ, ଯାହାକି ବର ଆସିବାର ସ୍ୱୀକୃତି । ଏହାକୁ କନ୍ୟାଘରେ ଆଦରର ସହ ଗ୍ରହଣ କରାଯାଏ ।

ଚାର କୁନିଆଁ ପୋଖ୍ରଟି ଫୁଟେରେ ଶାଲୁକ୍ ଫୁଲ
ଶାଲୁକ୍ ଫୁଲେ ଲଗନ ବାନ୍ଧାୟ । ୨ ।
ବେଦିଶାଲେ ମାୟଁ ନାୟଁ, ବେଦିଶାଲେ ବାପ ନାୟଁ
କେ ଗୋ ଚୁମାୟ ଲଗନେ କେରି ଚାଲ । ୨ ।
ଆସନା ଗୋ କଇନାର ମାୟଁ ଲଗନ ଚୁମାତେ ଗୋ
ଲେହୁ ବାବା ଗୁଆ ଆର ପାନ୍ । ୨ ।

ବରଘରରୁ ବାହାରି ଆମ୍ବଗଛ ସହ ବାହାହୁଏ । ସେତେବେଳେ ଏ ଗୀତଟି ବୋଲାଯାଏ ।

ବାବୁ.... ତୟଁତ ଯାହିସ୍ ଆପନି ଶ୍ୱଶୁର ଘାର,
ଦେୟେଁ ରାଖେଁ ଦୁଧେକ୍ ଧାର, ଦେୟେଁ ରାଖେଁ ଦୁଧେକ୍ ଧାର ଗୋ ।
ଦୁଧେକେରି ଧାର୍ ମାୟଁଗୋ ସୁଝାଲେ, ନା ସୁଝାୟ ଗୋ, ସୁଝାଲେ ନା ସୁଝାୟ ଗୋ
ଗୟା ଗଙ୍ଗାୟଁ କରବ ଉଦ୍ଧାର । ୨ ।

ବାସ୍ତବରେ ମାଆ ଦୁଧର ଋଣ କେହି କେବେ ସୁଝି ପାରିବ ନାହିଁ । ମହୁଲ୍‌ଗଛ ସହ କନ୍ୟା ପ୍ରଥମେ ବାହା ହୁଏ । ରିଜଲି ଲେଖିଛନ୍ତି ଆଗରେ ମହୁଲଗଛ ମୂଳକୁ ସଫା, ଲିପାପୋଛା କରି ବେଦି କରାଯାଉଥିଲା । ବର୍ତ୍ତମାନ ଦେଖାଯାଉଛି କନ୍ୟା ପହଞ୍ଚିଲା ପରେ ଗଛମୂଳ ଝାଡୁ କରାଯାଉଛି । ଏଣୁ ପୂର୍ବପରି ବେଦି କରିବା କଥା ।

ବହନୟକେ ଯେ ବଲେଁଛିଲିନ୍ ମହୁଲ ତଲ ଝାଟିଆତେ ଗୋ । ୨ ।
ମିନି ହାମଦେର ଦୁଧେର ସର ଗୋ ବାଛା, ଜବରାୟ ଡାଁହ୍ଲାଛେ । ୨ ।
ବହିନୟେ ଯେ କାଖ୍ନା ବାଂଧେ, କାହି କାହି ବାଂଧେ । ୨ ।
ଫେର୍ ଫେନ୍ଦେର ବାମ୍ନା, ଛିଁଳି ଗେଲାୟଁ କାଖ୍ନା
ନା କାନ୍ଦରେ ବାମ୍ନା, ଗହ୍ଲାୟ ଦେବଁ କାଖନା ।

ମହୁଲ୍ ବାହା ଓ ଆମ୍ ବାହାରେ ବାମରା (ଏକ ଦୁଇଶାଖା କରାଟ ଡାଳର ମଶାଲ) ନିହାତି ଆବଶ୍ୟକ । ବରଘର ତରଫରୁ ବାମରା ଧରିଥିବା ଲୋକ ଉପଲକ୍ଷରେ ନିଛକ ମନୋରଞ୍ଜନ ପାଇଁ କେବଳ ସ୍ତ୍ରୀଲୋକମାନେ ଏ ଗୀତଟି ଗାଇଥାନ୍ତି । ଓଡିଶାରେ ଓଡିଆଭାଷାର ମଧ୍ୟ ଲୋକଗୀତ ଆଶୁ କବୀୟତ୍ରୀମାନେ ସୃଷ୍ଟି କରିବା ଆରମ୍ଭ କରିଦେଇଛନ୍ତି ।

ବାମରା ଧରା ବୁହ୍ଲାଟାକର- ଲମ୍‌ଲମ୍ ଦାହ୍ଲି..... (୨)
ବାମରାଟା ଛୁଆୟ ଦେଲେ ଗୋ ମାୟଁ ପଳି ଜାତେକ ଦାହ୍ଲି ।
ବାମରା ଧରା ବୁହ୍ଲାଟାକର ଲହତା ଲେଖନ୍ ପେଟ୍ ...(୨)
ଥାପଳ ଥୁପଳ୍ ଲାଗାୟ ଦେଲେ ଗୋ,
ମାଇଁ ଝଳି ଯାତେକ ପେଟ୍ ।

ନାଠି ତ ନାଠି ବଲେହୁଁ ବଣସି ନାଠି ନାଠି
ବାମରା ଧରା ବୁଢ଼ାଟା ଠିଆ ହୋଇଛି ଗୋ ମାଆ,
ଶିଙ୍ଘାଣି ଚାଟି ଚାଟି ।

ଏଭଳି ସ୍ତରସ୍ତର ଦେଇ ମନୋରଞ୍ଜନ ମାଧ୍ୟମରେ ବିବାହ ଆଗେଇ ଚାଲେ । ଲାପିତ (ବାରିକ)ର ବରକନିଆଁକୁ ଅଳତା ପିନ୍ଧାଇବାରେ ମୂଖ୍ୟ ଭୂମିକା ଗ୍ରହଣ କରେ । ତାକୁ ରଗେଇବାକୁ, ଅନେକ ମନୋରଞ୍ଜନଧର୍ମୀ ଗୀତ ବୋଲାଯାଏ । ଏଗୁଡିକରେ କୁଲ୍‌ମାଲୀ, ମାହାତାଲି ଓଡିଆ ଭାଷା ମିଶି ଏକାକାର ହୋଇଯାଏ ।

ଧାଇଁ ଆଇଲା ଛେଳି ବଗାଳିଆ, ନେଇଗଲା ଖୁର ମୁଠି, ନେଇଗଲା ଖୁର ମୁଠି
ଭଣ୍ଡାରୀ ମଇଲାରେ ମଇଲାରେ ସୁଜୁନା ଗଛରେ ଉଠି । ୨ ।
ବାରିକାଣିର ନାଖରେ ଗୁଣା, ବାରିକ ହେଉଛି ବଣା ବାରିକ ହେଉଛି ବଣାରେ,
ବାରିକାଣୀର ନାଖରେ ଫୁଲି, ବାରିକ ଯାଇଛି ବୁଲି, ବାରିକ ଯାଇଛି ବୁଲିରେ ।
ବାରିକାଣୀର ନାଖରେ ନୁଲୁକ ବାରିକତ ହୁଲୁକ ବୁଲୁକ, ବାରିକତ ହୁଲୁକ ବୁଲୁକରେ ।
ବାରିକ ଗେଲ ହାଲ ବାହିତେ, (୨)
ବାରିକାନ ଗେଲ ବାସିଆମ୍ ଦିତେ... (୨) ରେ
ବାରିକ୍‌କେ ବାଁଳିଆ ସିଆଲେ ଧରିଲ
ବାରିକାନ୍ ବଲେ ଯୁଗ ବୁଳିଲ....(୨)ରେ ।

ଥଣ୍ଡା ରାତିରେ ବାରିକ ଯଦି ଡେରି କଲା, ସ୍ତ୍ରୀଲୋକମାନେ ବୋଲି ଉଠନ୍ତି-
ଗୁଲୁର୍ ମୁଲୁର୍ ଲାପିତ୍‌ଟାୟ କତ୍‌ଗୋଳ୍ କାମାଛେ.... (୨)
ହାମଦେର ମିନି ଦୁଧେର ସର ଗୋ କତ ଜାଳ ଖଆଛେ...(୨)
ବାଂଶ ତଲକେ ଗେଲେ ଲାପିତ ବାଁଶ ଶଲବଲ କରେ, ବାଁଶ ଶଲବଲ କରେ,
ପତର ପଚା ଜଲ ଖାୟେଁର ଲାପିତ ପେଟ ଘଲ ଘଲ କରେ...(୨)

ବ୍ରାହ୍ମଣଙ୍କ ପ୍ରମାଣ ପତ୍ର ଅନୁସାରେ ବାରିକ ଜଳ ଚଳ, ୧ନଂ ଶୁଦ୍ର । ସେ କୁଡୁମିଙ୍କ ଠାରୁ ନିଜକୁ ବଡ ଜାତି ବୋଲି ବି କହେ । ଏଣୁ ଏ ଲାପିତ ରାଗା ଗୀତରେ ସେ ଗୁଡିକ ମଧ୍ୟ ସ୍ତ୍ରୀଲୋକମାନେ ମନେ ପକାଇ ସମାଲୋଚନା କରନ୍ତି । ତେବେ ଏ ଗୀତ ସବୁ କାହାକୁ ଆଘାତ ପାଇଁ ଉଦ୍ଦିଷ୍ଟ ନୁହେଁ କେବଳ ନିଛକ ମନୋରଞ୍ଜନ ଅଟେ । ଏଭଳି ଲୋକଗୀତ ସାରା ଦେଶରେ ଦେଖାଯାଏ, ଯାହାକି ସିନେମା ଚଳଚ୍ଚିତ୍ର ଗୁଡିକରେ ମଧ୍ୟ ପ୍ରତିଫଳିତ ହୁଏ ।

ବାଁଶ କାଟତେ ଗେଲି ଲାପିତ ବାଁଶ ମଲ୍ ମଲ୍ କରେ । (୨)
ଖାଁକଲି ଗାହ୍ଲାର ଜଲ ଖାୟେଁରେ ଲାପିତ
ନାକ ସଲ୍ ସଲ୍ କରେ । (୨)
ଏକ ପଇଲା ଚାଲେ ଲାପିତ ଭୂଲିଏଁ ରହଲି
ଚାଦେର ଲେଖେନ୍ ବହୁ ଲାପିତ ଚର୍‌କେ ଦେଓଲି । (୨)
ତୁଇଁ ଯେ ରେ କହି ଲାପିତ ଆଁ ଚିର ପାଁଚିର ଘର
ଆସିତେ ଯାଇତେ ଦେଖିରେ ଲାପିତ ସିଆଲ୍ ଢଲାୟ ଘର । (୨)
ତୁଇଁ ଯେ ରେ ବଲିସ୍ ଲାପିତ୍ ହାମାର ବଳ ଜାଇତ୍ ...(୨)
ଆସିତେ ଯାଇତେ ଦେଖିରେ ଲାପିତ ଛୁଁତା ଖାପରାୟ ଖାଇସ୍ ।

କନ୍ୟା ବିଦାୟ ସମୟରେ ପରିବେଶ ଶୋକାକୁଳ ହୋଇଉଠେ । ଏତେବେଳର ଲୋକଗୀତ ସବୁ ହୃଦୟ ବିଦାରକ ହୋଇ ଆହୁରି କରୁଣତା ଭରିଦିଏ ।

ଏହ ଘାରେ ଜବରା, ସେହ ଘାରେ ଜବରା
ବାପେ କହେ ମୁନୁ କାହାଁ ଗେଲ । ...(୨)
ଟାକା ଯେ ଲେଲେ ବାବା ଗାମଛା ପାତିଏଁ ଗୋ । ...(୨)
ସେହ ସୁଧେ ମୁନୁ ଚଲିଗେଲ୍ । ...(୨)
ଏହ ଘାରେ ଜବରା, ସେହ ଘାରେ ଜବରା
ମାୟେଁ କହେ ବେଟି କାହାଁ ଗେଲ । ...(୨)
ଶାହ୍ଲୀ ଯେ ଲେଲେ ମାୟଁଗୋ ଆପନି ସାଜନ୍ତ ଗୋ । ...(୨)
ସେହ ସୁଧେ ବେଟି ଚଲିଗେଲ । ...(୨)
ଏହଘାରେ ରୁନୁ ଝୁନୁ ସେହଘାରେ ରୁନୁଝୁନୁ
ଭାୟେ କହେ ବହିନ୍ କାହାଁଗେଲ । ...(୨)
ତୟଁ ଯେ ଲେଲେ ଦାଦା କାନ୍ଧ ଭରି ଧତିରେ
ସେହ ସୁଧେ ବହିନ୍ ଚଲିଗେଲ୍ । ...(୨)
ଟାକା ସୁଧେ ମୁନୁ ଚଲିଗେଲ ।
ଶାହ୍ଲୀ ସୁଧେ ବେଟି ଚଲିଗେଲ ।
ଧତି ସୁଧେ ବହିନ୍ ଚଲିଗେଲ ।

ବିଦାୟ ବେଳେ କନିଆଁର ମାଆ କାନ୍ଦି କାନ୍ଦି ବେଦମ୍ ହୋଇଯାଏ । ସେତେବେଳକୁ ପୁଣି ଏଭଳି କରୁଣ ଗୀତ ସ୍ତ୍ରୀ ଲୋକଙ୍କ କଣ୍ଠରୁ ଝରିଆସେ, ପରିବେଶକୁ ଆହୁରି ଶୋକାକୂଳ କରିଦିଏ ।

ଏତ ଦିନ୍ ଯେ ମାର ମାୟଁ ଗୋ ଆଦାଲ୍ ବାଦାଲ୍ ଭାଙ୍ଗେ
ଆଜ୍ କେନେ କାନ୍ଦ ମାୟଁ ଗୋ ଆଂଚଲ ଧରିଏଁ । (୨)
ଏକଟି ଡାଲିକା ମାଛ ଖେଲି ତେ ବାହିରାଇଲ
ଖେଲିଏଁ ବେହୁଲ ହଇଲ ମାୟେଁ ପାଶୁରାଇଲ ।
କାର ଘରେତ ଆଛ ବେଟି ଡାକ ମା ବଲିଏଁ
ଅଭାଗୀ ମାୟେଁର ପରାନ୍ ଯାୟ ବିଦୁରିଏଁ ।
ଗାଛେର ବାଇଗନ୍ ତୁଲ ନା ମା ଗାଛ ହବେକ୍ ସୁଧା
କଲେର ବିଟି ବିକନା ମା କଲ ହବେକ ସୁଧା । (୨)
ଲାଲ ଟୁପାୟ କି ଗୋ ମା ଆର ଚାଲ ଭାଜା ଖାବ
ଆର କି ମା ତରି କଲେ ବିଟି ଜନମ ପାବ । (୨)

(ଏହି ବେହା ଗୀତ ସବୁ କୁଲ୍‌ମାଲୀ କବି ଓ ସଂଗ୍ରାହକ ମହାନ୍ତ ଶ୍ରୀ ଶ୍ରୀକାନ୍ତ କାଳୁଆର, ସରସ୍ୱତୀ ପଡା, ସାହାରପଡାବ୍ଲକ୍ ଜି. କେନ୍ଦୁଝରଙ୍କ ସମ୍ମତିରେ ତାଙ୍କର ଅପ୍ରକାଶିତ ପାଣ୍ଡୁଲିପି ବେହା ଗୀତ ରୁ ଉଦ୍ଧୃତ ହୋଇଛି । ତାଙ୍କର ଏ ମହନୀୟତା ପାଇଁ ତାଙ୍କ ଠାରେ ମୁଁ ଅଶେଷ ଋଣୀ)

କୁଳ୍‌ମାଲୀ ଭାଷାରେ ଏକ ଆଦର୍ଶ ବିବାହ ନିମନ୍ତ୍ରଣ ପତ୍ର

ଦହାୟ ଗରାମ ଠାକୁର

ହୁମାନ/ହୁମାନୀୟାଁ;

ଆଉତେକ୍-------ମାସେକ୍------ଦିନେ ଇଂରାଜୀ ତା---------------ରିଖ -------ବାରେ ମର ବଳ/ମେଁଝଲା/ଛୁଟୁ ବେଟା(ନାମ)-----------------------କ୍ ------------ଗାଓ୍ଁକ୍ ଶ୍ରୀ-------------------କ୍ ବଳ/ମେଁଝଲୀ/ ଛୁଟୁ ବେଟି......................କ୍ ସଙ୍ଗେ କୁଳ୍‌ମାଲୀ ଚାରିଗ୍ ରୀତି ରିଓ୍ୱାଜେ ବୁହ୍ମାବାବା ମହାମାୟଁକେ ସାକ୍ଷୀ ରଖିକେ ହୁବେ ଶୁଭେ ରିଝେରଙ୍ଗେ ସଲ ସଗୁନେ ବେହା ହେତେକ୍ ।

ନିମନ୍ତନେ ନେଉତେଇନ୍ ଅହଦିନେ ହାମରଘାରେ କୁଟୁମ୍ ବାଟୁମ୍ ସଂଗେ ଆଇକେ ନଉନେ ବର କନିଆଁକେ ଆଶିଷ ଦେବାହନ୍ ।

ନେଉତା ଚିଠିଇଁ ଦେଲହଁ, କ୍ଷେମା କରବେହେ ।

ନେହରେ

ଶ୍ରୀ........................

ଗ୍ରାମ........................

କାମ୍ ନିମ୍‌ଟାଉନି ବେରି

ତା...........................(...........ବାର) ଲଗନ ବାନ୍ଧା, ଟାକାବସା (ଦୁଆରଖୁଁନ୍ଧା)
ସାଁଝବେରି- ହରୋଃଇଦ୍ ତେଲ ମାଖା, କାଜରଲତି ଧାରନ୍ ।

ତା...........................(..........ବାର)ବରଘାରେ:- ହରୋଃଇଦ୍ ତେଲ ମାଖା, ଖିଲ୍‌କାତି ଧାରନ୍, ସଜନୀସାଜା,ମାଲୁଆ ପୂଜା, ଖାରଛାନି, ବଳିପାଲା, ଆଲତାପିନ୍ଧା, ସିଲେଇରାଖ୍ୟ, ଅଉଳାଗାଧୁଆ, ଡାଙ୍ଗଇଲ୍ ପଟମ୍ ଦିଆ, ଥୁବଲାଭାତ,ଆମ୍‌ବେହା, (କାଖନାବାନ୍ଧା), ଅମଲଖିଆ, ଗରାମ ଠାକୁର ପୂଜା, ବରବରିୟାତ୍ ଯାତ୍ରା ।

କେନିଆଁ ଘାରେ:-ଗାଁଓମୁଲାଡେରା, ଗୁଆଟିକା, ଚୋଇଖପୁରା, ଗହନାପରହା, ମହୁଲବେହା, ଛାମାନି ଖାଲୁଦିଆ,ଡୁଭିଖିଆ, ଶାଲାଧତି ଲୁଟା, ସିଲାଇଫେରା,ସିଁନ୍ଦରାଦାନ, ଗୁଲୁଖିଆ, ଛାଗେଃଇର ବାଗାଲିଆ, ବରରୁଷାନି, ବେହାୟଦେଖା, ମେଳିଲା, ଦଉଳାଦେଖା, ବାନ୍ଦାପନ, ଭିତରଭରା, ଜଲଘଟି, କନିଆଁ ବିଦାୟ ।

ତା..................................(...........ବାର) ବରଘାରେ:- ଗାଁଓ ମୁଲାଘେରା, ଚିଉଳାଖିଆ, ଆମଜଲଝିଟା, ଲହାକ୍ ଖୁଲପିନ୍ଧା, ନିମଛା, ଗୁଲଖିଆ, ନନନ୍ଦ ରୁଷା, ବରକନିଆଁ ଭିତର, ଖଇଁଛାଝାଳା, ଦୁଆରଛେଁକା, କେନିଆଁରୁଷା ।

ସାଁଝବେରି:- ବାନ୍ଦାପନ, ଭଜ୍‌ଭାତ୍, ବହଁରତା ।

ତା.................................(........................ବାର) ମୁଦି/ଘଟିଲୁକା, ଜଲ ଘଲିଆ, ଘୁରାଫେରା ।

ତା...........................(.................ବାର) ସମ୍‌ଧିନ୍ ଦେଖା ।

..................ହରିବୋଲା ହରିବୋଲ ହରି......................

କୁଳ୍‌ମାଲୀ ଭାଷା ସଂସ୍କୃତି ମରିନି । ସମସ୍ତଙ୍କୁ ଜଣାଇବା ପାଇଁ ସ୍ୱାଭିମାନୀ/ ଶିକ୍ଷିତ କୁଳ୍‌ମିଙ୍କୁ ଅନୁରୋଧ ସେମାନେ ନିଜ ପୁଅ ଝିଅ ବାହାଘରେ କୁଳ୍‌ମାଲୀ ଭାଷାରେ ଏହିପରି ନିମନ୍ତ୍ରଣ ଛାପି ସମସ୍ତଙ୍କୁ ଅନ୍ୟଜାତିର ଲୋକଙ୍କୁ ମଧ୍ୟ ଦିଅନ୍ତୁ ।

ସହାୟକ ଗ୍ରନ୍ଥସୂଚୀ

ଇଂରାଜୀ | **ଲେଖକ/ସଂକଳକ**

1. Nagalok — M.Gopinath
2. TheTribes and Castes of Bengal Vol-I&II-1891,1981 Sir H.H Risely ICS
3. Riddles in HinduismVol.4 1987 Basant Moon
Dr. Babasaheb Ambedsar's Writing and Speaches
4. India the Land of people/some Indian Tribes 1972 Nirmal Ku. Bose
5. Census of India 1931.Vol-Part IIA 1933 JH Hutton ICS
6. Sanskritization Vs Nirbakization 2000 Dr. Pasupati Prasad Mahato.

ସଂସ୍କୃତ ଓଡିଆ ଅନୁବାଦ ସହ

୭. ଋକ୍, ଯଜୁ, ଅଥର୍ବ, ବେଦ, ସଂହିତା 1996-2000 ଶ୍ରୀରାମଶର୍ମା ଆଚାର୍ଯ୍ୟ ^ ଭଗବତୀ ଦେବୀ ଶର୍ମା
୮. ମନୁସ୍ମୃତି ବା ସଂହିତା 1927reprint1968 ଶ୍ରୀରାମଶଙ୍କର ରାୟ(ଧର୍ମଗ୍ରନ୍ଥଷ୍ଟୋର)
୯. ଶ୍ରୀମଦ୍ଭାଗବତ ଗୀତା — ଗୀତାପ୍ରେସ୍ ଗୋରଖପୁର ।

ଓଡିଆ :-

୧୦. ଭାରତୀୟ ସଂସ୍କୃତି ପ୍ରାଗୈତିହାସିକ ପର୍ବ } 1987 ରୁ1991 ସୁରେନ୍ଦ୍ରନାଥ ଶତପଥି
୧୧. ଭାରତୀୟ ସଂସ୍କୃତି ବୈଦିକ ପର୍ବ ୧ରୁ୪ଖଣ୍ଡ }
୧୨. ସତ୍ୟାର୍ଥ ପ୍ରକାଶ ୧ମ ଓ ୨ୟ ଭାଗ } ଦୟାନନ୍ଦ ସରସ୍ୱତୀ
୧୩. ଋକ୍‌ବେଦାଦୀ ଭାଷ୍ୟ ଭୂମିକା }
୧୪. ଉତ୍କଳର ଗଣଧର୍ମ ଓ ବ୍ରାତ୍ୟ ସଂସ୍କୃତି — ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀ
୧୫. ହିନ୍ଦୁ ସଂସ୍କୃତିର ଅବକ୍ଷୟ — ହେମନ୍ତ କୁମାର ଦାସ୍
୧୬. ଆଦିଭାସୀ ଭାଷା ସଂସ୍କୃତି — ଉପେନ୍ଦ୍ର ମିଶ୍ର
୧୭. ନିରଞ୍ଜନ ମହାରାଜ — ଗୌତମରଷି ମହାନ୍ତ
୧୮. କୁଲ୍‌ମାଲୀ ଭାଷା ସଂସ୍କୃତି — ଉଦ୍ଧବ ଚରଣ ମହାନ୍ତ
୧୯. କୁଳମୀ ସଂସ୍କୃତି ସାରତତ୍ତ୍ୱ — ଗିରିଧାରୀ ମହାନ୍ତ
୨୦. ପାରନା ବରେହିପାନି — ଭାଗୀରଥି ମହାନ୍ତ
୨୧. କୁରୁମାଲୀ ଭାଷା ପରିଚୟ — ଶ୍ରୀ ଯୋଗେନ୍ଦ୍ରନାଥ ଦାସ
୨୨. ବାମରା ପତ୍ରିକା ୧ରୁ ୪ର୍ଥ ସଂଖ୍ୟା — ସମ୍ପାଦନା ଶ୍ରୀ ଯୋଗେନ୍ଦ୍ରନାଥ ଦାସ
୨୩. କୁଡ଼ୁମି କଥା (ପତ୍ରିକା) — ସମ୍ପାଦନା ଡଃ. ଆଦିକନ୍ଦ ମହାନ୍ତ/ ମନୋରଞ୍ଜନ ମହାନ୍ତ
୨୪. ବେଉରା (ପତ୍ରିକା) — ସମ୍ପାଦନା ଡା. ଚଣ୍ଡିପ୍ରସାଦ ମହାନ୍ତ
୨୫. ଜାତିପ୍ରଥା କେତୋଟି କଥା — ସବ୍ୟସାଚୀ
୨୬. ଭାରତ ପରାଧିନ ହେବାର କାରଣ ହିନ୍ଦୁଧର୍ମ — ଭାଷାନ୍ତର ଅଭିରାମ ମଲ୍ଲିକ
୨୭. 'ଆମ ସଂସ୍କୃତି ବିକାଶରେ ପଇତାବ୍ରତ'ବହି 'ଓଡିଶାର ସାଂସ୍କୃତିକ ପରମ୍ପରା' ୨ୟ ସ୍ତବକ — ନନ୍ଦକିଶୋର ସିଂହ, ସଂକଳକ ବ୍ରଜମୋହନ ମହାନ୍ତି ଓଡିଶା ବୁକ୍‌ଷ୍ଟୋର, କଟକ ।

হিন্দি

২৮. ଭଗବାନ ପରଶୁରାମ — କେ.ଏମ୍. ମୁନସୀ
২৯. କୁର୍ମି ଚେତନା କି ସୌ ବର୍ଷ — ୧୯୯୪ ଦିଲାବର ସିଂ ଜୟସୱାର
୩୦. କୁର୍ମି କ୍ଷତ୍ରିୟ ଜାତି ସଂକ୍ଷିପ୍ତ ପରିଚୟ — ୧୯୭୧ ଗୁପ୍ତନାଥ ସିଂହ
୩୧. ଦ୍ରାବିଡ ଔର ଦ୍ରାବିଡ଼ ସ୍ଥାନ — ୧୯୯୪ ସୁନ୍ଦରଲାଲ ସାଗର
୩୨. ହିନ୍ଦୁଓଁ ଦ୍ୱାରା ଗୋମାଂସ ଭକ୍ଷଣ — ୧୯୯୪ ସୁନ୍ଦରଲାଲ ସାଗର
୩୩. ଝାଲ୍‌ଖଣ୍ଡେର କୁର୍ମି — ୧୯୯୧ କେଦାର ମାହତ
୩୪. ଟୋଟେମିକ କୁଲ୍‌ମି ଜାତି କି ଜନଜାତି ପରିଚିତି — ୧୯୯୪ ହୀରାଲାଲ ଶାଙ୍ଖୁଆର
୩୫. ଭାରତକେ ଆଦିବାସୀ ଔର ଉନକେ ବଂଶଜ — ରାମଲଖନ ପ୍ରସାଦ ମାରାଂବୁରୁ
୩୬. ଭାରତକେ ଜନଜାତିୟାଁ — ୧୯୮୩ ଶିବତୋଷ ଦାସ
୩୭. ଜନଜାତି ପରିଚିତି — ୨୦୦୧ ଓ ୨୦୦୩ ଲକ୍ଷ୍ମିକାନ୍ତ ମୁତରୁଆର
୩୮. ଝାରଖଣ୍ଡକେ କୁଲ୍‌ମି ମହତୋ ଜନଜାତି ହୈ — ରାଜକିଶୋର ମହତୋ

ବଙ୍ଗଲା

୩୯. ନମଃ ଶିବାୟ ଶାନ୍ତାୟ — ୧୯୮୮ ଶ୍ରୀ ଶ୍ରୀ ଅନନ୍ତ ମୂର୍ତ୍ତି
୪୦. ସଭ୍ୟତାର ଆଦିବିନ୍ଦୁ ରାଢ — ପ୍ରଭାତରଂଜନ ସରକାର
୪୧. ଝାଲଖଣ୍ଡେର ବିଦ୍ରୋହ ଓ ଜୀବନ — ଡ. ପଶୁପତି ପ୍ରସାଦ ମାହତୋ
୪୨. ଭାରତେର ଆଦିବାସୀ ଓ ଦଲିତ ସମାଜ — ୧୯୯୫ ଡ. ପଶୁପତି ପ୍ରସାଦ ମାହତୋ
୪୩. ହଲମିତାନ ସାମାଜିକ ସଭ୍ୟତା — ଡ. ପଶୁପତି ପ୍ରସାଦ ମାହତୋ
୪୪. ଝାଲଖଣ୍ଡେର କୁଲ୍‌ମି (ଇତିହାସ ଓ ସଂସ୍କୃତିର ଆଲୋକେ) — ୧୯୮୫ ରାଧାଗୋବିନ୍ଦ ମାହତୋ
୪୫. ଲୋକାୟତ ଝାଲଖଣ୍ଡ — ଡ. ବିନୟ ମାହତୋ

କୁଲ୍‌ମାଲୀ

୪୬. କୁଲ୍‌ମାଲୀ ମୁଲୁକ୍ — ୧୯୯୭ କେଶବଚନ୍ଦ୍ର ଟିଲୁଆର (ମାହତୋ)
୪୭. କୁଲ୍‌ମାଲୀ ଗଇଦ୍ ପଇଦ୍ ଜୁଲତି — ୧୯୮୩ ଶଶୀଭୂଷନ୍ ମାହାତ
୪୮. କୁଲ୍‌ମାଲୀ ଚାରୀ — ୧୯୮୯ ବସନ୍ତ କୁମାର ମେହେତା
୪୯. କୁଲ୍‌ମାଲୀ ଭାଖିକ ଇତିହାସ ରୂପଚିସ — ୧୯୮୨ କ୍ଷୁଦିରାମ ମାହତୋ (ପୂର୍ବତନ ସାଂସଦ, ପୁରୁଲିଆ)
୫୦. କୁଲ୍‌ମାଲୀ ସାହିତ୍ୟେକ ଇତିହାସ — କ୍ଷୁଦିରାମ ମାହତୋ
୫୧. କୁର୍ମାଲି ଶବ୍ଦକୋଷ — ୧୯୮୩ କ୍ଷୁଦିରାମ ମାହତୋ
୫୨. ବେହାଗୀତ୍ ଅପ୍ରକାଶିତ ପାଣ୍ଡୁଲିପି — ଶ୍ରୀ ଶ୍ରୀକାନ୍ତ କାଲୁଆର ।

ଶୁଦ୍ଧି ପତ୍ର

ପୃଷ୍ଠା	ଅଶୁଦ୍ଧ	ଶୁଦ୍ଧ
ସୂଚୀପତ୍ର	ଇନ୍ଦ୍ରସଭା	ଇନ୍ଦ୍ରସଭା
ସଂକେତ	ଭାରତୀ	ଭାରତୀୟ
୩	ଅର୍ଯ୍ୟଙ୍କର	ଆର୍ଯ୍ୟଙ୍କର
୭	କୌଣ୍ଡିଲ୍ୟ	କୌଣ୍ଡିନ୍ୟ
୧୦	ଫେଂଟା	ଫେଟା
	ଖଆନ୍ତି	ଖାଆନ୍ତି
୧୧	କୁମଆର	କୁମରିଆର
୧୨	ଶିଆଳ	ବରାହ
	ବରାହ	ଶିଆଳ
	ଲଗାନ୍ତି	ଲଗାନ୍ତି
୧୭	କାହ୍ନୁ	କାହ୍ନୁ
	କଲା	କାଲା
୨୩	ସଂସ୍କୃତି	ସଂସ୍କୃତ
୨୪	ମାଂସ	ମାସମ୍
୨୯	ବୁଲିସାରିଲା	ପୁରିସାରିଲା
	ଯାସ୍କ	ଯାସ୍କଙ୍କ
୩୨	ବେଦ୍ୟ	ବୈଦ୍ୟ
	ବେଶ୍ୟ	ବୈ ଶ୍ୟ
୩୩	ବ୍ରତ୍ୟ	ବ୍ରାତ୍ୟ
୩୭	ପୁଲାକାଶୈବ	ପୁଲାକାଣ୍ଣୈବ
	ଜୀର୍ଣ୍ଣାଣ୍ଣେବ	ଜୀର୍ଣ୍ଣାଣ୍ଣୈବ
୩୮	ଶୁଦ୍ରକୁ	ଶୁଦ୍ର
୪୪	ଅଶ୍ୱତ୍‌ଥତାମା	ଅଶ୍ୱତ୍‌ଥାମା
୪୬	ମୁସଲମାନ	ମୁସଲମାନ
୪୭	ଜନସଂଖ୍ୟ	ଜନସଂଖ୍ୟା
୫୦	ନେଦିକେ	ନେଦିକ୍
୫୧	ବାହୁରୀଗୁଡିକ	ବାହୁରୀଗୁଡିକର
୫୩	ଗୁଲନୀ	ଗୁଲିନୀ
୫୮	ରାଜପିତ୍	ରାଜପୁତ୍
	୧୦୨୦	୧୮୨୦
	୧୦୨୦	୧୮୨୦
	ବାଡ	ବଡ

ପୃଷ୍ଠା	ଅଶୁଦ୍ଧ	ଶୁଦ୍ଧ
୬୪	ନା	ବା
୬୬	ଗେଟିଫିକେସନ୍	ନୋଟିଫିକେସନ୍
୬୭	India	Indian
୭୦	ମାନେନ	ମାନେ
୭୧	ରକ୍ଷାସ	ରାକ୍ଷସ
୭୨	ସତ୍ୟନନ୍ଦ	ସତ୍ୟାନନ୍ଦ
୭୮	ଗୟେଁ	ଗାୟେଁ
୮୭	ଭିକ୍ଷା	ଭିକ୍ଷାଂ ୨
	ସାତବାହିନୀ	ସାତବହିନ୍
୮୮	ଜିତୋର	ଚିତୋର
୯୧	କାଖିନା	କାଖିନା
	ସ୍ତନଶର	ସ୍ତନଚୀର
୯୨	ସୋ ସୋ	ଯୋ ସୋ
	କରୁଣାକରଙ୍କ	କରୁଣାକର କରଙ୍କ
୯୩	ଭଁଟ	ଭଁଟ
	ପତା	ପିତା
	ରହ	ରହି
୯୪	ଛାଡିଏ	ଛାଲଲ୍
୯୬	ପାଇଁ	ପାଇ
	ପାଡ୍ୟାକୁ	ପାହ୍ୟାକୁ
୯୭	କଲିକତା	କଲିକତା
୧୦୧	ଶୋଭଯାତ୍ରା	ଶୋଭାଯାତ୍ରା
୧୦୩	ଗୁହିକର	ଗୁଡିକର
	ଧୂଲା ଭଲେ	ଧୂଲା ଭଲେ
୧୦୪	ଖାଓୟାବେ	ଖାଓୟାବ
୧୦୫	ଆମର	ଆମାର
	ବଡ	ବଲ
୧୦୭	ବରଘରକୁ	ବରଘରୁ
୧୦୯	ଖେଳିଏଁ	ଖେଳିଏଁ
୧୧୦	ନଭନେ	ନଭତନ
	ଘେରା	ଡେରା
	ଜଳଘଳିଆ	ଜଲଘଲିଆ
	ଦେଖ	ଦେଖା

ନୋଟ - ପ୍ରାଚୀନ ମାନଭୂମ - ବର୍ତ୍ତମାନର ସିଂହଭୂମ, ଧାନବାଦ ଓ ପୁରୁଲିଆ ଜିଲ୍ଲା ।

ଉତ୍ତର ଭାରତୀୟ ଭାଷାପରି କୁଡ଼ମାଲୀରେ ସ୍ତ୍ରୀଲିଙ୍ଗରେ କ୍ରିୟାପଦର ରୂପ ବଦଳେ ଯାହାକି କୁଡୁମୀଙ୍କର ଉତ୍ତର ଭାରତରୁ ଆଗମନର ପ୍ରମାଣ ଦିଏ । ଯଥା -

ଓଡିଆ	କୁଡ଼ମାଲୀ	ହିନ୍ଦି
ମୁଁ ଯାଉଛି ।	ମୟଁ ଗେଇହୁଁ ।	ମେଁ ଗୟା ହୁଁ ।
ସୀତା ଯାଉଛି ।	ସୀତା ଗେଲାହୀ ।	ସୀତା ଗୟୀ ହୈ ।

৬৩ [illegible]

পৃঃ ১।৩৭ - [illegible] ...
৪।৮০ - [illegible] -
৪।৮২ - [illegible] ..

Digitization
Date.........................

Digitalización
Datum



ଗବେଷଣାର ପ୍ରୌଢ଼ି ଭିତରେ ପଶିନଥିଲେ ବି ସେ ଜଣେ ଗବେଷକ । ପ୍ରାଚୀନ ଚିନ୍ତାଚେତନାର ବାହାକ । ଚିତ୍ତ ଚାଞ୍ଚଲ୍ୟକାରୀ ଘଟଣାବହୁଳ ଇତିହାସର ଦ୍ରଷ୍ଟା ଓ ସ୍ରଷ୍ଟା । ନୃତତ୍ତ୍ୱ ସଂବଳିତ ଘଟଣାବଳୀର ବର୍ଣ୍ଣନା, ଉପସ୍ଥାପନା, ସଂଯୋଜନାରେ ତାଙ୍କର ଦୃଷ୍ଟି ଯେ ବେଶ୍ ପ୍ରସାରିତ ଏହା ତାଙ୍କର ପ୍ରବନ୍ଧ ପାଠକଲେ ଯେ କେହି ସ୍ୱୀକାର କରିବ । ତାଙ୍କର ରଚନାବଳୀ ଅନେକ ମତ, ଅଭିମତ ତତ୍ତ୍ୱର ସମାହାର ହେଲେ ହେଁ ତାଙ୍କର ରସାଳ ଉପସ୍ଥାପନା ପାଇଁ ବୌଦ୍ଧିକ ବୋଝର ବାହକ ନହୋଇ ବରଂ ସୁଖପାଠ୍ୟ ହୋଇଥାଏ ।

ସେ ଶ୍ରୀ ଧନେଶ୍ୱର ମହାନ୍ତ ।

ସ୍ୱାଧୀନତା ପରବର୍ତ୍ତୀ ସାହିତ୍ୟରେ ପ୍ରବୀଣ ନହେଲେବି ତାଙ୍କର ସ୍ଥିତି ନିଆରା । ଏହି ନବୀନ ସ୍ରଷ୍ଟାଙ୍କ ଜନ୍ମ ୧୯୬୧ ମସିହାରେ । କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକର ସାନ୍ତରାପୁର ଗାଁରେ ।